## ଲଜ୍ଜାରେ ମଥା ନଇଁଯାଉଛି

**ନୂଆଦିଲ୍ଲୀ,୨୧।୭:** ମେ' ୪ ମଣିପୁର ଘଟଣାକୁ ନେଇ ଲଜ୍ଜାରେ ମଥା ତଳକୁ ନଇଁଯାଉଛି ବୋଲି ସୁପ୍ରିମକୋର୍ଟ ଆଡ୍‌ଭୋକେଟ୍-ଅନ୍-ରେକର୍ଡ ଆସୋସିଏଶନ୍ ପକ୍ଷରୁ ଶୁକ୍ରବାର କୁହାଯାଇଛି। ମଣିପୁରରେ ଯୌନହିଂସାକୁ ନିନ୍ଦା କରି ସଂଘରେ ଏକ ସଂକଳ୍ପନାମା ପାରିତ ହୋଇଛି। ସରକାରୀ କଳର ବିଫଳତା ଯୋଗୁ ନାଗରିକମାନେ ମୌଳିକ ମାନବିକ ଅଧିକାର ପାଇବାରୁ ବଞ୍ଚିତ ହୋଇଥିବା ଏଥିରେ ଦର୍ଶାଯାଇଛି।

## ମଣିପୁରକୁ କେନ୍ଦ୍ରୀୟ ଟିମ୍ ପଠାଯାଉନାହିଁ କାହିଁକି: ମମତା

**କୋଲକାତା,୨୧।୭:** ଭାଜପାର 'ବେଟି ବଚାଓ' ଯୋଜନା ଏବେ 'ବେଟି ଜଲାଓ'ରେ ପରିଣତ ହୋଇଛି। ଭାଜପା ଶାସିତ ତଥା ହିଂସା ପ୍ରଭାବିତ ମଣିପୁରକୁ ଅଦ୍ୟାବଧି କେନ୍ଦ୍ରୀୟ ଟିମ୍ କାହିଁକି ପଠାଯାଇ ନାହିଁ ବୋଲି ଶୁକ୍ରବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଶ୍ନ କରିଛନ୍ତି। ଶହୀଦ ଦିବସ ପାଳନ ଅବସରରେ ସେ କହିଛନ୍ତି, ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ବେଳେ କେନ୍ଦ୍ର ସରକାର କେନ୍ଦ୍ରୀୟ ଟିମ୍ ପଠାଇଥିଲେ। କିନ୍ତୁ ଉତ୍ତର-ପୂର୍ବ ରାଜ୍ୟ ମଣିପୁରକୁ କାହିଁକି ପଠାଉନାହାନ୍ତି। କେନ୍ଦ୍ରରେ ଭାଜପା ତୃତୀୟ ଥର କ୍ଷମତାସୀନ ହେଲେ ଦେଶରେ ଆଉ ଗଣତନ୍ତ୍ର ରହିବ ନାହିଁ।

## ସିବିଏସ୍‌ଇ ସ୍କୁଲ୍‌ରେ ଆଞ୍ଚଳିକ ଭାଷାରେ ପାଠପଢ଼ାକୁ ଅନୁମତି

**ନୂଆଦିଲ୍ଲୀ,୨୧।୭:** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଏହାର ସ୍କୁଲ୍‌ଗୁଡ଼ିକରେ ଆଞ୍ଚଳିକ ଭାଷାରେ ପାଠ ପଢ଼ାଇବା ଲାଗି ଅନୁମତି ପ୍ରଦାନ କରିଛି। ଦେଶରେ ବହୁଭାଷୀୟ ଶିକ୍ଷାର ପ୍ରସାର ପାଇଁ ଏହା ଏକ ବଡ଼ ପଦକ୍ଷେପ। ପ୍ରାକ୍ ପ୍ରାଥମିକରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସିବିଏସ୍‌ଇ ପିଲା ବିଭିନ୍ନ ଭାରତୀୟ ଭାଷା ମାଧ୍ୟମରେ ପାଠ ପଢ଼ିବାର ଅଧିକାର ପାଇବେ। ବର୍ତ୍ତମାନ ସିବିଏସ୍‌ଇ ମଞ୍ଜୁରୀପ୍ରାପ୍ତ ଅଧିକାଂଶ ସ୍କୁଲ୍‌ରେ ପାଠପଢ଼ାର ମାଧ୍ୟମ ହେଉଛି ଇଂଲିଶ। ଅଳ୍ପ କେତେକ ସ୍କୁଲ୍‌ରେ ହିନ୍ଦୀ ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ଜାତୀୟ ଶିକ୍ଷାନୀତି ୨୦୨୦ରେ ସ୍ଥାନୀୟ ଭାଷା, ମାତୃଭାଷା, ଘରେ ବ୍ୟବହୃତ ଭାଷା କିମ୍ବା ଆଞ୍ଚଳିକ ଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି)କୁ ୨୨ଟି ଅନୁସୂଚିତ ଭାରତୀୟ ଭାଷାରେ ନୂଆ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିବା ସିବିଏସ୍‌ଇ କହିଛି। ୨୦୨୪-୨୫ ଶିକ୍ଷାବର୍ଷରୁ ଏହିସବୁ ପୁସ୍ତକ ଉପଲବ୍ଧ ହେବ।

## ଦେଶରେ ୧୯.୭ କୋଟି ମୁସଲମାନ

**ନୂଆଦିଲ୍ଲୀ,୨୧।୭:** ଭାରତରେ ମୁସଲମାନ ଜନସଂଖ୍ୟା ୨୦୨୩ରେ ୧୯.୭ କୋଟି ଆକଳନ କରାଯାଇଛି। ଲୋକ ସଭାରେ ଟିଏମ୍‌ସି ସଦସ୍ୟ ମାଲା ରାୟଙ୍କ ପ୍ରଶ୍ନର ଉତ୍ତରରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ସ୍ମୃତି ଇରାନି କହିଛନ୍ତି, ୨୦୧୧ରେ ଦେଶର ମୋଟ ଜନସଂଖ୍ୟାର ୧୪.୨% ଥିଲେ ମୁସଲମାନ। ୨୦୨୩ରେ ମଧ୍ୟ ସେମାନଙ୍କ ଜନସଂଖ୍ୟା ଅନୁପାତ ସମାନ ରହିଛି। ୨୦୧୧ ଜନଗଣନା ବେଳେ ଦେଶରେ ମୁସଲମାନଙ୍କ ସଂଖ୍ୟା ୧୭.୨ କୋଟି ଥିଲା।

## ଆମେରିକା ନୌସେନାରେ ମହିଳା ମୁଖ୍ୟ ଲିସା ଫ୍ରାନ୍‌ଚେଟ୍ଟି

**ୱାଶିଂଟନ,୨୧।୭:** ଆମେରିକା ନୌସେନାର ନେତୃତ୍ୱ ଜଣେ ମହିଳା ନେବାକୁ ଯାଉଛନ୍ତି। ଆଡ୍‌ମିରାଲ୍ ଲିସା ଫ୍ରାନ୍‌ଚେଟ୍ଟିଙ୍କୁ ନୌସେନା ମୁଖ୍ୟ କରିବା ପାଇଁ ରାଷ୍ଟ୍ରପତି ଜୋ' ବାଇଡେନ୍ ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ନେଭିର ପାସିଫିକ୍ ଫ୍ଲିଟ୍ କମାଣ୍ଡର ଥିବା ଆଡ୍‌ମିରାଲ୍ ସାମୁଏଲ୍ ପାପାରୋଙ୍କ ନାମ ଚୟନ ପାଇଁ ପ୍ରତିରକ୍ଷା ସଚିବ ଲୟର୍ଡ ଅଷ୍ଟିନ୍ ସୁପାରିସ କରିଥିଲେ। କିନ୍ତୁ ବାଇଡେନ୍ ନୌସେନାରେ ବର୍ତ୍ତମାନ ଉପମୁଖ୍ୟ ଥିବା ଫ୍ରାନ୍‌ଚେଟ୍ଟିଙ୍କୁ ସୁଯୋଗ ଦେଇଛନ୍ତି।

## ମମତାଙ୍କ ଘରେ ପ୍ରବେଶ ଉଦ୍ୟମ: ଯୁବକ ଗିରଫ

**କୋଲକାତା,୨୧।୭:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୋଲକାତାସ୍ଥିତ ବାସଭବନରେ ପ୍ରବେଶ ଉଦ୍ୟମ କରି ଜଣେ ଯୁବକ ଗିରଫ ହୋଇଛନ୍ତି। ତାଙ୍କ ନାଁ ଶେଖ୍ ନୁର୍ ଆଲମ। ତାଙ୍କ ନିକଟରୁ ବନ୍ଧୁକ, ଛୁରି, ନିଷିଦ୍ଧ ସାମଗ୍ରୀ ସହ ବିଭିନ୍ନ ସଂସ୍ଥାର ପରିଚୟପତ୍ର ଜବତ ହୋଇଛି। ସେ ପୋଲିସ ଷ୍ଟିକର ଲଗାଯାଇଥିବା ଏକ କାର୍‌ରେ ଆସିଥିଲେ।




ମଣିପୁରରେ ଦୀର୍ଘ ଅଢ଼େଇ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଜାତିଆଣ ହିଂସା ପ୍ରତିବାଦରେ ତାମିଲନାଡୁ ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ଚେନ୍ନାଇରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ମଣିପୁର ଯୌନହିଂସା: ସଂସଦରେ ଅଚଳାବସ୍ଥା

**ମଣିପୁର ଜାତିଆଣ ଓ ଯୌନ ହିଂସା ପ୍ରସଙ୍ଗରେ ମୋଦି ସରକାରଙ୍କ ବିଫଳତାର ପ୍ରତିବାଦ କରିବ ଇଣ୍ଡିଆ। ୨୬ ଦଳକୁ ନେଇ ଗଠିତ ଏହି ବିରୋଧୀ ମେଣ୍ଟ ପକ୍ଷରୁ ସୋମବାର ପୂର୍ବାହ୍ନ ୧୦.୩୦ରେ ପାର୍ଲାମେଣ୍ଟ ପରିସରସ୍ଥିତ ଗାନ୍ଧୀମୂର୍ତ୍ତି ସମ୍ମୁଖରେ ଧାରଣା ଦିଆଯିବ। ଯଦି ରାହୁଲ ଗାନ୍ଧୀ ମଣିପୁର ଯାଇପାରୁଛନ୍ତି ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିଂସା ପ୍ରଭାବିତ ରାଜ୍ୟକୁ କାହିଁକି ଗସ୍ତ କରିପାରିବେ ନାହିଁ ବୋଲି କଂଗ୍ରେସ ପ୍ରଶ୍ନ କରିଛି।**

ନୂଆଦିଲ୍ଲୀ,୨୧।୭

ମଣିପୁର ହିଂସା ଓ ଯୌନହିଂସାକୁ ନେଇ ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ ଅଚଳାବସ୍ଥା ଜାରି ରହିବାରୁ ଗୃହକାର୍ଯ୍ୟ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଶୁକ୍ରବାର ଲୋକ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କଂଗ୍ରେସ, ଡିଏମ୍‌କେ ଏବଂ ବାମପନ୍ଥୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଯାଇ ସ୍ଲୋଗାନ ଦେଇଥିଲେ। ବାଚସ୍ପତି ଓମ୍ ବିର୍ଲାଙ୍କୁ କହିଥିଲେ, ମଣିପୁର ରକ୍ତରଞ୍ଜିତ। ବିରୋଧୀଙ୍କ ଏଭଳି ସ୍ଲୋଗାନରୁ କୌଣସି ସମାଧାନ ବାହାରିବ ନାହିଁ। କେବଳ ଆଲୋଚନା ଜରିଆରେ ହିଁ ସମାଧାନ ସମ୍ଭବ। ତେଣୁ ଗୃହ ଚଳାଇବାକୁ ଦିଅନ୍ତୁ ବୋଲି ବାଚସ୍ପତି ସେମାନଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ କଥା ଶୁଣି ନ ଥିଲେ। ବାଚସ୍ପତି ପ୍ରତିରକ୍ଷା ମନ୍ତ୍ରୀ ତଥା ଗୃହର ଉପନେତା ରାଜନାଥ ସିଂଙ୍କୁ କହିବାକୁ ପରାମର୍ଶ ଦେଇଥିଲେ। ରାଜନାଥ କହିଛନ୍ତି, ସରକାର ମଣିପୁର ହିଂସା ଉପରେ ଆଲୋଚନା ଚାହୁଁଛନ୍ତି। କିନ୍ତୁ ବିରୋଧୀ ଦଳଗୁଡ଼ିକ ହଟ୍ଟଗୋଳ କରି ଗୃହକାର୍ଯ୍ୟ ଚଳାଇବାକୁ ଦେଉନାହାନ୍ତି। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ବାରମ୍ବାର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ବାଚସ୍ପତି ଲୋକ ସଭାକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି। ରାଜ୍ୟ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ମଣିପୁର ପ୍ରସଙ୍ଗରେ ବିତର୍କ ଦାବି କରି ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ଫଳରେ ଗୃହର ଅଧ୍ୟକ୍ଷ ଜଗଦୀପ ଧନକର ଦିନକ ପାଇଁ ଗୃହକାର୍ଯ୍ୟ ମୁଲତବୀ ଘୋଷଣା କରିଛନ୍ତି।

## ମଣିପୁର ସରକାରକୁ ବରଖାସ୍ତ କରନ୍ତୁ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୧।୭

ମଣିପୁର ସ୍ଥିତିକୁ ନେଇ ସରକାର ଆଦୌ ଗମ୍ଭୀର ନୁହନ୍ତି। ତେଣୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟର ଭାଜପା ସରକାରକୁ ବରଖାସ୍ତ କରନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସଭାର କଂଗ୍ରେସ ଉପନେତା ପ୍ରମୋଦ ତିୱାରୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ମଣିପୁର ଉପରେ ବିରୋଧୀ ବିସ୍ତୃତ ବିତର୍କ ଦାବି କରୁଥିବାବେଳେ ସରକାର ନାମକୁ ମାତ୍ର ସଂକ୍ଷିପ୍ତ ଆଲୋଚନା ଚାହୁଁଛନ୍ତି। ଆଲୋଚନାରୁ କିଏ ପଳାୟନ କରୁଛନ୍ତି, ତାହା ଏଥିରୁ ସ୍ପଷ୍ଟ ହେଉଛି। ସରକାର ଏହା ଉପରେ ସମ୍ବେଦନଶୀଳ ଥିଲେ ମଙ୍ଗଳବାର ଆଲୋଚନା ଆରମ୍ଭ ହେଉ। ସମସ୍ତ ଦଳକୁ ମତ ରଖିବାକୁ ଦିଆଯାଉ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ବିବୃତି ରଖନ୍ତୁ। ସେ ଯଦି ବାହାରେ କହିପାରୁଛନ୍ତି ତେବେ ଗୃହ ଭିତରେ କାହିଁକି ବିବୃତି ଦେଇପାରିବେ ନାହିଁ ବୋଲି ତିୱାରୀ ପ୍ରଶ୍ନ କରିଛନ୍ତି। କଂଗ୍ରେସ ମୁଖପାତ୍ର ପୱନ ଖେରା କହିଛନ୍ତି, ରାଷ୍ଟ୍ରପତି ନିଜ ସ୍ୱତନ୍ତ୍ର କ୍ଷମତା ପ୍ରୟୋଗ କରି ମଣିପୁର ସରକାରକୁ ବରଖାସ୍ତ କରନ୍ତୁ। ଦେଶ ତାଙ୍କଠାରୁ ଏହା ଆଶା କରୁଛି।

## ମଣିପୁର, ୟୁପିରେ ମୁଣ୍ଡକାଟ

ଇମ୍ଫାଲ/ଲକ୍ଷ୍ନୌ,୨୧।୭

ଭାଜପା ଶାସିତ ମଣିପୁରରେ ୨ କୁକି ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯିବାବେଳର ଭିଡିଓକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ଦେଖିବାକୁ ମିଳିଥିବାବେଳେ ସ୍ତବ୍ଧ କରିଦେବା ଭଳି ଆଉ ଏକ ଭିଡିଓ ସୋସିଆଲ ମିଡିଆରେ ସାମ୍ନାକୁ ଆସିଛି। ହିଂସା ପ୍ରଭାବିତ ରାଜ୍ୟରେ କୁକି ସମ୍ପ୍ରଦାୟର ଜଣେ ପୁରୁଷଙ୍କ ମୁଣ୍ଡକାଟ କରାଯାଇଥିବା ଏଥିରେ ଦେଖିବାକୁ ମିଳିଛି। ମୁଣ୍ଡ କଟାଯାଇଥିବା ବ୍ୟକ୍ତି ଜଣକ ହେଲେ ଡାଭିଡ୍ ଥିଏକ୍। ବିଷ୍ଣୁପୁର ଜିଲାର ଏକ ଜନବସତି ଅଞ୍ଚଳରେ ତାଙ୍କ କଟାମୁଣ୍ଡକୁ ବାଉଁଶରେ ତିଆରି ଏକ ବାଡ଼ରେ ରଖାଯାଉଛି। ଜୁଲାଇ ୨ ତାରିଖ ରାତି ୧୨ଟାରେ ସଶସ୍ତ୍ର ଉଗ୍ରପନ୍ଥୀମାନେ ହତ୍ୟା କରିଥିବା ୩ ବ୍ୟକ୍ତିଙ୍କ ମଧ୍ୟରୁ ଡାଭିଡ୍ ଅନ୍ୟତମ।

କେବଳ ମଣିପୁର ନୁହେଁ, ଭାଜପା ଶାସିତ ସବୁଠୁ ବଡ଼ ରାଜ୍ୟ ଉତ୍ତର ପ୍ରଦେଶ (ୟୁପି)ରେ ଆଇନ ଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠୁଥିବାବେଳେ ଶୁକ୍ରବାର ସେଠାରେ ମଧ୍ୟ ଏକ ଅନୁରୂପ ଘଟଣା ଘଟିଛି। ବାରବାଙ୍କି ଜିଲା ମିଠୱାରାର ରିୟାଜ(୨୪) ନିଜ ଭଉଣୀଙ୍କ ମୁଣ୍ଡକାଟ୍ କରିଛନ୍ତି। ସେ କଟାମୁଣ୍ଡ ଧରି ଫତେପୁର ଥାନାରେ ପହଞ୍ଚିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ଭଉଣୀ ଅସିଫା (୧୮)ଙ୍କ ପ୍ରେମ ସମ୍ପର୍କକୁ ନେଇ ପୂର୍ବାହ୍ନ ୧୧ଟାରେ ତାଙ୍କ ସହ ରିୟାଜଙ୍କ ଯୁକ୍ତିତର୍କ ହୋଇଥିଲା। ବଡ଼ଭାଇ ରିୟାଜ ଏଥିରେ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ କାଟିଦେଇଥିଲେ। ସେ କଟାମୁଣ୍ଡକୁ ପ୍ୟାକ୍ କରି ଥାନାକୁ ଧରି ଯାଇଥିଲେ।

ଅସିଫା ନିଜ ପୁରୁଷବନ୍ଧୁ ଚାନ୍ଦ ବାବୁଙ୍କୁ ବିବାହ କରିବାକୁ ଚାହୁଁଥିବାବେଳେ ପରିବାର ଲୋକେ ଏହାକୁ ବିରୋଧ କରିଆସୁଥିଲେ। ଗତ ମେ' ୨୯ରେ ଅସିଫାଙ୍କ ବାପା ଅବ୍‌ଦୁଲ ରଶିଦ୍ ଝିଅଙ୍କୁ ବିବାହ ଉଦ୍ଦେଶ୍ୟରେ ଅପହରଣ ଅଭିଯୋଗ ଆଣି ଆଇପିସି ଦଫା ୩୬୬ବଳରେ ଥାନାରେ ଏତଲା ଦେଇଥିଲେ। ଚାନ୍ଦ ବାବୁଙ୍କୁ ଗିରଫକରି ଜେଲକୁ ପଠାଯାଇଛି। କିନ୍ତୁ ଅସିଫା ତାଙ୍କୁ ବିବାହ କରି ନୂଆ ଜୀବନ ଆରମ୍ଭ କରିବାକୁ ଚାହୁଁଥିବାରୁ ଏହାକୁ ନେଇ ଘରେ ବିବାଦ ସୃଷ୍ଟି ହୋଇଥିଲା।




ମେ ୪ ଘଟଣା ପ୍ରତିବାଦରେ ଶୁକ୍ରବାର ମଣିପୁରର ଉଖ୍‌ରୁଲରେ ବିକ୍ଷୋଭ ଶୋଭାଯାତ୍ରା କରାଯାଉଛି।

# ଭାରତ-ଶ୍ରୀଲଙ୍କା ଆର୍ଥିକ ସହଭାଗିତା ବଢ଼ିବ

**ନୂଆଦିଲ୍ଲୀରେ ମୋଦି-ୱିକ୍ରମସିଂହେ ଆଲୋଚନା**



ହାଇଦ୍ରାବାଦ ହାଉସରେ ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ନୂଆଦିଲ୍ଲୀ,୨୧।୭(ପି.ଟି.)

ଭାରତ ଏବଂ ଶ୍ରୀଲଙ୍କା ଆର୍ଥିକ ସହଭାଗିତାରେ ଉଲ୍ଲେଖନୀୟ ବୃଦ୍ଧି ନେଇ ଦୁଇ ଦେଶ ଶୁକ୍ରବାର ମହତ୍ତ୍ୱାକାଂକ୍ଷୀ ଭିଜନ ଡକ୍ୟୁମେଣ୍ଟ ଆପଣାଇଛନ୍ତି। ଭାରତ ଗସ୍ତରେ ଆସିଥିବା ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଗଣମାଧ୍ୟମକୁ ବିବୃତି ଦେଇ ମୋଦି କହିଥିଲେ, ଗତବର୍ଷ ଶ୍ରୀଲଙ୍କା ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଜଣେ ଘନିଷ୍ଠ ବନ୍ଧୁ ଭାବେ ଭାରତ କାନ୍ଧରେ କାନ୍ଧ ମିଳାଇ ଛିଡ଼ାହୋଇଥିଲା। ଶ୍ରୀଲଙ୍କାରେ ୟୁପିଆଇ ପେମେଣ୍ଟ ବ୍ୟବସ୍ଥା ଶୁଭାରମ୍ଭ ଲାଗି ଚୁକ୍ତିନାମା ହୋଇଛି। ଏହା ଦ୍ୱାରା ଦୁଇଦେଶ ମଧ୍ୟରେ ଫିନ୍‌ଟେକ୍ ସହଯୋଗ ହୋଇପାରିଛି। ପରସ୍ପରର ସୁରକ୍ଷା ସ୍ୱାର୍ଥ ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଏକାଠି କାର୍ଯ୍ୟ କରିବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଭିଜନ ଦସ୍ତାବିଜ୍ ଅନୁଯାୟୀ ଉଭୟ ଦେଶ ପର୍ଯ୍ୟଟନ, ଶକ୍ତି, ବାଣିଜ୍ୟ, ଉଚ୍ଚଶିକ୍ଷା, ଦକ୍ଷତା ବିକାଶ ଓ ଯୋଗାଯୋଗ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବଢ଼ାଇବେ। ଦୁଇ ଦେଶର ଜନସାଧାରଣଙ୍କ ମଧ୍ୟରେ ସାମୁଦ୍ରିକ, ବାୟୁ, ଶକ୍ତି ତଥା ଯୋଗଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖାଯାଇଛି। ଭାରତର ଅଭିବୃଦ୍ଧିରେ ପଡୋଶୀ ଦେଶ ଏବଂ ଭାରତ ମହାସାଗର ଅଞ୍ଚଳ ଲାଭବାନ ହେବ। ଆମେ ବିଶ୍ୱାସ କରୁ ବୋଲି ଶ୍ରୀଲଙ୍କା ରାଷ୍ଟ୍ରପତି କହିଥିଲେ।

## ଗୋ ଫାଷ୍ଟ ଚଳାଚଳକୁ ଡିଜିସିଏ ମଞ୍ଜୁରୀ




ନୂଆଦିଲ୍ଲୀ,୨୧।୭

ଆର୍ଥିକ କ୍ଷତିର ସମ୍ମୁଖୀନ ଗୋ ଫାଷ୍ଟ ଏୟାରଲାଇନ୍ସ ଦୁଇ ମାସ ହେଲା ବିମାନ ଚଳାଚଳ ବନ୍ଦ ରଖିବା ପରେ ପୁନର୍ବାର ସେବା ଆରମ୍ଭ ଲାଗି ଆଣିଥିବା ଯୋଜନାକୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) କେତେକ ସର୍ତ୍ତ ସହ ମଞ୍ଜୁରୀ ପ୍ରଦାନ କରିଛି। ଅଡିଟ୍ ଅବ୍‌ଜରଭେଶନକୁ ଅନୁପାଳନ କରିବ ବୋଲି ଏୟାରଲାଇନ୍ସ ନିଶ୍ଚିତ କରିବା ପରେ ଡିଜିସିଏ ଏହାର ଯୋଜନାକୁ ଗ୍ରହଣ କରିଛି। ଏୟାରଲାଇନ୍ସ ୧୫ଟି ବିମାନ ଯୋଗେ ଦିନକୁ ୧୧୪ ଥର ଉଡ଼ାଣ କରିପାରିବ। ଗତ ମେ' ୩ରୁ ଗୋ ଫାଷ୍ଟ ଏହାର ବିମାନ ସେବାକୁ ବନ୍ଦ ରଖିଥିଲା।

## କର୍ଣାଟକରୁ ରାଜ୍ୟ ସଭା ଯିବେ ସୋନିଆ

**ପ୍ରସ୍ତାବ ଦେଲେ ସିଦ୍ଧାରାମାୟା**



ସୋନିଆ ଗାନ୍ଧୀ

ନୂଆଦିଲ୍ଲୀ,୨୧।୭

କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କର୍ଣାଟକରୁ ରାଜ୍ୟ ସଭାକୁ ଯିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହି ରାଜ୍ୟରୁ ଉଚ୍ଚ ସଦନରେ ପ୍ରତିନିଧିତ୍ୱ କରୁଥିବା ଜି.ସି. ଚନ୍ଦ୍ରଶେଖର, ସୟେଦ ନାସିର ହୁସେନ୍, ଡ. ଏଲ୍. ହନୁମନ୍ଥାୟା ଏବଂ ରାଜୀବ ଚନ୍ଦ୍ରଶେଖରଙ୍କ କାର୍ଯ୍ୟକାଳ ୨୦୨୪ ଏପ୍ରିଲ ୨ରେ ଶେଷ ହେବ। ବର୍ତ୍ତମାନ କଂଗ୍ରେସ ୩ ସଦସ୍ୟଙ୍କୁ ରାଜ୍ୟ ସଭା ପଠାଇପାରିବ। ନିକଟରେ ସୋନିଆ ବେଙ୍ଗାଲୁରୁ ଗସ୍ତରେ ଯାଇଥିବାବେଳେ କର୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ତାଙ୍କୁ ରାଜ୍ୟ ସଭା ଆସନ ପ୍ରସ୍ତାବ ଦେଇଥିଲେ। ଯଦିଓ ସୋନିଆ ଏନେଇ ମୁହଁ ଖୋଲିନାହାନ୍ତି, ତେବେ କେତେକ କାରଣକୁ ନେଇ ସେ ରାଜ୍ୟ ସଭା ଯିବା ସମ୍ଭାବନା ସମ୍ପର୍କରେ ସୂଚନା ମିଳିଛି। ପ୍ରଥମ କାରଣ ହେଲା ସୋନିଆ ରାଜ୍ୟ ସଭାକୁ ଗଲେ ସେ ୧୦ ଜନପଥ ବାସଭବନକୁ ନିଜ ହାତରେ ରଖିପାରିବେ। ୧୯୮୯ରେ ରାଜୀବ ଗାନ୍ଧୀ ବିରୋଧୀ ଦଳ ନେତା ଥିବା ସମୟରୁ ଉକ୍ତ ବାସଭବନରେ ସୋନିଆ ରହିଆସୁଛନ୍ତି। ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସରକାରୀ ବାସଭବନରୁ ବାହାରିଯାଇଥିବାରୁ ୧୦ ଜନପଥ ବାସଭବନକୁ ରଖିବା ସୋନିଆଙ୍କ ପାଇଁ ଜରୁରୀ ହୋଇପଡ଼ିଛି।

# ଗୁଜରାଟ ସରକାରଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୧।୭(ପି.ଟି.)



**ମାନହାନି ମାମଲାରେ ରାହୁଲଙ୍କ ପିଟିଶନ**

**ପରବର୍ତ୍ତୀ ଶୁଣାଣି ୪ରେ**

ମୋଦି ସାଙ୍ଗିଆ ମନ୍ତବ୍ୟକୁ ନେଇ ମାନହାନି ମାମଲାରେ ତଳକୋର୍ଟଙ୍କ ରାୟକୁ ଗୁଜରାଟ ହାଇକୋର୍ଟ କାଏମ ରଖିବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ଏନେଇ ଶୁକ୍ରବାର ଗୁଜରାଟର ପୂର୍ବତନ ମନ୍ତ୍ରୀ ପୂର୍ଣ୍ଣେଶ ମୋଦି ଏବଂ ଗୁଜରାଟ ସରକାରଙ୍କୁ ଜବାବ ମାଗିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୪କୁ ଧାର୍ଯ୍ୟ କରିଛନ୍ତି। ତେବେ ତଳକୋର୍ଟଙ୍କ ଦ୍ୱାରା ରାହୁଲ ଦୋଷୀସାବ୍ୟସ୍ତ ରାୟ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବା ଆବେଦନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଉଭୟ ପକ୍ଷର ଯୁକ୍ତି ନ ଶୁଣିବା ପର୍ଯ୍ୟନ୍ତ ସ୍ଥଗିତାଦେଶ ଦିଆଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ କହିଥିଲେ।

୨୦୧୯ ଏପ୍ରିଲ ୧୩ରେ କର୍ଣାଟକର କୋଲାରରେ ଏକ ନିର୍ବାଚନୀ ରାଲିକୁ ରାହୁଲ ଗାନ୍ଧୀ ସମ୍ବୋଧନ କରିବା ଅବସରରେ ସବୁ ଚୋରଙ୍କ ସାଙ୍ଗିଆ ମୋଦି କିପରି ହେଲା ବୋଲି ପ୍ରଶ୍ନ କରିଥିଲେ। ଏନେଇ ପୂର୍ଣ୍ଣେଶ ରାହୁଲଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ଶୁକ୍ରବାର ଶୁଣାଣି ବେଳେ ଜଷ୍ଟିସ୍ ଗଭାଇ ଏବଂ ପି.କେ. ମିଶ୍ରାଙ୍କ ଖଣ୍ଡପୀଠ ତଳକୋର୍ଟଙ୍କ ଦୋଷୀସାବ୍ୟସ୍ତ ରାୟ ଉପରେ ସ୍ଥଗିତାଦେଶ ଲଗାଯିବା କେତେଦୂର ଯୋଗ୍ୟ ତାହା ଜାଣିବାକୁ ଚାହିଁଥିଲେ। ରାହୁଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ବନୁ ସିଙ୍ଘଭି ଉପସ୍ଥିତ ରହି କହିଥିଲେ, ଦଣ୍ଡାଦେଶ ଯୋଗୁ ତାଙ୍କ ମହକିଲ ୧୧୧ ଦିନ ଚିନ୍ତାରେ ରହିବା ସହ ପାର୍ଲାମେଣ୍ଟର ଗୋଟିଏ ଅଧିବେଶନ ହରାଇଛନ୍ତି। ଏବେ ସେ ଆଉ ଏକ ଅଧିବେଶନକୁ ମଧ୍ୟ ହରାଇବାକୁ ଯାଉଛନ୍ତି। ଦୋଷୀସାବ୍ୟସ୍ତ ହେବା ପରେ ଗତ ମାର୍ଚ୍ଚ ୨୪ରେ ରାହୁଲଙ୍କ ପାର୍ଲାମେଣ୍ଟ ସଭ୍ୟପଦ ରଦ୍ଦ ହୋଇଥିବାରୁ ତାଙ୍କ ୱାୟନାଡ୍ ଆସନରେ ଯେକୌଣସି ସମୟରେ ଉପନିର୍ବାଚନ ଘୋଷଣା ହୋଇପାରେ। ତେଣୁ ମାମଲାର ଶୁଣାଣି ଜରୁରୀ ବୋଲି ସିଙ୍ଘଭି କହିଥିଲେ। ପୂର୍ଣ୍ଣେଶଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ମହେଶ ଜେଠ୍‌ମାଲାନି ଏବଂ ଗୁଜରାଟ ସରକାରଙ୍କ ଓକିଲଙ୍କୁ ସେମାନଙ୍କ ଜବାବ ଲିଖିତ ଭାବେ ଉପସ୍ଥାପନ କରିବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।



## ଭାଜପା ସହ ଏକାଠି କାମ କରିବ ଜେଡିଏସ୍

କର୍ଣ୍ଣାଟକର ସ୍ୱାର୍ଥ ପାଇଁ ଜେଡିଏସ୍ ଭାଜପା ସହ ଏକାଠି ବିରୋଧୀ ଦଳ ଭାବେ କାର୍ଯ୍ୟ କରିବ ବୋଲି ଏହାର ନେତା ଏଚ୍.ଡି. କୁମାରସ୍ୱାମୀ ଶୁକ୍ରବାର ଘୋଷଣା କରିଛନ୍ତି।

୦୭

୦୮

## 'ପ୍ରୋଜେକ୍ଟ-କେ'ମାନେ 'କଲ୍କୀ ୨୮୯୮ ଏଡି'

ପ୍ରଭାସଙ୍କ ଅଭିନୀତ 'ପ୍ରୋଜେକ୍ଟ-କେ'ରମାନେ 'କଲ୍କୀ ୨୮୯୮ ଏଡି' ବୋଲି ଏହାର ପ୍ରଥମ ଟିଜର୍ ରିଲିଜ୍ ବେଳେ ନିର୍ଦ୍ଦେଶକ ନାଗ୍ ଅଶ୍ୱିନୀ କହିଛନ୍ତି।



## ଆଜି ନବୀନ ହେବେ ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାସୀନ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୧ା୭(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ରାଜନୈତିକ କ୍ୟାରିୟରରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିବାକୁ ଯାଉଛନ୍ତି। ଶନିବାର ସେ ଦେଶର ଦ୍ୱିତୀୟ ସର୍ବାଧିକ ସମୟ କ୍ଷମତାସୀନ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିବେ। ଦେଶର ସର୍ବାଧିକ ସମୟ କ୍ଷମତାରେ ରହିବା ରେକର୍ଡ ସିକିମ୍‌ର ପୂର୍ବତନ ମୁଖ୍ୟମନ୍ତ୍ରୀ ପଓ୍ୱନ କୁମାର ଚାମ୍ଲିଂଙ୍କ ନାମରେ ରହିଛି। ସେ ୨୪ ବର୍ଷ ୧୬୬ ଦିନ ମୁଖ୍ୟମନ୍ତ୍ରୀ ରହିଥିଲେ। ସେହିପରି ଦ୍ୱିତୀୟ ସର୍ବାଧିକ ଶାସନ ରେକର୍ଡ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜ୍ୟୋତି ବସୁଙ୍କ ନାମରେ ରହିଛି। ସେ ପଶ୍ଚିମବଙ୍ଗରେ ୨୩ ବର୍ଷ ୧୩୮ ଦିନ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ପ୍ରୋଟୋକଲ୍ ଉଲ୍ଲଂଘନ**

# ଏବେ ଶକ୍ତିକୁ ସ୍କୁଟର

**କ୍ୟାବିନେଟ ନିଷ୍ପତ୍ତି**
- ବିନା ସୁଧରେ ମିଳିବ ୧ ଲକ୍ଷ ଟଙ୍କା ଯାଏ ଋଣ
- ୧୭ ପ୍ରସ୍ତାବକୁ କ୍ୟାବିନେଟ ମୋହର

ଭୁବନେଶ୍ୱର,୨୧ା୭(ଅନିଲ ଦାସ)

ରାଜ୍ୟ ସରକାର ଗ୍ରାମାଞ୍ଚଳ ଭିତ୍ତିଭୂମିଠାରୁ ଆରମ୍ଭ କରି ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତୀକରଣ ଉପରେ ସରକାର ଅଧିକ ଫୋକସ କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୭ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ସେଥିମଧ୍ୟରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ସ୍କୁଟର କିଣିବାକୁ ରାଜ୍ୟ ସରକାର ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଯୋଗାଇ ଦେବେ। ସଦସ୍ୟମାନେ ନିଜ ମନପସନ୍ଦର ସ୍କୁଟର କିଣି ନିଜ କାର୍ଯ୍ୟକୁ ସହଜ କରିପାରିବେ। ଏଥିପାଇଁ ରାଜ୍ୟ ସରକାର ମିଶନ ଶକ୍ତି ବିଭାଗ ମାଧ୍ୟମରେ 'ମିଶନ ଶକ୍ତି ସ୍କୁଟର ଯୋଜନା' ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ଆଗାମୀ ୫ ବର୍ଷ ପାଇଁ ବଜେଟରେ ୫୨୮.୫୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ରାଜ୍ୟ ସରକାରଙ୍କ ଏହି ପ୍ରସ୍ତାବକୁ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି। ଏହି ପଦକ୍ଷେପ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘଙ୍କ ସହିତ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସ୍ଏସ୍) ଏବଂ କାର୍ଯ୍ୟନିର୍ବାହୀ କମିଟି (ଇସି) ସଦସ୍ୟାମାନଙ୍କର ଯାତାୟାତକୁ ସୁଗମ କରିବ। ଏହି ଯୋଜନାରେ ୧,୨୫,୦୦୦ ଗ୍ରାମ ପଞ୍ଚାୟତ, ୱାର୍ଡ, ବ୍ଲକ୍, ସହର ଏବଂ ଜିଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଉପକୃତ ହେବେ।

ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ସଦସ୍ୟମାନେ ସ୍କୁଟର କିଣିବା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଉପରେ ସମ୍ପୂର୍ଣ୍ଣ ସୁଧ ଫେରସ୍ତ ପାଇବେ। ରାଜ୍ୟରେ ମହିଳା ସଶକ୍ତୀକରଣ ଦିଗରେ ସେମାନଙ୍କର ଅବଦାନକୁ ସ୍ୱୀକୃତି ଦେବ ପାଇଁ ରାଜ୍ୟ ସରକାର ସ୍କୁଟର କ୍ରୟ ପାଇଁ ଋଣ ଉପରେ ସମ୍ପୂର୍ଣ୍ଣ ସୁଧ ଛାଡ଼ ଘୋଷଣା କରିଛନ୍ତି। କମ୍ୟୁନିଟି ରିସୋର୍ସ ପର୍ସନ(ସିଆର୍‌ପି-ସିଏମ୍), ମାଷ୍ଟର ବୁକ୍ କିପର(ଏମ୍‌ବିକେ), ପ୍ରାଣୀ ମିତ୍ର, କୃଷି ମିତ୍ର, ବ୍ୟାଙ୍କ ମିତ୍ର, ଜୀବିକା ସହାୟିକା, ଉଦ୍ୟୋଗୀ ମିତ୍ର, ବିସିଏ ଭଳି ପ୍ରାୟ ୭୫,୦୦୦ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ କାର୍ଯ୍ୟରତ ଅଛନ୍ତି। ରାଜ୍ୟର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ☞ପୃଷ୍ଠା-୨

## ୧୧ ଜିଲା ହସ୍ପିଟାଲରେ ମିଳିବ ଉନ୍ନତ କ୍ୟାନ୍ସର ଚିକିତ୍ସା

ରାଜ୍ୟର ୧୧ଟି ଜିଲା ହସ୍ପିଟାଲରେ ଆସନ୍ତା ୨ବର୍ଷ ମଧ୍ୟରେ ଉନ୍ନତମାନର କ୍ୟାନ୍ସର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ୧୦୦୧.୧୪କୋଟି ଟଙ୍କା ଖର୍ଚ୍ଚ କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏଥିରେ ଆସନ୍ତା ୨ବର୍ଷ ମଧ୍ୟରେ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ବୁର୍ଲାର ଭିମ୍‌ସାର, କୋରାପୁଟସ୍ଥିତ ଏସ୍ଏଲ୍ଏନ୍ ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ, କଳାହାଣ୍ଡିର ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲ, ବଲାଙ୍ଗୀରର ବି.ବି. ମେଡିକାଲ କଲେଜ ଓ ହସ୍ପିଟାଲ, ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ, କେନ୍ଦୁଝରର ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ, ବାଲେଶ୍ୱରର ଏଫ୍ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ, ତାଳଚେର ସରକାରୀ ମେଡିକାଲ କଲେଜ ସମେତ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ କମ୍ପ୍ରେନସିଭ୍ କ୍ୟାନ୍ସର କେୟାର ୟୁନିଟ୍ ସ୍ଥାପନ କରାଯିବ। ଫଳରେ ଲୋକମାନଙ୍କୁ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏସବୁ ମେଡିକାଲରେ ରେଡିଓଥେରାପି, ବ୍ରାକିଥେରାପି, ହିଷ୍ଟୋପାଥୋଲୋଜି, କର୍କଟ ଶଲ୍ୟ ଚିକିତ୍ସା, କେମୋଥେରାପି ଓ ପାଲିଏଟିଭ୍ କେୟାର ସେବାକୁ ସୁବ୍ୟବସ୍ଥିତ କରାଯିବ। ପ୍ରତ୍ୟେକ ଅନୁଷ୍ଠାନରେ ଅପରେଶନ ଥିଏଟର, ଆଇସିୟୁ, କେମୋଥେରାପି, ରେଡିଓଥେରାପି ଓ ☞ପୃଷ୍ଠା-୨

# 'ଦେଶ ପାଇଁ ଲଢ଼ିଛି, ସ୍ତ୍ରୀକୁ ସୁରକ୍ଷା ଦେଇପାରିଲିନି'



କୁକି ମହିଳାଙ୍କୁ ଉଲଗ୍ନ ପରେଡ୍ ଘଟଣାର ମାଷ୍ଟରମାଇଣ୍ଡ ହୁଇରେମ୍ ହେରାଦାସ ସିଂଙ୍କ ଘରେ ମହିଳାମାନେ ନିଆଁ ଲଗାଇ ଦେଇଛନ୍ତି।

**ମଣିପୁର ମହିଳାଙ୍କୁ ଉଲଗ୍ନ ପରେଡ୍**
- କାର୍‌ଗିଲ ଯୋଦ୍ଧାଙ୍କ କ୍ଷୋଭ: ଯୁଦ୍ଧଭୂଇଁଠୁ ମଣିପୁର ସ୍ଥିତି ଆହୁରି ବିପଜ୍ଜନକ

ଇମ୍ଫାଲ,୨୧ା୭

ମଣିପୁରର ସେନାପତି ଜିଲା ବାଇଁପୋକ୍‌ପିରେ ଦେହରୁ ପୋଷାକ କାଢ଼ି ଉଲଗ୍ନ କରି ବୁଲାଯାଇଥିବା ଜଣେ କୁକି ମହିଳାଙ୍କ ସ୍ୱାମୀ ହେଉଛନ୍ତି କାର୍‌ଗିଲ ଯୁଦ୍ଧ ଲଢ଼ିଥିବା ସେନାର ଅବସରପ୍ରାପ୍ତ ଯବାନ। ଦେଶକୁ ସୁରକ୍ଷା ଦେଇଥିଲେ, କିନ୍ତୁ ନିଜ ସ୍ତ୍ରୀଙ୍କୁ ରକ୍ଷାକରି ପାରିଲେ ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଭାରତୀୟ ସେନାର ଆସାମ ରେଜିମେଣ୍ଟରେ ସୁବେଦାର ଭାବେ ସେବା ପ୍ରଦାନ କରିଥିବା ବ୍ୟକ୍ତି ଜଣକ ବିଚଳିତ କରିଥିବା ୨୬ ସେକେଣ୍ଡର ବର୍ବର ଭିଡିଓକୁ ନେଇ କହିଛନ୍ତି, ମୁଁ ଦେଶ ପାଇଁ କାର୍‌ଗିଲ ଯୁଦ୍ଧ ଲଢ଼ିଛି। ଏପରି କି ଭାରତୀୟ ଶାନ୍ତି ରକ୍ଷକ ବାହିନୀରେ ଯୋଗଦେଇ ଶ୍ରୀଲଙ୍କା ଯାଇଛି। ଦେଶକୁ ସୁରକ୍ଷା ଦେଇଛି, କିନ୍ତୁ ଅବସର ପରେ ଘରକୁ ଫେରି ଦେଖିଲି ମୋ ନିଜ ସ୍ଥାନ ଯୁଦ୍ଧଭୂଇଁରୁ ଅଧିକ ବିପଦପୂର୍ଣ୍ଣ। ସଶସ୍ତ୍ର ଆତତାୟୀମାନେ ଆମ ଗାଁକୁ ଆସି ଘରଗୁଡ଼ିକରେ ନିଆଁ ଲଗାଇଦେଇଥିଲେ। ଗ୍ରାମବାସୀ ନିଜ ଜୀବନ ବଞ୍ଚାଇବା ପାଇଁ ପଳାୟନ କରିବାରେ ଲାଗିଥିଲେ। ମୋ' ସ୍ତ୍ରୀ ମୋଠାରୁ ଅଲଗା ହୋଇଯାଇଥିଲେ। ସେ ଓ ଅନ୍ୟ ୪ ଜଣ ଏକ ଜଙ୍ଗଲକୁ ଲୁଚିବାକୁ ଗଲେ। ଆମ ଗାଁକୁ ଆସିଥିବା ଆକ୍ରମଣକାରୀମାନେ ତାଙ୍କୁ ଜଙ୍ଗଲରେ ☞ପୃଷ୍ଠା-୨




"ଦାୟିତ୍ୱ ବିନା ସଫଳତା କଦାପି ବାସ୍ତବ ହୋଇନଥାଏ"

**ସଞ୍ଜୟ ହଂସ**
ଫାଉଣ୍ଡର ଚେୟାରମ୍ୟାନ, ଲାଲ୍‌ଚାନ୍ଦ୍ ଗ୍ରୁପ୍

LALCHND
Trusted Brand Since 1948



# ଚମକୁଥିବା ସବୁ ଜିନିଷ ସୁନା ନୁହେଁ

ଦୀର୍ଘ ୩୫ ବର୍ଷର ଲୋକଙ୍କ ଭରସା ଓ ବିଶ୍ୱାସ ହିଁ ଲାଲ୍‌ଚାନ୍ଦ୍ ଜୁଏଲର୍ସକୁ ଓଡ଼ିଶାର ପ୍ରତିଷ୍ଠିତ ଜୁଏଲର୍ ବ୍ରାଣ୍ଡ୍ କରାଇପାରିଛି। ଆମେ ଲାଲ୍‌ଚାନ୍ଦ୍ ଜୁଏଲର୍ସ, ଓଡ଼ିଶାର ବୃହତ ଏବଂ ଭରସାଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ ରୂପେ ସର୍ବଦା ଗ୍ରାହକଙ୍କୁ ସଚେତନ କରାଇବା ଆମର ଦାୟିତ୍ୱ ହୋଇ ରହିଆସିଛି।

ଆମର ଏହି ଆଲେଖ୍ୟ ମାଧ୍ୟମରେ ଆମ ରାଜ୍ୟରେ ବର୍ତ୍ତମାନର ଅଳଙ୍କାର ସ୍ଥିତି ସମ୍ପର୍କରେ ଏକ ଚିନ୍ତାଜନକ ତଥ୍ୟ ଗ୍ରାହକଙ୍କ ସମ୍ମୁଖରେ ପ୍ରକାଶ କରିବାକୁ ଯାଉଛୁ। ଆମେ ଏହା କରିବାକୁ ବାଧ୍ୟ ହେଉଛୁ ଏବଂ ଏହା ମଧ୍ୟ ଐତିହାସିକ ପ୍ରସଙ୍ଗ ହୋଇ ରହିଛି।



ଲାଲ୍‌ଚାନ୍ଦ୍ ବ୍ରାଣ୍ଡ୍ ୧୯୮୮ରେ ଏକ ଅଳଙ୍କାର ପ୍ରତିଷ୍ଠାନ ରୂପେ ସାରା ଓଡ଼ିଶାରେ ପରିଚିତ ହେବାକୁ ଲାଗିଲା । ସେହି ସ୍ଥାପନା ସମୟରୁ ହିଁ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଅଳଙ୍କାରର ଶୁଦ୍ଧତା ଏବଂ ଡିଜାଇନ୍, ବିଶେଷ କରି କ୍ରୟ ସମୟରେ ଶୁଦ୍ଧ ସୁନାର ମହତ୍ତ୍ୱକୁ ନେଇ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଆସୁଛି। ଏଥିପାଇଁ ଲାଲ୍‌ଚାନ୍ଦ୍ କୌଣସି ପ୍ରକାର ଖର୍ଚ୍ଚକୁ ଗୁରୁତ୍ୱ ନଦେଇ ସମସ୍ତ ପ୍ରକାର ମାଧ୍ୟମର ଉପଯୋଗ କରିଆସିଛି। ସେହି ସମୟରେ ରାଜ୍ୟର ଅନ୍ୟ ଅଞ୍ଚଳ ପରି ଭୁବନେଶ୍ୱର-କଟକରେ ମଧ୍ୟ ଅଧିକ ଅଳଙ୍କାର ପ୍ରତିଷ୍ଠାନ ନଥିଲା, କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ ଜଣାଶୁଣା ଅଳଙ୍କାର ପ୍ରତିଷ୍ଠାନ ନିଜ ସମକକ୍ଷ ଅଳଙ୍କାର ପ୍ରତିଷ୍ଠାନ ତୁଳନାରେ ଅଶୁଦ୍ଧ ଗହଣା ଦେଶର ଚାରୋଟି ମେଟ୍ରୋ ସହର ଏବଂ ଅନ୍ୟ ବଡ଼ ସହରରେ ବିକ୍ରି କରୁଥିଲେ।

ସେତେବେଳେ ଓଡ଼ିଶାରେ ସୁନାର ୨୨/୨୦ କ୍ୟାରେଟ ସିଷ୍ଟମ ଥିଲା, ଯାହାକୁ ଆମର କେତେଜଣ ସ୍ଥାୟୀ ଗ୍ରାହକ ଆଜି ପର୍ଯ୍ୟନ୍ତ ଭଲ ଭାବେ ମନେ ରଖିଛନ୍ତି। ଏହାର ଅର୍ଥ, ଗ୍ରାହକମାନେ ୨୨ କ୍ୟାରେଟ୍ ସୁନା କିଣୁଥିଲେ କିନ୍ତୁ ଏହାକୁ ବିକ୍ରି କଲା ବେଳେ ସେମାନେ ୨୦ କ୍ୟାରେଟ ସୁନାର ମୂଲ୍ୟ ହିସାବରେ ଦାମ୍ ପାଉଥିଲେ। ଅନ୍ୟ ମିଶ୍ରଧାତୁ ସହ ଝଳେଇ ବାବଦକୁ ୧୦% ଅର୍ଥରାଶି କଟିଯାଉଥିଲା। ତେବେ ଲାଲ୍‌ଚାନ୍ଦ୍ ହିଁ ସର୍ବପ୍ରଥମେ ୨୨/୨୨ କ୍ୟାରେଟ୍ ସୁନା ମାର୍କେଟରେ ପ୍ରଚଳନ କରିଥିଲା, ଯେଉଁଥିରେ ଅଳଙ୍କାର ସୁନାରେ ହିଁ ଝଳେଇ ହେଉଛି। ଲାଲ୍‌ଚାନ୍ଦ୍ ରାଜ୍ୟରେ ଏକ ବଡ଼ ଆକାରରେ ମିଡିଆ ଅଭିଯାନ ଜରିଆରେ ଗ୍ରାହକଙ୍କୁ ହୃଦୟଙ୍ଗମ କରାଇଥିଲା ଯେ, କିପରି ଗ୍ରାହକମାନେ ସେମାନଙ୍କର ପ୍ରିୟ ତଥା ଭରସାଯୋଗ୍ୟ ଅଳଙ୍କାର ପ୍ରତିଷ୍ଠାନ ଦ୍ୱାରା ଠକେଇର ଶିକାର ହେଉଛନ୍ତି। ଏହି ମିଡିଆ ଅଭିଯାନର ପ୍ରଭାବ ଦ୍ୱାରା ଖୁବଶୀଘ୍ର ଗ୍ରାହକମାନେ ପୁରୁଣା ସିଷ୍ଟମକୁ ପ୍ରତ୍ୟାଖ୍ୟାନ କରିଚାଲିଲେ, ଯାହାଦ୍ୱାରା ରାଜ୍ୟର ଅଳଙ୍କାର ଶିଳ୍ପ ଜଗତରେ ସୁଧାର ସହ ଉନ୍ନତି ଘଟିଲା।



ପରବର୍ତ୍ତୀ ସମୟରେ, ଉଚ୍ଚମାନ ତଥା ଶୁଦ୍ଧ ହୀରା ଚିହ୍ନଟ ଏବଂ କ୍ରୟ ଉପରେ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଅନେକ ଅଭିଯାନ ଆରମ୍ଭ କରିଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଭବିଷ୍ୟତରେ ଗ୍ରାହକମାନେ ଯେପରି ଅସାଧୁ ଅଳଙ୍କାର ପ୍ରତିଷ୍ଠାନ ଏବଂ ଠକ ବ୍ୟବସାୟୀଙ୍କ ବଶବର୍ତ୍ତୀ ନ ହୁଅନ୍ତୁ।

ବର୍ତ୍ତମାନର ଅଳଙ୍କାର ବଜାର ସ୍ଥିତିକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ ନାମୀଦାମୀ ତଥା ପ୍ରତିଷ୍ଠିତ ଜୁଏଲର୍ ବ୍ରାଣ୍ଡ୍ ଅନେକ ଲୋଭନୀୟ ଅଫର୍ ଆଳରେ ମେକିଂ ଚାର୍ଜ ବାବଦରେ ଗ୍ରାହକମାନଙ୍କୁ ଭ୍ରମିତ କରୁଛନ୍ତି। କିନ୍ତୁ ଲାଲ୍‌ଚାନ୍ଦ୍ ଜୁଏଲର୍ସ ସର୍ବଦା ସୁନାର ଶୁଦ୍ଧତା ଓ ଗୁଣବତ୍ତା ଉପରେ ଗୁରୁତ୍ୱ ଦେଇ ବିନା କୌଣସି ଲୁକ୍କାୟିତ ସର୍ତ୍ତରେ ଅଫର୍ ପ୍ରଦାନ କରିଥାଏ। ଏ ସମ୍ପର୍କରେ ଚୁପ୍ ରହିଲେ ଆମର ଭୁଲ୍ ହେବ।

ନିମ୍ନରେ ବିଭ୍ରାନ୍ତିକର ଅଫର୍ ସମ୍ପର୍କରେ ବିସ୍ତୃତ ସାରଣୀ ଦିଆଯାଇଛି...

| ଅନ୍ୟ ଜୁଏଲର୍ସ | | ଲାଲ୍‌ଚାନ୍ଦ୍ ଜୁଏଲର୍ସ (ପୂର୍ବ ଭାରତର ସର୍ବବୃହତ ଅଳଙ୍କାର ପ୍ରତିଷ୍ଠାନ) |
|---|---|---|
| ଦାବି/ ଅଫର୍ | ସତ୍ୟତା | ଫ୍ଲାଟ୍ ୬୯୯ଟଙ୍କା/ଗ୍ରାମ୍ ମେକିଂ ଚାର୍ଜ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣା ଉପରେ<br>ଫ୍ଲାଟ୍ ୨୫% ରିହାତି ହୀରା ମୂଲ୍ୟ ଉପରେ<br>ବିନା ବ୍ୟତିକ୍ରମ<br>ବିନା ଲୁକ୍କାୟିତ ଦେୟ<br>ବିନା ସର୍ତ୍ତ |
| ୯୧୬ ଏଚ୍‌ୟୁଆଇଡି ସୁନା ଗହଣାର ମେକିଂ ଚାର୍ଜ ଉପରେ **୭୦% ପର୍ଯ୍ୟନ୍ତ** ରିହାତି | ସମସ୍ତ ସୁନା ଗହଣାକୁ ଦୁଇଟି ଟ୍ୟାଗ୍‌ରେ ବିଭକ୍ତ କରାଯାଇଛି, ଯଥା: ସବୁଜ ଏବଂ ଧଳା। ସବୁଜ ଟ୍ୟାଗ୍‌ଯୁକ୍ତ ସୁନା ଗହଣା ଉପରେ କୌଣସି ଅଫର୍ ନଥିବା ବେଳେ ଧଳା ଟ୍ୟାଗ୍‌ଯୁକ୍ତ ସୁନା ଗହଣାର ମେକିଂ ଚାର୍ଜ ଉପରେ ୭୦% ପର୍ଯ୍ୟନ୍ତ ରିହାତି ରଖାଯାଇଛି। ଏଠି ଧ୍ୟାନ ରଖନ୍ତୁ ଷ୍ଟକ୍‌ର ୯୯% ଗହଣା ସବୁଜ ଟ୍ୟାଗ୍‌ଯୁକ୍ତ ଏବଂ ଏହାର ସର୍ବନିମ୍ନ ମେକିଂ ଚାର୍ଜ ୧୨୫୦ଟଙ୍କା/ଗ୍ରାମ୍‌ରୁ ଆରମ୍ଭ ହୋଇ ୧୭୫୦ଟଙ୍କା/ଗ୍ରାମ୍ ପର୍ଯ୍ୟନ୍ତ ଯାଇଥାଏ। ସେହିପରି ଧଳା ଟ୍ୟାଗ୍‌ଯୁକ୍ତ ସୁନା ଗହଣା ଅତି ପୁରୁଣା ଡିଜାଇନ୍ ଏବଂ ଏହାର ସୀମିତ ଷ୍ଟକ୍ ହିଁ ଉପଲବ୍ଧ । ଏହି ଧଳା ଟ୍ୟାଗ୍‌ଯୁକ୍ତ ଗହଣାର ମେକିଂ ଚାର୍ଜ ୩୭୫ଟଙ୍କା/ଗ୍ରାମ୍ ରହିଛି । | |
| ହୀରା ଗହଣାର ମେକିଂ ଚାର୍ଜ ଉପରେ **୮୦% ପର୍ଯ୍ୟନ୍ତ ରିହାତି** | ସ୍କିମ୍ ଅନୁଯାୟୀ, ହୀରା ଗହଣାର ମେକିଂ ଚାର୍ଜ ଉପରେ ୮୦% ପର୍ଯ୍ୟନ୍ତ ରିହାତି ରଖାଯାଇଛି। କିନ୍ତୁ ବାସ୍ତବରେ ଷ୍ଟକ୍‌ର ୯୦% ହୀରା ଗହଣାର ମେକିଂ ଚାର୍ଜ ଉପରେ ୨୫% ରିହାତି ଦେଇ ବିକ୍ରି କରୁଛନ୍ତି। | |

ଉତ୍ତମ ଗ୍ରାହକ ସେବା ପ୍ରଦାନ କରିବା ଲାଲ୍‌ଚାନ୍ଦ୍‌ର ମୂଳମନ୍ତ୍ର । କାରଣ ଆମେ ଶତ ପ୍ରତିଶତ **ଏଚ୍‌ୟୁଆଇଡି** (ହଲ୍‌ମାର୍କଯୁକ୍ତ ଏକକ ପରିଚୟପତ୍ର) ନିୟମ ଅନୁପାଳନ କରିଅଛୁ, ଯାହାଦ୍ୱାରା ଆମର ପ୍ରିୟ ଗ୍ରାହକଙ୍କୁ ସର୍ବୋତ୍ତମ ସପିଙ୍ଗର ଅଭିଜ୍ଞତା ପ୍ରଦାନ କରିପାରିବୁ।

JEWELLERS SINCE 1988

**ଆଜିର ମନ୍ତବ୍ୟ**

"ପାର୍ଲାମେଣ୍ଟର ମୌସୁମୀ ଅଧିବେଶ ଅବ୍ୟବହିତ ପୂର୍ବରୁ ମଣିପୁରରେ ମହିଳାଙ୍କ ଉଲଗ୍ନ ପରେଡ୍ ଭିଡିଓ ଭାଇରାଲ କରାଯିବା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି। **-ହିମନ୍ତ ବିଶ୍ୱଶର୍ମା, ଆସାମ ମୁଖ୍ୟମନ୍ତ୍ରୀ**"

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଗତି ଉପରେ ବସିଲେ କୁଆ
ଗରୁଡ଼ ବୋଲିକି ହୋଇବ କୁହା ?**

କୁଆ ଓ ଗରୁଡ଼ ପକ୍ଷୀ ମଧ୍ୟରେ ଆକାଶ ପାତାଳ ଫରକ ରହିଥାଏ। ଗୁଣ, ପ୍ରକୃତି ତଥା ସ୍ୱଭାବରେ ଗରୁଡ଼ପକ୍ଷୀ ଶ୍ରେଷ୍ଠ ବୋଲି ଜଣାଯାଇଥାଏ। ତେଣୁ ଗୁଣଧର୍ମ ନଥିବା ବ୍ୟକ୍ତିଜଣକ ଯେତେ ଉପରକୁ ବା ଉଚ୍ଚ ଆସନକୁ ଗଲେ ସୁଦ୍ଧା ସେ କେବେହେଲେ ଅସଲ ଗୁଣଧାରୀ ବ୍ୟକ୍ତିଙ୍କ ସଙ୍ଗେ ସମାନ ହୋଇପାରନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଜାନ୍ ଯାଉ, ମାନ୍ ଥାଉ
ମାନ୍ ଗଲେ ତା' ନ ମିଳେ ଆଉ।**

ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ। ମର୍ଯ୍ୟାଦା ଥରେ ଚାଲିଗଲେ ଆଉ ଫେରି ନ ଥାଏ। ତେଣୁ ଏଥିପ୍ରତି ସତର୍କ ରହିବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



**ଜଳବନ୍ଦୀରେ ଜୀବନ:** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତର ୬ଟି ଗ୍ରାମର ଲୋକ ଏବେ ଜଳବନ୍ଦୀ ଅବସ୍ଥାରେ। ପଞ୍ଚାୟତ କାର୍ଯ୍ୟାଳୟରୁ ଚାଉଳ ଧରି ଫେରୁଥିବା ବାଲିଗୁଡ଼ା ଗ୍ରାମର ଜଣେ ମହିଳା ମୁରାନ ନଦୀ ଭିତରେ ପଶି ଯାଉଛନ୍ତି।

# 'ଟ୍ରକ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟ କରିବାକୁ ଆଗ୍ରହୀ ନା ନାହିଁ ଜଣାଅ'

## ଜିଲାପାଳମାନଙ୍କୁ ପରିବହନ ସଚିବଙ୍କ ଚିଠି

ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)

ସଡ଼କ ସୁରକ୍ଷା ପାଳନ ଦିଗରେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସଡ଼କରେ ଦୁର୍ଘଟଣା ଘଟି ଯେପରି କାହାରି ଜୀବନ ନ ଯିବ ଏବଂ କେହି ଗୁରୁତର ନ ହୁଅନ୍ତି ସେଥିପ୍ରତି ମୁଖ୍ୟତଃ ଗୁରୁତ୍ୱ ଦିଆଯାଉଛି। ହେଲେ ଉଭୟ ଏନ୍‌ଏଚ୍ ଏବଂ ଏସ୍‌ଏଚ୍ ଉପରେ ଟ୍ରକ୍ ପାର୍କିଂ ସଡ଼କ ଦୁର୍ଘଟଣାର ଏକ ମୁଖ୍ୟ କାରଣ। ତେଣୁ ସରକାର ଏନ୍‌ଏଚ୍ ଏବଂ ଏସ୍‌ଏଚ୍‌ର କେତେକ ମୁଖ୍ୟ ସ୍ଥାନ ସହ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ରାସ୍ତାକଡ଼ରେ ସ୍ଥାୟୀ ଟ୍ରକ୍ ଟର୍ମିନାଲ ଗଠନ କରିବାକୁ ସ୍ଥିରକରି କାର୍ଯ୍ୟ ଆରମ୍ଭ କରାଯାଇଛି। ଚଳିତ ବର୍ଷ ଏଥିଲାଗି ରାଜ୍ୟ ସରକାର ୧୫୦ କୋଟି ଟଙ୍କା ଯୋଗାଇ ଦେଉଛନ୍ତି। ୭ ଜିଲା ଯଥା-ସୁନ୍ଦରଗଡ଼, କେନ୍ଦ୍ରାପଡ଼ା, ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ନବରଙ୍ଗପୁର ଏବଂ କଟକ(ଜଗତପୁର) ଅଞ୍ଚଳରେ ଟ୍ରକ୍ ଟର୍ମିନାଲ କରିବା ଲାଗି ଜମି ହସ୍ତାନ୍ତର କାର୍ଯ୍ୟ ସରିଲାଣି। ଯାଜପୁର, ବ୍ରହ୍ମପୁର, କେନ୍ଦୁଝର, ମାଲକାନଗିରି ଏବଂ ବୌଦ୍ଧରେ ଜମି ହସ୍ତାନ୍ତର ଲାଗି ପ୍ରସ୍ତାବ ଆସିସାରିଛି। କେନ୍ଦୁଝର ଏବଂ ସୁନ୍ଦରଗଡ଼ରେ ଡିଏମ୍‌ଏଫ୍‌ରୁ ଅର୍ଥ ଆଣି ଟ୍ରକ୍ ଟର୍ମିନାଲ କାର୍ଯ୍ୟ କରାଯିବ। ସ୍ଥାନୀୟ ଆବଶ୍ୟକତାକୁ ଦେଖି ଜିଲାପାଳମାନେ ଏହି କାର୍ଯ୍ୟ ହାତକୁ ନେଲେ ଭଲ ହେବ। ଜିଲାପାଳମାନେ ଏହି ନିର୍ମାଣ କାର୍ଯ୍ୟ କରିବାକୁ ଆଗ୍ରହୀ ନା ନାହିଁ ସେକଥା ସ୍ପଷ୍ଟ କରନ୍ତୁ। ଯଦି ଏଥିଲାଗି ରାଜି ଅଛନ୍ତି, ତେବେ ଡିପିଆର୍ ପ୍ରସ୍ତୁତ ସହ ଏହି କାର୍ଯ୍ୟ ପ୍ଲାନ୍ ଏବଂ ଆକଳନ ସରକାରଙ୍କ ନିକଟକୁ ୭ ଦିନ ମଧ୍ୟରେ ପଠାନ୍ତୁ। ଏଥିରେ ବିଫଳ ହେଲେ ପିଡବ୍ଲ୍ୟୁଡି ଏବଂ ଓପିଏଚ୍‌ଡବ୍ଲ୍ୟୁସି ମିଳିତ ଭାବେ ଏହି କାର୍ଯ୍ୟ କରିବେ ବୋଲି ବୁଝାଯିବ। ହେଲେ ଏହି କାମ ସରିବାରେ ବିଳମ୍ବ ହେଲା ଭଳି ମନେହେଉଛି। ତେଣୁ ଜିଲାପାଳମାନେ ଏହି କାମ ହାତକୁ ନେଇ କିପରି ସମୟ ପୂର୍ବରୁ ଶେଷ ହେବ ସେଥିଲାଗି ଉଦ୍ୟମ କରନ୍ତୁ ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଉଷା ପାଢ଼ୀ ଚିଠି ଲେଖି ସମସ୍ତ ଜିଲାପାଳଙ୍କୁ ଶୁକ୍ରବାର ଚିଠି ଲେଖି କହିଛନ୍ତି।

# ଭରତପୁର ଓସିପି ସମ୍ପ୍ରସାରଣ ପାଇଁ ଜନଶୁଣାଣି



ଜନଶୁଣାଣିରେ ଉପସ୍ଥିତ ଅଞ୍ଚଳବାସୀ ଓ ଅନ୍ୟମାନେ।

ତାଳଚେର, ୨୧।୭(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର କୋଲ୍‌ଫିଲ୍ଡ୍ସ ଅନ୍ତର୍ଗତ ଏମ୍‌ସିଏଲ୍‌ର ଭରତପୁର ଖୋଲାମୁହଁ କୋଇଲା ଖଣି ସମ୍ପ୍ରସାରଣ ନିମନ୍ତେ ପରିବେଶ ମଞ୍ଜୁରୀ ପାଇଁ ଏକ ଜନଶୁଣାଣି ସ୍ଥାନୀୟ ଜଗନ୍ନାଥ କଳାକେନ୍ଦ୍ର ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସିଂହ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରଭାବିତ ହେବାକୁ ଥିବା ନକେଶପଶି, ନୀଳାଦ୍ରିପୁର, ସତ୍ୟବାଦୀପୁର, କିଶୋରଚନ୍ଦ୍ରପୁର, ସରାଙ୍ଗ, ତିଳେଇପଶି, ଖଜୁରିଆ, ପ୍ରସନ୍ନନଗର, ସୋଲଡ଼ା, ଉଆଁରା, ଜୋରାଗାଡ଼ିଆ (କିଛି ଅଂଶ), ଖୁରିଆଁ (କିଛି ଅଂଶ)ର ଜନସାଧାରଣ, ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ଏନ୍‌ଜିଓ ଉପସ୍ଥିତ ରହି ସମ୍ପ୍ରସାରଣ ପ୍ରକଳ୍ପ ଏବଂ ଏହାର ସମ୍ଭାବ୍ୟ ପ୍ରଭାବ ଉପରେ ମତାମତ ରଖିଥିଲେ।

ଏମ୍‌ସିଏଲ୍ ପକ୍ଷରୁ ପ୍ରେସ୍ ବିବୃତିରେ କୁହାଯାଇଛି ଯେ, ଭରତପୁର ଖୋଲାମୁହଁ ଖଣିର ଲିଜ୍ ଅଞ୍ଚଳକୁ ୯୭୨.୪୨ ହେକ୍ଟରରୁ ୧୫୫୬.୯୪ ହେକ୍ଟରକୁ ସମ୍ପ୍ରସାରଣ କରାଯିବ। ଅଧିକ ୬୨୯.୫୨ ହେକ୍ଟର ଜମି ଅଧିଗ୍ରହଣ ହେବା ଦ୍ୱାରା ବାର୍ଷିକ ଉତ୍ପାଦନ କ୍ଷମତା ୨୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବ। ଏହି ପ୍ରକଳ୍ପ ଦ୍ୱାରା ୪୯୦ ଜଣ ପ୍ରତ୍ୟକ୍ଷ ଓ ୧୬ଶହ ଲୋକ ପରୋକ୍ଷ ଭାବେ ନିଯୁକ୍ତି ସୁଯୋଗ ପାଇବେ। ଜମି ଅଭାବରୁ ଏହି ଖଣିରୁ ବର୍ତ୍ତମାନ ୧୦ ମିଲିୟନ ଟନ୍ କୋଇଲା ଉତ୍ପାଦନ ହେଉଛି। ତେବେ ଗ୍ରାମବାସୀ ଏବଂ ଅଂଶୀଦାରମାନେ ପ୍ରସ୍ତାବିତ ସମ୍ପ୍ରସାରଣକୁ ନେଇ ସମର୍ଥନ ଓ ଉତ୍ସାହ ଦେଖାଇଥିଲେ। ଅଧିକାଂଶ ଲୋକ ଏହି ପ୍ରସ୍ତାବିତ ସମ୍ପ୍ରସାରଣ ପାଇଁ ସମର୍ଥନ ଜଣାଇଥିବା ବେଳେ ଆଉ କେତେଜଣ ପରିବେଶ ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଥିଲେ। ସେମାନେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରକଳ୍ପ ଯୋଗୁ ମିଳିବାକୁ ଥିବା ନିଯୁକ୍ତି ସୁଯୋଗକୁ ସ୍ୱୀକୃତି ଦେଇଥିଲେ। ଏଥିସହ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରାଥମିକତା ଏବଂ ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ଦିଗରେ ପଦକ୍ଷେପ ନେବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଶିକ୍ଷା, ପାନୀୟ ଜଳ, ପୁନର୍ବାସ ଓ ଥଇଥାନ ନେଇ ସୃଷ୍ଟି ହେବାକୁ ଥିବା ସମସ୍ୟାର ସମାଧାନ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଜନଶୁଣାଣିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଶାଖାର ଆଞ୍ଚଳିକ ଅଧିକାରୀ ରମେଶ କୁମାର ଏକ୍କା, ଏରିଆ ପର୍ସୋନେଲ ମ୍ୟାନେଜର ମାନସ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଆଜି ନବୀନ ହେବେ ...

ରହିଥିଲେ। ତେବେ ନବୀନ ଶନିବାର ଜ୍ୟୋତି ବସୁଙ୍କ ସମକକ୍ଷ ହୋଇ ଦ୍ୱିତୀୟ ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ରୂପେ ନୂଆ ରେକର୍ଡର ଅଧିକାରୀ ହେବେ। ଏହାର ପରଦିନ ଅର୍ଥାତ୍ ରବିବାର ଜ୍ୟୋତି ବସୁଙ୍କୁ ନବୀନ ଟପିବେ। ସେ ୨୦୨୩ ଜୁଲାଇ ୨୨ରେ ୨୩ ବର୍ଷ ୧୩୮ ଦିନ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରୁଛନ୍ତି। ସୂଚନାଯୋଗ୍ୟ, ନବୀନ ୨୦୦୦ରୁ ଲଗାତର(୨୦୦୪,୨୦୦୯,୨୦୧୪ ଓ ୨୦୧୯) ୫ମ ଥର ବିଧାନସଭା ନିର୍ବାଚନରେ ବିଜୟୀ ହୋଇ ମୁଖ୍ୟମନ୍ତ୍ରୀ ଅଛନ୍ତି। ସେ କ୍ରମାଗତ ଭାବେ ଗଞ୍ଜାମ ଜିଲାର ହିଞ୍ଜିଳି ବିଧାନସଭା ନିର୍ବାଚନରୁ ବିଜୟୀ ହୋଇ ଆସୁଛନ୍ତି। ଓଡ଼ିଶାବାସୀ ନବୀନଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ଆଜି ସେ ଏହି ଗୌରବ ଅର୍ଜନ କରିଛନ୍ତି ବୋଲି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି।

# ରାଜ୍ୟ ସରକାର-ଟିବିଆଇ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

## ଅର୍ଥନୈତିକ ନୀତି ସମୀକ୍ଷା, ପ୍ରସ୍ତୁତିରେ ସହାୟକ ହେବ

ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)

ରାଜ୍ୟ ଲୋକସେବା ଭବନଠାରେ ଶୁକ୍ରବାର ଓଡ଼ିଶା ସରକାର ଏବଂ ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ଲୋବାଲ ଚେଞ୍ଜ (ଟିବିଆଇ) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଅଣ ବ୍ୟବସାୟିକ ଅନୁବନ୍ଧନ ସରକାରଙ୍କ ଅନେକ ପ୍ରକଳ୍ପର ସଫଳ ରୂପାୟନ କରିବା ସହି ଅର୍ଥନୈତିକ ନୀତି ସମୀକ୍ଷା ଏବଂ ପ୍ରସ୍ତୁତି କ୍ଷେତ୍ରରେ କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦିଆଯାଇଛି।

ଟୋନି ବ୍ଲେୟାର ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ କାର୍ଯ୍ୟାଳୟ ଲଣ୍ଡନରେ ଅବସ୍ଥିତ ଏବଂ ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାରଙ୍କ ଦ୍ୱାରା ଏହା ସ୍ଥାପିତ ହୋଇଛି। ଏହି ଅନୁଷ୍ଠାନ ସମ୍ପ୍ରତି ୪୫ରୁ ଅଧିକ ଦେଶରେ ସଫଳତାର ସହ କାର୍ଯ୍ୟ କରୁଛି। ଉକ୍ତ ପ୍ରତିଷ୍ଠାନ ସମ୍ପୃକ୍ତ ଦେଶଗୁଡ଼ିକର ନୀତି ତର୍ଜମା, ପ୍ରସ୍ତୁତି, ପରିଚାଳନା ଓ ଚୂଡ଼ାନ୍ତ ରୂପାୟନ କ୍ଷେତ୍ରରେ କାର୍ଯ୍ୟ କରୁଛି। ଏହି ଅନୁବନ୍ଧନ ଦ୍ୱାରା ଓଡ଼ିଶାର ସାମଗ୍ରିକ ବିକାଶ ଏବଂ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ବୋଲି ବୈଠକରେ କୁହାଯାଇଛି। ଇ-ପ୍ରୟୋଗ କ୍ଷେତ୍ରରେ ସରକାରଙ୍କ ପ୍ରମୁଖ ଗଭର୍ନାନ୍ସ



ନିର୍ମାଣ ଏବଂ ଆଇଟି ଜ୍ଞାନକୌଶଳର ସଫଳ ରୂପାୟନ କ୍ଷେତ୍ରରେ ମଧ୍ୟ ଏହି ଅନୁବନ୍ଧନ ସହାୟକ ହେବ। ଓଡ଼ିଶାର ଅର୍ଥନୈତିକ ବିକାଶ କ୍ଷେତ୍ରରେ ଉନ୍ନତି ଆଣିବା ସହ ରାଜ୍ୟର ନିର୍ଦ୍ଧାରିତ ଲକ୍ଷ୍ୟକୁ ସର୍ବୋତ୍ତମ ସ୍ତରରେ ପହଞ୍ଚାଇବା ପାଇଁ ଟିବିଆଇ ତା'ର ଅଭିଜ୍ଞତା, ଉପଲବ୍ଧି, ଜ୍ଞାନକୌଶଳକୁ ଆଧାରକରି ରାଜ୍ୟ ସରକାରଙ୍କୁ ସହାୟତା ପ୍ରଦାନ କରିବ ବୋଲି ବୁଝାମଣାପତ୍ରରେ ଉଲ୍ଲେଖ କରାଯାଇଛି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡା ଏବଂ ଟିବିଆଇର ରାଷ୍ଟ୍ରୀୟ ନିର୍ଦ୍ଦେଶକ ବିବେକ ଅଗ୍ରୱାଲ ଆନୁଷ୍ଠାନିକ ଭାବେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି।

# ନିଜ ସରକାର ଉପରେ ପ୍ରଶ୍ନ ଉଠାଇ ବିଦାହେଲେ ରାଜସ୍ଥାନ ମନ୍ତ୍ରୀ

ଜୟପୁର,୨୧।୭

ମଣିପୁରରେ ମହିଳାଙ୍କୁ ଉଲଗ୍ନ କରି ପରେଡ୍ କରାଯିବା ଘଟଣା ଜାତୀୟ ଲଜ୍ଜା ପାଲଟିଥିବାବେଳେ ଶୁକ୍ରବାର ନିଜ ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇବା ରାଜସ୍ଥାନର ଜଣେ ମନ୍ତ୍ରୀଙ୍କୁ ମହଙ୍ଗା ପଡ଼ିଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସୈନିକ କଲ୍ୟାଣ (ସ୍ୱାଧୀନ) ରାଷ୍ଟ୍ରମନ୍ତ୍ରୀ ରାଜେନ୍ଦ୍ର ଗୁଢ଼ାଙ୍କୁ ନିଜ କ୍ୟାବିନେଟ୍‌ରୁ ବହିଷ୍କାର କରିଛନ୍ତି।

କଂଗ୍ରେସ ଶାସିତ ରାଜସ୍ଥାନ ବିଧାନସଭାରେ ମଣିପୁର ପ୍ରସଙ୍ଗକୁ ନେଇ ଭାଜପା ସରକାରଙ୍କୁ ସମାଲୋଚନା କରାଯାଇଥିଲା। କଂଗ୍ରେସ ସଦସ୍ୟମାନେ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂଙ୍କ ବିଫଳତା ଉପରେ ସ୍ଲୋଗାନ ଦେଉଥିବାବେଳେ କମନ୍ତ୍ରୀ ଗୁଢ଼ା କହିଥିଲେ, ଅନ୍ୟ



ରାଜେନ୍ଦ୍ର ଗୁଢ଼ା

ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ଉପହାସ କରିବା ପୂର୍ବରୁ ନିଜ ରାଜ୍ୟ କଥା ବିଚାର କରିବା ଉଚିତ। ରାଜସ୍ଥାନରେ ମହିଳା ବିରୋଧୀ ଅପରାଧର ମୁକାବିଲାରେ ଆମ ସରକାର କେତେ ସକ୍ଷମ। ମହିଳାଙ୍କ ଉପରେ ନିର୍ଯାତନାକୁ ନେଇ ଆତ୍ମସମୀକ୍ଷା କରାଯିବା ଉଚିତ ବୋଲି ଗୁଢ଼ା କହିଥିଲେ। ଏହାକୁ ନେଇ ବିରୋଧୀ ଦଳ ନେତା ରାଜେନ୍ଦ୍ର ରାଠୋର ଅଶୋକ ଗେହଲଟ ସରକାରଙ୍କୁ ସମାଲୋଚନା କରିଥିଲେ। ଗେହଲଟ କଂଗ୍ରେସ ହାଇକମାଣ୍ଡଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ଗୁଢ଼ାଙ୍କୁ ମନ୍ତ୍ରୀ ପଦରୁ ହଟାଇ ଦେଇଛନ୍ତି। ଉଦୟପୁରୱାଟି ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ଗୁଢ଼ା ହେଉଛନ୍ତି, ୨୦୧୮ ବିଧାନସଭା ନିର୍ବାଚନ ବେଳେ ବିଏସ୍‌ପି ଟିକେଟ୍‌ରେ ଜିତିଥିବା ୮ ବିଧାୟକଙ୍କ ମଧ୍ୟରୁ ଅନ୍ୟତମ। ୨୦୧୯ ସେପ୍ଟେମ୍ବରରେ ଦଳ ବଦଳ କରି କଂଗ୍ରେସରେ ଯୋଗଦେବା ପରେ ୨୦୨୧ ନଭେମ୍ବରରେ ତାଙ୍କୁ ଗେହଲଟ ମନ୍ତ୍ରୀ ପଦ ଦେଇଥିଲେ।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଘଟଣା

# ଦୋଷୀଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

ଜଗତ୍‌ସିଂହପୁର,୨୧।୭
(ପ୍ରମୋଦ କୁମାର ନାୟକ)

ରଘୁନାଥପୁର ଥାନା ଅଞ୍ଚଳର ଜଣେ ୧୫ ବର୍ଷର ନାବାଳିକାଙ୍କୁ ୨୦୨୦ରେ ଅପହରଣ କରି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୫୯/୨୦) ରୁଜୁ କରିଥିଲା। ଜଗତ୍‌ସିଂହପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଶୁକ୍ରବାର ଏହି ମାମଲାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷ ଦଣ୍ଡାଦେଶ ଦେଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ତାରସିଂହ ଅନ୍ତର୍ଗତ ଗୋଳବନ୍ଧ ଗ୍ରାମର ରବୀନ୍ଦ୍ର ସାହୁ (୨୬)। ଏଥିସହ ୫୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି । ଏହି ରାଶି ଅନାଦାୟ ହେଲେ ଅଧିକ ୧୧ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ରବୀନ୍ଦ୍ର ସମ୍ପୃକ୍ତା ନାବାଳିକାଙ୍କ ଗାଁରେ ରହି ରାଜମିସ୍ତ୍ରି କାମ କରୁଥିଲେ। ୩।୧।୨୦ ସନ୍ଧ୍ୟାରେ ନାବାଳିକା ଜଣକ ଗ୍ରାମ ପଡ଼ିଆକୁ ଶୌଚ ହେବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏହାପରେ ମା, ବାପା ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ୬।୧।୨୦ରେ ନାବାଳିକାଙ୍କ ପରିବାର ପକ୍ଷରୁ ଏନେଇ ଥାନାରେ ଅଭିଯୋଗ କରାଯାଇଥିଲା। ପରବର୍ତ୍ତୀ ସମୟରେ ରବୀନ୍ଦ୍ର ନାବାଳିକାଙ୍କୁ ଅପହରଣ କରି ଏକ କାରରେ ଭୁବନେଶ୍ୱର ଡୁମଡୁମା ନେଇଯାଇଥିବା ଜଣାପଡ଼ିଥିଲା। ସେଠାରୁ ସେ ନାବାଳିକାଙ୍କୁ ଆଇଗିଣିଆ ନେଇ କିଛି ଦିନ ରଖି ବଳାତ୍କାର କରିଥିଲେ। ଅପହରଣର ୨ ମାସ ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ରବୀନ୍ଦ୍ରଙ୍କୁ ଗିରଫ କରିଥିଲା। ଏହି ମାମଲାରେ ୧୪ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## 'ଦେଶ ପାଇଁ ଲଢ଼ିଛି, ...

ଠାବ କରିଥିଲେ। ମୋ ସ୍ତ୍ରୀଙ୍କୁ ସେମାନେ ଏକ ଦୂର ସ୍ଥାନକୁ ନେଇ ଉଲଗ୍ନ କରି ପରେଡ୍ କରାଇଥିଲେ। ମୁଁ ନିଜ ଘର, ସ୍ତ୍ରୀ ଓ ଗାଁର ପ୍ରତିବେଶୀଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ଏସବୁ ଘଟଣା ଘଟିବାବେଳେ ପୋଲିସ ଉପସ୍ଥିତ ଥିଲା, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଘରେ ନିଆଁ ଲଗାଇ ମହିଳାମାନଙ୍କୁ ଅପମାନିତ କରିଥିବା ଲୋକଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳୁ ବୋଲି ୱାର୍ ଭେଟେରାନ୍ ଦାବି କରିଛନ୍ତି। ପ୍ରକାଶ ଯେ, ମେ' ୪ରେ ୩ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଯାଇଥିଲା। ଏନେଇ ମେ' ୧୮ରେ ଥାନାରେ ଏତଲା ଦିଆଯାଇଥିଲା। ଜୁନ୍ ୨୧ରେ ପୋଲିସ ଏଫ୍‌ଆଇଆର୍ କରି ଚୁପ୍ ବସିଯାଇଥିଲା। ପୀଡ଼ିତାଙ୍କ ମଧ୍ୟରୁ ଜଣେ ୨୧ ବର୍ଷୀୟାଙ୍କୁ ଗଣବଳାତ୍କାର କରାଯାଇଥିଲା। ତାଙ୍କ ଭାଇ ଓ ବାପା ଏହାକୁ ବିରୋଧ କରିବାକୁ ଲୋକେ ଉଭୟଙ୍କୁ ହତ୍ୟା କରିଥିଲେ। ଉଲଗ୍ନ ପରେଡ୍ ଭିଡିଓ ଆସିବା ପରେ ୪ ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ୩୨ ବର୍ଷୀୟ ହୁଇରେମ୍ ହେରାଦାସ ସିଂଙ୍କ ଘରେ ଉତ୍ତ୍ୟକ୍ତ ଲୋକେ ଗୁରୁବାର ରାତିରେ ନିଆଁ ଲଗାଇଦେଇଥିଲେ। ଉଲଗ୍ନ ପରେଡ୍ ଘଟଣାରେ ଗିରଫ ୪ ଅଭିଯୁକ୍ତଙ୍କ ମଧ୍ୟରୁ ଶୁକ୍ରବାର ଆଉ ଜଣଙ୍କ ଘରକୁ ଲୋକେ ଜାଳି ଦେଇଛନ୍ତି। ମଣିପୁରରେ ମେଇତି ସମ୍ପ୍ରଦାୟ ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ମାନ୍ୟତା ଦାବି କରିବା ପରେ ମେ' ୩ରେ ଉପୁଜିଥିବା ଜାତିଆଣ ହିଂସାରେ ଅଦ୍ୟାବଧି ୨୦୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସରକାରୀ ଭାବେ ଏହାକୁ ୧୬୦ ଦର୍ଶାଯାଉଛି।

## ୧୧ ଜିଲା ହସ୍ପିଟାଲରେ ...

ପାଲିଏଟିଭ୍ କେୟାର ୟୁନିଟ୍ ସମେତ ୫୦ରୁ ୧୦୦ ବେଡ୍ ସୁବିଧା କରାଯିବ। ଆବଶ୍ୟକ ପଡ଼ିଲେ ବେଡ୍ ସଂଖ୍ୟା ବୃଦ୍ଧି କରାଯିବ। ରାଜ୍ୟ ସରକାରଙ୍କ ଅଧୀନରେ ନିୟମିତ କ୍ୟାଡର ସ୍ପେଶାଲିଷ୍ଟ, ସୁପର ସ୍ପେଶାଲିଷ୍ଟ ଓ ବୈଷୟିକ କର୍ମଚାରୀଙ୍କ ପଦବୀ ସୃଷ୍ଟି କରାଯାଇ ଏହି ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଏବେ ଶକ୍ତିକୁ ସ୍କୁଟର...

ଏବଂ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାମାନଙ୍କୁ ଅଧିକ ସଶକ୍ତ କରିବା ପାଇଁ ମିଶନ ଶକ୍ତି ବିଭାଗ ବଦ୍ଧପରିକର। ଏହି ଯୋଜନାକୁ ବ୍ୟାପକ ଭାବରେ ଉପଲବ୍ଧ କରାଇବା ସହିତ ସୁଚାରୁରୂପେ କାର୍ଯ୍ୟକାରୀ କରିବା ନିମନ୍ତେ 'ମିଶନ ଶକ୍ତି ସ୍କୁଟର ଯୋଜନା' କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାମାନଙ୍କର ବ୍ୟକ୍ତିଗତ ଯାତାୟାତକୁ ସୁଗମ କରିବା ସହ ସେମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି କରିବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରବି ପୁଷ୍ୟା ନକ୍ଷତ୍ରରେ ଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି କରି ମନକୁ ବିଭ୍ରାନ୍ତ କରିପାରନ୍ତି। ଅବଶ୍ୟ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇଲେ ମଧ୍ୟ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ। ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ହାତକୁ ନେଇଥିବା କାର୍ଯ୍ୟରେ ଅଗ୍ରଗତି ଘଟିବାର ଆଶା କରାଯାଇପାରେ।

**ବୃଷ**
ଚନ୍ଦ୍ର ପୂର୍ବାଫାଲଗୁନୀ ନକ୍ଷତ୍ରସ୍ଥ ଯୋଗୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବନ୍ଧୁଙ୍କ ନିକଟରୁ ଅର୍ଥ ଲାଭକରି ଖୁସି ହେବେ। ଗୁରୁବର୍ଗ କିମ୍ବା ଉପରିସ୍ଥ କର୍ମଚାରୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିପାରନ୍ତି। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସାମାଜିକ କିମ୍ବା ରାଜନୈତିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟ ମନ୍ଥର ହେବ।

**ମିଥୁନ**
ଦ୍ୱିତୀୟସ୍ଥ ମଙ୍ଗଳ ହେତୁ ଟିକିଏ ଟିକିଏ କଥାରେ ଉତ୍ତେଜିତ ହୋଇପଡ଼ିବାରୁ ସମସ୍ୟା ବଢ଼ିବ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ରହିପାରନ୍ତି। ଘର କାମରେ କିମ୍ବା କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବା କଷ୍ଟକର ହୋଇପାରେ।

**କର୍କଟ**
ବୁଧ ଦ୍ୱାଦଶସ୍ଥ ଯୋଗୁ କର୍ମକ୍ଷେତ୍ରରେ ଅସ୍ଥିରତା ସାଙ୍ଗକୁ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ତଥାପି ଅପରାହ୍ଣରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତ ରହିପାରନ୍ତି। ସାମାଜିକ ସ୍ତରରେ ମନ ବୁଝିଲା ଭଳି କଥା କହି ଅନ୍ୟକୁ ଆପଣାର କରିପାରନ୍ତି।

**ସିଂହ**
ପାପଗ୍ରସ୍ତ ବୃହସ୍ପତି ଜନିତ ନିକଟ ସମ୍ପର୍କୀୟମାନଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରିବାକୁ ପଡ଼ିବ। ପାରିବାରିକ ସମସ୍ୟା ସୁଧାରିବାକୁ ଯାଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା**
କେତୁଙ୍କ କୁପ୍ରଭାବରୁ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ପରୋକ୍ଷ ଶତ୍ରୁତା ହେତୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହୋଇପାରନ୍ତି।

**ତୁଳା**
ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ସମାଗମସ୍ଥ ଚନ୍ଦ୍ରଜନିତ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇପାରେ।

**ବିଛା**
ଯାତ୍ରାରେ ସଫଳତା ମିଳିବ କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। କର୍ମଭାବସ୍ଥ ଶୁକ୍ର ହେତୁ ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ପାଖ ଲୋକମାନେ ଈର୍ଷାପରାୟଣ ହୋଇ ଅପପ୍ରଚାର କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ରାହୁଗୁରୁ ସଂଯୋଗରୁ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ କିନ୍ତୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବାର ଆଶା ରହିଛି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ସୃଷ୍ଟିର ଆଶଙ୍କା ରହିଛି।

**ମକର**
କର୍ମକ୍ଷେତ୍ରରେ କବନ୍ଧଗ୍ରହ ଯୋଗୁ ପୂର୍ବସ୍ଥିରୀକୃତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିବାକୁ ପଡ଼ିପାରେ। ସାମାଜିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ**
ଧନାଧିପ ତୃତୀୟସ୍ଥ ହେତୁ ବନ୍ଧୁଙ୍କ ସହଯୋଗରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ସବୁ ଜାଣି ଶୁଣି ନୀରବଦ୍ରଷ୍ଟା ଭଳି କାମ କରିବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ**
ନିଜ ବୁଦ୍ଧିମତ୍ତାର ପରିଚୟ ଦେଇ ଅନ୍ୟମାନଙ୍କୁ ଆପଣାର କରିବା ସକାଶେ କୌଶଳ ପ୍ରୟୋଗ କରିପାରନ୍ତି। ଶୁକ୍ର ଯୁକ୍ତ ଚନ୍ଦ୍ର ଓ ମଙ୍ଗଳ ହେତୁ କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ।

ଆଜି ଶ୍ରାବଣ(ମଳ)ଶୁକ୍ଳପକ୍ଷ ଚତୁର୍ଥୀ ଯୁକ୍ତ ୫ମୀ, ଶନିବାର, ଜୁଲାଇ ୨୨ ତାରିଖ, ରାଶି ନକ୍ଷତ୍ର- ପୂର୍ବାଫାଲଗୁନୀ/ସିଂହ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୫ ଗତେ ଘ.୦୧।୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୭ ଗତେ ଘ.୧୦।୧୫ ମଧ୍ୟେ ରାହୁକାଳ।




# ମାଲଗୋଦାମରେ ମସଲା ଅପମିଶ୍ରଣ

- ମିଶାଯାଉଛି ରାସାୟନିକ ରଙ୍ଗ
- ୨୪ ବସ୍ତା ନକଲି ମସଲା ଗୁଣ୍ଡ ଜବତ, ଜଣେ ଗିରଫ

କଟକ,୨୧।୭ (କାର୍ତ୍ତିକ ସାହୁ)

କଟକ ଅପମିଶ୍ରିତ ସାମଗ୍ରୀର ପେଣ୍ଠସ୍ଥଳ ପାଲଟିଛି। କିଛି ମାସ ବ୍ୟବଧାନ ପରେ ମାଲଗୋଦାମ ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଶୁକ୍ରବାର କମିଶନରେଟ୍ ପୋଲିସ କଟକ ମହାନଗର ନିଗମ(ସିଏମ୍‌ସି)ର ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଚଢାଉ କରି ୨୪ ବସ୍ତାରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ନକଲି ମସଲାଗୁଣ୍ଡ ଜବତ କରିଛି। ରୋଷେଇରେ ବ୍ୟବହାର ହେଉଥିବା ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ବେସନ ଆଦି ଅପମିଶ୍ରଣ ହେଉଥିବା ପୋଲିସ ଚଢ଼ାଉବେଳେ ଜାଣିବାକୁ ପାଇଛି। ଏହି କାରବାରର ମୁଖ୍ୟ ଅଭିଯୁକ୍ତ ଅରୁଣ ଗନ୍ତାୟତଙ୍କୁ ମାଲଗୋଦାମ ପୋଲିସ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

ମାଲଗୋଦାମ ଅଞ୍ଚଳର ଉକ୍ତ ସ୍ଥାନରେ ମସଲା ଅପମିଶ୍ରଣ ୟୁନିଟ୍ ଚାଲିଥିବା ପୋଲିସ ସୂଚନା ପାଇଥିଲା। ତୁରନ୍ତ ମାଲଗୋଦାମ ଆଇଆଇସି ରଜନୀକାନ୍ତ ଦାସଙ୍କ ନେତୃତ୍ୱରେ ପୋଲିସ ଟିମ୍ ଓ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ସ୍ୱାସ୍ଥ୍ୟ ବିଭାଗ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉରେ ସାମିଲ ଥିବା ଏସିପି ଅରୁଣ କୁମାର ସ୍ୱାଇଁ କହିଛନ୍ତି, ଅଭିଯୁକ୍ତ ଜଣଙ୍କ ଏକ ବିଦ୍ୟୁତ୍‌ଚାଳିତ ମସଲା ପେଷା ମେଶିନ୍ ରଖିଛନ୍ତି। ଅପମିଶ୍ରଣ ପାଇଁ ବସ୍ତା ବସ୍ତା ରାସାୟନିକ ରଙ୍ଗ ସେଠାରେ ମହଜୁଦ୍ ରହିଛି। ସେହି ରଙ୍ଗଗୁଡ଼ିକୁ ମସଲାର ରଙ୍ଗ ଅନୁଯାୟୀ ମିଳାଇ ସେଥିରେ ମିଶ୍ରଣ କରାଯାଉଛି, ଯାହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ନକଲି ଲଙ୍କାଗୁଣ୍ଡ ପ୍ରସ୍ତୁତବେଳେ ଶୁଖିଲା ଲଙ୍କା ୩୦% ଓ ଚାଉଳ ଗୁଣ୍ଡ ୭୦% ସହିତ ରାସାୟନିକ ରଙ୍ଗ ମିଶ୍ରଣ କରି ପେଷାଯାଉଛି। ସେହିପରି ନକଲି ହଳଦୀ, ଧନିଆ, ଜିରା, ବେସନ ଆଦି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ସେଗୁଡ଼ିକୁ ଓଜନ କରି ପ୍ୟାକିଂ କରାଯାଉଥିବା ଦେଖିବାକୁ ମିଳିଛି। ବିଶେଷକରି ରାସ୍ତାକଡ଼ରେ ଫାଷ୍ଟଫୁଡ୍ ବିକୁଥିବା ବ୍ୟବସାୟୀ ଏହି ସାମଗ୍ରୀଗୁଡ଼ିକୁ ଶସ୍ତାରେ କିଣିନେଉଛନ୍ତି। ସେହିପରି ବଜାର ଦରଠାରୁ କମ୍ ଦାମ୍‌ରେ ମିଳୁଥିବାରୁ ଲୋକମାନେ ମଧ୍ୟ ଆଗ୍ରହର ସହ ଏହାକୁ କିଣୁଛନ୍ତି। ଅପରପକ୍ଷରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ମହାପାତ୍ର କହିଛନ୍ତି, ଜବତ ସାମଗ୍ରୀର ନମୁନା ପରୀକ୍ଷା ପାଇଁ ଲାବରେଟୋରିକୁ ପଠାଯିବ। ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ପୂର୍ବରୁ କଟକ ସହରର ବିଭିନ୍ନ କାରଖାନା ଓ ଗୋଦାମରେ ଚଢ଼ାଉ କରାଯାଇ ନକଲି ମସଲା ଗୁଣ୍ଡ, ସିମେଣ୍ଟ, ଘିଅ, ଚା'ପତି ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ଅସାଧୁ ବ୍ୟବସାୟୀଙ୍କୁ ଗିରଫ କରି ଜେଲ୍ ପଠାଯାଇଛି। କଟକ ବଣିକ ସଂଘ ମଧ୍ୟ ଅପମିଶ୍ରଣକାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଏପରି କି ଅପମିଶ୍ରଣ ଧରାପଡ଼ିଲେ ମାଲଗୋଦାମରେ ବ୍ୟବସାୟ କରିପାରିବେ ନାହିଁ ବୋଲି ଚେତାବନୀ ଦିଆଯାଇଛି। ଏସବୁ ସତ୍ତ୍ୱେ କଟକରେ ନକଲି ଓ ଅପମିଶ୍ରଣ ସାମଗ୍ରୀ ପ୍ରସ୍ତୁତ ଉପରେ ରୋକ୍ ଲଗାଯାଇପାରୁନାହିଁ। ଏହାକୁ ଖାଇବା ଦ୍ୱାରା ଲୋକମାନେ ରୋଗର ଶିକାର ହେଉଥିବାବେଳେ ବ୍ୟବସାୟୀ ମାଲାମାଲ୍ ହେଉଛନ୍ତି। ତେଣୁ ଆଗାମୀ ଦିନରେ ଏଭଳି କାରବାର ରୋକିବାକୁ ସିଏମ୍‌ସି ଓ ପୋଲିସ ପ୍ରଶାସନ କିଭଳି ପନ୍ଥା ଆପଣାଉଛନ୍ତି ତାହାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି।


ଚଢାଉରେ ସାମିଲ ପୋଲିସ ଓ ଅନ୍ୟମାନେ।


ଜବତ ଅପମିଶ୍ରିତ ସାମଗ୍ରୀ ଓ ମେଶିନ।

# କେଦାରନାଥ ପର୍ବତରେ ଉଡ଼ିଲା ପତିତପାବନ ବାନା

ପୁରୀ, ୨୧।୭(ଅଜିତ ମହାନ୍ତି)

ଜୟ ଜଗନ୍ନାଥ ଧ୍ୱନୀରେ ଦେବଭୂମି ବାବା କେଦାରନାଥଙ୍କ ଧାମ ପ୍ରକମ୍ପିତ ହେଲା। କେଦାରନାଥଙ୍କ ପାବନକ୍ଷେତ୍ରରେ ପାହାଡ଼ ଶୀର୍ଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ବାନା ଉଡ଼ିଛି। ଏନେଇ ପୁରୀବାସୀ ଖୁସି ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ପୁରୀର କେତେଜଣ ଶ୍ରଦ୍ଧାଳୁ ସମ୍ପ୍ରତି କେଦାରନାଥଙ୍କ ଦର୍ଶନ ପାଇଁ ଯାଇଥିବାବେଳେ ସାଥିରେ ପତିତପାବନ ବାନା ନେଇଥିଲେ। କେଦାରନାଥଙ୍କ ଦର୍ଶନ କରିବା ପରେ ସେମାନେ ପତିତପାବନ ବାନାକୁ ଉକ୍ତ ପର୍ବତ ଶୀର୍ଷରେ ଉଡ଼ାଇ ଜଗତ ମଙ୍ଗଳ କାମନା କରିଛନ୍ତି। ଉକ୍ତ ପତିତପାବନ ବାନା କେଦାରନାଥଙ୍କ ମନ୍ଦିର ପଛ ପାର୍ଶ୍ୱରେ ଲଗାଯାଇଛି। ଏହା ଅତ୍ୟନ୍ତ ମନୋରମ ଦେଖାଯାଉଛି। ବାବା କେଦାରନାଥଙ୍କ ଦର୍ଶନ ପାଇଁ ଯାଉଥିବା ଜଗନ୍ନାଥପ୍ରେମୀମାନେ ଏହି ଦୃଶ୍ୟ ଦେଖି ଭାବବିହ୍ୱଳ ହେବା ସହ ପତିତପାବନ ବାନାକୁ ପ୍ରଣିପାତ କରୁଥିବା ଦେଖିବାକୁ ମିଳୁଛି।



# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ କୋର୍ଟ ଛୁଟି

କଟକ,୨୧।୭ (କାର୍ତ୍ତିକ ସାହୁ)

ଆସନ୍ତା ୨୬ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଉକ୍ତ ଦିନ ଓଡ଼ିଶା ହାଇକୋର୍ଟ ପକ୍ଷରୁ କୋର୍ଟ ଛୁଟି ଘୋଷଣା କରାଯାଇଛି। କଟକ ଜଜ୍‌ଶିପ୍ ମୁଖ୍ୟାଳୟର ସମସ୍ତ ସିଭିଲ ଓ କ୍ରିମିନାଲ କୋର୍ଟ ଛୁଟି ପାଇଁ ହାଇକୋର୍ଟ ରେଜିଷ୍ଟ୍ରାର(ଆଡ୍‌ମିନିଷ୍ଟ୍ରେଶନ)ଙ୍କ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏନେଇ କଟକ ଜିଲା ଓ ଦୌରାଜଜ୍, ରାଜ୍ୟ ସରକାରଙ୍କ ଗୃହ, ଆଇନ, ରାଜସ୍ୱ ବିଭାଗର ସଚିବ, କମିଶନରେଟ୍ ପୋଲିସକୁ ନକଲ ପ୍ରଦାନ କରି ଅବଗତ କରାଯାଇଥିବା ଜଣାପଡିଛି।

# ଭାଜପା ଏସ୍‌ଟି ମୋର୍ଚ୍ଚା ଜିଲା ସଭାପତି ଗିରଫ

ତାଳଚେର,(ମନୋଜ ନନ୍ଦ)/ ଅନୁଗୋଳ, ୨୧।୭ (ଅମିତ ସାମଲ)

ଅନୁଗୋଳ ଜିଲା ଭାଜପା ଏସ୍‌ଟି ମୋର୍ଚ୍ଚା ସଭାପତି ଅର୍ଜୁନ କିସ୍କୁଙ୍କୁ ତାଳଚେର ବିକ୍ରମପୁର ପୋଲିସ ଗିରଫ କରିଛି। ଗତ ଜୁନ ୧୨ରେ ଏଫ୍‌ସିଆଇ ମୁଣ୍ଡା ବଜାର ଠାରେ ପିଇବା ପାଣି ପାଇଁ ସହସ୍ରାଧିକ ଆଦିବାସୀ ଆନ୍ଦୋଳନ କରିଥିଲା ବେଳେ ଅର୍ଜୁନ ଏହାର ନେତୃତ୍ୱ ନେଇଥିଲେ। ବିକ୍ରମପୁର ପୋଲିସ ଗୁରୁବାର ରାତିରେ ତାଙ୍କୁ ଘରୁ ଉଠାଇ ଆଣିବା ସହ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ଅନ୍ୟ ୨୩ ଜଣଙ୍କ ନାମ ଏତଲାରେ ରଖିଛି। ଏହି ଘଟଣାକୁ ନେଇ ଜିଲା ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ଜିଲା ସଭାପତି ଡିଲେଶ୍ୱର ପ୍ରଧାନ ଏହାକୁ ନିନ୍ଦା କରିବା ସହ ଆଗାମୀ ଦିନରେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ବିକ୍ରମପୁର ଥାନା ଆଇଆଇସି ଦୀପିକାଦେବୀ ରାୟ କହିଛନ୍ତି, ଅର୍ଜୁନ କିସ୍କୁଙ୍କ ନାମରେ ମାମଲା ଥିବାରୁ ତାଙ୍କୁ ଗିରଫ କରାଯାଇଛି। ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ କହିଛନ୍ତି, ଘଟଣା ନେଇ ପ୍ରଶାସନ ନିକଟରେ ଖବର ନାହିଁ।



ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ ! ଆମେ ତାଙ୍କୁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟ ଲାଭ କରିବାକୁ। –ଶ୍ରୀମା



# ପ୍ରୋଟୋକଲ୍ ଉଲ୍ଲଂଘନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ଝାଡ଼ଖଣ୍ଡରେ ୨୦୦୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ କେ. ଶ୍ରୀନିବାସନଙ୍କ ସହ ଜଡ଼ିତ ମାମଲା ବାବୁ ପରିସରର ଧ୍ୟାନଆକର୍ଷଣ କରିଛି। ପ୍ରୋଟୋକଲ୍ ଉଲ୍ଲଂଘନ କରି ଦୁଇଥର କ୍ୟାବିନେଟ ନୋଟ୍‌ର ବିଷୟବସ୍ତୁକୁ ଟ୍ୟାମ୍ପରିଂ ବା ଏପାଖସେପାଖ କରିବା ଘଟଣା ପାଇଁ ଶ୍ରୀନିବାସନଙ୍କୁ ରାଜ୍ୟ ସରକାର ୪ଟି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସୂତ୍ରରୁ ଜଣାପଡ଼ିଛି, ଉକ୍ତ ଅନୁମୋଦିତ କ୍ୟାବିନେଟ ନୋଟ୍‌ରେ ୬ଟି ଏକଲବ୍ୟ ବିଦ୍ୟାଳୟ ପାଇଁ କାର୍ଯ୍ୟର ସମ୍ପ୍ରସାରଣ ବିଷୟ ଦର୍ଶାଯାଇଥିଲା। ଅବଶ୍ୟ ଶ୍ରୀନିବାସନ ଯଥୋଚିତ ଅନୁମତି ବିନା ନୋଟ୍‌ରେ ଦୁଇଟି ଅତିରିକ୍ତ ବାକ୍ୟ ଯୋଡ଼ିଥିଲେ, ଯାହା ଅର୍ଥ ଯୋଗାଣର ଧାରାକୁ ପ୍ରଭାବିତ କରିବା ସହ ଆର୍ଥିକ ଅପବ୍ୟବହାରର ସନ୍ଦେହ ସୃଷ୍ଟି କରିଛି। ଆହୁରି ମଧ୍ୟ ସୂତ୍ରରୁ ପ୍ରକାଶ ଯେ, କାରଣଦର୍ଶାଅ ନୋଟିସର ଜବାବ ନ ଦେବାରୁ ଶ୍ରୀନିବାସନଙ୍କୁ ପଦବୀରୁ ହଟାଇ ଦିଆଯାଇଛି ଏବଂ ବର୍ତ୍ତମାନ ସେ ନିଯୁକ୍ତି ଅପେକ୍ଷାରେ ଅଛନ୍ତି। ବରିଷ୍ଠ ବାବୁମାନଙ୍କ ମତରେ, ସରକାର ନେଉଥିବା ନିଷ୍ପତ୍ତି ନିର୍ଦ୍ଧାରିତ ପ୍ରକ୍ରିୟା ଏବଂ ପ୍ରୋଟୋକଲ୍‌ଗୁଡ଼ିକୁ ପାଳନ କରେ। ଏହି ପରିପ୍ରେକ୍ଷୀରେ ଆବଶ୍ୟକ ଅନୁମୋଦନ ବିନା ଦୁଇଥର ଦୁଇଟି ବାକ୍ୟ ଯୋଗ କରିବା ହେଉଛି ଶାସନ କାର୍ଯ୍ୟର ଏକ ଗୁରୁତର ବିଚ୍ୟୁତି। କ୍ୟାବିନେଟ ନୋଟ୍‌ରେ ଟ୍ୟାମ୍ପରିଂ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ଯଦିଓ ଏହା ତୁରନ୍ତ ଲକ୍ଷ୍ୟ କରାଯାଇଥିଲା ଏବଂ ଉକ୍ତ ପ୍ରସଙ୍ଗ ବିଭିନ୍ନ ସ୍ତରରେ ଉଠାଯାଇଥିଲା, ଭବିଷ୍ୟତରେ ଏଭଳି ଘଟଣାକୁ ରୋକିବା ସହ ପ୍ରକ୍ରିୟାର ସମୀକ୍ଷା କରିବା ପାଇଁ ଝାଡ଼ଖଣ୍ଡ ସରକାରଙ୍କ ସକାଶେ ଉକ୍ତ ମାମଲା ଏକ ଜାଗ୍ରତ ଆହ୍ୱାନ।

### ଇଡି ଅଧ୍ୟାୟ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିର୍ଦ୍ଦେଶକ ସଞ୍ଜୟ ମିଶ୍ରଙ୍କ ତୃତୀୟ ସମ୍ପ୍ରସାରଣକୁ ବେଆଇନ ବୋଲି କହିବା ଏବଂ ତାଙ୍କ କାର୍ଯ୍ୟକାଳକୁ ଚଳିତ ମାସର ଶେଷ ଦିନ ପର୍ଯ୍ୟନ୍ତ ସ୍ଥିର କରିବା ସୁପ୍ରିମକୋର୍ଟଙ୍କ ପାଇଁ ଏକ କଷ୍ଟସାଧ୍ୟ ନିଷ୍ପତ୍ତି ଥିଲା। ମିଶ୍ରଙ୍କର ତୃତୀୟ ସମ୍ପ୍ରସାରଣ ପରେ ଇଡି ମୁଖ୍ୟ ଭାବରେ ସେ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ)ର କାର୍ଯ୍ୟକ୍ରମକୁ ଅତିକ୍ରମ କରି ଇଡିର ପ୍ରଭାବକୁ ବଢ଼ାଇ ଦେଇଛନ୍ତି ଏବଂ ସରକାରଙ୍କ କ୍ଷମତା ବୃଦ୍ଧି କରିବାରେ ଏହାକୁ ଏକ ରଣନୀତିକ ଶକ୍ତି ବା ସଂସ୍ଥା ଭାବରେ ସ୍ଥାନିତ କରିଛନ୍ତି। ବର୍ତ୍ତମାନ ଆଗକୁ ଦେଖିଲେ ତାଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଛି। ସୂତ୍ରରୁ ପ୍ରକାଶ, ଉତ୍ତର-ପୂର୍ବ କିମ୍ବା ଦକ୍ଷିଣରେ କୌଣସି ରାଜ୍ୟର ରାଜ୍ୟପାଳ ହେବା, ବ୍ରିଟେନରେ ଭାରତର ହାଇକମିଶନର କିମ୍ବା କେନ୍ଦ୍ରମନ୍ତ୍ରୀ ଭାବରେ ନିଯୁକ୍ତ ହେବା ନେଇ ଆଲୋଚନା ଚାଲିଛି । ଏହା ବ୍ୟତୀତ ମିଶ୍ରଙ୍କ ଉତ୍ତରାଧିକାରୀଙ୍କ ପାଇଁ ଅନେକ ନାମ ବି ବିଚାରକୁ ନିଆଯାଉଛି। ନିକଟରେ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ସଦସ୍ୟ ଭାବେ ନିଯୁକ୍ତ ପ୍ରବୀଣ କୁମାର ଏହି ପଦବୀ ପାଇଁ ଜଣେ ଆଗଧାଡ଼ିର ପ୍ରାର୍ଥୀ ହୋଇଥିବା କୁହାଯାଉଛି। ଫାଇନାନ୍ସିଆଲ ଇଣ୍ଟେଲିଜେନ୍ସ ୟୁନିଟ୍‌ର ପୂର୍ବତନ ନିର୍ଦ୍ଦେଶକ ତଥା ଜଣେ ସଚିବସ୍ତରୀୟ ଅଧିକାରୀ ପଙ୍କଜ କୁମାର ମିଶ୍ର ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାବେଳେ ଇଡିରେ ପୂର୍ବତନ ମୁଖ୍ୟ ନିର୍ଦ୍ଦେଶକ ସୀମାଞ୍ଚଳ ଦାଶ ମଧ୍ୟ ସମ୍ଭାବ୍ୟ ପ୍ରାର୍ଥୀ ଭାବରେ ଉଭା ହୋଇଛନ୍ତି। ଏହି ଦୌଡ଼ରେ ଏସ୍‌ଏସ୍‌ବିର ଅନ୍ୟ ଜଣେ ଅତ୍ୟନ୍ତ ବିଶ୍ୱସ୍ତ ମହିଳା ଅଧିକାରୀ ବି ଅଛନ୍ତି। ପରବର୍ତ୍ତୀ ଇଡି ମୁଖ୍ୟ ଭାବରେ ଜଣେ ଆଇଏଏସ୍ ଅଧିକାରୀ ନିଯୁକ୍ତ ହୋଇପାରନ୍ତି। ମିଶ୍ରଙ୍କ ଉତ୍ତରାଧିକାରୀ ଯିଏ ହୁଅନ୍ତୁନା କାହିଁକି, ବରିଷ୍ଠ ବାବୁମାନେ ଏକମତ ଯେ ତାଙ୍କ ଭଳି ଦାୟିତ୍ୱ ତୁଲାଇବା କଷ୍ଟକର ହେବ।

### ସତର୍କ ଘଣ୍ଟି

ଅବସରପ୍ରାପ୍ତ ବାବୁମାନଙ୍କୁ ଗୋପନୀୟ ତଥ୍ୟ ପ୍ରକାଶ ନ କରିବା ପାଇଁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) କଠୋର ପଦକ୍ଷେପ ଗ୍ରହଣ କରିଛି। ବାବୁମାନଙ୍କ ଏଭଳି କାର୍ଯ୍ୟ ଜାତୀୟ ସୁରକ୍ଷା ଓ ଗଣତାନ୍ତ୍ରିକ ସିଦ୍ଧାନ୍ତଗୁଡ଼ିକ ମଧ୍ୟରେ ଥିବା ସମନ୍ୱୟ ଉପରେ ପ୍ରଶ୍ନ ଉଠାଇଛି। ଅବସରପ୍ରାପ୍ତ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଏସ୍ ଅଧିକାରୀମାନେ ସେମାନଙ୍କ ପୁସ୍ତକରେ ଗୁପ୍ତ ତଥା ସମ୍ବେଦନଶୀଳ ତଥ୍ୟ ପ୍ରକାଶ କରୁଛନ୍ତି। ଏହିସବୁ ତଥ୍ୟର ରହସ୍ୟ ଥିବା କାରଣରୁ କିମ୍ବା କୁଶାସନ ବା ତ୍ରୁଟି ପ୍ରକାଶ କରି ସରକାରଙ୍କୁ ଲଜ୍ଜିତ କରିବାକୁ ଏହା ପ୍ରକାଶ କରାଯାଉଛି। କ୍ଷମତାରେ ଥିବା ବ୍ୟକ୍ତିଙ୍କ ପାଇଁ ଏହି ଅଭ୍ୟାସକୁ ରୋକିବାର ଆବଶ୍ୟକତା ରହିଛି। ତେବେ ଅଲ୍ ଇଣ୍ଡିଆ ସର୍ଭିସେସ (ମୃତ୍ୟୁ-ସହ-ଅବସର-ଲାଭ) ସଂଶୋଧିତ ଆଇନ, ୨୦୨୩ ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ଗମ୍ଭୀର ଚିନ୍ତା ଉଦ୍ରେକ କରିଛି। ସଂଶୋଧିତ ନିୟମଗୁଡ଼ିକ ଗୁରୁତର ଅପରାଧରେ ଦଣ୍ଡିତ ହେବା କିମ୍ବା ଅବସର ପରେ ଅସଦାଚରଣରେ ଦୋଷୀ ସାବ୍ୟସ୍ତ ହୋଇଥିବା ପେନ୍‌ସନଭୋଗୀଙ୍କ ପେନ୍‌ସନ ସ୍ଥଗିତ ରଖିବା ପାଇଁ କେନ୍ଦ୍ର ସରକାରଙ୍କୁ କ୍ଷମତା ପ୍ରଦାନ କରିଥାଏ। ଏଥିସହ ଅବସରପ୍ରାପ୍ତ ଅଧିକାରୀମାନେ ଯେଉଁମାନେ ଗୁପ୍ତଚର ବିଭାଗରେ କାର୍ଯ୍ୟ କରିଛନ୍ତି ସେମାନେ ବର୍ତ୍ତମାନ କୌଣସି ସୂଚନା ପ୍ରକାଶ କରିବା ପୂର୍ବରୁ ଅନୁମତି ନେବାକୁ ପଡ଼ିବ। ପ୍ରଶ୍ନ ହେଉଛି, ସରକାର କିପରି ଅପରାଧର ଗମ୍ଭୀରତା ନିର୍ଣ୍ଣୟ କରିବାକୁ ପ୍ରସ୍ତାବ ଦେଇଛନ୍ତି, ତାହା ସ୍ପଷ୍ଟ ହେଉନାହିଁ। ତେବେ ଏହି ନୂଆ ନିୟମଗୁଡ଼ିକର ବହି ଲେଖି ସରକାରଙ୍କୁ ସମାଲୋଚନା କରୁଥିବା ବାବୁମାନଙ୍କ ପାଇଁ ଏକ ସତର୍କ ଘଣ୍ଟି। ସେମାନଙ୍କୁ ନିୟମ ଅନୁସାରେ କାମ କରିବାକୁ ହେବ, ନଚେତ ସେମାନଙ୍କ ଅସନ୍ତୋଷ ପାଇଁ ମୂଲ୍ୟ ଦେବାକୁ ପଡ଼ିବ।

Email: dilipcherian@gmail.com

# ଏକକ ଦେୱାନୀ ସଂହିତା ଲାଗୁହେବ କି



ଅନିଲ ବିଶ୍ୱାଳ

୨୨ତମ ବିଧି ଆୟୋଗ ଏବେ ଦେଶରେ ସମାନ ନାଗରିକ ଆଇନ ବା ଏକକ ଦେୱାନୀ ସଂହିତା ଲାଗୁହେବା ନେଇ ସମସ୍ତଙ୍କର ମତାମତ ଲୋଡ଼ିଛନ୍ତି। ଏହା ପୂର୍ବରୁ ୨୦୨୧ରେ ସମାନ ଦେୱାନୀ ସଂହିତାକୁ ନେଇ ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇ କହିଥିଲେ, ଦେଶରେ ଏହାର ଆବଶ୍ୟକତା ରହିଛି ଓ ଏହାକୁ ଲାଗୁ କରିବା ନେଇ ଆଉ ବିଳମ୍ବ ନ କରିବା ଉଚିତ। ଭାରତୀୟ ସମାଜରେ ଜାତି, ଧର୍ମ ଓ ସମୁଦାୟ ସହିତ ଜଡ଼ିତ ଥିବା ବିଭିନ୍ନ ଫରକ ଶେଷ ହେବାକୁ ଯାଉଛି। କିନ୍ତୁ କିଛି ଆଇନ ଏପରି ବିଭେଦକୁ ଶେଷ କରିବା ପାଇଁ ଦେଉନାହିଁ ବୋଲି ହାଇକୋର୍ଟ କହିଥିଲେ। ସମାନ ଦେୱାନୀ ସଂହିତା ଲାଗୁ ହୋଇ ନ ଥିବା କାରଣରୁ ମହିଳାଙ୍କ ପ୍ରତି ଅନ୍ୟାୟ, ଛାଡ଼ପତ୍ର, ସମ୍ପତ୍ତିରେ ପିଲାମାନଙ୍କର ଅଧିକାର ନେଇ ସମସ୍ୟା ହେଉଛି। ଆଗରୁ ଅନେକ ଥର ସୁପ୍ରିମକୋର୍ଟ, ବିଭିନ୍ନ ରାଜ୍ୟର ହାଇକୋର୍ଟମାନେ ସମାନ ଦେୱାନୀ ସଂହିତା ଲାଗୁ କରିବା ସପକ୍ଷରେ ମତ ଦେଇଛନ୍ତି। ଏହାର ଲାଗୁ ସପକ୍ଷରେ ଯେଉଁମାନେ ଅଛନ୍ତି ସେମାନେ କୁହନ୍ତି, ଦେଶର ଏକତା, ଧର୍ମନିରପେକ୍ଷତା, ମହିଳା ସଶକ୍ତୀକରଣ, ଲିଙ୍ଗଗତ ସମାନତା ଦୃଷ୍ଟିରୁ ଏହା ଲାଗୁ ହେବାର ଆବଶ୍ୟକତା ରହିଛି। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନଙ୍କର କହିବା କଥା ହେଉଛି ଏହା ଲାଗୁ ହେଲେ ସେମାନଙ୍କର ଧର୍ମୀୟ ସ୍ୱାଧୀନତା କ୍ଷୁଣ୍ଣ ହେବ। ୨୧ତମ ବିଧି ଆୟୋଗ ମଧ୍ୟ ଏଭଳି ସମାନ ଢଙ୍ଗରେ ଏକ ପ୍ରକ୍ରିୟା ଆରମ୍ଭ କରିଥିଲା। ୨୦୧୮ରେ ପ୍ରକାଶିତ ଏହାର ରିପୋର୍ଟରେ ଯଦିଓ ସମାନ ଦେୱାନୀ ସଂହିତାର ଆବଶ୍ୟକତା ନାହିଁ ବୋଲି ବିଧି ଆୟୋଗ କହିଥିଲେ କିନ୍ତୁ ବିଭିନ୍ନ ପର୍ସନାଲ ଲ'ରେ ଥିବା ଅସଙ୍ଗତି, କୁସଂସ୍କାର, ଲିଙ୍ଗଗତ ତାରତମ୍ୟକୁ ସଂଶୋଧନ କରିବା ନେଇ ସୁପାରିସ କରିଥିଲେ। ଇତିମଧ୍ୟରେ ୪ ବର୍ଷରୁ ଅଧିକ ସମୟ ବିତିଗଲାଣି କିନ୍ତୁ କୌଣସି ପର୍ସନାଲ ଲ'ରେ ସେଭଳି କିଛି ସଂଶୋଧନ ହୋଇପାରିଲା ନାହିଁ ; ଯାହା ଏବେ ପୁଣି ସମାନ ଦେୱାନୀ ଆଇନ ଲାଗୁକରିବା ପାଇଁ ଆଲୋଚନା କରିବା ଲାଗି ବାଧ୍ୟ କରିଛି।

ଦେଶରେ ନାଗରିକମାନଙ୍କ ପାଇଁ ଯେଉଁ ଆଇନ ବ୍ୟବସ୍ଥା ଅଛି ତାହା ଦୁଇଭାଗରେ ବିଭକ୍ତ। ଗୋଟିଏ ହେଲା ଆପରାଧିକ ଆଇନ, ଯାହା ସମସ୍ତଙ୍କ ପାଇଁ ସମାନ। ଅନ୍ୟଟି ହେଲା ବିବାହ, ଛାଡ଼ପତ୍ର, ରକ୍ଷଣାବେକ୍ଷଣ, ପୋଷ୍ୟ ସନ୍ତାନ, ସମ୍ପତ୍ତିରେ ଅଧିକାର ଭଳି ସିଭିଲ ମାମଲା, ଯେଉଁଥିରେ ଦେଶରେ ବିଭିନ୍ନ ଧର୍ମୀୟ ସମ୍ପ୍ରଦାୟଙ୍କ ପାଇଁ ଅଲଗା ଅଲଗା ନିୟମ ରହିଛି। ସମାନ ଦେୱାନୀ ସଂହିତାର ଅର୍ଥ ହେଉଛି, ଦେଶର ବିଭିନ୍ନ ସମ୍ପ୍ରଦାୟ ଭିତରେ ଥିବା ଅଲଗା ଅଲଗା ଆଇନ ପରିବର୍ତ୍ତେ ସମସ୍ତ ନାଗରିକଙ୍କ ପାଇଁ ଗୋଟିଏ ଆଇନ। ଭାରତ ହେଉଛି ବିଶ୍ୱରେ ସବୁଠାରୁ ବଡ଼ ଗଣତନ୍ତ୍ର। କିନ୍ତୁ ନିଜର ସ୍ୱତନ୍ତ୍ର ସମ୍ବିଧାନ ହେବାର ୭୩ ବର୍ଷ





ପରେ ବି ଆମେ 'ସମସ୍ତ ନାଗରିକଙ୍କ ପାଇଁ ସମାନ ନିୟମ' ଏପରି କଥା ସୁନିଶ୍ଚିତ କରିପାରିନେ। 'ଗୋଟିଏ ଦେଶ ଗୋଟିଏ ଆଇନ' ହେଉଛି ଯେ କୌଣସି ଦେଶର ପ୍ରଥମ ଭିତ୍ତିଭୂମି। ସମ୍ବିଧାନ ଅନୁସାରେ ଦେଶ ଚାଲିବା ଉଚିତ। ଗର୍ବ କରୁଛେ ଯେ ଆମ ଦେଶ ହେଉଛି ପନ୍ଥ ନିରପେକ୍ଷ ଦେଶ କିନ୍ତୁ ରିଲିଜିଅନ ଆଧାରରେ ଥିବା ଅଲଗା ଅଲଗା ଆଇନକୁ ପାଳନ କରୁଛେ। ସମ୍ବିଧାନର ଧାରା ୧୪ରେ ଆମେ କହୁଛେ ଆଇନ ଆଗରେ ସମସ୍ତେ ସମାନ କିନ୍ତୁ ସମସ୍ତଙ୍କ ପାଇଁ ସମାନ ଆଇନ ଆମେ କରିପାରିନେ। ସେହିଭଳି ସମାନ ଦେୱାନୀ ସଂହିତା ଲାଗୁ ନ ହେବା ସମ୍ବିଧାନର ଧାରା ୧୫ ଓ ୨୧କୁ ମଧ୍ୟ ବିରୁଦ୍ଧାଚରଣ କରୁଛି। ଲିଙ୍ଗଗତ ସମାନତା, ମହିଳାଙ୍କ ସଶକ୍ତୀକରଣ କଥା କହୁଛେ କିନ୍ତୁ ପରିବାରରେ ମହିଳାଙ୍କ ସାମାଜିକ ଅଧିକାର, ସମ୍ପତ୍ତିରେ ଅଧିକାର, ଛାଡ଼ପତ୍ର ଆଦି ଅନେକ କ୍ଷେତ୍ରରେ ବିଭିନ୍ନ 'ପର୍ସନାଲ ଲ' ନାଁରେ ବଞ୍ଚିତ କରୁଛେ।

୧୯୮୫ରେ ଶାହାବାନୋ ମାମଲାରେ ସୁପ୍ରିମକୋର୍ଟ ଯେଉଁ ବହୁ ଚର୍ଚ୍ଚିତ ରାୟ ଦେଇଥିଲେ ତାହା ସେତେବେଳେ ଦେଶରେ ସମାନ ଦେୱାନୀ ସଂହିତା ଲାଗୁ କରିବା ନେଇ ବାଟ ଫିଟିଥିଲା। ଯଦି ସେତେବେଳର ସରକାର ସୁପ୍ରିମକୋର୍ଟଙ୍କ ରାୟକୁ ଅକାମୀ କରିବା ପାଇଁ ସଂସଦରେ ଆଇନ ଆଣି ନ ଥାନ୍ତେ ହୁଏତ ଏତେବେଳକୁ ଭାରତରେ ସମାନ ଦେୱାନୀ ଆଇନ ଲାଗୁ ହୋଇସାରନ୍ତାଣି। ଯେତେବେଳେ ଦେଶର ସମ୍ବିଧାନ ପ୍ରସ୍ତୁତ ହେଲା ସମ୍ବିଧାନ ସଭାରେ ସମାନ ଦେୱାନୀ ସଂହିତାକୁ ଲାଗୁ କରିବା ନେଇ ଯଦିଓ ବାବା ସାହେବ ଆମ୍ବେଦକର, କେଏମ୍ ମୁନ୍‌ସି, କ୍ରିଷ୍ଣା ଆୟାର ସମାନ ଦେୱାନୀ ସଂହିତା ସପକ୍ଷରେ ଥିଲେ କିନ୍ତୁ କିଛି ସଦସ୍ୟ ଏହାକୁ ବିରୋଧ କରିବା କାରଣରୁ ସହମତି ହୋଇପାରିଲା ନାହିଁ। ଶେଷରେ ନିଷ୍ପତ୍ତି ହୋଇଥିଲା କି ବର୍ତ୍ତମାନ ଅଲଗା ଅଲଗା ନିୟମ ଥାଉ, କିନ୍ତୁ ଭବିଷ୍ୟତରେ ସମାନ ଦେୱାନୀ ସଂହିତା ଲାଗୁ କରାଯିବ। ଆମ୍ବେଦକରଙ୍କ ଆଇନ ମନ୍ତ୍ରିତ୍ୱ ସମୟରେ ସେ ଏହାକୁ ଲାଗୁ କରିବା ପାଇଁ ପ୍ରୟାସ କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୪୪ ଓ ବାବା ସାହେବ ଯେଉଁ ଅପେକ୍ଷା ଦେଶର ପରବର୍ତ୍ତୀ ପିଢ଼ି ଉପରେ ରଖିଥିଲେ ତାହା ଆଜି ଯାଏ ଅଧୁରା ହୋଇ ରହିଗଲା। ସେତେବେଳର ମହିଳା ସାଂସଦ ତଥା ଭାରତର ପ୍ରଥମ ସ୍ୱାସ୍ଥ୍ୟମନ୍ତ୍ରୀ ଅମ୍ରିତା କାଉର କହିଥିଲେ ଯେ ସମାନ ଦେୱାନୀ ସଂହିତା ଲାଗୁ ନ ହୋଇ ପାରିବାର ଅର୍ଥ ହେଉଛି ପୁରୁଷପ୍ରଧାନ ସମାଜରେ ମହିଳାଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଭାରତ ବିଫଳ।

ସମସ୍ୟା କେଉଁଠି ଅଛି? କାହିଁକି ଦେଶରେ ସମାନ ଦେୱାନୀ ସଂହିତା ଲାଗୁ ହୋଇପାରିନାହିଁ? ଯେତେବେଳେ ବି ଦେଶରେ ନାଗରିକ ସଂହିତା ଲାଗୁକରିବା କଥା ଆସିଛି ଏହାକୁ ବିରୋଧ କରାଯାଇଛି। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନେ ଜାଣିବା ଉଚିତ ଯେ ସମାନ ଦେୱାନି ସଂହିତାରେ ଦେଶରେ ଥିବା ସମସ୍ତ ପ୍ରକାରର 'ପର୍ସନାଲ ଲ'କୁ ଧ୍ୟାନରେ ରଖି, ସେଥିରେ ସୁଧାର ଆଣି, ସମସ୍ତଙ୍କର ଗ୍ରହଣଯୋଗ୍ୟ ହେଲା ଭଳି ନିୟମ ପ୍ରଣୟନ ହେବ। ୧୯୮୫ ଓ ୨୦୧୭ରେ ସୁପ୍ରିମକୋର୍ଟ ଟ୍ରିପଲ ତଲାକକୁ ବେଆଇନ ଘୋଷଣା କରିଥିଲେ ; ଯାହା 'ମୁସଲିମ ପର୍ସନାଲ ଲ' ଅନୁସାରେ ବୈଧ ଥିଲା। ୨୦୦୩ରେ ଫାଦର ଜନ୍ ଭାଲାମୋତମଙ୍କ ମାମଲାରେ ଯେତେବେଳେ ସୁପ୍ରିମକୋର୍ଟ ସମାନ ଦେୱାନୀ ସଂହିତା କଥା ଉଲ୍ଲେଖ କରିଥିଲେ ସେତେବେଳେ ଖ୍ରୀଷ୍ଟିଆନମାନଙ୍କର ଉତ୍ତରାଧିକାରର ଏକ ନିୟମକୁ ଅସାମ୍ବିଧାନିକ କହିଥିଲେ। ନିକଟରେ ଜୁଲାଇ ୭, ୨୦୨୧ରେ ଦିଲ୍ଲୀ ହାଇକୋର୍ଟ ଯେଉଁ ମାମଲାରେ ସମାନ ଦେୱାନୀ ସଂହିତାର ଆବଶ୍ୟକତା କଥା କହିଛନ୍ତି ତାହା ଏକ ହିନ୍ଦୁ ବିବାହକୁ ନେଇ। ତେଣୁ କଥା ଧର୍ମୀୟ ଅଧିକାରର ନୁହେଁ, ବରଂ ଏହା ହେଉଛି ଲିଙ୍ଗଗତ ସମାନତାର, ମହିଳା ସଶକ୍ତୀକରଣ, ମହିଳାମାନଙ୍କର ସମ୍ମାନ ଓ ଅଧିକାରର।

'ସମାନ ଦେୱାନୀ ସଂହିତା' ଏପରି ଏକ ପ୍ରସଙ୍ଗ ନୁହେଁ ଯେ, ଯାହାକୁ ସଂସଦରେ ସଂଖ୍ୟା ଅଛି ବୋଲି ପାରିତ କରାଇ ଲାଗୁ କରିହେବ। ଏହାକୁ ଲୋକମାନଙ୍କ ସହମତିରେ ହିଁ ଲାଗୁ କରାଯିବାର ପ୍ରାସଙ୍ଗିକତା ରହିଛି। ବିତର୍କ ହେଉ, ଆଲୋଚନା ହେଉ। ବିଭିନ୍ନ ସମୟରେ ଅଦାଲତମାନେ ଏହାକୁ ଲାଗୁ କରିବା ନେଇ ସପକ୍ଷରେ କହିଛନ୍ତି। ସମାଜର ସବୁ ବର୍ଗର ମତାମତ ନିଆଯାଇ ସରକାର ଏହା ଉପରେ ଆବଶ୍ୟକ ସଂଶୋଧନ କରି ଏହାକୁ ଲାଗୁ କରିପାରନ୍ତି।

**ହରିରାଜପୁର, ପୁରୀ**
**ମୋ:୯୪୩୮୫୭୯୨୯୦**

# ପରିବା ଦର ବୃଦ୍ଧିର କାରଣ



ପ୍ରମୋଦ କୁମାର ପଣ୍ଡା

ଓଡ଼ିଶା ୧୫.୫ ନିୟୁତ ହେକ୍ଟର କ୍ଷେତ୍ରଫଳ ଥିବା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ। ସମଗ୍ର ଦେଶରେ ହାରାହାରି ବାର୍ଷିକ ବୃଷ୍ଟିପାତ ୧୨୦୦ ମିଲିମିଟର ହେଉଥିବା ବେଳେ ଓଡ଼ିଶାରେ ୧୫୦୦ ମିଲିମିଟର ହୁଏ। ଦେଶରେ ୮ ପ୍ରକାର ମୃତ୍ତିକା ଥିବାବେଳେ ଓଡ଼ିଶାରେ ମଧ୍ୟ ଆଠ ପ୍ରକାର ମୃତ୍ତିକା ଅଛି। ଦେଶରେ ୧୫ ପ୍ରକାର କୃଷି ଜଳବାୟୁ କ୍ଷେତ୍ର ଥିବାବେଳେ ଆମ ପାଖରେ ଅଛି ୧୦ ପ୍ରକାର। ନାନାବିଧ ବିବିଧତା ବୋଧହୁଏ ଆମକୁ ଦେଶର ସବୁଠୁ ଅଧିକ ପ୍ରକାର ପନିପରିବା ଚାଷ କରିବା ପାଇଁ ସୁଯୋଗ ଦେଇଛି। ରାଜ୍ୟରେ ମଧ୍ୟ ଏସବୁର ଚାଷ କରାଯାଉଥିଲା କିଛି ବର୍ଷ ପୂର୍ବେ। ମାତ୍ର ଦୁଃଖର କଥା, ସବୁଠୁ ଅଧିକ ପ୍ରକାର ପନିପରିବା ହୋଇପାରୁଥିବା ରାଜ୍ୟରେ ପରିବାର ଆକାଶଛୁଆଁ ଦାମ ସହଜରେ ହଜମ ହେଉନାହିଁ। ଏହା କାହିଁକି ଘଟିଲା ଆମକୁ ବୈଜ୍ଞାନିକ ତର୍ଜମା କରିବାକୁ ହେବ।

ପନିପରିବା ଦରଦାମକୁ ନେଇ ରେକର୍ଡ ପରେ ରେକର୍ଡ କରିଚାଲିଛି ୨୦୨୩ । ଏ ବର୍ଷ ଅଦା କିଲୋ ପିଛା ୨୮୦ ଟଙ୍କାରେ ପହଞ୍ଚିଥିବା ବେଳେ ଟମାଟୋ ୧୪୦ ଟଙ୍କା, ବିନ୍ ୨୨୦ ଟଙ୍କାରେ ପହଞ୍ଚିଛି। ଏହା କାହିଁକି ଘଟିଛି ଆସନ୍ତୁ ତର୍ଜମା କରିବା। ଓଡ଼ିଶାର ଜନସଂଖ୍ୟା ୪.୮୦ କୋଟି। ଏତେସଂଖ୍ୟକ ଲୋକଙ୍କ ପାଇଁ ପ୍ରଚୁର ପନିପରିବା ଆବଶ୍ୟକ। ଓଡ଼ିଶାର ଚାଷୀ ଭାଇ ଭଉଣୀ ସାଧାରଣତଃ ଶୀତଦିନରେ ଅଧିକ ପନିପରିବା ଚାଷ କରନ୍ତି। ଅତ୍ୟଧିକ ଉତ୍ପାଦନ ହେତୁ ଓ ରପ୍ତାନି ଅଭାବରୁ ଚାଷୀଭାଇ ଅଭାବୀ ବିକ୍ରି ବା କମ୍ ଦାମରେ ବିକ୍ରି କରିବାକୁ ବାଧ୍ୟ ହୁଅନ୍ତି। ଯଦିଓ ବର୍ଷାଦିନେ କିମ୍ବା ଶୀତଦିନେ ପରିବା ଚାହିଦା ସମାନ ଥାଏ, ମାତ୍ର ଅଧିକାଂଶ ଚାଷୀ ବର୍ଷାଦିନେ ପରିବା ଚାଷ କରିବାକୁ ଆଗ୍ରହ ଦେଖାନ୍ତି ନାହିଁ। କାରଣ ଚାଷୀମାନେ ମଧ୍ୟମ ଖାଲୁଆ ଜମିରେ ପନିପରିବା ଚାଷ କରନ୍ତି, ଯାହାକି ମାତ୍ରାଧିକ ବର୍ଷା କିମ୍ବା ବନ୍ୟାରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୁଏ। ଯେଉଁ ଡିପଜମି କିମ୍ବା ପାହାଡ଼ିଆ ଜମି ଅଛି ଯାହାକି ବର୍ଷାଦିନେ ପନିପରିବା ପାଇଁ ଉପଯୁକ୍ତ, ମାତ୍ର ଜଳସେଚନ ସୁବିଧା ନ ଥିବାରୁ କିମ୍ବା ଲୋକଙ୍କ ଆଗ୍ରହ ଅଭାବରୁ ସେ ସବୁ ଜମିରେ ପନିପରିବା ଚାଷ ହୋଇପାରୁନାହିଁ। ପୂର୍ବରୁ ଏପରି ନ ଥିଲା। ଯଦିଓ ଲୋକେ ବେଶି ରପ୍ତାନି କରୁ ନ ଥିଲେ, ମାତ୍ର ନିଜ ପରିବାର ଚଳିବା ମୁତାବକ ପନିପରିବା ନିଜ ବାଡ଼ିରେ ନିଶ୍ଚୟ ଉତ୍ପନ୍ନ କରୁଥିଲେ। ବର୍ଷାଦିନେ ଗ୍ରାମର ସମସ୍ତଙ୍କ ବାଡ଼ିରେ ଜହ୍ନି, ଭେଣ୍ଡି, ବାଇଗଣ, ପୋଇ, ଶାଗ ପ୍ରଭୃତି ଚାଷ କରାଯାଉଥିଲା। ଆଜି ଭଳି ଲୋକମାନଙ୍କର ନିଜେ ନ କରି ବଜାରରୁ କିଣି ଖାଇବା ମାନସିକତା ବିକଶିତ ହୋଇ ନ ଥିଲା। ସେତେବେଳେ ସରକାରଙ୍କ ପାଖରେ ପ୍ରଚୁର ପଇସା ମହଜୁଦ ନ ଥିଲା ମାଗଣା ଜିନିଷ ବାଣ୍ଟିବା ପାଇଁ। ଲୋକଙ୍କ ଆର୍ଥିକ ସ୍ଥିତି ମଧ୍ୟ ସ୍ୱଚ୍ଛଳ ନ ଥିଲା ସବୁ ଜିନିଷ ବଜାରରୁ କିଣି ଖାଇବା ପାଇଁ। ବାଡ଼ି ଘରୁ ସବୁ ପ୍ରକାର ପନିପରିବା, ଶାଗ ମୁଗ ମିଳୁଥିଲା। ଧନ୍ୟବାଦ ଦେବାକୁ ପଡ଼ିବ ପଡ଼ୋଶୀ ରାଜ୍ୟଗୁଡ଼ିକୁ, କାରଣ ସେମାନଙ୍କ କୃଷକ ପରିଶ୍ରମ କରି ଆଳୁ, ପିଆଜ, ରସୁଣ ଓ ଅନ୍ୟାନ୍ୟ ସାମଗ୍ରୀ ଉତ୍ପାଦନ କରୁଛନ୍ତି ବୋଲି ଆମକୁ ଖାଇବାକୁ ମିଳୁଛି। ସେମାନେ ଯଦି ତାଙ୍କ ଆବଶ୍ୟକତା ମୁତାବକ ଉତ୍ପାଦନ କରି ବଳକା ଉତ୍ପାଦନ ନ କରନ୍ତେ, ତା' ହେଲେ ଆମକୁ ବିଦେଶରୁ



ଆମଦାନୀ କରି ଖାଇବାକୁ ପଡୁଥାନ୍ତା। ସେ ଯାହା ହେଉ ବର୍ତ୍ତମାନ ଆମ ରାଜ୍ୟର ଅଧିକାଂଶ ଲୋକ ନିଜ ନିଜର ଉତ୍ପାଦନ ନ କରି ଖାଲି ସରକାରଙ୍କୁ ଦୋଷ ଦେବାରେ ବ୍ୟସ୍ତ। ସେମାନେ ଭାବନ୍ତି ସରକାର ସବୁ କରିବା କଥା। ମାତ୍ର ଆମକୁ ଭାବିବା ଦରକାର ଯେ, ସରକାର ଆମକୁ ନେଇ ଗଠିତ। ସରକାର କ'ଣ ଯାଇ ସମସ୍ତଙ୍କ ବାଡ଼ି ବଗିଚାରେ ଚାଷ କରିବେ ? ଯେଉଁ ରାଜ୍ୟଗୁଡ଼ିକ ଆଳୁ, ପିଆଜ, ରସୁଣ, କଦଳୀ ପ୍ରଭୃତି ପ୍ରଚୁର ପରିମାଣରେ ଚାଷ କରି ଆମକୁ ରପ୍ତାନି କରୁଛନ୍ତି, ସେ ରାଜ୍ୟର ସରକାର ଯାଇ କ'ଣ ସମସ୍ତଙ୍କ ବାଡ଼ିବଗିଚାରେ ଚାଷ କରୁଛନ୍ତି ? ବଡ଼ ଅଦ୍ଭୁତ ସ୍ଥିତି। ସେ ଯାହା ହେଉ, ଆସନ୍ତୁ ଜାଣିବା ପରିବା ଦାମ୍ ବଢ଼ିଲା କାହିଁକି ?

ଆମ ରାଜ୍ୟ ଖରାଦିନିଆ ଓ ବର୍ଷା ଦିନିଆ ପନିପରିବା ଉତ୍ପାଦନରେ ଆବଶ୍ୟକତାଠୁ ବହୁ ପଛରେ ଅଛି। ଯେତେବେଳେ ବାହାର ରାଜ୍ୟରୁ ପନିପରିବା ଆସୁଛି ଆମର ଦର ଦାମ୍ ସ୍ଥିର ରହୁଛି। ଯେତେବେଳେ ବାହାର ରାଜ୍ୟରୁ ଆସିବା ବନ୍ଦ ହେଉଛି କୌଣସି କାରଣରୁ, ସେତେବେଳେ ଦରଦାମ୍ ଆକାଶଛୁଆଁ ହେଉଛି। ତେଣୁ ଉଭୟ ଖରା ଓ ବର୍ଷା ଋତୁରେ ପନିପରିବା ଚାଷ ପାଇଁ ଆମକୁ ସ୍ୱତନ୍ତ୍ର ଯୋଜନା କରି କାର୍ଯ୍ୟ କରିବାକୁ ହେବ। ଖରାଦିନ ପାଇଁ ଜଳସେଚନ ବ୍ୟବସ୍ଥା ଏବଂ ବର୍ଷା ଦିନ ପାଇଁ ଡିପ ଓ ଉଚ୍ଚା ଜମିରେ ପନିପରିବା ଚାଷ ପାଇଁ ଜଳସେଚନ ଓ ବୈଜ୍ଞାନିକ ପଦ୍ଧତି ବ୍ୟବହାରର ଆବଶ୍ୟକତା ରହିଛି। ସମଗ୍ର ରାଜ୍ୟର କେଉଁ କେଉଁ ଅଞ୍ଚଳରେ ବର୍ଷାଦିନିଆ ପନିପରିବା ଚାଷ ହେବ ଓ ଅତ୍ୟଧିକ ବର୍ଷାରୁ କିମ୍ବା ମରୁଡ଼ିରୁ କିପରି ତାକୁ ରକ୍ଷା କରାଯାଇପାରିବ, ତା'ର ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ବାହାର ରାଜ୍ୟର ବେପାରୀ ଆମଠୁ ଅଦା କିଲୋ ପିଛା ୨୦ ଟଙ୍କାରେ କିଣି ଶୀତଳ ଭଣ୍ଡାରରେ ରଖି ୩-୪ ମାସ ପରେ ଆମ ବେପାରୀଙ୍କୁ ୨୦୦ -୨୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ଆମ ବ୍ୟବସାୟୀ କାହିଁକି ସେ କାର୍ଯ୍ୟ ନ କରିବେ ? ଆମ ରାଜ୍ୟ ବ୍ୟବସାୟୀ ମଧ୍ୟ ଅନ୍ୟ ରାଜ୍ୟରୁ ଶସ୍ତାରେ ଜିନିଷ କିଣି ଗଚ୍ଛିତ କରି ପରବର୍ତ୍ତୀ ସମୟରେ ଅଧିକ ମୂଲ୍ୟରେ ବିକିପାରିବେ। ଅନ୍ୟ ରାଜ୍ୟରେ ଲୋକ ବ୍ୟକ୍ତିଗତ ସ୍ତରରେ ଶୀତଳଭଣ୍ଡାର ନିର୍ମାଣ କରି ତା'ର ଭରପୂର ଫାଇଦା ନେଉଥିବା ବେଳେ ଆମେ ଖାଲି ସରକାରଙ୍କୁ ଦୋଷ ଦେଇ ଚୁପ ରହିବା ଠିକ୍ କି ? ତେଣୁ ଆମ ଚାଷୀ ଭାଇମାନଙ୍କୁ ସଚେତନ ହେବାକୁ ହେବ। ଜନସାଧାରଣଙ୍କୁ କୋଢିଆ କଲାଭଳି ଯୋଜନା ବା ପଦକ୍ଷେପକୁ ବନ୍ଦ କରିବାକୁ ପଡ଼ିବ। ସର୍ବପ୍ରଥମେ ରାଜ୍ୟରେ ବିଭିନ୍ନ ଋତୁରେ କେଉଁ କେଉଁ ପରିବା କେତେ ପରିମାଣରେ ଆବଶ୍ୟକ ତା'ର ହିସାବ କରିବାକୁ ହେବ। ଆମେ କେତେ ଉତ୍ପାଦନ କରୁଛେ, ଆଉ କେତେ ବାହାର ରାଜ୍ୟରୁ ଆସୁଛି, ତା'ର ହିସାବ ଠିକ୍ ଭାବେ କରାଯିବା ଆବଶ୍ୟକ । ରବି ଋତୁରେ ଆମେ ପରିବା ଉତ୍ପାଦନରେ ଆଗୁଆ। ସେ ଋତୁରେ ରପ୍ତାନି ପାଇଁ ବ୍ୟବସ୍ଥା ଲୋଡା। ମାତ୍ର ଆମର ପ୍ରଶାସକଙ୍କୁ ରବି ଋତୁ ଛାଡି ଅନ୍ୟାନ୍ୟ ଋତୁରେ ଚାହିଦା ଅନୁସାରେ ରାଜ୍ୟର କେଉଁ କେଉଁ ଜିଲାରେ ସେ ସବୁ ଭଲ ଭାବରେ ଚାଷ ହୋଇପାରିବ, ତା'ର ଯୋଜନା ପ୍ରସ୍ତୁତ କରି କ୍ରିୟାନ୍ୱୟନ କରିବାକୁ ପଡ଼ିବ। ସେଠାକାର ଚାଷୀଙ୍କୁ ସେ ସବୁ ଉତ୍ପାଦନ କରିବା ପାଇଁ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ ସେ ସବୁର ଲାଭଜନକ ବିକ୍ରିବଟା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ବିକାଶ କରିବାକୁ ହେବ। ଆସନ୍ତୁ ସମସ୍ତେ ମିଶି ଅଣ-ରବିଋତୁରେ ପନିପରିବା ଉତ୍ପାଦନରେ ଚାଷୀଭାଇଙ୍କୁ ସ୍ୱାବଲମ୍ବୀ କରି ସେମାନଙ୍କ ଆୟ ବଢ଼ାଇବା।

**ଶ୍ୟାମଚାନ୍ଦପାଟଣା, ଭଦ୍ରକ**
**ମୋ- ୮୯୧୭୪୨୬୪୪୦**

## ଏଇ ଭାରତରେ

ବିନା ମାଟିରେ ଅଗଣାରେ ଚାଷ କରି ମାସକୁ ୫୦୦ କେ.ଜି. ପରିବା ଉତ୍ପାଦନ କରିବା ସହଜରେ ବିଶ୍ୱାସ କରି ହେଉ ନ ଥିଲେ ବି ସତ। ଏଭଳି ଚାଷ କରୁଛନ୍ତି ଭଦୋଦରାର ଇଞ୍ଜିନିୟର ଶଶାଙ୍କ ଚୌବି। ସେ ବିନା ମାଟିରେ ଅର୍ଥାତ ଆକ୍ୱାପୋନିକ୍ସ( କେବଳ ପାଣିରେ) ପଦ୍ଧତିରେ ଏହି ଚାଷ କରୁଛନ୍ତି। ଏହି ପଦ୍ଧତିରେ ପରିବା ସହ ମାଛ ଚାଷ ମଧ୍ୟ କରାଯାଉଛି। ପ୍ରଥମେ ଉକ୍ତ ଚାଷ ସମ୍ବନ୍ଧରେ ତାଙ୍କର କୌଣସି ଧାରଣା ନ ଥିଲା, କିନ୍ତୁ ଏ ସମ୍ପର୍କରେ ସେ ପ୍ରଶିକ୍ଷଣ ନେଇ ଏବେ ୨,୦୦୦ ବର୍ଗଫୁଟ ଜାଗାରେ ବିଭିନ୍ନ କିସମର ୨,୫୦୦ ଗଛ ବଢାଇ ପରିବା, ଫୁଲ ଉତ୍ପାଦନ କରୁଛନ୍ତି। ଏହା ବ୍ୟତୀତ ବହୁ କିସମର ଔଷଧୀୟ ଗଛ ମଧ୍ୟ ବଢ଼ାଇଛନ୍ତି। ଶଶାଙ୍କ ଦିଲ୍ଲୀରେ ଏକ କର୍ପୋରେଟ ଚାକିରି କରିଥିଲେ। ପରେ ଏହାକୁ ଛାଡ଼ି ସେ ୨୦୧୮ରେ ଆକ୍ୱାପୋନିକ୍ସ ପଦ୍ଧତିରେ ଚାଷ ଆରମ୍ଭ କରିଥିଲେ। ଏହି ପଦ୍ଧତିରେ ସେ ପାରମ୍ପରିକ ଚାଷ ତୁଳନାରେ ୮୦% ଜଳ ବଞ୍ଚାଇପାରୁଛନ୍ତି। ଏବେ ସୁଦ୍ଧା ସେ ଗୁଜରାଟ ଓ ରାଜସ୍ଥାନର ୩୫ ଜଣଙ୍କୁ ଅଫ୍‌ଲାଇନ ଏବଂ ଅନ୍‌ଲାଇନରେ ପ୍ରଶିକ୍ଷଣ ଦେଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜୁଲାଇ ୧୯୯୮

- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପୁନର୍ଗଠନ ପ୍ରକ୍ରିୟାରେ ୫ ଜଣ ଉପସଭାପତି ନିଯୁକ୍ତ।
- ମହାରାଷ୍ଟ୍ରର ମନୋହର ଯୋଗୀଙ୍କ ମନ୍ତ୍ରିମଣ୍ଡଳରୁ ସୁରେଶ ନଜ୍‌ଲେ ବହିଷ୍କୃତ।
- ହେପ୍ଟାଥଲନରେ ବିଶ୍ୱ ରେକର୍ଡଧାରୀ ୩୬ ବର୍ଷୀୟା ଜାକିଜୋଏନର କେରସୀଙ୍କ ଆନ୍ତର୍ଜାତିକ ଦୌଡ଼କୁଦ ପ୍ରତିଯୋଗିତାରୁ ଅବସର ଘୋଷଣା।

## ଚିରନ୍ତନୀ

କେତେ ମେଘ ଉଦେ ହୋଇ ଗିରି ଚୂଡ଼ାପରେ
ଯାଏ ଯେ ମିଳାଇ ପଲକରେ
ନ ଦେଖୁଁ ନିଜର ପଥ,
ଦେହେ ତା'ର ବିଜୁଳି ଚମକ
ନ ଲାଗୁଁ, ଅସୀମ ଦେଶେ
ନିଭିଯାଏ ନ ହୁଏ ବିଲୋକ।

(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | | | 4 |
| | | 7 | 4 | | 1 | | | |
| | 9 | | 7 | | | | | |
| | | 9 | 6 | | | | | |
| | | 1 | | | 3 | | 9 | |
| | | 4 | 2 | | | 5 | | 3 |
| | | | 5 | | 9 | 6 | | 8 |
| | | | | | | | | |
| 2 | | | | 6 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 7 | 8 | 4 | 2 | 1 | 9 | 6 |
| 9 | 8 | 6 | 7 | 1 | 5 | 4 | 2 | 3 |
| 2 | 1 | 4 | 6 | 3 | 9 | 7 | 5 | 8 |
| 1 | 6 | 8 | 2 | 5 | 3 | 9 | 4 | 7 |
| 4 | 7 | 5 | 1 | 9 | 6 | 3 | 8 | 2 |
| 3 | 2 | 9 | 4 | 8 | 7 | 5 | 6 | 1 |
| 7 | 5 | 3 | 9 | 2 | 8 | 6 | 1 | 4 |
| 6 | 4 | 2 | 5 | 7 | 1 | 8 | 3 | 9 |
| 8 | 9 | 1 | 3 | 6 | 4 | 2 | 7 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଜନ ଆକ୍ରୋଶରୁ ବଞ୍ଚିବା ସହଜ ନୁହେଁ

ମହାଶୟ,

ବନ୍ୟା କି ବାତ୍ୟା ବେଳେ ସରକାରୀ କଳ ତତ୍ପର ହୋଇଉଠନ୍ତି ଓ ଜିରୋ କାଜୁଆଲ୍‌ଟି ଖବର ଚମକାଇଦିଏ ,ଯେମିତି କେହି ଜଣେ ବିପର୍ଯ୍ୟୟରେ ମୃତ୍ୟୁବରଣ ନ କରନ୍ତୁ। ମାତ୍ର ସେହି ସରକାରୀ କଳ ପ୍ରତିଦିନ ସକାଳେ ଖବରକାଗଜରେ ହାତୀ ଆକ୍ରମଣରେ ମୃତ୍ୟୁ, କୁମ୍ଭୀର ଟାଣିନେବାରେ ଅକାଳ ମୃତ୍ୟୁ, ସାପ କାମୁଡ଼ାରେ ଅଜସ୍ର ମୃତ୍ୟୁ ପ୍ରଭୃତି ରୋକିବାକୁ ଆଗ୍ରହ ଦେଖାଉନାହାନ୍ତି କାହିଁକି ? ଲୋକ ସେବକମାନଙ୍କର କାମ ଲୋକଙ୍କର ସେବା କରିବା ଓ ସହଜ ଜୀବନ ଧାରଣର ବ୍ୟବସ୍ଥା କରିବା । ତେବେ ଏସବୁ ମୃତ୍ୟୁ ପାଇଁ ଉଦାସୀନ କ'ଣ ପାଇଁ ବୁଝାପଡୁନାହିଁ। ସେହିପରି ଡିଜିଟାଲ ନାଁରେ ବ୍ୟାଙ୍କରୁ ଟଙ୍କା ନେଇଯିବା ବା ପୂଜାପାର୍ବଣରେ କି ଧର୍ମାନୁଷ୍ଠାନଗୁଡ଼ିକରେ ଦଳାଚକଟାରେ ମୃତ୍ୟୁ ମଧ୍ୟ ଆହୁରି ଯନ୍ତ୍ରଣାଦାୟକ । ଏସବୁ ପ୍ରତିକାର ମଧ୍ୟ ବନ୍ୟା, ବାତ୍ୟା ପରି କରିବାକୁ ଜନ ପ୍ରତିନିଧି ଓ ସରକାରଙ୍କର ମୌଳିକ କର୍ତ୍ତବ୍ୟ। ମହିଳା ସଶକ୍ତୀକରଣର ଅର୍ଥ ନୁହେଁ ଯେ ସରକାରୀ ଦଳର ସଦସ୍ୟ କରିବା। ମହିଳା ଅଧିକାରୀମାନେ ବର୍ତ୍ତମାନ ସବୁଠାରୁ ଅଧିକ ଲାଞ୍ଚ ନେଇ ଧରାପଡ଼ି ଜେଲ ଯାଉଛନ୍ତି। ସବୁ ସଂସ୍ଥାରେ ଠିକା କର୍ମଚାରୀ ଶୋଷଣ ଓ ଦଲାଲ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଶିକ୍ଷା, ସଂସ୍କୃତି ଓ ନ୍ୟାୟ ପ୍ରଦାନରେ ବିଭିନ୍ନତା ଓ ବିଳମ୍ବ, ଜନସେବାରୁ ନିବୃତ୍ତ ଯେକୌଣସି ସରକାର ଜନ ଆକ୍ରୋଶରୁ ବଞ୍ଚିବା ସହଜ ନୁହେଁ। ଯେତେ ଯୋଜନା ଓ ପ୍ରଚାର ପ୍ରସାର, ଦାନ ଦକ୍ଷିଣା ଦେଲେ ବି ଗାଦି ସମ୍ଭାଳିବା କଷ୍ଟକର ବ୍ୟାପାର। ଗଣତନ୍ତ୍ର ଶାସନରେ ଏହା ଭୁଲିବା ଉଚିତ ନୁହେଁ।

**– ଡ. ରାଜୀବ ଷଡ଼ଙ୍ଗୀ,କୁଣ୍ଡି, ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଖସିଲା ଶେୟାର ବଜାରର କାରବାର**

ନୂଆଦିଲ୍ଲୀ: କ୍ରମାଗତ ୬ଷ୍ଠ ଦିନର ଉଚ୍ଚ କାରବାର ପରେ ଭାରତୀୟ ଶେୟାର ବଜାରର କାରବାରରେ ଏକ ବଡ଼ ଧରଣର ହ୍ରାସ ଘଟିଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ୮୮୮ (୮୮୭.୬୪) ପଏଣ୍ଟ ଖସି ୬୬,୬୮୪ (୬୬,୬୮୪.୨୬) ଅଙ୍କରେ କାରବାର ବନ୍ଦ ହୋଇଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ ୨୩୪ (୨୩୪.୧୫) ପଏଣ୍ଟ ହ୍ରାସ ଘଟି ୧୯,୭୪୫ (୧୯,୭୪୫.୦୦) ଅଙ୍କରେ କାରବାର ବନ୍ଦ ହୋଇଛି।

# ପିଏମ୍ଏଫ୍‌ବିୱାଇ ଆପ୍ ଆଣ୍ଡ ପୋର୍ଟାଲ ଉନ୍ମୋଚିତ

■ ୨୫୮ କୋଟି ଟଙ୍କାର ବୀମା ରାଶି ପ୍ରଦାନ

■ ୮ ରାଜ୍ୟର ୫.୬୦ ଲକ୍ଷ କୃଷକ ଉପକୃତ




ପିଏମ୍ଏଫ୍‌ବିୱାଇ ଆପ୍ ଆଣ୍ଡ ପୋର୍ଟାଲର ମାନୁଆଲ୍ ବୁକ୍ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ନୂଆଦିଲ୍ଲୀ,୨୧।୭ (ଅଭୟ ଦାଶ)

ଦେଶର କୃଷକ ଓ କୃଷିର ବିକାଶ ପାଇଁ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ବିଶେଷକରି ଅମଳର ଠିକ୍ ଆକଳନ ଏବଂ ପଞ୍ଜୀକରଣକୁ ଶୃଙ୍ଖଳିତ କରିବା ସହ କୃଷକଙ୍କୁ ଅଧିକରୁ ଅଧିକ ସୁବିଧା ପ୍ରଦାନ କରିବା ପାଇଁ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ତିନୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ସହ ସେସବୁର ଶୁଭାରମ୍ଭ ମଧ କରାଯାଇଛି।

ଅପରପକ୍ଷରେ ଶୁକ୍ରବାର କେନ୍ଦ୍ର ସରକାରଙ୍କ ମହତ୍ୱାକାଂକ୍ଷା 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା' (ପିଏମ୍ଏଫ୍‌ବିୱାଇ)ର ମୋବାଇଲ ଓ ପୋର୍ଟାଲର ଆନୁଷ୍ଠାନିକ ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ, ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର, କେନ୍ଦ୍ର କୃଷି ସଚିବ ମନୋଜ ଆହୁଜା, ଅତିରିକ୍ତ କେନ୍ଦ୍ର କୃଷି ସଚିବ ତଥା ପିଏମ୍ଏଫ୍‌ବିୱାଇର ସିଇଓ ରିତେଶ ଚୌହାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର କୃଷିମନ୍ତ୍ରୀ ୮ ରାଜ୍ୟର ଅନ୍ୟୂନ ୫.୬୦ ଲକ୍ଷ ହିତାଧିକାରୀ (କୃଷକ)ଙ୍କୁ ପ୍ରାୟ ୨୫୮ କୋଟି ଟଙ୍କାର ବୀମାର ରାଶି ମଧ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ଆସାମ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ଭଳି ୮ ରାଜ୍ୟର କୃଷକମାନେ ଲାଭବାନ୍ ହେବେ ବୋଲି କୃଷି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ନୂଆଦିଲ୍ଲୀଠାରେ କୃଷି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ୟେସ୍ ଟେକ୍ (ପୂର୍ବାନୁମାନ ପ୍ରଣାଳୀ), ଉଇଣ୍ଡସ୍ (ପାଣିପାଗ ଡାଟା ଡାଟା ସିଷ୍ଟମ୍) ଏବଂ ଏଆଇଡିଇ (ମଧ୍ୟବର୍ତ୍ତୀ ନାମଲେଖା ପାଇଁ ଆପ୍) ଭଳି ନୂତନ ସୁବିଧା କୃଷକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା।

## ରେକର୍ଡ ପରିମାଣର କୋଇଲା ଉତ୍ପାଦନ

ନୂଆଦିଲ୍ଲୀ,୨୧।୭

ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ରେକର୍ଡ ପରିମାଣର କୋଇଲା ଉତ୍ପାଦନ କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ମୋଟ୍ ୨୨୩.୩୬ ମିଲିୟନ ଟନ୍ (ଏମ୍‌ଟି)ର କୋଇଲା ଉତ୍ପାଦନ କରାଯାଇଛି। ଏହା ଏ ପର୍ଯ୍ୟନ୍ତର ସର୍ବାଧିକ କୋଇଲା ଉତ୍ପାଦନର ରେକର୍ଡ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି୨୦୨୨-୨୩ ଆର୍ଥିକ ବର୍ଷର ଏହି ସାମନ ଅବଧିରେ ମୋଟ ୨୦୫.୭୬ ମେଟ୍ରିକ୍ ଟନର କୋଇଲା ଉତ୍ପାଦନ ହୋଇଥିଲା। ଗତ ଆର୍ଥିକ ବର୍ଷର ଉତ୍ପାଦନ ତୁଳନାରେ ଚଳିତ ଆର୍ଥିକ ବର୍ଷର ଉତ୍ପାଦନ ୮.୫୫% ଅଧିକ ବୋଲି କୁହାଯାଉଛି। ଅପରପକ୍ଷରେ କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍)ର ସୂଚନା ଅନୁଯାୟୀ ୨୦୨୩ ଏପ୍ରିଲରୁ ଜୁନ୍ ମଧରେ କମ୍ପାନୀ ୧୭୫.୪୮ ମେଟ୍ରିକ୍ ଟନ୍‌ର କୋଇଲା ଉତ୍ପାଦନ କରିଛି, ଯାହା ଗତ ବର୍ଷର ଏହି ସମାନ ଅବଧି ମଧରେ ହୋଇଥିବା ୧୫୯.୭୫ ମେଟ୍ରିକ୍ ଟନ୍‌ର ଉତ୍ପାଦନ ତୁଳନାରେ ୯.୮୫%ର ଉଲ୍ଲେଖନୀୟ ବୃଦ୍ଧି ହାରକୁ ଦର୍ଶାଇଥାଏ। ସେହିଭଳି କୋଇଲା ଉତ୍ପାଦନରେ ହେଉଥିବା ଏହି କ୍ରମାଗତ ବୃଦ୍ଧି ଭାରତର ଶକ୍ତି ଚାହିଦା ପୂରଣ କରିବା ସହ କ୍ରମାଗତ ଆର୍ଥିକ ବିକାଶକୁ ମଧ ପ୍ରୋତ୍ସାହନ ଦେବାର ପ୍ରତିବଦ୍ଧତାକୁ ଦର୍ଶାଇଥାଏ। ସେହିପରି ୨୦୨୩ ଏପ୍ରିଲରୁ ମେ ମଧରେ କୋଇଲାର ଆମଦାନୀ ଗତବର୍ଷର ଏହି ସମାନ ଅବଧି ତୁଳନାରେ ୧୬.୭୬% ବୃଦ୍ଧି ହୋଇଛି।

## ଏନ୍‌ଆଇପିଏଲ୍‌ର ସ୍ୱତନ୍ତ୍ର ପ୍ରଦର୍ଶନୀ



ଭୁବନେଶ୍ୱର,୨୧।୭

ନିକନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏନ୍‌ଆଇପିଏଲ୍)ର ନୂତନ ଉତ୍ପାଦ 'ନିକନ୍ ଜେଡ୍-୮'ର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ହୋଟେଲ ଆଇଟିସି ୱେଲକମ୍ ପରିସରରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଉକ୍ତ ପ୍ରଦଶନୀରେ ନିକନ୍‌ର ସର୍ବଶ୍ରେଷ୍ଠ ମିରର ଲେସ୍ ଇମେଜିଂ ମାଷ୍ଟରପିସ୍ ନିକନ୍ ଜେଡ୍-୮ ସହ ଅନ୍ୟ ମଡେଲଗୁଡ଼ିକୁ ମଧ ପ୍ରଦର୍ଶିତ କରାଯାଇଥିଲା। ବିଶେଷକରି ମଡେଲଗୁଡ଼ିକର ଚମତ୍କାରିତା, ପୋର୍ଟେବିଲିଟି, ବହୁମୁଖିତା ଏବଂ ଶ୍ରେଷ୍ଠ-ଶ୍ରେଣୀର ଏଆଇ-ସକ୍ଷମ ବୈଶିଷ୍ଟ୍ୟଗୁଡ଼ିକର ଫ୍ୟୁଜନ ଇମେଜିଂ ଲ୍ୟାଣ୍ଡସ୍କେପ୍‌କୁ ଏକ ନୂତନ ସ୍ତରକୁ ନେବାକୁ କମ୍ପାନୀ ପକ୍ଷରୁ ପ୍ରୟାସ କରାଯାଇଛି। ଏପରିକି ଇମେଜିଂ ମାଷ୍ଟରପିସ୍ ନିକନ୍ ଜେଡ୍-୮ର ଅସାଧାରଣ ଇମେଜିଂ କାର୍ଯ୍ୟଦକ୍ଷତା, ପ୍ରଶଂସନୀୟ ସୁସଙ୍ଗତତା ଏବଂ ହାଇ-ସ୍ପିଡ୍ ଫ୍ରେମ କ୍ୟାପ୍‌ଚର ବୈଶିଷ୍ଟ୍ୟରେ ସମ୍ପୂର୍ଣ୍ଣ ରୂପେ ଏହା ପ୍ରତିଫଳିତ ହୋଇଛି। ସେହିଭଳି ପାୱାର ହାଉସ ନିକନ୍ ଜେଡ୍-୮ ଭିଡିଓ ୪କେ ୟୁଏଚ୍‌ଡି-୬୦ପି୨ରେ ୧୨୫ ମିନିଟ୍ ପର୍ଯ୍ୟନ୍ତ ଏବଂ ପ୍ରାୟ ୯୦ମିନିଟ୍ ପର୍ଯ୍ୟନ୍ତ ୮କେ ୟୁଏଚ୍‌ଡି-୩୦ପି୩ରେ ରେକର୍ଡିଂ କରିପାରିବ। ଏ ସମ୍ପର୍କରେ ନିକନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସଜନ କୁମାର କହିଛନ୍ତି, ନିକନ୍ ଜେଡ୍-୮ କ୍ୟାମେରାରେ ଟପ୍-ନଚ୍ ୧୨ ବିଟ୍ ଆଭ୍ୟନ୍ତରୀଣ ୮କେ ଭିଡିଓ ରେକର୍ଡିଂ ଏବଂ ୧୨୦ ଏଫ୍‌ପିଏସ୍ ଦ୍ରୁତ ସ୍ପିଡ୍ ତଥା ସବୁଠାରୁ ଉନ୍ନତ ଅଟୋ ଏପରିକି ଏହାର ଫୋକସ ସିଷ୍ଟମ ଓ ବୈଶିଷ୍ଟ୍ୟ ସହିତ ଉକ୍ତ ହାଇବ୍ରିଡ୍ କ୍ୟାମେରାର କମ୍ପାକ୍ଟନେସ ଏବଂ ପୋର୍ଟେବିଲିଟି ସୁବିଧା ମଧ ରହିଛି। ଯେକୌଣସି ସମୟରେ ଏବଂ ଯେ କୌଣସିଠାରେ ଏହା ୧୦-ବିଟ୍ ଷ୍ଟିଲ୍ ଇମେଜ, ହାଇ-ରେସ୍ ଜୁମ୍, ସ୍କିନ୍ ସଫ୍ଟନିଂ, ପୋଟ୍ରେଟ ଇମ୍ପ୍ରେଶନ ବାଲାନ୍ସ ଆଦି ରହିଛି।

## ରିଲାଏନ୍ସ ଜିଓର ପ୍ରଥମ ତ୍ରୈମାସିକ ଫଳାଫଳ




**ଏପ୍ରିଲରୁ ଜୁନ୍ ମଧ୍ୟରେ ଜିଓର ନେଟ୍ ଲାଭ ୧୨.୧% ବୃଦ୍ଧି ସହ ୪୮୬୩ କୋଟି ଟଙ୍କା**

ନୂଆଦିଲ୍ଲୀ,୨୧।୭

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ସଂସ୍ଥା ରିଲାଏନ୍ସ ଜିଓର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରିଲାଏନ୍ସ ଜିଓ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୩ ଏପ୍ରିଲରୁ ଜୁନ୍ ତ୍ରୈମାସରେ ରିଲାଏନ୍ସ ଜିଓର ନେଟ୍ ଲାଭ ୧୨.୧%ର ବୃଦ୍ଧି ସହ ୪୮୬୩ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ବିଶେଷକରି ୨୦୨୨-୨୩ ଆର୍ଥିକ ବର୍ଷର ସମାନ ତ୍ରୈମାସରେ ଜିଓର ନେଟ୍ ଲାଭ ୪୩୩୫ କୋଟି ଟଙ୍କା ରହିଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଜୁନ୍ ତ୍ରୈମାସରେ ରିଲାଏନ୍ସ ଜିଓର ମୋଟ ଆୟ ପୂର୍ବ ବର୍ଷର ସମାନ ଅବଧି ମଧରେ ରହିଥିବା ୨୧,୯୯୫ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୪,୧୨୭କୋଟି ଟଙ୍କାରେ ପହଞ୍ଚିଛି। ଏପରିକି ଏହି ତ୍ରୈମାସରେ କମ୍ପାନୀର ପରିଚାଳନାଗତ ରାଜସ୍ୱ ୯.୯% ବୃଦ୍ଧି ସହ ୨୪,୦୪୨ କୋଟି ଟଙ୍କା ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୨୦୨୨-୨୩ ଆର୍ଥିକ ବର୍ଷର ସମାନ ଅବଧି ମଧରେ କମ୍ପାନୀର ପରିଚାଳନାଗତ ରାଜସ୍ୱ ୨୧,୮୭୩ କୋଟି ରହିଥିଲା। ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ଜିଓ ଦେଶର ସର୍ବବୃହତ୍ ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜର ସ୍ଥାନ ସୁଦୃଢ଼ କରିବା ସହ ସାରା ଦେଶରେ ୫ଜି ସେବାର ଦ୍ରୁତ ସମ୍ପ୍ରସାରଣ ଜାରି ରଖିଛି। ନିକଟରେ ଦେଶର ପ୍ରାୟ ୨୫କୋଟି ୨ଜି ମୋବାଇଲ ସେବା ବ୍ୟବହାରକାରୀଙ୍କୁ ୪ଜି ସେବାକୁ ଉନ୍ନୀତ ହେବା ସୁଯୋଗ ପ୍ରଦାନ କରିବା ସହ ଜିଓ ଭାରତ ୪ଜି ଫିଚର ଫୋନ ଶୁଭାରମ୍ଭ କରିଛି।

## ଓଡ଼ିଶା ବଜାରରେ କ୍ଲେଅନ୍ ଉତ୍ପାଦର ଶୁଭାରମ୍ଭ




ଭୁବନେଶ୍ୱର ,୨୧।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବ୍ୟାଟେରି ଉତ୍ପାଦକ କ୍ଲେଅନ୍ ପାୱାର ଟେକ୍ ସଲ୍ୟୁଶନର ବ୍ୟାପକ ବ୍ୟାଟେରି ସମ୍ଭାର ସହ ଘରୋଇ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଓଡ଼ିଶା ବଜାରରେ ଉତ୍ପାଦର ଶୁଭାରମ୍ଭ ସହ ବଜାର ପ୍ରବେଶ କରିଛି। ବିଶେଷକରି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ତଥା ଡିଷ୍ଟ୍ରିବ୍ୟୁଟର ରାଜ୍ ଏନର୍ଜି ଜରିଆରେ ଓଡ଼ିଶା ବଜାରରେ କାରବାର କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଶୁକ୍ରବାର କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କ୍ଲେଅନ୍ ପାୱାର ଟେକ୍ ସଲ୍ୟୁଶନର ସିଇଓ ନୀତିନ ଗୋସାଇଁ, ସିଓଓ ଅରୁଣ କୁମାର ଅଗ୍ରୱାଲ, ଭିପି ରାଜେନ୍ଦ୍ର ପ୍ରସାଦ ଦ୍ୱିବେଦୀ,ଆର୍ଏମ୍ ଓଡ଼ିଶା ସୁଶାନ୍ତ କୁମାର ବାରିକ ଏବଂ ରାଜ୍ ଏନର୍ଜି ଭୁବନେଶ୍ୱରର ସ୍ୱତ୍ୱାଧିକାରୀ କୈଳାସ ଚନ୍ଦ୍ର ସୁଆର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କ୍ଲେଅନ୍ ପାୱାର ଟେକ୍ ସଲ୍ୟୁଶନର ସିଇଓ ଗୋସାଇଁ କହିଛନ୍ତି, ଦୀର୍ଘ ଦିନର ରପ୍ତାନି କାରବାର ପରେ କମ୍ପାନୀ ବର୍ତ୍ତମାନ ଘରୋଇ ବଜାରରେ କାରବାର କରିବାକୁ ଯାଉଛି। ଏପରିକି ମହାପ୍ରଭୁ ଜଗନ୍ନାଥଙ୍କ ଧାମ ଓଡ଼ିଶାରୁ କମ୍ପାନୀର ଘରୋଇ ବଜାର ପ୍ରବେଶ ସହ ଉତ୍ପାଦର ଶୁଭାରମ୍ଭ ଆମକୁ ବେଶ୍ ଉତ୍ସାହିତ କରିଛି। ସେହିଭଳି ରାଜ୍ ଏନର୍ଜି ଭୁବନେଶ୍ୱରର ସ୍ୱତ୍ୱାଧିକାରୀ କୈଳାସ ଚନ୍ଦ୍ର ସୁଆର କହିଛନ୍ତି, କ୍ଲେଅନ୍‌ର ସମସ୍ତ ଉତ୍ପାଦ ବେଶ୍ ଉଚ୍ଚକ୍ଷମତା ଓ ଗୁଣବତ୍ତାସମ୍ପନ୍ନ ହୋଇଥିବାରୁ ବଜାରରେ ଏହା ଅନ୍ୟ କମ୍ପାନୀର ଉତ୍ପାଦ ଭଳି ଗ୍ରାହକଙ୍କର ପସନ୍ଦ ପାଲଟିବ। ଅପରପକ୍ଷରେ କମ୍ପାନୀ ଅନ୍ୟ ବରିଷ୍ଠ ଅଧିକାରୀମାନେ କ୍ଲେଅନ୍ ଉତ୍ପାଦ ସମ୍ଭାରର ବିଶେଷତ୍ୱ ଓ ଗୁଣବତ୍ତା ସମ୍ପର୍କରେ ବିସ୍ତୃତ ଅବଗତ କରାଇଥିଲେ।

## ଜେଏସ୍ଏଲ୍‌ର ମାଲିକାନାରେ ଜେୟୁଏସ୍ଏଲ୍

ଭୁବନେଶ୍ୱର,୨୧।୭

ଭାରତର ସବୁଠୁ ବଡ଼ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉତ୍ପାଦନକାରୀ କମ୍ପାନୀ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍ଏଲ୍) ନିକଟରେ ଆଉ ଏକ ଶିଳ୍ପ ପ୍ରତିଷ୍ଠାନକୁ ଅଧିଗ୍ରହଣ କରିଛି। ଏପରିକି ଜେଏସ୍ଏଲ୍ ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଜିନ୍ଦଲ ୟୁନାଇଟେଡ୍ ଷ୍ଟିଲ୍ ଲିମିଟେଡ୍ (ଜେୟୁଏସ୍ଏଲ୍)ର ଶତପ୍ରତିଶତ ଅଂଶଧନ ଅଧିଗ୍ରହଣ ସହ ମାଲାକାନା ହାସଲ ସମ୍ପର୍କରେ ଘୋଷଣା କରିଛି। ଏହା ପୂର୍ବରୁ ଜେଏସ୍ଏଲ୍ ଉକ୍ତ କମ୍ପାନୀର ୨୬% ଅଂଶଧନ ଧାରଣ କରିଥିଲା। ସେହିଭଳି ଜେଏସ୍ଏଲ୍ ବର୍ତ୍ତମାନ ୯୫୮ କୋଟିର ନଗଦ କାରବାରରେ ଜେୟୁଏସ୍ଏଲ୍‌ର ଅବଶିଷ୍ଟ ୭୪% ଇକ୍ୱିଟି ଅଂଶଧନ ହାସଲ କରିଛି। ଏହି କାରବାର ଫଳରେ ଜେଏସ୍ଏଲ୍‌କୁ ଜେୟୁଏସ୍ଏଲ୍‌ର ୧୦୦% ମାଲିକାନା ପ୍ରଦାନ କରାଯାଇଛି। ଏପରିକି ଜେୟୁଏସ୍ଏଲ୍ ହଟ୍ ଷ୍ଟ୍ରିପ୍ ମିଲ୍ (ଏଚ୍ଏସ୍ଏମ୍)ର ବାର୍ଷିକ ୧.୬ ମିଲିୟନ୍ ଟନ୍ (ଏମ୍‌ଟିପିଏ) କ୍ଷମତା ଏବଂ ୦.୨ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ କୋଲ୍ଡ ରୋଲିଂ ମିଲ୍ କାର୍ଯ୍ୟ କରୁଛି। ଏହା ମଧ ଓଡ଼ିଶାର ଯାଜପୁରଠାରେ ୩.୨ଏମ୍‌ଟିପିଏ ପର୍ଯ୍ୟନ୍ତ କ୍ଷମତା ସମ୍ପ୍ରସାରଣ କରୁଛି।

ଏ ସମ୍ପର୍କରେ ଜେଏସ୍ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉପରେ ସମ୍ପୂର୍ଣ୍ଣ ଦୃଷ୍ଟିଦେବା ସହ ଜେୟୁଏସ୍ଏଲ୍ ଏବଂ ଜେଏସ୍ଏଲ୍‌ର ଆସୋସିଏସନକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଫଳରେ ଷ୍ଟେନ୍‌ଲେସ୍ ଷ୍ଟିଲ ଉତ୍ପାଦନର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୁବିଧାକୁ ଏକତ୍ରିତ କରିବାକୁ ଆମେ ନିଷ୍ପତ୍ତି ନେଇଛୁ। ଏହି ଅଧିଗ୍ରହଣ ଦ୍ୱାରା ଉଭୟ କମ୍ପାନୀ ଏବଂ ଏକ ପସନ୍ଦିତ ଶାସନ ଗଠନ ମଧ୍ୟରେ ଉନ୍ନତ ସମନ୍ୱୟ ସୃଷ୍ଟି ହେବ। ଏହାଦ୍ୱାରା ସମସ୍ତ ହିତାଧିକାରୀଙ୍କ ପାଇଁ ମୂଲ୍ୟ ବୃଦ୍ଧି ସୃଷ୍ଟି ହୋଇପାରିବ। ଅପରପକ୍ଷରେ ବୋର୍ଡ ଅଫ୍ ଡାଇରେକ୍ଟର୍ସ ଏବଂ ଜେଏସ୍ଏଲ୍‌ର ଅଂଶୀଦାରମାନେ ଏହି କାରବାରକୁ ପୂର୍ବରୁ ଅନୁମୋଦନ କରିଥିଲେ।

## ପୁଣି ବଢ଼ିପାରେ ଖାଇବାତେଲ ମୂଲ୍ୟ

ଭୁବନେଶ୍ୱର,୨୧।୭

ଗତ କିଛିଦିନ ହେବ ଅନ୍ତର୍ଜାତୀୟ ବଜାରରେ ପାମ୍ ଅଏଲର ଦର ବୃଦ୍ଧି ପାଇଚାଲିଛି। ଏପରିକି ପାମ୍ ଅଏଲର ଦର ଗତ ୪ ମାସର ସର୍ବୋଚ୍ଚସ୍ତରରେ ପହଞ୍ଚିଛି। ବିଶେଷକରି ମାଲେସିଆରେ ପାମ୍ ଅଏଲର ୪୦୪୩ ରିଙ୍ଗିଟ୍ ପାର ହୋଇଯାଇଛି। ଅପରପକ୍ଷରେ ସାଧାରଣତଃ ସେପ୍ଟେମ୍ବର ତ୍ରୈମାସିକରେ ମାଲେସିଆର ପାମ୍ ଉତ୍ପାଦନ ହ୍ରାସ ପାଇଥାଏ। ଏହି ସମୟ ମଧ୍ୟରେ ଅନ୍ତର୍ଜାତୀୟ ବଜାରର ଦର ସହ ପାମ୍ ଅଏଲର ଚାହିଦା ମଧ ବୃଦ୍ଧି ପାଇଥାଏ। ଏଣୁ ଚାହିଦା ତୁଳନାରେ ଯୋଗାଣ ହ୍ରାସ ଯୋଗୁ ମୂଲ୍ୟ ବୃଦ୍ଧି ଏକ ନିୟମିତ ପ୍ରକ୍ରିୟା ହୋଇଥିବାବେଳେ ଦର ବୃଦ୍ଧି ଆମଦାନୀ ଦେଶଗୁଡ଼ିକ ପାଇଁ ମିଶ୍ର ପ୍ରତିକ୍ରିୟା ସୃଷ୍ଟି କରିଥାଏ। ସେହିଭଳି ଆମଦାନୀ ଦେଶ ଭାବେ ଭାରତର ପାମ୍ ଅଏଲ ଇମ୍ପୋର୍ଟ ପ୍ରାୟ ୫୬% ବୃଦ୍ଧି ହୋଇଛି। ଏହି ସମୟ ମଧ୍ୟରେ ଭାରତର ତୈଳ ଆମଦାନୀ ବିଗତ ୩ମାସର ସର୍ବୋଚ୍ଚସ୍ତରରେ ରହିଛି। କେବଳ ପାମ୍ କି ସୋୟା ନୁହେଁ ସନ୍‌ଫ୍ଲାୱାର ତେଲର ଦାମ ମଧ ୩ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ତେବେ ଭାରତରେ ବଢ଼ିଥିବା ସନ୍‌ଫ୍ଲାୱର ତେଲ ଦର ବର୍ତ୍ତମାନ ବି ୨୮% ତଳେ ରହିଥିବାବେଳେ ସୋରିଷ ଦର ଅନ୍ତର୍ଜାତୀୟ ବଜାରରେ ୫ ମାସର ସର୍ବୋଚ୍ଚସ୍ତରରେ ରହିଛି। ଏହା ସତ୍ତ୍ୱେ ବି ମୂଲ୍ୟ ବୃଦ୍ଧି ସମୟର ଦର ତୁଳନାରେ ଦାମ ବର୍ତ୍ତମାନ ବି ୧୫% କମ୍ ରହିଛି। ବିଶେଷକରି ଅନ୍ତର୍ଜାତୀୟ ବଜାରରେ ସୋୟାବିନ୍‌ର ମୂଲ୍ୟ ମଧ ୩ମାସର ସର୍ବୋଚ୍ଚସ୍ତରକୁ ଛୁଇଁଛି। ଫଳରେ ଆମେରିକା ବଜାରରେ ସୋୟାବିନ୍ ବୁସେଲ ପିଛା ଦର ୧୫୦୦ଡଲାର ପାର ହୋଇଯାଇଛି। ଏପରିକି ଦେଶରେ ଉତ୍ପାଦନ ହ୍ରାସ ଆଶଙ୍କା ସହ ଆମେରିକା ବଜାରରେ ସୋୟାବିନ୍ ଦର ମଧ ବଢ଼ିଛି। ଏହି ପରିପ୍ରେକ୍ଷୀରେ ଚାଇନାର ଚାହିଦା ବୃଦ୍ଧି ସୋୟାବିନ୍ ମୂଲ୍ୟ ବୃଦ୍ଧିକୁ ସୁହାଇଛି। ସେହିପରି କୃଷ୍ଣସାଗର ଶସ୍ୟ ରାଜିନାମାରୁ ରୁଷିଆ ନିଜକୁ ପୃଥକ୍ କରିଛି। ତେଣୁ ତୈଳ ଦର ବଢ଼ିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି।




CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ଏବଂ ପୁରୀ ପାଇଁ ଡ୍ରାଇଭର ଆବଶ୍ୟକ
ଉପଯୁକ୍ତ ଡ୍ରାଇଭିଂ ଲାଇସେନ୍ସ ଥିବା ଦରକାର
ଶିକ୍ଷାଗତ ଯୋଗ୍ୟତା - ମାଟ୍ରିକ ପାସ କରିଥିବେ
୨ ରୁ ୪ ବର୍ଷ ଅଭିଜ୍ଞତା ଥିଲେ - ଟଙ୍କା ୧୨୫୦୦
୪ ରୁ ୬ ବର୍ଷ ଅଭିଜ୍ଞତା ଥିଲେ - ଟଙ୍କା ୧୩୫୦୦
୬ ବର୍ଷରୁ ଅଧିକ ଅଭିଜ୍ଞତା ଥିଲେ - ଟଙ୍କା ୧୪୫୦୦
ଦରମା + PF + ESIC + ରହିବା ସୁବିଧା ଅଛି
ଯୋଗାଯୋଗ:
ବସୁଧା ଏଣ୍ଟରପ୍ରାଇଜେସ, ଭୁବନେଶ୍ୱର,
ମୋ.: ୯୯୩୭୦୨୭୪୭୮

See Career Appointment on every Wednesday & Saturday

ଜିଲ୍ଲା ସ୍ତରୀୟ ନିଯୁକ୍ତି
ନିଜ ଅଞ୍ଚଳରେ OFFICIAL JOB କରିବାକୁ ପ୍ରାର୍ଥୀ ଆବଶ୍ୟକ।
Salary : (8,000 - 25,000)
ଯୋଗ୍ୟତା : 9th to Graduate
9124128389

KALYANI LABORATORIES PVT. LTD.
APPOINTMENT

| Sl. No. | Post | Qualification |
|---|---|---|
| 1 | Food Analyst | B. Sc/ M.Sc in Chemistry/ Food Science |
| 2 | Chemist | B. Sc/ M.Sc. (Chemistry/ Environment Science/ Chemical Engg. |
| 3 | Accountant | B.Com with relevant experience |
| 4 | Microbiologist | M. Sc. Microbiology, Biotechnology |
| 5 | Data Entry Operator | BA/B.Com/ B. Sc. with computer proficiency |

Note : Minimum 1 year experience is preferable.
Please submit your resume to:
kalyanilaboratories_pvt.ltd@yahoo.com | Mob - 9861463904

MARUTI SUZUKI ARENA
NEXA
WALK-IN INTERVIEW
ON
22nd July (Sat.)- 2.30pm to 5.30pm
23rd July (Sun.)- 10am to 1pm
REQUIRED FOR ARENA & NEXA OUTLETS ACROSS AT BHUBANESWAR & CUTTACK
➤ RURAL SALES MANAGER - 02
Minimum 5 years experience in rural Sales of Automobiles or any other industry
➤ SR. RELATIONSHIP MANAGERS - 05
(Team Leaders)
Graduate with 5 years experience in Automobile Sales
➤ USED CAR SOURCING EXECUTIVES - 03
(Evaluators) - DL Mandatory
Diploma/ITI (Fitter/Mechanical/Automobiles)
➤ RELATIONSHIP MANAGERS - 20
(Sales Executives)
Graduate with 2 years experience in any Sales
Freshers can also apply
LOCATIONS
Bhubaneswar City & Cuttack City
Districts - Khordha, Cuttack, Dhenkanal, Jajpur, Kendrapada.
Bring along your resume, passport size photos & qualification documents copies
SKY AUTOMOBILES sales • service • spares - SINCE 1987
Plot No. 372/4695, Beside The Arcon Retreat, Nandankanan Road, Patia, Bhubaneshwar, Call: 7440025913, 7064806480
Email: hr.ass@skyautomobiles.in, training.odisha@skyautomobiles.in

# ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଫାବଲେସ୍ ପଲିସିକୁ ଅନୁମୋଦନ

## ସୃଷ୍ଟି ହେବ ୨୫ ହଜାର ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୨୧।୭(ଅନିଲ ଦାସ)

ରାଜ୍ୟ ସରକାର ଓଡ଼ିଶାକୁ ଦେଶର ସେମିକଣ୍ଡକ୍ଟର ଡିଜାଇନ ଏବଂ ଉତ୍ପାଦନର ଏକ ଅଗ୍ରଣୀ କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଫାବଲେସ୍ ପଲିସି କାର୍ଯ୍ୟକାରୀ କରିବାକୁ ଯାଉଛି। ଏହି ନୀତି କାର୍ଯ୍ୟକାରୀ ହେବାର ୭ ବର୍ଷ ମଧ୍ୟରେ ଅନ୍ତତଃପକ୍ଷେ ଗୋଟିଏ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ଏବଂ ପ୍ରାୟ ୧୦୦ ଫାବଲେସ୍ ଡିଜାଇନ କମ୍ପାନୀ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ପ୍ରାୟ ୫ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ୨୦ ହଜାର ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ବିଭାଗ ପକ୍ଷରୁ ଦିଆଯାଇଥିବା ଉକ୍ତ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଓଡ଼ିଶାରେ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ ଚିପ୍ସ ଉତ୍ପାଦନରେ ଏହା ନିବେଶକମାନଙ୍କୁ ଆକୃଷ୍ଟ କରିବ। ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ଶିଳ୍ପାୟନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ପ୍ରଚୁର ପ୍ରାକୃତିକ ସମ୍ପଦ ଏବଂ ନିବେଶକ ଅନୁକୂଳ ନୀତି ଯୋଗୁ ଓଡ଼ିଶା ବ୍ୟବସାୟ କ୍ଷେତ୍ରରେ ଏକ ଆକର୍ଷଣୀୟ ସ୍ଥାନ ହୋଇପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ରାଜ୍ୟରେ ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ଡିଜାଇନ ଏବଂ ଉତ୍ପାଦନ(ଇଏସ୍‌ଡିଏମ୍) କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାର ଅନେକ ପଦକ୍ଷେପ ନେଇଛନ୍ତି।

# ମାର୍ଶାଘାଇ-ଜମ୍ବୁ ରାସ୍ତା ପ୍ରଶସ୍ତୀକରଣ ଟେଣ୍ଡରକୁ ଅନୁମୋଦନ

୨୦୨୩-୨୪ ବର୍ଷରେ ରାଜ୍ୟ ସେକ୍ଟର ସଡ଼କ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇ-ଜମ୍ବୁ ରାସ୍ତାକୁ ପ୍ରଶସ୍ତୀକରଣ ଏବଂ ଦୃଢ଼ୀକରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ସଡ଼କ ପ୍ରକଳ୍ପ ମାର୍ଶାଘାଇଠାରୁ ଗୋବରୀ ନଦୀ ନିକଟ ଜମ୍ବୁ ପର୍ଯ୍ୟନ୍ତ ୨୪.୬୦୦ କିଲୋମିଟର ଲମ୍ବ ବିଶିଷ୍ଟ ଦୁଇ ଥାକିଆ ନିର୍ମାଣ ହେବ। ପାରାଦୀପ, ହୁକିଟୋଲା ଏବଂ ଲାଇଟ୍ ହାଉସକୁ ଯିବା ପାଇଁ ନିକଟସ୍ଥ ପଟ୍ଟାମୁଣ୍ଡାଇ, ରାଜନଗର ଏବଂ ମାର୍ଶାଘାଇ ବ୍ଲକର ଲୋକମାନେ ଏହି ରାସ୍ତା ଉପରେ ନିର୍ଭରଶୀଳ। ନିର୍ମାଣ ପରେ ଏହି ରାସ୍ତା ଉନ୍ନତ ସଂଯୋଗ ଯୋଗାଇବା ସହ ଟ୍ରାଫିକ୍ ସମସ୍ୟାକୁ ହ୍ରାସ କରିବ ଏବଂ କେନ୍ଦ୍ରାପଡ଼ା ଜିଲାର ଆର୍ଥିକ ବିକାଶ ଘଟାଇବ। ଏଥିପାଇଁ ଆହ୍ୱାନ କରାଯାଇଥିବା ୧୦୩.୪୫ କୋଟି ଟଙ୍କା ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହାର ନିର୍ମାଣ କାର୍ଯ୍ୟ ୨୧ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଜଳ କର ବକେୟା ପଇଠ ଓଟିଏସ୍ ଅବଧି ବଢ଼ିଲା

କେନ୍ଦ୍ର ଓ ରାଜ୍ୟ ଉଦ୍ୟୋଗ, ସରକାରୀ ୟୁନିଟ୍, ସଙ୍ଗଠନ ଏବଂ ଘରୋଇ ଶିଳ୍ପ, ବାଣିଜ୍ୟିକ ଓ ଅନ୍ୟାନ୍ୟ ପ୍ରତିଷ୍ଠାନର ବକେୟା ଜଳ କର ଏକକାଳୀନ ସମାଧାନ (ଓଟିଏସ୍) ଅବଧିକୁ ବୃଦ୍ଧି କରାଯାଇଛି। ଆସନ୍ତା ସେପ୍ଟେମ୍ବର ୩୦ ଆବେଦନର ଶେଷ ସମୟ ଧାର୍ଯ୍ୟ କରାଯାଇଥିବାବେଳେ ସମାଧାନର ଶେଷ ତାରିଖକୁ ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି। ଗତ ୫୩ତମ ରାଜ୍ୟ କ୍ୟାବିନେଟ ବୈଠକରେ ବକେୟା ଜଳ କର ପଇଠ ପାଇଁ ଓଟିଏସ୍ ନୀତିକୁ ଅନୁମୋଦନ କରାଯାଇଥିଲା। ଏଥିପାଇଁ ମାର୍ଚ୍ଚ ୫ ତାରିଖ ଆବେଦନର ଶେଷ ସମୟ ଥିଲା। ଆବେଦନର ଶେଷ ତାରିଖ ସୁଦ୍ଧା ମୋଟ ୩୧୯ଟି ଶିଳ୍ପ ସଂସ୍ଥା ଆବେଦନ କରିଥିବାବେଳେ ଆବେଦନର ଶେଷ ତାରିଖ ପରେ ଆଉ ୧୩ଟି ଶିଳ୍ପ ସଂସ୍ଥା ଆବେଦନ କରିଛନ୍ତି। ଅନ୍ୟ କେତେକ ଶିଳ୍ପ ସଂସ୍ଥା ମଧ୍ୟ ଓଟିଏସ୍ ପାଇଁ ଆବେଦନ କରି ଯୋଜନାର ଲାଭ ନେବାକୁ ଅପେକ୍ଷା କରିଛନ୍ତି। ରାଜ୍ୟର ସାମଗ୍ରିକ ଅର୍ଥନୈତିକ ସ୍ୱାର୍ଥକୁ ଦୃଷ୍ଟିରେ ରଖିବା ସହିତ ଅନ୍ୟ ଜଳ ବ୍ୟବହାରକାରୀମାନେ ଯେପରି ଓଟିଏସ୍‌ର ଲାଭ ଉଠାଇପାରିବେ ସେଥିପାଇଁ କ୍ୟାବିନେଟ ଯୋଜନାର ଅବଧି ବୃଦ୍ଧିକୁ ଅନୁମୋଦନ କରିଛି।

# ଖ-ବର୍ଗ, ଗ-ବର୍ଗ ଅନ୍ତର୍ଗତ ବିଭିନ୍ନ ସେବା ଓ ପଦବୀ

ରାଜ୍ୟ ସରକାରଙ୍କ ଅଧୀନ ଖ-ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ବିଭିନ୍ନ ସେବା ଓ ପଦବୀରେ ନିଯୁକ୍ତି ନିମନ୍ତେ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ-୨୦୨୨ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ପୂର୍ବରୁ ରାଜ୍ୟ ସରକାରଙ୍କ ଅଧୀନ ଖ-ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ବିଭିନ୍ନ ସେବା ଓ ପଦବୀରେ ନିଯୁକ୍ତି ନିମନ୍ତେ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ, ୨୦୨୨ର ଅନୁସୂଚୀ-୧ରେ ୧୮ଗୋଟି ଖ-ବର୍ଗ ଏବଂ ଗ-ବର୍ଗ ପଦବୀ ଅନ୍ତର୍ଭୁକ୍ତ କରାଯାଇଛି। ନିୟମାବଳୀର ନିୟମ-୩ରେ ଧାର୍ଯ୍ୟ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ, ଦୁଇଗୋଟି ପଦବୀ ତଥା ଟାଉନ୍ ପ୍ଲାନିଂ ନିର୍ଦ୍ଦେଶାଳୟ ଅଧୀନ ଜୁନିୟର ଆକାଉଣ୍ଟାଣ୍ଟ ଏବଂ ଏକ୍ସାଇଜ ନିର୍ଦ୍ଦେଶାଳୟ ଅଧୀନ ଜୁନିୟର ଆସିଷ୍ଟାଣ୍ଟ ପଦବୀକୁ ରାଜ୍ୟ ସରକାରଙ୍କ ଅଧୀନ ଖ-ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ବିଭିନ୍ନ ସେବା ଓ ପଦବୀରେ ନିଯୁକ୍ତି ନିମନ୍ତେ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ, ୨୦୨୨ର ଅନୁସୂଚୀ-୧ରେ ଅନ୍ତର୍ଭୁକ୍ତ କରାଯିବ। ଏହାଦ୍ୱାରା ଓଡ଼ିଶା କର୍ମଚାରୀ ଚୟନ ଆୟୋଗ ଉପରୋକ୍ତ ପଦବୀଗୁଡ଼ିକୁ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ। ଏଥିସହିତ ରାଜ୍ୟ ସରକାରଙ୍କ ଖ-ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ସ୍ୱତନ୍ତ୍ର ସେବା ଓ ପଦବୀରେ ନିଯୁକ୍ତି ନିମନ୍ତେ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ-୨୦୨୨ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ନିୟମାବଳୀ ୨୦୨୨ର ଅନୁସୂଚୀ-୧ରେ ୨୪ଟି ଖ- ବର୍ଗ ଏବଂ ଗ-ବର୍ଗ ପଦବୀ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ନିୟମ-୩ରେ ଧାର୍ଯ୍ୟ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ, ୫ଟି ପଦବୀ ଡ୍ରଗ୍ କଣ୍ଟ୍ରୋଲ ନିର୍ଦ୍ଦେଶାଳୟ ଅଧୀନରେ ସିନିୟର ଲାବୋରେଟୋରି ଆସିଷ୍ଟାଣ୍ଟ, ରପ୍ତାନି ପ୍ରୋତ୍ସାହନ ଏବଂ ମାର୍କେଟିଂ ନିର୍ଦ୍ଦେଶାଳୟ ଅଧୀନରେ ସାଇଣ୍ଟିଫିକ୍ ଆସିଷ୍ଟାଣ୍ଟ, ରାଜସ୍ୱ ବୋର୍ଡ ଅଧୀନରେ କମ୍ପ୍ୟୁଟର ପ୍ରୋଗ୍ରାମର, ଇସ୍ପାତ ଏବଂ ଖଣି ନିର୍ଦ୍ଦେଶାଳୟ ଅଧୀନରେ ଜୁନିୟର କେମିଷ୍ଟ ଓ ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ଅଧୀନରେ ସିନିୟର ମୂଲ୍ୟ ସହାୟକ ପଦବୀକୁ ରାଜ୍ୟ ସରକାରଙ୍କ ଅଧୀନ ଖ-ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ସ୍ୱତନ୍ତ୍ର ସେବା ଓ ପଦବୀରେ ନିଯୁକ୍ତି ନିମନ୍ତେ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ, ୨୦୨୨ର ଅନୁସୂଚୀରେ ଅନ୍ତର୍ଭୁକ୍ତ କରାଯିବ। ଏହାଦ୍ୱାରା ଓଡ଼ିଶା କର୍ମଚାରୀ ଚୟନ ଆୟୋଗ ଉପରୋକ୍ତ ପଦବୀଗୁଡ଼ିକ ପାଇଁ ନିଯୁକ୍ତି ପରୀକ୍ଷା କରିପାରିବେ।

# ଓଡ଼ିଶା ଲୋକସେବା ଆୟୋଗ, ଲୋକାୟୁକ୍ତ

ଓଡ଼ିଶା ଲୋକସେବା ଆୟୋଗରେ ସଦସ୍ୟ ଭାବେ ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ର ଏବଂ ଗୌରାଙ୍ଗ ଚରଣ ସାହୁଙ୍କ ନିଯୁକ୍ତିକୁ କ୍ୟାବିନେଟ ଅନୁମୋଦନ କରିଛି। ଏଥିସହିତ ଓଡ଼ିଶା ଲୋକାୟୁକ୍ତଙ୍କର ୨୦୨୨ ବର୍ଷର ବାର୍ଷିକ ରିପୋର୍ଟକୁ କ୍ୟାବିନେଟ ମୋହର ମାରିଛି। ଉକ୍ତ ରିପୋର୍ଟକୁ ଓଡ଼ିଶା ବିଧାନସଭାରେ ଉପସ୍ଥାପନ କରାଯିବ।

# ଓଡ଼ିଶା ବେସାମରିକ ଯୋଗାଣ ମାର୍କେଟ ଇଣ୍ଟେଲିଜେନ୍ସ ସେବା ସଂଶୋଧନ ନିୟମ-୨୦୨୩

ଓଡ଼ିଶା ବେସାମରିକ ଯୋଗାଣ ମାର୍କେଟ ଇଣ୍ଟେଲିଜେନ୍ସ ସେବା(ନିଯୁକ୍ତି ପ୍ରକ୍ରିୟା ଏବଂ ଚାକିରି ସର୍ତ୍ତାବଳୀ) ସଂଶୋଧନ ନିୟମ-୨୦୨୩ର ପ୍ରଣୟନ କରାଯାଇଛି। ଏହାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ଓଡ଼ିଶା ବେସାମରିକ ଯୋଗାଣ ଇଣ୍ଟେଲିଜେନ୍ସ ସେବା ଅନ୍ତର୍ଗତ ପଦବୀଗୁଡ଼ିକର ନିଯୁକ୍ତି ପ୍ରକ୍ରିୟା ଓ ଚାକିରି ସର୍ତ୍ତାବଳୀ ଓଡ଼ିଶା ବେସାମରିକ ଯୋଗାଣ ବିପଣୀ ଗୁପ୍ତବାର୍ତ୍ତା ସେବା (ନିଯୁକ୍ତି ପ୍ରକ୍ରିୟା ଏବଂ ଚାକିରି ସର୍ତ୍ତାବଳୀ) ଅଧିନିୟମ, ୨୦୨୧ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଉକ୍ତ ନିୟମ-୧୦(୧)ଏବଂନିୟମ-୧୦(୩)କୁ ସଂଶୋଧନ କରାଯାଇଛି। ଏହି ସଂଶୋଧନ ପରେ ଗୁପ୍ତବାର୍ତ୍ତା ବିପଣୀ ନିରୀକ୍ଷକ ପଦବୀରୁ ଯୋଗାଣ ନିରୀକ୍ଷକ ପଦବୀକୁ ଥିବା ପଦୋନ୍ନତି ବ୍ୟବସ୍ଥାକୁ ବାଦ୍ ଦିଆଯିବ।

ନିୟମ-୧୦(୩) ଅନୁସାରେ ଯଦି କୌଣସି ବରିଷ୍ଠ ମାର୍କେଟ ଇଣ୍ଟେଲିଜେନ୍ସ ଇନ୍ସପେକ୍ଟର ୪ ବର୍ଷର ନିୟମିତ ସେବା ସମାପ୍ତ ନ କରନ୍ତି ଏବଂ ହିସାବ ଓ ବିଧି ବିଷୟ ଉପରେ ବିଭାଗୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇନାହାନ୍ତି ତେବେ ସେ ମାର୍କେଟ ଇଣ୍ଟେଲିଜେନ୍ସ ଅଫିସର ପଦବୀକୁ ପଦୋନ୍ନତି ପାଇଁ ବିବେଚିତ ହୋଇପାରିବେ ନାହିଁ। ସର୍ବାଧିକ ମାର୍କ, ଯୋଗ୍ୟତା ମାର୍କ ଏବଂ ପରୀକ୍ଷଣର ଅବଧି ସମୟାନୁସାରେ ରାଜସ୍ୱ ବୋର୍ଡ ଦ୍ୱାରା ସ୍ଥିର ହେବ। ଏହାଦ୍ୱାରା ଓଡ଼ିଶା ବେସାମରିକ ଯୋଗାଣ ବିପଣୀ ଗୁପ୍ତବାର୍ତ୍ତା କ୍ୟାଡର କାର୍ଯ୍ୟକାରିତା ତଥା ପରିଚାଳନା ତ୍ୱରାନ୍ୱିତ ହୋଇପାରିବ।

# ଓଡ଼ିଶା ପର୍ଯ୍ୟଟନ ସେବା ନିୟମାବଳୀ-୨୦୨୩କୁ ଅନୁମୋଦନ

ଓଡ଼ିଶା ପର୍ଯ୍ୟଟନ ସେବା (ଓଟିଏସ୍) କ୍ୟାଡରର ପୁନର୍ଗଠନ ପାଇଁ ଓଡ଼ିଶା ପର୍ଯ୍ୟଟନ ସେବା ନିୟମାବଳୀ-୨୦୨୩କୁ କ୍ୟାବିନେଟ ଅନୁମୋଦନ ମିଳିଛି। ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ଓଟିଏସ୍ କ୍ୟାଡରର ପୁନର୍ଗଠନ କରିଛନ୍ତି। ବିଭିନ୍ନ ବର୍ଗର କ୍ୟାଡର ସଂଖ୍ୟା ସର୍ବମୋଟ ୮୨ ଧାର୍ଯ୍ୟ କରାଯାଇଥିବା ବେଳେ ସେଥିରେ ୨୨ଟି ଲୁପ୍ତପ୍ରାୟ ପର୍ଯ୍ୟଟନ ଅଧିକାରୀ ପଦବୀ ଅନ୍ତର୍ଭୁକ୍ତ। ଏବେ ଏହି ସଂଶୋଧନକୁ ଫଳପ୍ରଦ କରିବା ପାଇଁ ଓଟିଏସ୍ କ୍ୟାଡର ନିୟମ, ୨୦୨୩କୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ନିୟମ ତୁରନ୍ତ ଲାଗୁ ହେବ।

# ମାର୍କଫେଡ୍‌କୁ ୫୦୦ କୋଟି ସହାୟତା

ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟ ମହାସଂଘ ଲିଃ (ମାର୍କଫେଡ୍) ସହାୟତା ନିମନ୍ତେ ରାଜ୍ୟ ସରକାର ପାଣ୍ଠି ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କଠାରୁ ଅଣଧାନ କୃଷିଜାତ ଦ୍ରବ୍ୟ ଯଥା- ମୁଗ, ବିରି ହରଡ଼, ଚିନାବାଦାମ ଓ ସୂର୍ଯ୍ୟମୁଖୀ ମଞ୍ଜି ଇତ୍ୟାଦି ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ ନିମନ୍ତେ ଆର୍ଥିକ ବର୍ଷ ୨୦୨୩-୨୪ ରୁ ୨୦୨୭-୨୮ (୫ ବର୍ଷ ) ପର୍ଯ୍ୟନ୍ତ ୫୦୦ କୋଟି ଟଙ୍କା ସହାୟତା ଯୋଗାଇ ଦେବେ। ସମବାୟ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ଯୋଜନାରେ ୧୫୦୦ ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ସେବା ସମବାୟ ସମିତି, ବୃହତ୍ ଆକାରର କୃଷି ସମବାୟ ସମିତି, ନିୟନ୍ତ୍ରିତ ବଜାର କମିଟି, କୃଷକ ଉତ୍ପାଦକ ସଂଗଠନ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୧ ଲକ୍ଷ ପର୍ଯ୍ୟନ୍ତ ଚାଷୀ ସାମିଲ ହୋଇ ଉପକୃତ ହେବେ। ସୁଧମୁକ୍ତ ଋଣକୁ ସମବାୟ ବିଭାଗ ଅନୁମୋଦନ କରିବ। ଏହି ସଂସ୍ଥାକୁ ଦିଆଯାଇଥିବା ଅର୍ଥ ଏକ ସ୍ୱତନ୍ତ୍ର ଆକାଉଣ୍ଟରେ ରଖାଯିବ। କେବଳ ଓଡ଼ିଶାରେ ଡାଲି ଏବଂ ତୈଳବୀଜ କ୍ରୟ ପାଇଁ ଏହି ଅର୍ଥ ବ୍ୟବହାର କରାଯିବ।

# ଓଡ଼ିଶା ନିୟୋଜନ ସେବାର ସଂଶୋଧନ

ରାଜ୍ୟରେ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ସଫଳ ରୂପାୟନ ଏବଂ ଉନ୍ନତ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଓଡ଼ିଶା ନିୟୋଜନ ସେବା କ୍ୟାଡର ପୁନର୍ବିନ୍ୟାସ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଚଳିତ ଓଡ଼ିଶା ନିୟୋଜନ ସେବାର ସଂଶୋଧନ କରାଯାଇ ଏହାକୁ ଓଡ଼ିଶା ଦକ୍ଷତା ବିକାଶ ଓ ନିୟୋଜନ ସେବା ରୂପେ ପ୍ରଚଳନ କରାଯାଇଛି। ଏହି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି।

# ୧୦ ହଜାର ବନ ସୁରକ୍ଷା ସମିତି ଗୃହ ନିର୍ମାଣ ହେବ

ବଣଜଙ୍ଗଲର ସୁରକ୍ଷା ପାଇଁ ସାରା ରାଜ୍ୟରେ ପ୍ରାୟ ୧୦,୦୦୦ ବନ ସୁରକ୍ଷା ସମିତି ଗୃହ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଗୃହଗୁଡ଼ିକୁ ୪ ବର୍ଷ ଅର୍ଥାତ୍ ୨୦୨୩-୨୪ ରୁ ୨୦୨୬-୨୭ ମଧ୍ୟରେ ପର୍ଯ୍ୟାୟକ୍ରମେ ନିର୍ମାଣ କରାଯିବ। ଏହାକୁ ବନ ସୁରକ୍ଷା ସମିତି ସମ୍ମିଳନୀ କକ୍ଷ, ଆୟ ବୃଦ୍ଧିକାରୀ କାର୍ଯ୍ୟକଳାପ, ନ୍ୟସ୍ତ ଅଞ୍ଚଳର ପରିଚାଳନା ଓ ସୁରକ୍ଷା ସମ୍ବନ୍ଧୀୟ ବୈଠକ ନିମନ୍ତେ ବ୍ୟବହାର କରିପାରିବେ। ବନ ସୁରକ୍ଷା ସମିତି ଗୃହ ଗ୍ରାମରେ ଏକ ଅନୁଷ୍ଠାନ ଭାବରେ ମଧ୍ୟ ବିବେଚିତ ହେବ। ଏଥିପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୨୫୦ କୋଟି ଟଙ୍କା ବଜେଟ୍ ବ୍ୟବସ୍ଥା କରାଯାଇଛି। ଏଥିରେ ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ୨୯୪୧ ଗୋଟି ବନ ସୁରକ୍ଷା ସମିତି ଗୃହ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ସ୍ୱଳ୍ପ ମିଆଦୀ ଋଣ, ସୁଧ ବାବଦ ୫୬୦୦ କୋଟି ପ୍ରଦାନ ପ୍ରସ୍ତାବକୁ ଅନୁମୋଦନ

ସ୍ୱଳ୍ପ ମିଆଦୀ ଫସଲ ଋଣ ସୁଧ ରିହାତି ଯୋଜନାରେ ୨୦୨୩-୨୪ ବର୍ଷରୁ ୨୦୨୭-୨୮ ବର୍ଷ ପର୍ଯ୍ୟନ୍ତ (୫ ବର୍ଷ) ଆର୍ଥିକ ସହାୟତା ଓ ସୁଧ ରିହାତି ବାବଦକୁ ୫୬୦୦ କୋଟି ଟଙ୍କା ପ୍ରଦାନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ରାଜ୍ୟ ଯୋଜନା ଅନୁଯାୟୀ ସମବାୟ ବ୍ୟାଙ୍କ ଓ ପ୍ୟାକ୍ସଗୁଡ଼ିକୁ ଉକ୍ତ ଟଙ୍କା ମିଳିବ। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସୁଧ ହାରରେ କୃଷକମାନଙ୍କୁ ଫସଲ ଋଣ ପ୍ରଦାନ ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଏହା ରାଜ୍ୟର କୃଷକ ଓ କୃଷିର ଉନ୍ନତିରେ ସହାୟକ ହେବ। ତୃଣମୂଳ ସ୍ତରରେ ୨୭୧୦ ଗୋଟି ପ୍ରାଥମିକ କୃଷି ସମବାୟ ସମିତି ଏବଂ ବୃହଦାକାର ବହୁମୁଖୀ ଆଦିବାସୀ ସମବାୟ ସମିତି, ମଧ୍ୟମ ସ୍ତରରେ ୧୭ ଗୋଟି କେନ୍ଦ୍ର ସମବାୟ ବ୍ୟାଙ୍କ ଏବଂ ଶୀର୍ଷ ସ୍ତରରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ କାର୍ଯ୍ୟ କରୁଥିବା ବେଳେ ଏହି ସମବାୟ ଅନୁଷ୍ଠାନଗୁଡିକ ରାଜ୍ୟର କୃଷିଋଣ ଓ ଆନୁଷଙ୍ଗିକ ସୁବିଧା ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ତି। ଏହି ସମବାୟ ଅନୁଷ୍ଠାନଗୁଡିକ ୨୦୦୦-୦୧ ବର୍ଷରେ ମାତ୍ର ୪୩୮.୩୬ କୋଟି ଟଙ୍କାର ଫସଲ ଋଣ ୬.୪୦ ଲକ୍ଷ ଚାଷୀଙ୍କୁ ପ୍ରଦାନ କରିଥିବାବେଳେ ୨୦୨୨-୨୩ରେ ୧୬୬୮୩.୫୭ କୋଟି ଟଙ୍କାର ଫସଲ ଋଣ ୩୪.୫୭ ଲକ୍ଷ ଚାଷୀଙ୍କୁ ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ୩୨.୪୩ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ମୋଟ ୧୩୯୭୪.୬୪ କୋଟି ଟଙ୍କାର ଫସଲ ଋଣ ପ୍ରଦାନ କରିଛନ୍ତି।


## OFFICE OF THE DIVISIONAL FOREST OFFICER: DEOGARH DIVISION

Phone No. 06641-291002 (OFFICE/FAX), Email- dfo.deogarh@odisha.gov.in
NOTICE NO.03 OF 2023-24, DATE:21.07.2023

**WALK IN INTERVIEW on dt 03.08.2023**

**No.MM-103:** Deogarh Forest Division invites Applications from interested Candidates for engagement of One Veterinary Surgeon for Mobile Veterinary Unit in Deogarh Forest Division. The Walk-in-interview is scheduled to be held on 03.08.2023 at 11:00 AM in the conference hall of Deogarh Forest Division. The application form along with detailed terms and conditions shall be available on the website **www.deogarh.nic.in/ www.odishaforest.in** from dt.22.07.2023 to 02.08.2023.

| Sl. No. | Job Description | Name and Number of Posts | Educational Qualification | Consolidated Monthly Remuneration | Remarks |
|---|---|---|---|---|---|
| 1 | Veterinary Surgeon for Mobile Veterinary Services (MVS) unit in Deogarh Forest Division | Veterinary Surgeon - 01 (one) post | M.Va.Sc/ B.V.Sc. & A.H. | Rs.55,000/- inclusive of TA, DA, etc. | Wildlife Veterinarians/Retired Veterinarians having experience in wildlife will be engaged by following due procedure. |

Eligible Candidates are requested to send their resumes and certified copies of the educational qualifications, Experience certificate, Email ID, Mobile No. and Expression of Interest (EOI) to work at Deogarh (Deogarh Forest Division and Rourkela Circle as per the exigencies) to the mail id of the DFO, Deogarh. Authority reserves the right to cancel the Engagement without assigning any reason thereof. **The candidates need to send all these documents to the office of the undersigned by e-mail id/By Registered post/Speed post/By courier before 05:00 pm of 02nd August, 2023.**

**Email-id: dfo.deogarh@odisha.gov.in**
**Post/Courier: Divisional Forest Officer, Office of the DFO, Deogarh Forest Division,**
**At: - Traffic Chowk, Pin-768108**

**Sd./- Divisional Forest Officer, Deogarh Forest Division**
**OIPR-08041/11/0004/2324**


## ରାଜ୍ୟ ଖବର

# ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

## ନାବାଳିକା ଛାତ୍ରୀ ବଳାତ୍କାର ମାମଲା

ବ୍ରହ୍ମପୁର,୨୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ନାବାଳିକା ଛାତ୍ରୀ ବଳାତ୍କାର ମାମଲାର ଚୂଡାନ୍ତ ରାୟ ଶୁକ୍ରବାର ପ୍ରକାଶ ପାଇଛି। ଆଡ଼ହକ୍ ଫାଷ୍ଟଟ୍ରାକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଗଣେଶ୍ୱର ପତି ପ୍ରମାଣ ମିଳିଥିବାରୁ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୭ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯିବ ବୋଲି ବିଚାରପତି ରାୟରେ ଦର୍ଶାଇଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅଞ୍ଚଳର ମଙ୍ଗୁଲୁ ନାୟକ (୩୫)।

# ସରକାରଙ୍କୁ ୧୦୩.୩୭ କୋଟି ଟଙ୍କାର ଲାଭାଂଶ ପ୍ରଦାନ କଲା ଓପିଜିସି




ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ୍ ଲିମିଟେଡ୍ (ଓପିଜିସି) ପକ୍ଷରୁ ୨୦୨୨-୨୩ ବର୍ଷର ଲାଭାଂଶ ବାବଦକୁ ୧୦୩.୩୭ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଭାଗୀୟ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଉନ୍ନୟନ କମିଶନର ଅନୁ ଗର୍ଗ, ଓପିଟିସିଏଲ୍ ସିଏମ୍‌ଡି ସଞ୍ଜୟ କୁମାର ମିଶ୍ର ଓ ଶକ୍ତି ବିଭାଗର ଅନ୍ୟ ଉପରିସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଓପିଜିସି ଏମ୍‌ଡି ପି.କେ. ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)କୁ ଏହି ଚେକ୍ ପ୍ରଦାନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି (ସିଏମ୍‌ଏଫ୍)କୁ ମଧ୍ୟ ଓପିଜିସି ପକ୍ଷରୁ ୨କୋଟି ଟଙ୍କା ପ୍ରଦାନ କରାଯାଇଥିଲା।


idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-1386

## OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR

Tender Call Notice No.H.O./P&C/EST-E-1497/03/2023 22191 Dated 17.07.2023

**NOTICE INVITING TENDER THROUGH e-Procurement**
**Bid Reference No.P&C/EST/E-79/2023-24**

**Name of the Work:** Construction of Internal Road (1.0 Km) at proposed MSME Park at Reuna in Dist. Sundergarh. **Estimated Cost: Rs.278.90 Lakhs (Approx.). Period of Completion: 04 (Four) Calendar Months.**

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id No. PC/EST/ E-79/2023-24 | 17.00 Hours of 18.08.2023 | 17.00 Hours of 02.09.2023 |

**Further details can be seen from the e-procurement portal www. Tendersorissa.gov.in** and Corrigendum if any will not be published in newspapers and can only be seen in the e-procurement portal **www. tenderorissa.gov.in and IDCO website www.idco.in**

**Sd./- Chief General Manager (P&C), IDCO, Bhubaneswar**
**OIPR-14003/11/0130/2324**

## OFFICE OF THE DIVISIONAL FOREST OFFICER ANGUL (T) FOREST DIVISION

Ltr.No.4167, Dated. 21.07.2023

**Tender for Sealed Quotation High Mast Electric Light**

**No.MM-104:** Sealed tender quotation Call are invited for high mast electric light to this office latest by 07.08.2023. For detailed tender notice go through this office website: www.angul.nic.in & www.odishaforest.in.

**Divisional Forest Officer**
**Angul Division**
OIPR-08027/11/0006/2324

## ZILLA SWASTHYA SAMITI, GANJAM

**Objections for the different in-House Posts under NHM Programme**

**Advt.No.10280** **Date:21.07.2023**

**Notice for objection of contractual Appointment under NHM**

**No.E-277:** In response to the advertisement 3541 dated 06.03.2023 published in daily newspaper **"The Sambada & The Dharitri"** on dated **10.03.2023** for the different posts under NHM Ganjam district. The provisional data base has been prepared and published in district website: **https://ganjam.nic.in.** The list is purely provisional in nature and subject to change. All the candidates who had applied for the same posts are requested to go through the list and submit the objection if any through speed post/Registered post only to the CDM&PHO, Ganjam, Pin- 760001, Near City Hospital and Berhampur. No new document is to be received; only data base entry errors are to be considered. The last date for receiving the objection is on or before 05.08.2023 till 5 P.M. The authority is not responsible for any delay of receiving the application. All the candidates are also requested to visit the district website Ganjam frequently for all communication related to this recruitment process. The undersigned reserves the right to cancel/ reject the notice without assigning any reason thereof.

**Sd./-CDM&PHO Cum DMD, Ganjam**
**OIPR-10041/11/0009/2324**

## OFFICE OF THE SUPERINTENDING ENGINEER RENGALI DAM DIVISION,RENGALI DAM SITE, ANGUL-759105

E-mail:rengalidam@gmail.com

**No.A-365: 'e' PROCUREMENT NOTICE**

| | | |
|---|---|---|
| 1 | Nature of the works | Slope Protection to left abutment, Gallery calcinations Cleaning, Widening of Road by Paver Block etc |
| 2 | No. of works | 03(Three) |
| 3 | Value of works | Varies from Rs.9.39 Lakh to Rs. 16.70 Lakhs |
| 4 | Period of completion | 04 (Four) to 07 (Seven) Calendar Months |
| 5 | Class of contractors | 'D' & 'C' |
| 6 | Procurement Officer | Superintending Engineer, Rengali Dam Division, Rengali Dam site. |
| 7 | Bid Identification No. | RDD-02/2023-24 |
| 8 | Availability of tender for Online bidding | From 10.00 hrs of 26.07.2023 to 05.08.2023 up to 15.00 hrs |
| 9 | Last date and time of seeking tender clarification | 31.07.2023 up to 15.00 hrs |
| 10 | Date and time of opening of Bid | 07.08.2023 at 11.00 hrs. |

Further details conditions can be seen from the Govt. website www. tendersorissa.gov.in.

**Sd./- Superintending Engineer, Rengali Dam Division, Rengali Dam Site**
**OIPR-32028/11/0002/2324**

See Career Appointment on every Wednesday & Saturday



ଗ୍ୱାଲିୟରଠାରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ଆୟୋଜିତ ଜନ ଆକ୍ରୋଶ ରାଲି ସମୟରେ ରାସ୍ତାପାର୍ଶ୍ୱରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ମଧ୍ୟପ୍ରଦେଶ କଂଗ୍ରେସ ସଭାପତି କମଲନାଥଙ୍କ କଟ୍ ଆଉଟ୍ ଲଗାଯାଇଛି।

# ମଧ୍ୟପ୍ରଦେଶରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି: ପ୍ରିୟଙ୍କା

**ଗ୍ୱାଲିୟର,୨୧।୭**

ଚଳିତ ବର୍ଷ ଶେଷ ଭାଗରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶୁକ୍ରବାର ଗ୍ୱାଲିୟରରେ ବିଶାଳ ରାଲିକୁ ସମ୍ବୋଧିତ କରିଛନ୍ତି। ଭାଜପା ଶାସିତ ଏହି ରାଜ୍ୟରେ ପରିବର୍ତ୍ତନର ବଡ଼ ଲହର ବହିବାକୁ ଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନିର୍ବାଚନ ମଣ୍ଡଳୀରେ ରାଲିକୁ ସମ୍ବୋଧିତ କରି ପ୍ରିୟଙ୍କା କହିଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ। ବିରୋଧୀ ଦଳର ବରିଷ୍ଠ ନେତାମାନଙ୍କୁ ପ୍ରଧାନମନ୍ତ୍ରୀ ସମ୍ମାନ ଦେବା ବଦଳରେ ସେମାନଙ୍କୁ ଚୋର କହୁଛନ୍ତି। ମଣିପୁର ଜଳୁଥିବାବେଳେ ୭୭ ଦିନ ପରେ ମହିଳାମାନଙ୍କ ପ୍ରତି ବୀଭତ୍ସ ଅତ୍ୟାଚାରର ଭିଡିଓ ସାମନାକୁ ଆସିବାରୁ ପ୍ରଧାନମନ୍ତ୍ରୀ ମୁହଁ ଖୋଲିଥିବା ପ୍ରିୟଙ୍କା କହିଥିଲେ।

ନିର୍ବାଚନ ହେବାକୁ ଥିବା ମଧ୍ୟପ୍ରଦେଶକୁ ୪୦ ଦିନ ମଧ୍ୟରେ ପ୍ରିୟଙ୍କାଙ୍କର ଏହା ଦ୍ୱିତୀୟ ଗସ୍ତ। ଜୁନ୍ ୧୨ରେ ସେ ଜବଲପୁରରେ ଏକ ରାଲିକୁ ଉଦ୍‌ବୋଧନ ଦେବା ସହ ମଧ୍ୟପ୍ରଦେଶରୁ କଂଗ୍ରେସର ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ଯଦି କଂଗ୍ରେସ ରାଜ୍ୟରେ କ୍ଷମତାକୁ ଆସେ ତେବେ ମହିଳାମାନଙ୍କୁ ପ୍ରତି ମାସରେ ୧,୫୦୦ ଟଙ୍କା ଆର୍ଥିକ ସହାୟତା ସହ ୧୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି, ପୁରୁଣା ପେନ୍‌ସନ ସ୍କିମ୍ ଆଦି ୫ ଯୋଜନା କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ସରକାର ଦୁର୍ନୀତିରେ ବୁଡ଼ି ରହିବା ସହ ଯୁବବର୍ଗଙ୍କୁ ନିଯୁକ୍ତି ଯୋଗାଇବାରେ ବିଫଳ ହୋଇଛନ୍ତି। ଏହି ଅବସରରେ ସେ କଂଗ୍ରେସରୁ ଭାଜପା ନେତା ହୋଇଥିବା ଜ୍ୟୋତିରାଦିତ୍ୟଙ୍କୁ ସମାଲୋଚନା କରିଥିଲେ। ୨୦୧୮ ବିଧାନସଭା ନିର୍ବାଚନ ଜିତି କଂଗ୍ରେସ ମଧ୍ୟପ୍ରଦେଶରେ ସରକାର ଗଢ଼ିଥିଲା। ତେବେ ୨୦୨୦ ମାର୍ଚ୍ଚରେ ଜ୍ୟୋତିରାଦିତ୍ୟଙ୍କ ନେତୃତ୍ୱରେ ତାଙ୍କର କେତେଜଣ ଅନୁଗତ ବିଧାୟକ ଭାଜପାରେ ଯୋଗଦେବାରୁ ୧୫ ମାସର କମଲନାଥ ସରକାର ଭାଙ୍ଗିଯାଇଥିଲା ଏବଂ ଶିବରାଜଙ୍କ ନେତୃତ୍ୱରେ ଭାଜପା କ୍ଷମତାକୁ ଫେରିଥିଲା।

# ଭାଜପା ସହ ଏକାଠି କାମ କରିବ ଜେଡିଏସ୍: କୁମାରସ୍ୱାମୀ

**ନୂଆଦିଲ୍ଲୀ,୨୧।୭**

କର୍ନାଟକର ସ୍ୱାର୍ଥ ପାଇଁ ଜେଡିଏସ୍ ଭାଜପା ସହ ଏକାଠି ବିରୋଧୀ ଦଳ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିବା ଏହାର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଶୁକ୍ରବାର ଘୋଷଣା କରିଛନ୍ତି। ଦଳ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଅଧ୍ୟକ୍ଷ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ତାଙ୍କୁ କ୍ଷମତା ଦେଇଥିବା କୁମାରସ୍ୱାମୀ କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ଜେଡିଏସ୍ ଏନ୍‌ଡିଏ ମେଣ୍ଟରେ ସାମିଲ


ଏଚ୍.ଡି. କୁମାରସ୍ୱାମୀ

ହେବା ସମ୍ଭାବନା ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇଛି। ଗୁରୁବାର ରାତିରେ ଜେଡିଏସ୍ ବିଧାୟକ ଦଳ ବୈଠକରେ ହୋଇଥିବା ଆଲୋଚନା ସମ୍ପର୍କରେ ପ୍ରଶ୍ନ କରାଯିବାରୁ କୁମାରସ୍ୱାମୀ କହିଥିଲେ, ବିଧାନସଭା ଭିତରେ ଓ ବାହାରେ ଭାଜପା ଏବଂ ଜେଡିଏସ୍ ବିରୋଧୀ ଦଳ । ରାଜ୍ୟର ସ୍ୱାର୍ଥ ପାଇଁ ସେମାନେ ଏକାଠି କାମ କରିବାକୁ ନିଷ୍ପତ୍ତି ହୋଇଛି। ଜେଡିଏସ୍‌ର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଏବେ ସାଂଗଠନିକ ପରିବର୍ତ୍ତନ ଯୋଜନା ହେଉଛି। ପାର୍ଲାମେଣ୍ଟ ନିର୍ବାଚନ ଆଉ ୧୧ ମାସ ରହିଛି। ଏନ୍‌ଡିଏ ସହ ଏକାଠି ନିର୍ବାଚନ ଲଢ଼ିବା ନେଇ ସେତେବେଳେ ନିଷ୍ପତ୍ତି ନିଆଯିବ ବୋଲି କୁମାରସ୍ୱାମୀ କହିଥିଲେ।

# ଅଗଷ୍ଟ ୧୫ ସୁଦ୍ଧା କୋଟିଏ ଗଛ ଲଗାଇବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)**

ପ୍ରକୃତି ତଥା ପରିବେଶର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ୧ କୋଟି ଗଛ ଲଗାଇବା ପାଇଁ ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅଭିଭାବକମାନଙ୍କୁ ସଂକଳ୍ପ ନେବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି।

ଧର୍ମେନ୍ଦ୍ର ଏକ ଭିଡିଓ ବାର୍ତ୍ତା ଜରିଆରେ କହିଛନ୍ତି, ପ୍ରକୃତି ଆମକୁ ଅନେକ କିଛି ଦେଇଛି। ଏଥିପାଇଁ ପ୍ରକୃତି ମାତାଙ୍କ ପାଖରେ ସବୁବେଳେ କୃତଜ୍ଞ। ବର୍ତ୍ତମାନ ସମୟରେ ଭବିଷ୍ୟତ ପିଢ଼ି ପାଇଁ ଆମ ପରିବେଶର ସୁରକ୍ଷା କରିବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ। ମିଳିତ ଜାତିସଂଘ


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ପରିବେଶ କାର୍ଯ୍ୟକ୍ରମ ଅନୁସାରେ, ଜଳବାୟୁର ପରିବର୍ତ୍ତନ ଏବଂ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣ କେବଳ ବୈଷୟିକ ପଦ୍ଧତି ଦ୍ୱାରା ସମାଧାନ ହୋଇପାରିବ ନାହିଁ। ଏହାର ନିରାକରଣ ନାଗରିକମାନଙ୍କ ସାମୂହିକ ଏକତା ଓ ଇଚ୍ଛାଶକ୍ତି ଦ୍ୱାରା ସମ୍ଭବ ହୋଇପାରିବ। ଆମ ପାଖରେ ପ୍ରକୃତି ଅଛି ଏବଂ ପରିବେଶକୁ ପୁନରୁଦ୍ଧାର କରିବାର ଅପାର ଶକ୍ତି ମଧ୍ୟ ରହିଛି। ଧରାପୃଷ୍ଠକୁ ସୁସ୍ଥ ରଖିବା ପାଇଁ ସମସ୍ତେ ବ୍ୟକ୍ତିଗତ ସ୍ତରରେ ଯୋଗଦାନ କରିବା ଜରୁରୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ 'ମିଶନ ଲାଇଫ୍' ଆଧାରରେ ସମସ୍ତେ ମିଳିତ ଭାବେ ପରିବେଶର ସୁରକ୍ଷା ଓ ସଂରକ୍ଷଣ କରିବା ପାଇଁ ପଦକ୍ଷେପ ନେବା ଦରକାର। ଚଳିତ ମୌସୁମୀ ଋତୁରେ ସମସ୍ତେ ୧ କୋଟି ଗଛ ଲଗାଇବାର ସଂକଳ୍ପ ନେବା। ଚାରା ରୋପଣକୁ କେବଳ ନିଜ ଭିତରେ ସୀମିତ ରଖିବା ନାହିଁ, ଏକ ଜନ ଆନ୍ଦୋଳନରେ ପରିଣତ କରିବା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ସ୍କୁଲ ଛାତରୁ ପ୍ଲାଷ୍ଟର ଖସିବା ନେଇ ବର୍ଷିଲା ଭାଜପା

**ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)**

ଓଡ଼ିଶାରେ ଶିକ୍ଷାନୁଷ୍ଠାନ ଦୁର୍ନୀତିର ଗନ୍ତାଘର ହୋଇଛି। ଶିକ୍ଷା କ୍ଷେତ୍ରରେ ସର୍ବ ଭାରତୀୟସ୍ତରରେ ଓଡ଼ିଶାର ସ୍ଥାନ ୨୪ ନମ୍ବରରେ ପହଞ୍ଚିଛି। ପିଜିଆଇ କ୍ଷେତ୍ରରେ ଓଡ଼ିଶାର ଶିକ୍ଷା ସବୁଠୁ ତଳେ ରହିଛି। ଓଡ଼ିଶାରେ ଶିକ୍ଷାର ବ୍ୟବସ୍ଥା ସମ୍ପୂର୍ଣ୍ଣଭାବେ ଭୁଶୁଡ଼ିପଡିଛି। ସ୍କୁଲଗୁଡ଼ିକ ୫-ଟି ଅଧୀନରେ ଅନ୍ତର୍ଭୁକ୍ତ ହେବାପରେ ବିଦ୍ୟାଳୟ ଗୃହ ନିର୍ମାଣରେ ବ୍ୟାପକ ଦୁର୍ନୀତି ହେଉଛି। ସ୍କୁଲ କାର୍ଯ୍ୟ ନାଁରେ କିଭଳି ହରିଲୁଟ୍‌କୁ କରାଯାଉଛି ତାହା ଛାତ୍ରୀଛାତ୍ରମାନେ ଦେଖୁଛନ୍ତି। ଏଭଳି କହି ସ୍କୁଲ ଛାତରୁ ପ୍ଲାଷ୍ଟର ଖସିବା ଘଟଣାରେ ଶାସକ ଦଳ ଉପରେ ଭାଜପା ନେତା ବିଭୁ ପ୍ରସାଦ ତରାଇ ପ୍ରବଳ ବର୍ଷିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭୁ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶରେ ୫-ଟି ବିଭାଗ ଖୋଲାଯାଇ ବିଭିନ୍ନ ଜିଲାର ସ୍କୁଲଗୁଡିକର ଭିତ୍ତିଭୂମି ନିର୍ମାଣ କରାଯାଉଥିବା କୁହାଯାଉଛି। ଶିକ୍ଷାର ପ୍ରଚାର ଏବଂ ପ୍ରସାର କରିବା ଦିଗରେ ରାଜ୍ୟ ସରକାର କାର୍ଯ୍ୟ କରୁଥିବାର ଡିଣ୍ଡିମ ପିଟୁଛନ୍ତି। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଏହାର ଉଦାହରଣ ପଢ଼ିଆରୀ ବିଦ୍ୟାପୀଠରେ ଦେଖିବାକୁ ମିଳିଛି। ଗତ ୬ ମାସ ତଳେ


ବିଭୁ ପ୍ରସାଦ ତରାଇ

କାକଟପୁର ନିର୍ବାଚନମଣ୍ଡଳୀର ତାଳଦାସ୍ଥିତ ପଢ଼ିଆରୀ ବିଦ୍ୟାପୀଠରେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ସ୍କୁଲର ଭିତ୍ତିଭୂମି ନିର୍ମାଣ କରାଯାଇଥିଲା। ହେଲେ ଗତ ୧୯ ତାରିଖରେ ବିଦ୍ୟାଳୟର କମନ୍ ରୁମ୍‌ର ଛାତ ପ୍ଲାଷ୍ଟର ଖସି ଜଣେ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସେନାପତି ଓ ସିଆର୍‌ସିସି ତ୍ରିଲୋଚନ ବେହେରା ଏବଂ ଦୈତାରି ନାୟକ ଆହତ ହୋଇ ଭୁବନେଶ୍ୱରରେ ଆମ୍ରି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଜୁନିୟର ଇଞ୍ଜିନିୟରଙ୍କ ନାଁରେ କାର୍ଯ୍ୟାଦେଶ ଦିଆଯାଇଥିଲା। ବିଡିଓ ବବିତା ମଞ୍ଜରୀ ନାୟକଙ୍କ ପାଖରେ ଲୋକମାନେ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରିଥିଲେ ମଧ୍ୟ ଏନେଇ ସେ କର୍ଣ୍ଣପାତ କରି ନ ଥିଲେ। ଏଥିରୁ ୫-ଟି ସ୍କୁଲଗୁଡିକ ଠିକାଦାରିରେ ଚାଲିଥିବା ସ୍ପଷ୍ଟ ବୋଲି ବିଭୁ କହିଛନ୍ତି।

# ସ୍କୁଲ ପିଲାଙ୍କୁ ଉନ୍ନତ ଶିକ୍ଷାରୁ ବଞ୍ଚିତ କରିବାକୁ ଭାଜପାର ଷଡ଼ଯନ୍ତ୍ର: ବିଜେଡି

**ଭୁବନେଶ୍ୱର,୨୧।୭(ଅନିଲ ଦାସ)**

ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ଏକ ସ୍କୁଲର ଅଫିସ ଗୃହ ଛାତରୁ ପ୍ଲାଷ୍ଟର ଖସି ୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଆହତ ହେବା ଘଟଣା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ତେବେ ୫-ଟି ସ୍କୁଲରେ ନିମ୍ନମାନର କାମ ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଓଡ଼ିଶା ଭାଜପା ଯେଉଁ ଅଭିଯୋଗ ଆଣିଛି, ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। କୌଣସି ୫-ଟି ରୂପାନ୍ତରଣ କାର୍ଯ୍ୟରେ ସ୍କୁଲ ଅଫିସ ଗୃହର ନିର୍ମାଣ ବା ମରାମତି ହୁଏ ନାହିଁ, ଯାହା ଏଠାରେ ବି ହୋଇନାହିଁ ବୋଲି ବିଜୁ ଜନତା ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଶୁକ୍ରବାର ଶଙ୍ଖଭବନଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ଲୁମ୍ନନାଥ ପଣ୍ଡା କହିଛନ୍ତି, ଆମ ରାଜ୍ୟର ପିଲାମାନେ ଉନ୍ନତ ମାନର ସ୍କୁଲରେ ଏକ ସୁସ୍ଥ ଶୈକ୍ଷିକ ବାତାବରଣରେ ଭଲ ଶିକ୍ଷା ପାଆନ୍ତୁ ତାହା ଓଡ଼ିଶା ଭାଜପା ଚାହୁଁନାହିଁ। ସେମାନଙ୍କୁ ୫-ଟି ଭୂତ ଘାରିଛି। ସେମାନେ ୫-ଟି ସ୍କୁଲ ରୂପାନ୍ତରଣକୁ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରି ସ୍କୁଲ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି।



ଲୁମ୍ନନାଥ ପଣ୍ଡା

କେବଳ ମିଛର ସାହାରା ନେଇ ରାଜନୀତି କରିବାକୁ ଭାଜପା ନେତାଙ୍କ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗୁରୁବାର ଅସ୍ତରଙ୍ଗର ସେହି ସ୍କୁଲକୁ ଯାଇଥିଲା। କିଛିଦିନ ପୂର୍ବରୁ ବାହାନଗାଠାରେ ଭୟଙ୍କର ରେଳ ଦୁର୍ଘଟଣା ଘଟି ଯେତେବେଳେ ପ୍ରାୟ ୩୦୦ ଲୋକଙ୍କ ଜୀବନ ଚାଲିଗଲା ଏବଂ ଶହ ଶହ ଲୋକ ଆହତ ହେଲେ, ସେତେବେଳେ ଦୁର୍ଘଟଣାସ୍ଥଳକୁ ଓଡ଼ିଶା ଭାଜପାର କୌଣସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କାହିଁକି ଯାଇ ନ ଥିଲା। ନିକଟରେ ପୁଣିଥରେ ବାଲେଶ୍ୱର ନୀଳଗିରି ନିକଟରେ ଏକ ମେମୁ ଟ୍ରେନ୍ ମେନ୍ ଲାଇନ ଛାଡ଼ି ଲୁପ୍ ଲାଇନ ଚାଲିଯାଇଥିଲା। ତେବେ ଲୋକୋ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଅଳ୍ପକେ ବାହାନଗା ଭଳି ବଡ଼ ଦୁର୍ଘଟଣା ଟଳିଗଲା। ଏଭଳି ଦୁର୍ଘଟଣା ବେଳେ ରାଜ୍ୟ ଭାଜପାର କୌଣସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ତଥ୍ୟ ସଂଗ୍ରହ କରିବାକୁ କାହିଁକି ଯାଉନାହିଁ। ୩ ଦିନ ତଳେ ୧୬ ନମ୍ବର ଜାତୀୟ ରାଜପଥର ଯାଜପୁର ରସୁଲପୁର ନିକଟରେ ଗୋଟିଏ ବ୍ରିଜ୍ ତଳକୁ ଦବିଗଲା। ଭାଜପାର କୌଣସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସେଠାକୁ କାହିଁକି ଯାଇନାହିଁ। ଏନ୍‌ଏଚ୍‌ଏଆଇ କେନ୍ଦ୍ର ସରକାରଙ୍କ ଅଧୀନ ବୋଲି ଓଡ଼ିଶା ଭାଜପାର ଟିମ୍ କ'ଣ ସେଠାକୁ ଗଲା ନାହିଁ ? ଏହିଭଳି ଫ୍ୟାକ୍ଟ ଫାଇଣ୍ଡିଂ ନାମରେ ସେମାନେ କେବଳ ରାଜନୀତି କରୁଛନ୍ତି। ଓଡ଼ିଶାବାସୀ ଏଭଳି ଦଳ ଆଉ ଚରିତ୍ରର ନେତାଙ୍କୁ ଭଲ ଭାବରେ ଚିହ୍ନିଛନ୍ତି। ସେମାନଙ୍କ କେବେ ବି ସଫଳ ହେବ ନାହିଁ ବୋଲି ଲୁମ୍ନନାଥ କହିଛନ୍ତି।

# କଂଗ୍ରେସ ଭବନ ବାହାରେ ମୋକିମ୍, ଚିରଞ୍ଜୀବ ସମର୍ଥକଙ୍କ ହୋହଲ୍ଲା



ମହମ୍ମଦ ମୋକିମ୍ ଏବଂ ଚିରଞ୍ଜୀବ ବିଶ୍ୱାଳଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ଭୁବନେଶ୍ୱରରେ ସମର୍ଥକଙ୍କ ବିକ୍ଷୋଭ।

**ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)**

- **ଜଣେ ଯୁବନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବସିଲା ଶୃଙ୍ଖଳା କମିଟି**
- **ଆଜି କଂଗ୍ରେସର କାର୍ଯ୍ୟକାରିଣୀ**
- **ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର ହେଲେ ନାରାୟଣ**

ମହମ୍ମଦ ମୋକିମ୍ ଏବଂ ଚିରଞ୍ଜୀବ ବିଶ୍ୱାଳଙ୍କୁ କଂଗ୍ରେସରୁ ନିଲମ୍ବିତ କରିବା ପରେ ଦଳ ଭିତରେ ରାଜନୀତି ଜୋର୍ ଧରିବାରେ ଲାଗିଛି। ୨ ନେତାଙ୍କ ସମର୍ଥକମାନେ ରାସ୍ତାକୁ ଓହ୍ଲାଇବା ସହ ଖବରଦାତା ସମ୍ମିଳନୀ କରି ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଏପରିକି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତିଙ୍କ କୁଶପୁତ୍ତଳିକା ମଧ୍ୟ ଦାହ କରିଥିଲେ। ତେବେ ସେହିପରି ଶୁକ୍ରବାର ଉଭୟ ନେତାଙ୍କ ସମର୍ଥକମାନେ ମୋକିମ୍ ଏବଂ ଚିରଞ୍ଜୀବ ଜିନ୍ଦାବାଦ୍ ପକାଇବା ସହିତ ଶରତ ପଟ୍ଟନାୟକଙ୍କ ବିରୋଧରେ ସ୍ଲୋଗାନ ଦେଇ କଂଗ୍ରେସ ଭବନରେ ଧସେଇ ପଶିଥିଲେ। ସେଠାରେ କର୍ମୀମାନେ ପ୍ରତିବାଦ ଜଣାଇଛନ୍ତି। ଅନ୍ୟପଟେ କଂଗ୍ରେସ ଭବନରେ ବସିବାକୁ ଥିବା ଶୃଙ୍ଖଳା କମିଟି ବୈଠକ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ସରକାରୀ ବାସଭବନରେ ବସିଛି। ସେହିପରି ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଶନିବାର କଂଗ୍ରେସ ଭବନରେ ନ ହୋଇ ସ୍ଥାନୀୟ ଏକ ହୋଟେଲରେ ହେବ ବୋଲି ଜଣାପଡ଼ିଛି।

ପ୍ରଥମେ ନିଲମ୍ବିତ ୨ ନେତାଙ୍କ ସମର୍ଥକମାନେ ବିଶାଳ ରାଲିକରି ଶକ୍ତି ପ୍ରଦର୍ଶନ କରିଛନ୍ତି। ସେମାନେ କଂଗ୍ରେସ ଭବନରେ ପଶିବା ପରେ ବାହାରେ ବସି ୨ନେତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବି କରିଥିଲେ। ତେବେ ସାଲୁଜା କହିଛନ୍ତି, କଂଗ୍ରେସ ଭବନରେ ମୋକିମ୍ ଏବଂ ଚିରଞ୍ଜୀବଙ୍କ ସମର୍ଥକମାନଙ୍କ ହୋହଲ୍ଲା ବିଷୟରେ ସେ ଅବଗତ ନାହାନ୍ତି। ତର୍ଜମା ପରେ ଯଦି ସେମାନଙ୍କ ସମର୍ଥକଙ୍କ ଦାବି ଠିକ୍ ଥିବ ତେବେ ଏନେଇ ଏଆଇସିସିକୁ ଜଣାଇ ଦିଆଯିବ। ହେଲେ କୌଣସି ବ୍ୟକ୍ତି ଯଦି ପିସିସି ବିରୋଧରେ ମନ୍ତବ୍ୟ ଦେବେ ତେବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହେବ। କଂଗ୍ରେସର ଅନ୍ୟ ଜଣେ ଯୁବନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶୃଙ୍ଖଳା କମିଟିରେ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ୨ ନେତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ନିଷ୍ପତ୍ତି ଏଆଇସିସି ହାତରେ ଅଛି ବୋଲି ସାଲୁଜା କହିଛନ୍ତି। ଅପରପକ୍ଷେ ପ୍ରତିବାଦ କରୁଥିବା ନେତ୍ରୀ ଗିରିବାଳା ବେହେରା କହିଛନ୍ତି, ୨ ନେତାଙ୍କୁ ନିଲମ୍ବନ କରିବା ପରେ କର୍ମୀମାନଙ୍କୁ ଦୁଃଖ ଦେଇଛି। ଯେଉଁଭଳି ଭାବେ ବିନା କାରଣରେ ନିଲମ୍ବିତ କରାଯାଇଛି ସେକଥାକୁ କର୍ମୀମାନେ ବିଶ୍ୱାସ କରିପାରୁନାହାନ୍ତି। ତେଣୁ କର୍ମୀମାନେ ଶୃଙ୍ଖଳାର ସହ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରୁଛନ୍ତି। ତୁରନ୍ତ ୨ନେତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହର କରାଯାଉ। ପିସିସି ବୈଠକ ଯାହା ଶନିବାର ହେବାର ଅଛି ସେଥିରେ ବିଚାରବିମର୍ଶ କରି ଏଆଇସିସି ନିକଟକୁ ପଠାଯାଉ। ଯଦି ନିଲମ୍ବନ ଆଦେଶ ପ୍ରତ୍ୟାହାର ନ ହୁଏ ତେବେ ଦରକାର ପଡିଲେ କଂଗ୍ରେସ ଭବନରେ ପଶିବା ସହ ଦିଲ୍ଲୀ ଯିବେ ବୋଲି ସେ କହିଛନ୍ତି।

ଅନ୍ୟପଟେ କଂଗ୍ରେସର ଦୁଇ ନେତାଙ୍କୁ ନିଲମ୍ବନ ପରେ ଗଣମାଧ୍ୟମରେ ପିସିସି ସଭାପତିଙ୍କ ବିରୋଧରେ ବାରମ୍ବାର କଟୁ ମନ୍ତବ୍ୟ ପ୍ରଦାନ କରିବାରୁ ଦଳ ବିରୋଧୀ କାର୍ଯ୍ୟ କରିବା ଅଭିଯୋଗରେ ପିସିସି ସାଧାରଣ ସମ୍ପାଦକ ନାରାୟଣ ଜେନାଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି।

# ଉଭା ହୋଇପାରନ୍ତି ନୂଆ ମୁହଁ

**ଯାଜପୁର,୨୧।୭(ହର୍ଷବର୍ଦ୍ଧନ ବେହେରା)**

**ବଡ଼ଚଣା ନିର୍ବାଚନମଣ୍ଡଳୀ**
**୨୦୨୪ କସରତ**

୨୦୦୦ ମସିହାରୁ ଯାଜପୁର ଲୋକ ସଭା ଓ ୨୦୦୯ରୁ ସମସ୍ତ ବିଧାନସଭା ଆସନକୁ ବିଜେଡି ଅକ୍ତିଆର କରିଆସୁଛି। କିନ୍ତୁ ୨୦୧୪ରେ ଯାଜପୁର ସଂସଦୀୟ କ୍ଷେତ୍ରରେ ବିଜେଡି ୫୫.୭୮ ପ୍ରତିଶତ ଭୋଟ ପାଇଥିଲାବେଳେ ୨୦୧୯ରେ ୪୯.୮୧ ପ୍ରତିଶତକୁ ଖସିଥିଲା। ଭାଜପା ୧୫.୫୩ ପ୍ରତିଶତରୁ ୪୦.୫ ପ୍ରତିଶତକୁ ଲମ୍ଫ ମାରିଥିଲା। କଂଗ୍ରେସ ୨୨.୭୭ ପ୍ରତିଶତରୁ ୮.୩୯ ପ୍ରତିଶତରେ ସୀମିତ ରହିଥିଲା। ଜିଲାର ବଡ଼ଚଣା ଓ ବରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ବିଜୟ ବ୍ୟବଧାନ ଯଥାକ୍ରମେ ୧୪୮୫ ଓ ୪୨୦୫ ରହିଥିଲା। ଏହା ଜିଲାର ରାଜନୈତିକ ସମୀକରଣକୁ ଓଲଟପାଲଟ କରିଥିଲା। ଏହିକ୍ରମରେ ବଡ଼ଚଣାରେ ଏଥର ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ବିଜେଡି ପ୍ରାର୍ଥୀ କରିବ କି ନାହିଁ ସେ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସଂଶୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ରଙ୍କ ପୁଅ ରାଜନାରାୟଣ ମହାପାତ୍ର(ଲାଲୁ) ଗତ କିଛି ମାସ ହେଲା କଂଗ୍ରେସର ସାଂଗଠନିକ ସ୍ଥିତିକୁ ସୁଦୃଢ଼ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଭାଜପା ନେତା ଅମର ନାୟକ ଗତ ନିର୍ବାଚନରେ ୬୨,୫୯୯ ଭୋଟ ଅକ୍ତିଆର କରି କଡ଼ା ମୁକାବିଲା କରିଥିଲେ ହେଁ ଏହି ୫ ବର୍ଷରେ ଲୋକଙ୍କ ନିକଟତର ହେବାରେ ବିଫଳ ହୋଇଥିବା କୁହାଯାଉଛି। ଏଭଳିସ୍ଥିତିରେ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଆସନ୍ତାବର୍ଷ ହେବାକୁ ଥିବା ନିର୍ବାଚନରେ ୩ ପ୍ରମୁଖ





ଦଳର ପ୍ରାର୍ଥୀଭାବେ ନୂଆମୁହଁ ଦେଖିବାକୁ ଚର୍ଚ୍ଚା ହେଉଛି।

ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ନେତା ନବକୃଷ୍ଣ ଚୌଧୁରୀ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ। ଜାତୀୟ କଂଗ୍ରେସରୁ ଚୌଧୁରୀ ୧୨,୭୯୫ ଭୋଟ ପାଇ ବିଜୟୀ ହୋଇଥିଲାବେଳେ ସ୍ୱାଧୀନ ଭାବେ ଜଗନ୍ନାଥ ଦାଶ ୫୦୮୯ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହି ଦୃଷ୍ଟିରୁ ଯାଜପୁର ଜିଲାର ଏକ ସ୍ୱତନ୍ତ୍ର ବ୍ଲକକୁ ନେଇ ଗଠିତ ବଡ଼ଚଣା ନିର୍ବାଚନ ମଣ୍ଡଳୀ ରାଜ୍ୟ ରାଜନୀତିରେ ପ୍ରମୁଖ ସ୍ଥାନ ଅଧିକାର କରିଛି। ଏହି ନିର୍ବାଚନ ମଣ୍ଡଳୀରେ ୧୯୮୦ ମସିହା ଠାରୁ କଂଗ୍ରେସ ୧୫ ବର୍ଷ ଏବଂ ଜନତା ଦଳ, ବିଜେଡି ଓ ଏନସିପି ମିଳିତ ଭାବେ ୨୫ ବର୍ଷ ଧରି ସଫଳତା ପାଇଛନ୍ତି। କିନ୍ତୁ ଏହି ନିର୍ବାଚନ ମଣ୍ଡଳୀରେ ଅନେକ ଅସମାହିତ ସମସ୍ୟା ରହିଥିବାବେଳେ ଗତ ଏକ ଦଶନ୍ଧି ମଧ୍ୟରେ ଅନେକ ଦୁର୍ନୀତି ଓ ଆପରାଧିକ ଲିଙ୍କ୍ ଭୋଟରଙ୍କୁ ଚିନ୍ତା କରିବାକୁ ବାଧ କରିଛି।

୧୯୮୦ରୁ ବଡଚଣା ନିର୍ବାଚନ ମଣ୍ଡଳୀର ଫଳାଫଳକୁ ଅବଲୋକନ କଲେ କଂଗ୍ରେସରୁ ସୀତାକାନ୍ତ ମହାପାତ୍ର ଓ ବିଜେଡିରୁ ଅମରପ୍ରସାଦ ଶତପଥୀ ଜିତି ଆସିଛନ୍ତି। ଇତି ମଧ୍ୟରେ ତୃତୀୟ ନେତାଙ୍କ ଆବିର୍ଭାବ ହୋଇ ପାରିନାହିଁ। ୧୯୮୦-୮୫, ୧୯୮୫-୯୦ ଓ ୨୦୦୪-୦୯ ବିଧାନସଭା ନିର୍ବାଚନରେ କଂଗ୍ରେସ ନେତା ମହାପାତ୍ର ବିଜୟୀ ହୋଇଛନ୍ତି। ସେହିପରି ଜନତା ଦଳରୁ ୧୯୯୦-୯୫ ଓ ୧୯୯୫-୨୦୦୦, ଏନସିପିରୁ ୨୦୦୯-୧୪ ଏବଂ ବିଜେଡିରୁ ୨୦୦୦-୦୪ ଓ ୨୦୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଶତପଥୀ ବିଜୟୀ ହୋଇଛନ୍ତି। ଏହିକ୍ରମରେ ୨୦୧୯ରେ ଭାଜପାର ଅମର ନାୟକ କଡା ମୁକାବିଲା କରିଥିଲେ। ହେଲେ କେତେକ ତ୍ରୁଟି ଯୋଗୁ ବହୁତ କମ୍ ଭୋଟରେ ପରାଜିତ ହୋଇଥିଲେ ହେଁ ସେହି ଜନମତକୁ ଆଜିଯାଏ ନିଜ ମୁଣିରେ ସାଇତି ରଖି ପାରି ନଥିବା କୁହାଯାଉଛି। ଏବେ ବିଜେଡିରୁ ବିଧାୟକ ଶତପଥୀ ଏବଂ ଜନ୍ମେଜୟ ଲେଙ୍କା ଟିକେଟ ପାଇଁ ଲବି କରିବେ ବୋଲି ଜଣାପଡିଛି। ୨୦୧୯ରେ ସୀତାକାନ୍ତ ମହାପାତ୍ର କଂଗ୍ରେସ ଟିକେଟ ଫେରାଇ ଦେବା ପରେ ଅଜୟ ସାମଲଙ୍କୁ ବିଧାୟକ ପ୍ରାର୍ଥୀ କରାଯାଇଥିଲା। ହେଲେ ସେ ପ୍ରାୟ ୫ ହଜାର ଭୋଟ ପାଇଥିଲେ। ଏବେ ରାଜନାରାୟଣ କଂଗ୍ରେସର ସମସ୍ତ ପୁରୁଖା ନେତାଙ୍କୁ ଏକଜୁଟ କରିବା ସମେତ ବିଜେଡି ଓ ଭାଜପାରୁ ବହୁ ନେତାଙ୍କୁ ଆଣିବାରେ ସଫଳ ହୋଇପାରିଛନ୍ତି। ଗତ ଫେବୃୟାରୀ ୧୫ରେ ବ୍ଲକ ଘେରାଉ କରି ପ୍ରାୟ ୧୫ହଜାର ଲୋକଙ୍କୁ ଏକଜୁଟ କରି ବଡଚଣା ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ମନେ ହେଉଛି। ଏହିକ୍ରମରେ ବିଜେଡି ଓ ଭାଜପା ନେତାଙ୍କ ଆଖି ରାଜନାରାୟଣଙ୍କ ଉପରେ ରହିଛି। ତେବେ କଂଗ୍ରେସର ରାଜ୍ୟ ସ୍ଥିତିକୁ ଦେଖି ରାଜନାରାୟଣ ଭାଜପା କିମ୍ବା ବିଜେଡି ମୁହାଁ ହୋଇପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ଚାଲିଛି। ଅପରପକ୍ଷେ ବିଜେଡି ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ସହ ସାଂଗଠନିକ ସ୍ଥିତିକୁ ଆହୁରି ମଜଭୁତ କରିବାରେ ସଫଳ ହେଉଥିବା ବିଜେଡି ନେତାମାନେ ଦାବି କରୁଛନ୍ତି। ବିଧାୟକ ଅମର କିମ୍ବା ତାଙ୍କ ପୁଅ ଟିକେଟ ଦୌଡ଼ରେ ରହିଛନ୍ତି। ଏହାବାଦ ରାଜ୍ୟ ବିଜେଡି ସମ୍ପାଦକ ଜନ୍ମେଜୟ ଲେଙ୍କା ମଧ୍ୟ ଟିକେଟ ପାଇଁ ଲବି କରୁଥିବା ଜଣାପଡିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

# ସୋସିଆଲ ମିଡିଆରେ ବନ୍ଧା ବିଶ୍ୱର ୬୦%

**ସିଙ୍ଗାପୁର**




ବର୍ତ୍ତମାନ ସମୟରେ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧ ସମସ୍ତେ ଅଳ୍ପେ, ବହୁତେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ନିକଟରେ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ବିଶ୍ୱର ୬୦%ରୁ ଅଧିକ ଲୋକ ଏବେ ସାମାଜିକ ଗଣମାଧ୍ୟମରେ ବନ୍ଧା। ସିଙ୍ଗାପୁରର ଡିଜିଟାଲ ଆଡ୍‌ଭାଇଜରି ଫାର୍ମ କେପିଓସ୍ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ ଗତ ବର୍ଷ ତୁଳନାରେ ସୋସିଆଲ ମିଡିଆ ୟୁଜର୍ସ ସଂଖ୍ୟାରେ ୩.୭% ବୃଦ୍ଧି ଘଟିଛି। ଅଦ୍ୟାବଧି ୫.୧୯ ବିଲିୟନ୍ ଲୋକ ଅର୍ଥାତ୍ ବିଶ୍ୱ ଜନସଂଖ୍ୟାର ୬୪.୪% ଲୋକ ସୋସିଆଲ ନେଟ୍‌ୱାର୍କିଂ ସାଇଟ୍ ବ୍ୟବହାର କରୁଛନ୍ତି। ପ୍ରତ୍ୟେକ ଅଞ୍ଚଳକୁ ନେଇ ୟୁଜର୍ସଙ୍କ ସଂଖ୍ୟା ଭିନ୍ନ ରହିଛି। ପୂର୍ବ ଏବଂ କେନ୍ଦ୍ରୀୟ ଆଫ୍ରିକୀୟ ଦେଶରେ ପ୍ରତି ୧୧ ଜଣଙ୍କ ମଧ୍ୟରୁ ମାତ୍ର ଜଣେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ସେହିପରି ବିଶ୍ୱର ଜନବହୁଳ ଦେଶ ଭାରତରେ ପ୍ରତି ୧୧ ଜଣଙ୍କ ମଧ୍ୟରେ ୩ ଜଣ ୟୁଜର୍ସ ସାମାଜିକ ଗଣମାଧ୍ୟମରେ ଯୋଡ଼ିହୋଇଛନ୍ତି। ସୋସିଆଲ ମିଡିଆ ବ୍ୟବହାର ସମୟକୁ ଦେଖିଲେ, ତାହା ମଧ୍ୟ ବଢ଼ିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯେତେବେଳେ ଲୋକମାନେ ମାତ୍ର ୨ ମିନିଟ୍ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଥିଲେ, ତାହା ଏବେ ୨ ଘଣ୍ଟା ୨୬ ମିନିଟ୍‌କୁ ବୃଦ୍ଧି ପାଇଛି। ସେହିପରି ବ୍ରାଜିଲରେ ଲୋକମାନେ ୩ ଘଣ୍ଟା ୪୯ ମିନିଟ୍‌ରୁ ଅଧିକ ସମୟ ସୋସିଆଲ ମିଡିଆରେ କାଟୁଥିବାବେଳେ ଜାପାନରେ ଏହି ସମୟ ରହିଛି ଗୋଟିଏ ଘଣ୍ଟାରୁ କମ୍। ମୋଟାମୋଟି ଭାବେ ୭ଟି ସୋସିଆଲ ମିଡିଆ ସାଇଟ୍ ଏବେ ବହୁଳ ଭାବେ ବ୍ୟବହାର କରାଯାଉଛି। ମେଟାର ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ, ଫେସ୍‌ବୁକ୍ ସାଙ୍ଗକୁ ଚାଇନାର ୱଇଚାଟ୍, ଟିକ୍‌ଟକ୍, ଡୁଇନ୍ ଏବଂ ଟୁଇଟର, ମେସେଞ୍ଜର, ଟେଲିଗ୍ରାମ ବହୁଳ ଭାବେ ବ୍ୟବହାର କରାଯାଉଛି।

# 'ପ୍ରୋଜେକ୍ଟ-କେ'ମାନେ 'କଲ୍‌କୀ ୨୮୯୮ ଏଡି'



**କାଲିଫର୍ନିଆ:** ବହୁଚର୍ଚ୍ଚିତ ପାନ୍ ଇଣ୍ଡିଆ ଫିଲ୍ମ 'ପ୍ରୋଜେକ୍ଟ-କେ'କୁ ନେଇ ଲୋକଙ୍କ ମନରେ ଯେତେ ଆଗ୍ରହ ଏହାର ନାଁ ପଛର ରହସ୍ୟକୁ ନେଇ ସିନେପ୍ରେମୀଙ୍କ ମନ ସେତେ ଆନ୍ଦୋଳିତ ହେଉଥିଲା। ତେବେ ଫିଲ୍ମର ନାଁ ସମ୍ପର୍କରେ ଲୋକଙ୍କ ମନରେ ଯେଉଁ ପ୍ରଶ୍ନ ଉଙ୍କିମାରୁଥିଲା, ତାହାକୁ ଦୂର କରିଛନ୍ତି ଫିଲ୍ମ ନିର୍ମାତା ନାଗ୍ ଅଶ୍ୱିନୀ। ଗୁରୁବାର କାଲିଫର୍ନିଆର ସାନ୍ ଡିଏଗୋ କୋମିକ୍ କାନ୍‌ରେ ଫିଲ୍ମର ପ୍ରଥମ ଟିଜର୍ ମୁକ୍ତିଲାଭ କରିଛି। 'ପ୍ରୋଜେକ୍ଟ-କେ'ମାନେ 'କଲ୍‌କୀ ୨୮୯୮ ଏଡି' ବୋଲି ସେ କହିଛନ୍ତି। ତେବେ ସାନ୍ ଡିଏଗୋ କୋମିକ୍ କାନ୍‌ରେ ରିଲିଜ୍ ହୋଇଥିବା ଏହା ପ୍ରଥମ ଭାରତୀୟ ଫିଲ୍ମ। ୬୦୦ କୋଟି ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ଏହି ଫିଲ୍ମର ଟିଜର ରିଲିଜ୍ କାର୍ଯ୍ୟକ୍ରମରେ ରାଣା, ଅମିତାଭ ବଚ୍ଚନ, କମଲ ହାସନ, ପ୍ରଭାସ ଏବଂ ନିର୍ଦ୍ଦେଶକ ନାଗ୍ ଅଶ୍ୱିନୀ ଉପସ୍ଥିତ ଥିଲେ। ତେଲୁଗୁ, ତାମିଲ ଏବଂ ହିନ୍ଦୀ ଭାଷାରେ ଟିଜର ରିଲିଜ୍ ହୋଇଛି। ଅନ୍ୟ ପ୍ରୋଜେକ୍ଟରେ ବ୍ୟସ୍ତ ଥିବା ଦୀପିକା ପାଦୁକୋନ୍ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ନ ଥିଲେ। ସାଇନ୍ସ-ଫିକ୍‌ଶନ୍ ଆକ୍ସନ୍ ଫିଲ୍ମ 'ପ୍ରୋଜେକ୍ଟ-କେ'ଟିଜରକୁ ଲୋକେ ପସନ୍ଦ କରିଛନ୍ତି। ଆଉ କିଛି ସିନେପ୍ରେମୀ ଏହାକୁ ଓସ୍କାର ବିଜୟୀ ହଲିଉଡ୍ ଫିଲ୍ମ ଡ୍ୟୁନ୍ ସହ ତୁଳନା କରିଛନ୍ତି। ଭାରତୀୟ ସିନେମାରେ ଯାହା କେବେ ଘଟି ନ ଥିଲା, ତାହା ପ୍ରଭାସଙ୍କ 'ପ୍ରୋଜେକ୍ଟ-କେ' ଜରିଆରେ ଦର୍ଶକେ ଦେଖିପାରିବେ ବୋଲି ଫିଲ୍ମ ନିର୍ମାତା କହିଛନ୍ତି। ଏଥିରେ ପ୍ରଭାସ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ତାଙ୍କ ବିପକ୍ଷରେ ଦୀପିକା ପାଦୁକୋନ୍‌ଙ୍କୁ ଦେଖିବାକୁ ମିଳିବ। ପ୍ରଥମ ଥର ପ୍ରଭାସ ଓ ଦୀପିକା ବଡ଼ ପରଦାରେ ଏକାଠି ନଜରକୁ ଆସିବେ। ଏମାନଙ୍କ ଛଡ଼ା ବିଗ୍ ବି ଅମିତାଭ ବଚ୍ଚନ, କମଲ ହାସନ, ଦୁଲକା ସଲମାନ, ସୂର୍ଯ୍ୟା, ଦିଶା ପଟାନି ଏବଂ ରାଣାଙ୍କ ଭଳି ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ଜାନୁୟାରୀ ୧୨ରେ ମୁକ୍ତିଲାଭ କରିବ।

# ନିଜ ବାୟୋପିକ୍‌ରେ ହିରୋ ହେବେ ରାଜ କୁନ୍ଦ୍ରା



### ପର୍ନ ଫିଲ୍ମ ପାଇଁ ୬୩ଦିନ ଜେଲରେ ଥିଲେ ଶିଳ୍ପାଙ୍କ ସ୍ୱାମୀ

**ମୁମ୍ବାଇ**

ଫିଲ୍ମ ପ୍ରଯୋଜକ ତଥା ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବାୟୋପିକ୍ ନିର୍ମାଣ ହେବାକୁ ଯାଉଛି। ଏଥିରେ ନିଜେ ରାଜ୍ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ନେଇ ଚର୍ଚ୍ଚା ହେଉଛି। ରାଜ୍ ପର୍ନ ଫିଲ୍ମ ନିର୍ମାଣ କରିବା ଘଟଣା ତାଙ୍କ ବାୟୋପିକ୍‌ର ମୁଖ୍ୟ କଥାବସ୍ତୁ ରହିଛି। ସୂଚନାଯୋଗ୍ୟ, ଉକ୍ତ ଫିଲ୍ମ ଜରିଆରେ ରାଜ୍ ଅଭିନୟରେ ଡେବ୍ୟୁ କରିବେ। ଝିଅଙ୍କୁ ଫିଲ୍ମ ହେବା ଲୋଭରେ ଫସେଇ ରାଜ୍ ଅଶ୍ଳୀଳ ଭିଡିଓ ନିର୍ମାଣ କରିବା ନେଇ ଅଭିଯୋଗ ହେବା ପରେ ୨୦୨୧ ଜୁଲାଇ ୧୯ରେ ମୁମ୍ବାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ସେହିବର୍ଷ ସେପ୍ଟେମ୍ବର ୨୧ରେ ତାଙ୍କୁ ଚୁକ୍ତିମୂଳକ ଜାମିନ ମିଳିଥିଲା। ଏ ସଂକ୍ରାନ୍ତରେ ତାଙ୍କୁ ୬୩ ଦିନ ମୁମ୍ବାଇ ଆର୍ଥର ରୋଡ୍ ଜେଲରେ ରହିବାକୁ ପଡ଼ିଥିଲା।

# ପଦାରେ ଗୋରୁ ବୁଲିଲେ ମାଲିକଙ୍କୁ ଚପଲ ମାଡ଼



**ଭୋପାଳ:** ଗ୍ରାମବାସୀଙ୍କ ଦୁଃଖ ସୁଖ ବୁଝିବା ସାଙ୍ଗକୁ ଗାଁରେ ସବୁ ପ୍ରକାର ସୁବିଧା ଉପଲବ୍ଧ କରାଇବା ପ୍ରତ୍ୟେକ ସରପଞ୍ଚଙ୍କ କାର୍ଯ୍ୟ। ମଧ୍ୟପ୍ରଦେଶ ନାଗ୍‌ନାଡୁଇ ପଞ୍ଚାୟତର ସରପଞ୍ଚ ସେଠାରେ ଏକ ନୂଆ ନିୟମ ଲାଗୁ କରିଛନ୍ତି, ଯାହାକୁ ନେଇ ଏବେ ବିବାଦ ବଢ଼ିଛି। ଯଦି ଗାଁ ଭିତରେ କାହାର ଗୋରୁ ଖୋଲା ବୁଲୁଥିବାର ଦେଖିବାକୁ ମିଳେ ତେବେ ତା' ମାଲିକଙ୍କୁ ସ୍ଲିପର ଚପଲରେ ୫ ଥର ମାଡ଼ ମରାଯିବା ସହ ତାଙ୍କୁ ୫୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ସରପଞ୍ଚ ନିୟମ ସମ୍ପର୍କରେ ଗାଁରେ ପ୍ରଚାର କରୁଥିବାର ଏକ ଭିଡିଓ ଭାଇରାଲ ହୋଇଛି। କିନ୍ତୁ ଏହି ନିୟମକୁ ନେଇ ଗାଁରେ ଏବେ ପ୍ରତିବାଦ ଦେଖିବାକୁ ମିଳିଛି। ସରପଞ୍ଚ ଘୋଷଣା କରିଥିବା ଏହି ନିୟମକୁ ପ୍ରତ୍ୟାହାର କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଯଦି ଏପରି କରା ନ ଯାଏ ତେବେ ଏସ୍‌ଡିଏମ୍‌ଙ୍କ ସାହାଯ୍ୟ ଲୋଡ଼ାଯିବ ବୋଲି ଗାଁ ଲୋକେ କହିଛନ୍ତି।

# ଆଦୃତ ହେଉଛି ଫେସ୍‌କିନି ଫ୍ୟାଶନ



**ବେଜିଂ:** ଫ୍ରାନ୍ସ, ଆମେରିକା, ଚାଇନାରେ ଏବେ ଅସହ୍ୟ ତାତି। ସ୍ଥାନୀୟ ଅଞ୍ଚଳ ତାପମାତ୍ରା କ୍ରମାଗତ ବଢ଼ିବାରେ ଲାଗିଛି। ଚାଇନାର ବିଭିନ୍ନ ଅଞ୍ଚଳରେ ପାରଦ ଏବେ ୩୫ ଡିଗ୍ରୀ ସେଲ୍‌ସିୟସ୍ ପାର୍ କରିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଫେସ୍‌କିନି ଫ୍ୟାଶନ ଏବେ ଟ୍ରେଣ୍ଡ ପାଲଟିଛି। ଏହି ଫେସ୍ ମାସ୍କରେ କେବଳ ଆଖି, ନାକ ଓ ପାଟି ପାଇଁ ଛିଦ୍ର ରହିଥିବାବେଳେ ଏହା ସମ୍ପୂର୍ଣ୍ଣ ଭାବେ ମୁହଁକୁ ଘୋଡ଼ାଇ ରଖିଥାଏ। ଏଥିସହ ମୁଣ୍ଡରେ ଟୋପି, ହାତକୁ ଘୋଡ଼ାଇଲା ଭଳି ଜ୍ୟାକେଟ୍ ରହିଛି। ସୂର୍ଯ୍ୟଙ୍କ ଅତିବାଇଗଣି ରଶ୍ମିକୁ ପ୍ରତିରୋଧ କଲାଭଳି ରେଶମରେ ଏହା ନିର୍ମିତ। ସ୍ଥାନୀୟ ଅଞ୍ଚଳର ତାପମାତ୍ରାକୁ ଦେଖି ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକେ ଫେସ୍‌କିନି ବ୍ୟବହାର କରିବା ଆରମ୍ଭ କରିଛନ୍ତି। ଗରମରୁ ରକ୍ଷା ପାଇବା ଲାଗି ବହୁଜଣ ଛୋଟ ହ୍ୟାଣ୍ଡ ଫ୍ୟାନ୍ ସାଙ୍ଗକୁ ମୁହଁ ଘୋଡ଼ାଇ ହୋଇ ରହୁଥିବାର ଦେଖିବାକୁ ମିଳୁଛି।


# Classified Everyday

0674-2580101, 2549949



AUTOMOBILE

**SALE**

Commercial vehicle 2013 Model Etios, 2010 Model Innova for sale in good running condition. Contact : 7656915989. D-73394



REAL ESTATE

**SALE**

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ ମୌଜା: ମାଗୁରଗାଡ଼ିଆ, କେନ୍ଦୁଝର ଟାଉନ୍ ସରକାରୀ ରାସ୍ତାକୁ ଲାଗି (ବ୍ରାହ୍ମଣ ଲୋକଙ୍କ ଜାଗା) AC 0.66 Dec. ବିକ୍ରିହେବ। ଯୋଗାଯୋଗ: 9437303790. D-0861

Book 3BHK/4BHK premium flat at Saubhagyanagar, near City Women's College & Narula Sweets, Handover June 2024. Contact: 9439716901. D-74555

Duplex sale at Bhubaneswar @ 57 Lakhs only. Contact- 9777433701. D-74893

**2/3 BHK ready to move apartment for sale at DHPL SCB Residency at Patia. 2BHK starting at Rs. 53,00,000/-. Contact 9937059891.** D-0819

ଘରବାରି 2000sqft. Re-Sale plot ହଂସପାଳଛକ Astha Management ନିକଟ ଅଟଳା ମୌଜାରେ ପ୍ଲଟ୍ ବିକ୍ରି ହେବ। sqft. 2100/-. 9437114429, 9437003399. D-74894

Puri Senapati Bagicha sthitiban gharabadi plot with compound wall, front road for sale. Contact: 8895729136, 9437281290. D-0804

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

ଫୁଲନଖରା ତ୍ରିନାଥବଜାର ନିକଟରେ 11,00,000/- ଘରବାରି ପ୍ଲଟ୍ Electricity ସହିତ ନେଇ ଘରକରନ୍ତୁ- 9776846520. D-74892

ଭୁବନେଶ୍ୱର ପିତାପଲ୍ଲି ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74885

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି **SC Plot 976000** ରେ ବିକ୍ରିହେବ, **9439832956, 9337513276.** D-0833

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74886




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75011

Spa Kerala body Massage only best Therapist @699/- Bhubaneswar. 9337672475. D-0854

Newly opened (one 8 SPA)/ (Salon Service) with export therapist. 9938843929. D-75131

Newly open SPA positively health benefit with expert. Contact : 7749976301. D-74554

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Pinky Samanta, D/o Mitu Samanta & Tanmay Samanta, reside at Plot No-1503, Fishery Lane, Chintamaniswar, Bhubaneswar, Khordha- 751006 was named as Pinky Samantray, D/o- Mitu Samantray & Tanmay Samantray in my Secondary Examination Grade Sheet cum certificate of performance issued by CBSE vide S.No.- SSE/2012 /132514, dated 24.05. 2012. I solemnly declare that Pinky Samanta, D/o- Mitu Samanta & Tanmay Samanta and Pinky Samantray, D/o- Mitu Samantray & Tanmay Samantray is the same & identical person vide Affidavit No-22, sworn before the Executive Magistrate at Bhubaneswar on 17.07.2023. D-73777

Affidavit before Executive Magistrate, Dhenkanal, dtd. 20.07.2023, I have changed my name from Akshayaya Kumar Sahoo to Akshaya Kumar Sahoo. Henceforth, I shall be known as Akshaya Kumar Sahoo for purpose of Army record and all purposes. D-74081

By an affidavit sworn before the Notary Public, Bhubaneswar on dated 29.03.2017 I, Madhusmita Swain, W/o- Sukanta Nayak residing at Plot No.-852/1419, Road-3, Netaji Vihar, Sabar Sahi, Rasulgarh, Bhubaneswar have changed my name from Madhusmita Swain to Madhusmita Nayak. Henceforth, I shall be known as Madhusmita Nayak for all purpose. D-0870

That, I Mst. Gouri Nanda, W/o- Late Rajkumar Mahananda, R/o of At/PO.- Kamarlaga, P.S.- Saintala, Dist.- Balangir do hereby declare that my title Nanda and Mahananda both the title are same and one. By virtue of an affidavit vide Affidavit Sl. No.- 468 dt. 21st. day of July 2023 swearing before the Satyanarayan Sahoo, Notary Public, Titilagarh for avoid future reference and litigation. D-0875

I, Chandana Madhual, W/o- Chitta Ranjan Mohanty and D/o. Ugrasen Madhual, Resident of At-Oramal, P.O.- Dosinga, P.S.- Dhamara, Dist.- Bhadrak, Odisha, 756171. Hereby declare that I have don't change my surname from Madhual to Mohanty vide affidavit dated 26.05.2023. Henceforth I shall be known as Chandana Madhual for all Purpose. D-0874

**LEGAL NOTICE**

ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ, ଓଡ଼ିଶା, କଟକ ମହୋଦୟଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ କୋର୍ଟ ଆର୍.ପି.କେସ୍ ନଂ.- ୮୮୮/୨୦୧୫ (ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା- ୧୫(ବି) ଅନୁଯାୟୀ)

ବୀର କିଶୋର ପରିଡ଼ା .....ବାଦୀମାନେ

ବନାମ

ଲାଲା ଗୌରୀ ଶଙ୍କର ରାୟ ଓଗେର ....ପ୍ରତିବାଦୀ

ପ୍ରତିବାଦୀ ନଂ.-୨ ଲାଲା ତପନ କୁମାର ରାୟ, ୬. ଲାଲା ଦିଲିପ କୁମାର ରାୟ, ୭. ଲାଲା ଅଶୋକ କୁମାର ରାୟ, ୮. ଲାଲା ବବୁଲ କୁମାର ରାୟ, ୯. ଲାଲା ବିଜୟ କେଶରୀ ରାୟ ସମସ୍ତଙ୍କ ପିତା: ୰ଲାଲା ହରେକୃଷ୍ଣ ସିଂ, ଗ୍ରାମ: ଜଜାର ସିଂ, ଖୋର୍ଦ୍ଧା ମେନ୍ ରୋଡ୍, ଓଲ୍ଡ୍ ଫାୟାର ଷ୍ଟେସନ ସ୍କୋୟାର୍, ପୋ.ଅ:/ଥାନା/ଜିଲ୍ଲା: ଖୋର୍ଦ୍ଧା

ଦେୱାନୀ ଆଇନର ଅର୍ଡର-୫ ରୁଲ୍-୨୦ ଅନୁଯାୟୀ ନୋଟିସ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆଣପଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଯୋଗେ ନୋଟିସ ପଠାଯାଇଥିଲା। କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାଏର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଛି।

ଜମିର ତଫସିଲ

ମୌଜା: ଭଗବତୀପୁର, ଥାନା: ଚନ୍ଦକା, ନଂ.-୨୫ ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ହାଲ ଖାତା ନଂ.-୧୫୧, ହାଲ ପ୍ଲଟ୍ ନଂ.-୪୫୩ ଏ୦.୧୦୦ଡି., ହାଲ ପ୍ଲଟ୍ ନଂ.-୪୫୪, ଏ. ୧.୦୯୦ଡି. ମୌଜା: ଭଗବତୀପୁର, ସାବକ ଖାତା ନଂ.-୫୩, ସାବକ ପ୍ଲଟ୍ ନଂ.-୨୯୭, ଏ.୦.୮୭୫ଡି., ପ୍ଲଟ୍ ନଂ.-୩୧୨/୪୫୫, ଏ.୦.୪୪୦ଡି.

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ସଭ୍ୟ, ରାଜସ୍ୱ ବୋର୍ଡ, ଓଡ଼ିଶା କଟକଙ୍କ ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଦାଲତ, କେଶରୀ ନଗର, ୟୁନିଟ-୫ରେ ଆସନ୍ତା ତା୦୫।୧୦।୨୦୨୩ରିଖ ଦିବା ଘ୧୧.୩୦ ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି। ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ।

ଅଦାଲତଙ୍କ ଆଦେଶକ୍ରମେ
ସ୍ୱା./- ଯୁଗ୍ମ ସଚିବ (ବିଚାର)
ଧି-୦୮୬୭

ମହକୁମେ, ଜିଲ୍ଲା: ସମ୍ବଲପୁର, ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତ, କୁଚିଣ୍ଡା Order-5 Rule 20 C.P.C. ସିଭିଲ ମୋକଦ୍ଦମା ନଂ.-୫୪/୨୦୧୪

ଜ୍ୟୋତ୍ସ୍ନା ଓରଫ ପଦ୍ମିନୀ ପଟେଲ ଓଗେର .....ବାଦୀ

ବନାମ

ରମାକାନ୍ତି ପଟେଲ ଓ ଅନ୍ୟମାନେ ......ପ୍ରତିବାଦୀ

ପ୍ରାପ୍ତେଷୁ,
ଯଶୋଦା ପଟେଲ, ବୟସ:୫୨ବର୍ଷ, ପିତା: ହିରାଧର ପଟେଲ, ଗ୍ରାମ/ପୋଷ୍ଟ: କୁନ୍ତରା, ଥାନା: ମହୁଲପାଲି, ଜିଲ୍ଲା: ସମ୍ବଲପୁର

ଯେହେତୁ ବାଦୀ ଜ୍ୟୋତ୍ସ୍ନା ଓରଫ ପଦ୍ମିନୀ ପଟେଲ ଓ ଜନେକ ପଟେଲ ତୁମ୍ଭମାନଙ୍କର ନାମରେ କୁନ୍ତରା ମୌଜାସ୍ଥିତ ଖାତା ନଂ.-୩୮ ଓ ୩୯ର ଜମି ଭାଗବଣ୍ଟା ସକାଶେ ମୋକଦ୍ଦମା ଦାଏର କରିଛନ୍ତି। ବାରମ୍ବାର ନୋଟିସ କରିବା ସତ୍ତ୍ୱେ ତୁମ୍ଭେ ଉପରୋକ୍ତ ମୋକଦ୍ଦମାରେ ହାଜର ହେଉ ନ ଥିବାର ପ୍ରତୀତ ହେଉଅଛି। ଅତଏବେ ଉକ୍ତ ମୋକଦ୍ଦମାରେ ଆସନ୍ତା ୨୧।୦୮।୨୦୨୩ ମଃ ସକାଳ ଘ୧୦.୩୦ରେ ଧାର୍ଯ୍ୟ କରାଯାଇଛି।

ଏଣୁ ଆପଣଙ୍କ ଓକିଲ ଜରିଆରେ ହାଜର ହୋଇ ଉକ୍ତ କେଶ୍‌ର ଉତ୍ତର ପାଇଁ ଆପଣଙ୍କୁ ଏହି ନୋଟିସ ଦିଆଯାଉଅଛି। ଆପଣ ଉପରୋକ୍ତ ଦିବସରେ ହାଜର ନ ହେଲେ, ଆପଣଙ୍କର ଅନୁପସ୍ଥିତିରେ ଉପରଲିଖିତ ମୋକଦ୍ଦମାର ଏକତରଫା ବିଚାର କରାଯିବ।

ସ୍ୱା./-ବରିଷ୍ଠ ଦେୱାନୀ ବିଚାରପତି
କୁଚିଣ୍ଡା, ଜିଲ୍ଲା: ସମ୍ବଲପୁର
ଧି-୦୮୬୧

# ଅଝଟ ବର୍ଷା

ଗଳ୍ପ

ଝରଣା ପଟ୍ଟନାୟକ

ମୋନା ତରତର ହୋଇ କଲେଜ ବାହାରୁଥିଲା। ବାହାରେ ପହିଲି ଶ୍ରାବଣର ଅଝଟିଆ ବର୍ଷା ଧାର ଛୁଟିଛି। ଟିକିଏ ସମ୍ଭାଳି ଯାଇ ଲୋକବାକଙ୍କ ସୁବିଧା କରିବାକୁ ଏ ବର୍ଷାର ମନ ନାଇଁ। ମୋନା ତ ଗାଡ଼ିରୁ ଓହ୍ଲେଇ କଲେଜ ପୋର୍ଟିକୋ ପାଖେ ପହଞ୍ଚିବାବେଳକୁ ଅଧା ଭିଜିଯିବ! ମୁଁ ତାକୁ କହିଲି ଛୁଟିନବା ପାଇଁ। ସେ ମନା କଲା।

ବର୍ଷାଟୋପାର ମାଟି ସହିତ ବାଟିଖେଳ, ଡାଳପତ୍ରକୁ କୋଳାକୋଳି ସତରେ ଗୋଟେ ନିରବଧି ପ୍ରକ୍ରିୟା। ବନ୍ଦ ହେବାର ନାହିଁ। ଯିବାକୁ ତ ପଡ଼ିବ ମୋନାକୁ। ଆକ୍ସିଡେଣ୍ଟ ପରେ ମୁଁ ଯେ ଛଅ ମାସ ହେଲାଣି ଛୁଟିରେ।

ମୋନା କହିଲା, ମୋ' ଲାଗି ବ୍ୟସ୍ତ ହୁଅନି। ତମେ କବି ଲୋକ। ସମୟ ପାଉଛ। ଯେତେ ପାରିବ ଲେଖ। ହସିଲି। କହିଲି, ଏ ପ୍ରବଳ ବର୍ଷା ଛିଟାମାରି ମତେ ଅଧା ଓଦା କରିସାରିଲାଣି। ପାଦ ତଳେ ପକେଇ ପାରୁନି। ଏଠୁ ହଟିବି କେମିତି? ଘରକୁ ରାନ୍ଧୁଣୀ ଆସିନି କି କାମବାଲୀ ଆସିନି।

ମୋନାର ମୁହଁ ଭଙ୍ଗୀରେ ରୁଗୁରୁଗୁ ରାଗ। କହିଲା, ତମ ସ୍ତ୍ରୀ ବୋଲି ତମର ହର୍ କଥାକୁ କାନ ପତେଇଥିବି ନା' କ'ଣ? ଅପେକ୍ଷା କର! ନଅଟା ହେଲାଣି ସେମାନେ ଆସିଯିବେ।

ମୋ' କଥାକୁ କୋଣଠେସା କରି ମୋନା ବାହାରିଗଲା। ଏବେ ତା'ର ସ୍କୁଲ୍‌ବେଳର ସହପାଠୀ ଶ୍ରୀପ୍ରକାଶ ଆସି ଇଂରାଜୀ ବିଭାଗରେ ଯୋଗ ଦେଇଛନ୍ତି। ଲାଗୁଛି ମୋନାକୁ ବୋଧେ ଇଂରାଜୀ ବିଭାଗର ଅଧିକା ଦାୟିତ୍ୱ ସମ୍ଭାଳିବାକୁ ପଡୁଛି।

ଇଆଡ଼େ ମୁଁ ଓଦା। ଜଳଖିଆ ଖାଇନି। ମୋନାର କ'ଣ ହୋଇଛି କେଜାଣି ସେ ମୋ' କଥା ବୁଝାଶୁଝା କରିବାକୁ ଅମଙ୍ଗ। ସବୁ ଛାଡ଼ିଦେଉଛି ସେଇ ସ୍ତ୍ରୀଲୋକଟା ଉପରେ।

ଭୋକ ଲାଗିଲାଣି। ଖାଇବା ଆଣି



ଖାଇବାର ଉପାୟ ନାହିଁ। ବାଁ ପାଦତଳର ଦଲ୍‌ଦଲ୍ ଘା' ଆଉ କଟମଟ କରୁଥିବା ଡାହାଣ ଆଣ୍ଠୁ ମୋର ବିପକ୍ଷବାଦୀ ହୋଇ ଯାଇଛନ୍ତି। ଗୋଟେ ପାଖ ଭଲ ହୋଇ ଯାଆନ୍ତା କି! ମୋନା ତ ଏବେ ଚଳନ୍ତି ସୁଖର ଆବର୍ତ୍ତରେ। ସ୍କୁଲ୍‌ଦିନର ସାଙ୍ଗକୁ ସହକର୍ମୀ ଭାବେ ଯେ ପାଇଛି! ଏବେ ତା' ମନର ନଈ ହୁଏତ ଉଦ୍‌ବେଗରେ ରହି ବାଟ ପାଉନଥିବ।

ଖଟ ଉପରେ ଥିବା ସ୍ନାକ୍ସ ଡବାରୁ କୁକିଜ୍ ଆଣି ପାଟିରେ ପକେଇଲି। ଏ ବର୍ଷାର ଅବିଶ୍ରାନ୍ତ ଧାରା ମୋତେ ବ୍ୟସ୍ତ କରି ପକେଇଲାଣି। ଆଜି ମୋ' ସିନିଅର ଡାଇରେକ୍ଟର କହିଥିଲେ 'ହେମନ୍ତ ବାବୁ! ଛୁଟିଟା ବଢ଼େଇ ଦିଅନ୍ତୁ। ଡାକ୍ତର ସାର୍ଟିଫିକେଟ୍ ଦେଲେ ବିଲ୍ ହେବ। ଆଉ ବି କହୁଥିଲେ ଅଫିସ୍ ତରଫରୁ ମୋ' ଲାଗି ଆଜି ହ୍ୱିଲ୍‌ଚେୟାର ଆସିବ ବୋଲି। ମୋନା କ'ଣ ମୋ' ପାଇଁ ହ୍ୱିଲ୍ ଚେୟାରର ଆବଶ୍ୟକତା ଅନୁଭବ କରିନି?' ପାରିଲାପଣ ଦେଖେଇ ଚାଲିଛି ବର୍ଷା। କ୍ଷେତ ବାଡ଼ି ଜଳମଗ୍ନ। ରାସ୍ତାରେ ଖାଲ ଡିପ ଆଉ ବାରି ହେବନି। ପଶ୍ଚିମ ଓଡ଼ିଶାର ବର୍ଷା ଏଇମିତି। ଶ୍ରାବଣ ଚମକେଇ ଚାଲିଛି। ଛାତି ଫୁଲେଇ ଅନାଧୁନିଆ ମାଡ଼ିଯାଉଛି।

ଫୋନ୍ ରିଂ ହେଲା। ଉଠେଇଲି। ସ୍କୁଲର ଫୋନ୍। ମୋନା ତା'ହେଲେ ଝିଅକୁ ଆଣିନି? ଦୁଇ ଘଣ୍ଟା ହେଲାଣି ଝିଅଟା ସ୍କୁଲରେ? ମୋନାକୁ ଫୋନ୍ କଲି। 'ଡ୍ରାଇଭରକୁ ପଠାଉଛି' କହି ମୋନା ଫୋନ୍ କାଟିଲା।

ଦୁଆର ଠେଲି ପଶିଆସିଲା ମିନତି, ଆମ ରାନ୍ଧୁଣୀ। ତା' ପଛେ ପଛେ ଝିଅଟିଏ। ଘଣ୍ଟାକୁ ଚାହିଁଲି। ଦିନ ଏଗାରଟା। ମିନତି କହିଲା, ବାବୁ! ଝିଅର ସ୍କୁଲ ବର୍ଷା ଯୋଗୁଁ ଛୁଟି ହୋଇଗଲା। ତାକୁ ଆଣିବାକୁ ଯାଇଥିଲି। ଡେରି ହେଲା। ଝିଅଟି ଜଳଖିଆ ଥାଳି ଆଣି ଟୁଲ୍ ଉପରେ ମୋ' ସାମ୍ନାରେ ରଖିଲା। ମୋ' ପାଦ ଧରି ମୁଣ୍ଡିଆ ମାରିଲା। ଓଦା ଓଢ଼ଣି ଭିତରେ ସ୍ପଷ୍ଟ ଥିଲା ତା' ବୟସ। ନିଶ୍ଚୟ ଷୋହଳ। ଗାଲ ମୁହଁ ଉଜ୍ଜ୍ୱଳା ସକାଳ ସୂର୍ଯ୍ୟକିରଣ ପରି ହସିଦେଲା। ଖୋଲିଗଲା ତା' ଓଠ। କହିଲା, 'ମୁଁ ଦଶମ ଶ୍ରେଣୀରେ ପଢୁଛି।'

ଧରି ପକେଇଲି ତା' ହାତ। ଆଖିରେ ନାଚିଗଲା ଗୋଟେ ସୁନିର୍ମଳ ଆକାଶ। ତା' ଭିତରେ ଅପ୍ସରୀ। ଉତ୍ତୁଙ୍ଗ ଲାଳିତ୍ୟଭରା ତା' ଶରୀର। ମୋ' ଭିତରେ ଅଣନିଃଶ୍ୱାସୀ ହୋଇ ଛୁଟିଛି ଝଡ଼ିବର୍ଷା। ଦେହ ଭିତରେ ସ୍ନାୟବିକ ଚଳପ୍ରଚଳ ତୀବ୍ରତର ହେଲାଣି।

ଝିଅଟି ହାତ ଛଡ଼େଇ ନେଲା। ପଛରେ ତା'ର ମା'। ଅଝଟିଆ ଧରିଛି ମନଟା। କହିଲି ମିନତି! ମୁଁ ପରେ ଖାଇବି। ତୋ' ଝିଅକୁ କହ ମୋ' ପାଦ ତଳରେ ନୂଆ ବ୍ୟାଣ୍ଡେଜ୍ ଦବ।

ମୋ' ମୁହଁକୁ ବଲବଲ କରି ଚାହିଁଲା ମିନତି। ଝିଅକୁ ନେଇ ପଶିଗଲା ରୋଷେଇ ଘରେ।

ବର୍ଷାଟାର ଅଝଟ ବି କିଛି କମ୍ ନୁହେଁ। ମୁଁ ଗଳିଯାଉଥିଲି ନିଜ ଭିତରେ। ମୋର ଶାରୀରିକ ଅକ୍ଷମତା ମୋତେ ମୋନାଠୁ ଅଲଗା କରିସାରିଲାଣି। ମୁଁ ତ ଗୋଟେ ପଙ୍ଗୁ। 'ଚାଳିଶ' ନ ଛୁଇଁ ଥିବା ମୋନା କାହିଁକି ବା ପରବାୟ କରିବ ମୋତେ।

ଅନୁଭବ କଲି ଗେଟ୍ ପାଖରୁ ଆସୁଥିବା ଶବ୍ଦ। ଝିଅକୁ ନେଇ ବୋଧେ ମୋନା ଆସିଲା। ଝିଅ ବର୍ଷାନୀ ବଡ଼ ଅଭିମାନୀ। ଆମ ଭିତରୁ କିଏ ଜଣେ ତା' ସ୍କୁଲରେ ନେଇ ତାକୁ ପହଞ୍ଚେଇଲେ ସେ ଖୁସି ହୁଏ।

ଗୋଟିଏ ଛତାରେ ମୋନା ସହିତ ଆଉ ଜଣେ ପଶିଲେ ଘରେ। ଭଦ୍ରଲୋକ ମୋତେ ନମସ୍କାର କଲେ। କହିଲେ, ମୁଁ ଶ୍ରୀପ୍ରକାଶ। ଆଜି ଆପଣଙ୍କୁ ଦେଖିବାର ସୁଯୋଗ ପାଇଲି।

'ଏଇ ନିଅ ଟାୱେଲ୍।' ମୋନା ଶ୍ରୀପ୍ରକାଶଙ୍କ ହାତକୁ ତଉଲିଆ ବଢ଼େଇ ଦେଲା। ରୋଷେଇ ଘରକୁ ପଶିଲାବେଳେ କହୁଥିଲା, ମିନତି ଯାହା ରାନ୍ଧିଥିବନା! ଛାଡ଼, ଛାଡ଼। ମୁଁ ଅଧଘଣ୍ଟାଏ ଭିତରେ ରାନ୍ଧି ବାଢ଼ିଦେବି।

ମୋ' ଆଖି ଗେଟ୍ ପାଖରେ ଥିବା ଗାଡ଼ି ପାଖରେ ପହଁରୁଥିଲା। ପଚାରିଲି, ମୋନା, ବର୍ଷାନୀ?

ଜିଭ କାମୁଡ଼ି ପକେଇ ଗାଡ଼ି ଆଡ଼କୁ ମାଡ଼ି ଚାଲିଲା ମୋନା। ଖଟରୁ ଓହ୍ଲେଇ ପଡ଼ିବାକୁ ଯାଇ ମୁହଁ ମାଡ଼ି ତଳେ ପଡ଼ିଲି ମୁଁ। କିଛି ଦିଶୁନ ଥିଲା। ବିକଳ ମୁହୂର୍ତ୍ତଟା ଥମ୍ ହୋଇ ଯାଇଥିଲା।

ମୋ : ୯୪୩୭୫୪୪୦୪୫

## ପୁସ୍ତକ ପରିଚୟ

### ମୋ ଜୀବନ ଚଲାପଥର କାହାଣୀ
### ଏକ ଉପାନ୍ତ ପଲ୍ଲୀର ଚାଷୀ ପରିବାରରୁ କୁଳପତି




**ଲେଖକ:** ଶିବ ପ୍ରସାଦ ଅଧିକାରୀ
**ପ୍ରକାଶକ:** ଡ. ଜୟନ୍ତୀ କୁମାରୀ ସାହୁ, ମାଣିଆକାଟି, ସୋରଡ଼ା, ଗଞ୍ଜାମ
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୦୦/-

ଗଞ୍ଜାମ ଜିଲାର କନ୍ଧମାଳ ସଂଲଗ୍ନ ଏକ କ୍ଷୁଦ୍ର ଗ୍ରାମ ମାଣିଆକାଟିରେ ଜନ୍ମ ହୋଇ ସ୍ୱୀୟ ପ୍ରଚେଷ୍ଟା ବଳରେ କିପରି ଉଚ୍ଚଶିକ୍ଷା ପ୍ରାପ୍ତ ହେଲେ ଓ ଶେଷରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ହୋଇପାରିଲେ, ତା'ରି କାହାଣୀକୁ ଲେଖକ ଆଲୋଚ୍ୟ ଗ୍ରନ୍ଥରେ ଲିପିବଦ୍ଧ କରିଛନ୍ତି। 'ଉପକ୍ରମ'ରେ ଲେଖିଛନ୍ତି: ''ପରିସ୍ଥିତିକୁ ସାମ୍ନା କରି ହାରିବା କିମ୍ବା ଜିତିବା ସହ ଆଗକୁ ବଢ଼ିବାର ଅନୁଭୂତି ହିଁ ଏଠାରେ ମୁଁ ବର୍ଣ୍ଣନା କରିଛି ଏବଂ ଏହା ମୋର ନିଜସ୍ୱ। ଏହା ସମସ୍ତଙ୍କ ପାଇଁ ସମାନ ଭାବେ ପ୍ରଯୁଜ୍ୟ ନୁହେଁ। ମୋର ଅନୁଭୂତିକୁ ନେଇ ପାଠକ ନିଜ ନିଜର ସ୍ୱୀୟ ରାସ୍ତା ଆପଣେଇ ଉତ୍କର୍ଷରେ ପହଞ୍ଚିବା ସହିତ ସମାଜର ମଙ୍ଗଳ ସାଧନାରେ ବ୍ରତୀ ହୋଇପାରିଲେ ମୋର ଶ୍ରମ ସାର୍ଥକ ହେବ।'' ୨୦୨୦-୨୧ରେ କୋଭିଡ୍ ଯୋଗୁଁ ଗୃହବନ୍ଦୀ ଥିବା ଅବସ୍ଥାରେ ଲେଖକ ଏ ବହିଟିକୁ ଲେଖିଛନ୍ତି। ଏଥିରେ ମୋଟ ୧୪ଟି ପରିଚ୍ଛେଦ ରହିଛି 'ଉପକ୍ରମ'କୁ ଲଗେଇ। 'ମୋ ଗାଁ ଓ ପିଲାଦିନ', 'ସୋରଡ଼ାରେ ସ୍କୁଲ ଜୀବନ, ବ୍ରହ୍ମପୁର ସହରରେ ଉଚ୍ଚଶିକ୍ଷା', 'ଗବେଷଣା ପରେ ବିଶ୍ୱବିଦ୍ୟାଳୟରେ ଚାକିରି ପାଇଁ ସଂଘର୍ଷ', 'ବିଦେଶ ଯାତ୍ରା', 'ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା', 'ଜାପାନ ଅନୁଭୂତି ଓ ଗବେଷଣା', 'ବିଶ୍ୱଭାରତୀରେ ଅଧ୍ୟାପନା ଓ ଗବେଷଣା', 'ଫକୀରମୋହନ ବିଶ୍ୱବିଦ୍ୟାଳୟରେ କୁଳପତି ଦାୟିତ୍ୱ ନିର୍ବାହ' ଆଦି ଶୈକ୍ଷିକ ଓ ଗବେଷକ ଜୀବନର ଅଙ୍ଗେନିଭା କଥାକୁ ଶିବପ୍ରସାଦ ଅତି ସରଳ ଓ କଥାକୁହା ଭଙ୍ଗୀରେ ପରିବେଷଣ କରିଛନ୍ତି ବହିଟିରେ। ଏହା ଛାତ୍ର, ଅଧ୍ୟାପକ ତଥା ସାଧାରଣ ପାଠକଙ୍କ ପାଇଁ ଏକ ରସାଳ-ପାଠ୍ୟ। ବହିଟିର ଜନାଦୃତି ଅବଧାରିତ।

### ଅର୍ଘ୍ୟ




**ଲେଖିକା:** ଝିନୁ ଛୋଟରାୟ
**ପ୍ରକାଶକ:** ବିଦ୍ୟା ପବ୍ଲିଶିଙ୍ଗ୍, ଟରୋଣ୍ଟୋ, କାନାଡ଼ା
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ୨୦୦/-

ଲେଖିକାଙ୍କର ଏହା ପ୍ରଥମ କବିତା ବହି। ବହିଟିରେ ମୋଟ ୫୦ଟି କବିତା ସ୍ଥାନିତ। ପାଞ୍ଚୋଟି ପ୍ରଭାଗ ଯଥା: 'ଭାବକୁ ନିକଟ', 'ସମ୍ପର୍କ ଡୋରି', 'ଅନ୍ତର୍ଦୃଷ୍ଟି', 'ଭାବ ତରଙ୍ଗ' ଓ 'ସମୟ ସ୍ରୋତ'ରେ ଏସବୁ ସମାନ ଭାବେ ବାଣ୍ଟି ହୋଇ ରହିଛନ୍ତି। କବିତାଗୁଡ଼ିକୁ ପଢ଼ିଲେ ମନେହୁଏ ମାତୃଭାଷା 'ଓଡ଼ିଆ' ଲେଖିକାଙ୍କ ମନରେ ଆବାଲ୍ୟରୁ ଯେଉଁ ଛାପ ଛାଡ଼ିଯାଇଛି, ତାହାକୁ ଲିଭାଇ ପାରୁ ନାହିଁ ଦୂର ଦେଶର ଅବହାୱା। ବିଦେଶରେ ଥାଇ ବି ଗୁରୁଦେବ ଶ୍ରୀଶ୍ରୀ ବାୟାବାବାଙ୍କୁ ସେ ଭୁଲିପାରନ୍ତି ନାହିଁ। ଅତୀତ ବାରବାର ତାଙ୍କ ମନକୁ ଆବୋରି ବସେ। ସେ ଲେଖନ୍ତି: ''ବାବା ହେ!/ କାଲି ପରି ଲାଗେ ମନେପଡ଼େ ସବୁ/ ସ୍ମୃତି ସବୁ ସେ ଯେ ଚିର ଅଭୁଲା/ ସ୍ୱପ୍ନ ପରି ଅବା ଆଖି ପିଛୁଳାକେ/ ଦିନ ସବୁ ସତେ କୁଆଡ଼େ ଗଲା।'' (ମୋ 'ବାବା'ଙ୍କ ସ୍ମରଣେ)। 'ସ୍ମୃତି' ହିଁ କବିତାର ଜଠର। ତେଣୁ 'ସ୍ମୃତି'ର କାଂକ୍ଷିତ ଆଲୋଡ଼ନ କବିତାକୁ ଭାବମୁଖର କରିଛି। 'ପୁନରାବୃତ୍ତି' ଶୀର୍ଷକ କବିତାରେ କବୟିତ୍ରୀ କହନ୍ତି: ''ଚାଲୁଚାଲୁ ଜୀବନ ରାସ୍ତାରେ/ ଦେଖାହୁଏ ପଥିକଙ୍କୁ କେତେ/ ମୋଡ଼ ଭାଙ୍ଗି ଚାଲିଯାଏ କିଏ/ ଆତ୍ମୀୟତା ବଢ଼େ କାହା ସାଥେ।'' 'ପଖାଳ' କବିତାରେ ଧରାଦିଏ ଲେଖିକାଙ୍କ ଓଡ଼ିଆ ମନ। ସେ ଲେଖନ୍ତି: ''ପଖାଳ କଂସା/ ଓଡ଼ିଆଙ୍କ ସେଥି ଭାରି ଲାଳସା/ ଷାଠିଏ ପଉଟି ଖାଇସାରି ପୁଣି/ ଶ୍ରୀଜଗନ୍ନାଥଙ୍କ ସେଥିରେ ଆଶା।'' ବହିର ସବୁ କବିତା ଯେ ଭଲ ହୋଇଛି, ତାହା କହିଲେ ଉତ୍ପ୍ରୋଧ ବୋଲି ଧରାଯିବ। ଓଡ଼ିଆ ଭାଷାର ନାଡ଼ି ନକ୍ଷତ୍ର କଳିବାକୁ ଆହୁରି ସାଧନା କରିବାକୁ ହେବ କବିଙ୍କୁ। ତେବେ ବହିଟିର କବିତାଗୁଡ଼ିକ ମନ୍ଦ ନୁହେଁ।

## କବିତା

### ଅନ୍ୱେଷଣ
**ରାକେଶ ପଣ୍ଡା**

ଶାନ୍ତିର ଅନ୍ୱେଷଣେ
ମୁଁ ଆଜି ଅଶାନ୍ତିର ପଥିକ
ସ୍ୱପ୍ନ ଦେଖେ କାଟିବାକୁ ସମୟ
ନିଃସଙ୍ଗେ କିଛି କ୍ଷଣେ
ହେଲେ କାଟେ ଦିନ
ଦାୟିତ୍ୱର ଭିଡ଼େ।

ଚାପଗ୍ରସ୍ତେ, ମନ କରେ ଚିତ୍କାର
ବିନା କାରଣରେ ମୁଁ
ଉଗ୍ର, ବ୍ୟସ୍ତ, ବିବ୍ରତ,
ଖାଲି ନୁହେଁ ପ୍ରଭାତ,
ମଧ୍ୟାହ୍ନ, ସାନ୍ଧ୍ୟ, ରାତ୍ରେ ହୁଏ
ଅସ୍ଥିର, ଅଧୀର, ସ୍ୱରାଘାତ।

ସ୍ୱପ୍ନ ମୁଁ ଦେଖେ
ପୁଣି ହୋଇଥାଏ ଚିନ୍ତିତ
ତାକୁ ଦେବାରେ ବାସ୍ତବ ରୂପ,
କେବେ ସଫଳତା ଅନ୍ୟର
କରେ ବିଚଳିତ
ଅଧିକରୁ ଅଧିକ ଦେଇ ଶ୍ରମଦାନ
ଅବା କେଉଁ ଗଳା ବାଟେ
ହେବାକୁ ଥାଏ ମୋତେ
ତା'ର ସମକକ୍ଷ।

ସବୁ ଲକ୍ଷ୍ୟ, ଦାୟିତ୍ୱ ଅନ୍ତରାଳେ
ପୁଣି ଖୋଜିବୁଲେ ନିରବ ପରିବେଶ
ଯେଉଁଠି ଖାଲିଥିବ ନିରବତା
କେହି ନଥିବେ କରିବାକୁ ଶାନ୍ତିଭଙ୍ଗ,
ତେବେ ମୁଁ କାହିଁକି କରେ ନିଜେ
ନିଜ ବାସ୍ତବ ଖୁସି ସହ ଛଳନା
ମାୟାର ମାୟାରେ ଅସ୍ତିତ୍ୱ ଚୋରେଇ
ଅନ୍ଧାରରେ ଦିଏ ଶାନ୍ତିକୁ ହଜେଇ।

ମୋ: ୯୩୩୭୮୯୭୬୫୦

### ଚାରିଟି ଏକପଦୀ
**ସୁଜିତ କୁମାର ଶତପଥୀ**

॥୧॥
ମୁଁ ମୁଠାଏ ଅନ୍ଧାରର ନିରବତା
ତମେ ଆକାଶେ ମୁଖରତାର ଆଲୁଅ
କେମିତି ଦୂରେଇଯିବି କୁହ
ତମରି ପାଖେ ଯେ ବନ୍ଧା ମୁଁ
ଯୋଉଠି ବି ଉଦ୍‌ଭାସିତ ହୁଅ!

॥୨॥
ତମେ କେବେ ଶୁଣିଲନି, କିଛି କଥା ନାହିଁ
ମୁଁ ଯଦି ଶୁଣେ ଅହରହ, କିଛି ଭାବ ନାହିଁ
ଶୁଣିବା ନ ଶୁଣିବା ସମାନ ଏଠି
ପ୍ରେମ ଓ ଅପ୍ରେମ ପରସ୍ପରର ବିମ୍ବ ଯୋଉଠି।

॥୩॥
ଏତିକି ପ୍ରାର୍ଥନା ମୋର
ତମେ ଅପହଞ୍ଚ ପ୍ରାର୍ଥନା ହୋଇ
ରୁହ ନାହିଁ କେବେ ମୋର
ତମେ ମୋର ରୂପାୟିତ
ଦର୍ପଣଟିଏ ହୋଇଥାଅ
ସାମ୍ନାରେ ଝୁଲୁଥାଅ।

॥୪॥
ସବୁ ପୂରିଯିବା ଠିକ୍ କଥା ନୁହଁ
ଅଭାବବୋଧ କିଛି ଥାଉ
ସତ ହେଉ କି ନହେଉ ଛାତିରେ
ଦରଗଡ଼ା ସ୍ୱପ୍ନଟିଏ ଥାଉ।

ମୋ: ୭୦୦୮୦୩୯୭୦୧

### ସ୍ୱପ୍ନର କୁହୁକ
**ପ୍ରଣତୀ ରଥ**

ମୋ' ଆଞ୍ଜୁଳିରେ ଭରିଦେଲ
ଶତ ଶତ ସ୍ୱପ୍ନର କୁହୁକ
ତମୋମୟ ଜୀବନରୁ କରି ଉଦ୍ଧାର
ଦେଲ ମୋତେ ଚନ୍ଦ୍ରର ଆଲୋକ।

ସେହି ଆଲୋକରେ ହୋଇ ଆଲୋକିତ
ଏହି ନିର୍ଜନ, ଏକାନ୍ତ ମଧ୍ୟରେ
ମୁଁ ଚାଲିବାକୁ ଲାଗିଲି।
ତୁମରି ଗତିପଥରେ ପାଦକୁ ମିଶାଇ
ଶୂନ୍‌ଶାନ୍ ଗିରିକୂଟକୁ ମଧ୍ୟ
ପାଦ ଉଠାଇଲି
ହେଲେ,
ଜହ୍ନର ଯେମିତି ଆଲୋକ ନାହିଁ
ରାତ୍ରିର ବିଦାୟ ପରେ
ପ୍ରଭାତ ହେଉଣୁ ପହିଲି ସୂର୍ଯ୍ୟ କିରଣ ଢାଳେ
ଠିକ୍ ସେହିପରି ତୁମେ ଥିଲ
ଅସ୍ଥାୟୀ ଓ ଅଳ୍ପାୟୁ।

କେଉଁଆଡ଼େ ହଠାତ୍ ନିଶ୍ଚିହ୍ନ ହୋଇଯାଇଥିଲ
ମୁଁ ଖୋଜିଲି,
ଖରଜଳ ମୃଗୁଣୀର ତୃଷ୍ଣାପ୍ରାୟ
ଚିତ୍କାରିତ ସ୍ୱରେ, ତୋଫାନ ବେଗରେ
ତୁମକୁ ଡାକିଲି।
ତୁମେ ଶୋଇଯାଇଥିଲ ବୋଧେ
ଘଟକର୍ଣ୍ଣର ନିଦ୍ରା
ମୋ' ବିକଳ ଶୁଭି ନ ଥିଲା
ତୁମରି କର୍ଣ୍ଣକୁ।

ଗିରିଶୃଙ୍ଗେ ବସି ପୁଷ୍କର ହାତରେ
କେତେ ସନ୍ଦେଶ ପଠାଇଛି
ସବୁଠି ବିସ୍ତାର ବୋଲି
ତୁମକୁ ବୋଧେ ପାଇଯିବ
ହେଲେ କ'ଣ ହେବ
ତୁମେତ ଆଉ କେଉଁ ଗ୍ରହରେ
ଯାଇଥିଲ ଲୁଚି।

ରାଉରକେଲା, ସୁନ୍ଦରଗଡ଼

## କାଳକାଳକୁ



### ''ସ୍ୱାଧୀନତା ପ୍ରତି ସବୁଠୁଁ ବଡ଼ ଆହ୍ୱାନ ସମାଲୋଚନାର ଅଭାବ।''
**- ୱ୍ଲେ ସୋୟିଙ୍କା**

**ୱ୍ଲେ ସୋୟିଙ୍କାଙ୍କ** ଜନ୍ମ ୧୩ ଜୁଲାଇ ୧୯୩୪ରେ ନାଇଜେରିଆର ଆବେଓକୁଟାରେ। ଏକାଧାରରେ ସେ କବି, ଔପନ୍ୟାସିକ, ନାଟ୍ୟକାର ଓ ପ୍ରାବନ୍ଧିକ। ଇଂଲିଶ୍‌ରେ ଲେଖୁଥିବା ଏହି ନାଇଜେରୀୟ ଲେଖକଙ୍କୁ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ମିଳେ ୧୯୮୬ରେ ଓ ପ୍ରଶସ୍ତିପତ୍ରରେ କୁହାଯାଏ- ''ବ୍ୟାପକ ସାଂସ୍କୃତିକ ପ୍ରେକ୍ଷାପଟରେ, କାବ୍ୟାତ୍ମକ ଶୈଳୀରେ ଅସ୍ତିତ୍ୱର ନାଟକ ରଚନା ପାଇଁ।'' ୨୦୧୭ରେ ଏହି ଲେଖକଙ୍କୁ ମିଳେ 'ୟୁରୋପ ଥିଏଟର ପୁରସ୍କାର'। ସେ କହନ୍ତି: ''ବାଘ ରଡ଼ି କରି ରଟେ ନାହିଁ ନିଜର କାଢ଼ପଣ, କାମରେ ଦେଖାଏ।'' ସୋୟିଙ୍କାଙ୍କ ପ୍ରସିଦ୍ଧ ବହିଗୁଡ଼ିକ ମଧ୍ୟରୁ ଦୁଇଟି ହେଲା- "You must set forth at Dawn: A memoir" ଓ "A Dance of the forests."

# ନିର୍ଭୟା ସେ ଆଉଜଣେ

ଲଘୁଗଳ୍ପ

**ଶୁଭ୍ରାଂଶୁ ଶେଖର ପାଢ଼ୀ**

ଦିନ ପାଖାପାଖି ସାଢ଼େ ଦଶଟା ଉପରେ। କୋର୍ଟ ପରିସରରେ ଗହଳି ଆରମ୍ଭ ହୋଇ ସାରିଥାଏ। ମୁଁ ମୋ' ମହକିଲଙ୍କ ସହିତ କଥା ହେଇ ହେଇ କୋର୍ଟ ପରିସରକୁ ପ୍ରବେଶ କରୁଥାଏ। ଏହି ସମୟରେ ମହିଳା ପୋଲିସ ବଳୟ ମଧ୍ୟରେ ସନ୍ଧ୍ୟାକୁ ଦେଖି ଚମକି ପଡ଼ିଲି।

ସନ୍ଧ୍ୟାରାଣୀ ଦାସ। ସ୍କୁଲରେ ପଢ଼ିବା ବେଳେ ମୋର ସହପାଠିନୀ ଥିଲା। କଲେଜ ପଢ଼ି ସାରିବା ପରେ ତା'ର ବାହାଘର ହୋଇଗଲା ଜଣେ ଶିକ୍ଷକଙ୍କ ସହିତ। ସେଦିନ ତାକୁ ଶେଷଥର ଦେଖିଥିଲି। ବୋହୂ ବେଶରେ ବହୁତ ସୁନ୍ଦର ଦେଖାଯାଉଥିଲା। ଆଉ ଆଜି... ହାତରେ ଶଙ୍ଖା ନାହିଁ, ମଥାରେ ସିନ୍ଦୂର ନାହିଁ, ଶ୍ୱେତ ବସ୍ତ୍ର ପରିହିତା ବିଧବା ମହିଳା। ବୟସ ପାଖାପାଖି ମୋ' ବୟସର। ଇତିମଧ୍ୟରେ ସେ କୋର୍ଟ ରୁମ୍‌କୁ ପ୍ରବେଶ କରିସାରିଥାଏ। ଘଟଣା କ'ଣ ବୁଝାବୁଝି କଲାରୁ ଜାଣିବାକୁ ପାଇଲି ତିନି ଜଣଙ୍କ ହତ୍ୟା ଅଭିଯୋଗରେ ଅଭିଯୁକ୍ତା। ସନ୍ଧ୍ୟା ପୁଣି ହତ୍ୟାକାରିଣୀ! ସେଥିରେ ପୁଣି ବିଧବା! ତା'ହେଲେ ସେ କ'ଣ ତା' ସ୍ୱାମୀଙ୍କୁ ହତ୍ୟା କରିଛି? ମନଟା କେମିତି ଗୋଳେଇଘାଣ୍ଟି ହେଉଥାଏ। ରାତିରେ ଆଉ ନିଦ ହେଲାନି। ପରଦିନ ସକାଳେ ପହଞ୍ଚିଲି ଜେଲରେ, ଯେଉଁଠି ସନ୍ଧ୍ୟା ବିଚାରାଧୀନ କଏଦୀ ଭାବରେ ବନ୍ଦୀ ହୋଇ ରହିଥିଲା।

ଜେଲରଙ୍କଠାରୁ ଅନୁମତି ନେଇ ସନ୍ଧ୍ୟାକୁ ଦେଖାକଲି। ମୋତେ ଦେଖି କାନ୍ଦି ପକେଇଲା ସେ। କାନ୍ଦି କାନ୍ଦି ବର୍ଣ୍ଣନା କଲା ତା'ର ସେହି ଅତୀତ ଦିନର କାହାଣୀ। ମନ୍ତ୍ରମୁଗ୍ଧ ପକ୍ଷୀ ପରି ଚାହିଁ ରହିଥାଏ ତାକୁ। ବାହାଘରର ଏକ ବର୍ଷ ମଧ୍ୟରେ ଶାଶୁ ଶ୍ୱଶୁର ହାତ ଧରାଧରି ହୋଇ ଚାଲିଗଲେ। ଶ୍ୱଶୁରଙ୍କ ମୃତ୍ୟୁ ପରେ ଆମର ଜମିବାଡ଼ି ଉପରେ ଅନ୍ୟମାନଙ୍କର ଦୃଷ୍ଟି ପଡ଼ିଲା। ଆମର ଜମି ହଡ଼ପ କରିବାକୁ ଚେଷ୍ଟା କଲେ କିଛି ଲୋକ। ବାଦ ବିବାଦ ବଢ଼ିଲା। କଥା ଗଲା କୋର୍ଟକୁ। ଅନେକ ଧାଁ ଧପଡ଼ ପରେ ଶେଷରେ ନ୍ୟାୟ ମିଳିଲା। ଆମ ଜମି ଆମ ପାଖକୁ ଚାଲିଆସିଲା। ଏଥିରେ ସେମାନେ ଅଧିକ ହିଂସ୍ର ହୋଇଉଠିଲେ। ଦିନେ ମୋ' ସ୍ୱାମୀ ସ୍କୁଲରୁ ଫେରୁଥିବା ସମୟରେ ତିନି ଜଣ ଲୋକ ସଂଘବଦ୍ଧ ଭାବରେ ଆକ୍ରମଣ କଲେ। ବିଭିନ୍ନ ମାରଣାସ୍ତ୍ର ଆକ୍ରମଣରେ ମୋ' ସ୍ୱାମୀ ସେଇଠି ଟଳିପଡ଼ିଲେ। ସବୁଦିନ ପାଇଁ ମୁଁ ବେସାହାରା ହୋଇଗଲି। ସେତେବେଳେ ମୋ' ଗର୍ଭରେ ମୋ' ସ୍ୱାମୀଙ୍କର ଶେଷ ସନ୍ତକ ତିନି ମାସର।



ମୋ' ବଞ୍ଚିବାର ଶେଷ ଆଶା। ଭାବୁଥିଲି ଏକୁଟିଆ କାହିଁକି ବଞ୍ଚିବି। କିନ୍ତୁ ମୋ' ଗର୍ଭର ସନ୍ତାନ ତଥା ମୋ' ସ୍ୱାମୀଙ୍କୁ ନ୍ୟାୟ ଦେବା ପାଇଁ ମୁଁ ଲଢ଼େଇ ଆରମ୍ଭ କରିବି। ସେମାନେ ତ ଗିରଫ ହୋଇ ସାରିଥିଲେ। ଚାଲିଲା ଆଇନର ଲଢ଼େଇ। ପାଖାପାଖି ଦୁଇ ମାସ ଜେଲରେ ରହିବା ପରେ ସମସ୍ତେ ଜାମିନରେ ଆସି ବିଭିନ୍ନ ସମୟରେ ମୋତେ ଧମକ ଚମକ ଦେଲେ।

ସେଦିନ ସନ୍ଧ୍ୟାରେ ଓକିଲଙ୍କ ସହ ପରାମର୍ଶ କରି ଫେରୁଥାଏ। ସେହି ତିନିଜଣ ଆମ ଗାଆଁମୁଣ୍ଡ ବରଗଛ ପାଖରେ ଥିବା ଭଙ୍ଗାଘର ବାରଣ୍ଡାରେ ମଦ୍ୟପାନ କରୁଥିଲେ। ମୋତେ ଦେଖି ଟାଣିନେଲେ ସେହି ଘର ଭିତରକୁ। ମୋ' ଦେହରୁ ଲୁଗାପଟା ଟାଣି ପକାଇଦେଲେ। ଯେତେ ନେହୁରା ହେଲେ ମଧ ଶୁଣିବା ଅବସ୍ଥାରେ ନଥାନ୍ତି। ସେତେବେଳେ ମୁଁ ସାତ ମାସର ଗର୍ଭବତୀ। ଦେହକୁ ବଳ ପାଉ ନଥାଏ ତଳେ ପଡ଼ି। ତାଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଛାଟିପିଟି ହେଲା ବେଳକୁ ହାତରେ ବାଜିଲା ଗୋଟିଏ ଭଙ୍ଗା ମଦ ବୋତଲ। ସତେ ଯେମିତି ଭଗବାନ୍ ଦ୍ରୌପଦୀଙ୍କୁ ରକ୍ଷା କଲା ପରି ମୋ' ହାତରେ ତ୍ରିଶୂଳ ଧରାଇ ଦେଲେ ଶତସିଂହର ବଳ ଦେଇ ଶତ୍ରୁସଂହାର କରିବା ପାଇଁ। ବୋତଲକୁ ଧରି ମାରି ଚାଲିଲି ସେମାନଙ୍କ ପେଟରେ। ବାସ୍। ଘଟଣାସ୍ଥଳରେ ଦୁଇ ଜଣ ଓ ଡାକ୍ତରଖାନାରେ ଜଣେ ରାକ୍ଷସର ଅନ୍ତ ହେଲା। ମୁଁ ପୋଲିସରେ ଆତ୍ମସମର୍ପଣ କଲି। ମୁଁ ସିନା ପ୍ରତିଶୋଧ ନେଇଗଲି, ହେଲେ ମୋ' ବଞ୍ଚିବାର ଶେଷ ଆଶା ଟିକକ ସେମାନେ ମୋ'ଠୁଁ ଛଡ଼ାଇ ନେଲେ। ସେମାନଙ୍କର ଆକ୍ରମଣ ସହି ନପାରି ଗର୍ଭରେ ଥିବା ମୋ' ସ୍ୱାମୀଙ୍କର ଶେଷ ସନ୍ତକ ଦୁନିଆ ଦେଖିବା ଆଗରୁ ଦୁନିଆ ଛାଡ଼ି ଚାଲିଗଲା। ଏତକ କହି ସନ୍ଧ୍ୟା ଲଥିକିନା ତଳେ ବସିପଡ଼ିଲା।

ଶେଷରେ ନିଷ୍ପତ୍ତି ନେଲି ସନ୍ଧ୍ୟାର ଓକିଲ ଭାବେ ମୁଁ କେଶ୍ ପରିଚାଳନା କରିବି। କେଶ୍ ଚାଲିଲା, ତାରିଖ ପରେ ତାରିଖ ଗଡ଼ିଲା। ଶେଷରେ ହେଲା ଧର୍ମର ଜୟ। ନିଜକୁ ତଥା ଗର୍ଭସ୍ଥ ସନ୍ତାନର ରକ୍ଷା କରିବା ପାଇଁ ସନ୍ଧ୍ୟା ନେଇଥିବା ପଦକ୍ଷେପରେ ମାନ୍ୟବର ଅଦାଲତ ତାକୁ ଦୋଷମୁକ୍ତ କଲେ।

ମୋ: ୯୬୬୮୦୦୧୧୫୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁଲାଇ ୨୨/୨୦୨୩ Bhubaneswar, Saturday, July 22/ 2023

# କୋହଲିଙ୍କ ସ୍ମରଣୀୟ ଶତକ

**ପୋର୍ଟ ଅଫ୍ ସ୍ପେନ୍, ୨୧।୭**

ବିରାଟ କୋହଲିଙ୍କ ସ୍ମରଣୀୟ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ସମ୍ମାନଜନକ ସ୍କୋର କରିଛି। ଶୁକ୍ରବାର ଦ୍ୱିତୀୟ ଦିବସରେ ଭ୍ରମଣକାରୀ ଦଳ ପ୍ରଥମ ଇନିଂସରେ ୪୩୮ ରନକରି ଅଲ୍‌ଆଉଟ ହୋଇଛି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ୱେଷ୍ଟଇଣ୍ଡିଜ ପ୍ରଥମ



ଶଟ୍ ଖେଳିବା ଅବସରରେ ରବୀନ୍ଦ୍ର ଜାଡେଜା।

ଇନିଂସରେ କୌଣସି ଉଇକେଟ ନ ହରାଇ ୨୫ ରନ ସଂଗ୍ରହ କରିଛି।

## ଭାରତ ୪୩୮

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୮୮/୪ରୁ ଭାରତ ଖେଳ ଆରମ୍ଭ କରିଥିଲା। ୮୭ ରନରେ ଅପରାଜିତ ଥିବା କୋହଲି ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି କ୍ୟାରିୟରର ୨୯ତମ ଶତକ ହାସଲ କରିଥିଲେ। ସେ ୯୭ ରନରେ ଥିବାବେଳେ ୯୧ତମ ଓଭରର ଦ୍ୱିତୀୟ ବଲ୍‌ରେ ଶାନନ ଗାବ୍ରିଏଲ୍‌ଙ୍କୁ ଏକ ଚୌକାମାରି ଶତକ ପୂରଣ କରିଥିଲେ। ନନ୍‌ଷ୍ଟ୍ରାଇକର ଏଣ୍ଡରେ ଥିବା ଜାଡେଜା ତାଙ୍କୁ ଆଲିଙ୍ଗନ କରିଥିବାବେଳେ ଡ୍ରେସିଂ ରୁମ୍‌ର ସଦସ୍ୟମାନେ ଷ୍ଟାଣ୍ଡିଂ ଓଭେଶନ ଜଣାଇଥିଲେ। କୋହଲି ବେକରେ ପିନ୍ଧିଥିବା ନିଜ ୱେଡିଂ ରିଙ୍ଗ୍‌କୁ ଚୁମ୍ବନ ଦେଇ ସେଲିବ୍ରେଶନ କରିଥିଲେ। କୋହଲିଙ୍କ କ୍ୟାରିୟରର ଏହାଥିଲା ୫୦୦ତମ ଅନ୍ତର୍ଜାତୀୟ ମ୍ୟାଚ। ଏପରି ଏକ ମାଇଲଖୁଣ୍ଟ ମ୍ୟାଚରେ ସେ ଶତକ ହାସଲ କରି ନିଜ କ୍ୟାରିୟରକୁ ଅଧିକ ସ୍ମରଣୀୟ କରିଥିଲେ। ଦୀର୍ଘଦିନ ଅପେକ୍ଷା କରିବାକୁ ପଡ଼ିଥିଲେ ହେଁ ଏଠାରେ ଶତକ ହାସଲ କରିବାକୁ କୋହଲି ବିଶେଷ ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ। ଜାଡେଜାଙ୍କ ସହ ୫ମ ଉଇକେଟରେ ୧୫୯ ରନର ଭାଗୀଦାରିପରେ କୋହଲି ଦୁର୍ଭାଗ୍ୟ ଜନକଭାବେ ରନ୍‌ଆଉଟ ହୋଇ ଯାଇଥିଲେ। ୨୦୬ ବଲ୍‌ରୁ ୧୧ ଚୌକା ସହାୟତାରେ ୧୨୧ ରନ କରିଥିବାବେଳେ କୋହଲି ଜୋମେଲ ୱାରିକାନଙ୍କ ଏକ ବଲ୍‌କୁ ସ୍କୋୟାର ଲେଗ୍ ଅଞ୍ଚଳକୁ ଖେଳି ସିଙ୍ଗଲ ରନ ନେବାକୁ ଚେଷ୍ଟା କରିଥିଲେ। ମାତ୍ର ଆଲଜାରି ଜୋସେଫଙ୍କ ଥ୍ରୋ ସିଧାସଳଖ ଷ୍ଟମ୍ପରେ ଲାଗିଥିଲା। କୋହଲି ଡାଇଭ୍ ମାରିଥିଲେ ହେଁ କ୍ରିଜ୍‌ଠାରୁ ଏକ ଇଞ୍ଚ ଦୂରରେ ରହି ଯାଇଥିଲେ। ଏହାକୁ ମିଶାଇ କୋହଲି ଟେଷ୍ଟରେ ତୃତୀୟ ଥରପାଇଁ ରନ୍‌ଆଉଟ ହୋଇଥିଲେ। କୋହଲିଙ୍କ ପରେ ଜାଡେଜା ମଧ୍ୟ ଏକାଗ୍ରତା ହରାଇ ୬୧ ରନକରି ପ୍ୟାଭିଲିୟନ ଫେରିଥିଲେ। ଶେଷ ଭାଗରେ ରବିଚନ୍ଦ୍ରନ ଅଶ୍ୱିନ (୫୬ ରନ)ଙ୍କ ଅର୍ଦ୍ଧଶତକ ଯୋଗୁ ଭାରତ ୪୦୦ ରନ ଅତିକ୍ରମ କରିଥିଲା। ୱେଷ୍ଟଇଣ୍ଡିଜ ପକ୍ଷରୁ କେମର ରୋଚ୍ ଓ ଜୋମେଲ ୱାରିକାନ ୩ଟି ଲେଖାଏ, ଜାସନ ହୋଲ୍ଡର ୨ଟି ଏବଂ ଶାନନ ଗାବ୍ରିଏଲ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୪୩୮/ଅଲଆଉଟ (ବିରାଟ କୋହଲି-୧୨୧, ରୋହିତ ଶର୍ମା-୮୦, ରବୀନ୍ଦ୍ର ଜାଡେଜା-୬୧, ଯଶସ୍ୱୀ ଜୟସ୍ୱାଲ-୫୭, ରବିଚନ୍ଦ୍ରନ ଅଶ୍ୱିନ-୫୬, କେମର ରୋଚ୍-୩/୧୦୪, ଜୋମେଲ ୱାରିକାନ-୩/୮୯, ଜାସନ ହୋଲ୍ଡର-୨/୫୭, ଶାନନ ଗାବ୍ରିଏଲ-୧/୭୪)।



ଶତକ ହାସଲପରେ ୱେଡିଂ ରିଙ୍ଗ୍‌କୁ ଚୁମ୍ବନ ଦେଉଛନ୍ତି ବିରାଟ କୋହଲି।

# ୧୮ବର୍ଷୀୟା ପାକିସ୍ତାନ କ୍ରିକେଟରଙ୍କ ଅବସର

**କରାଚୀ, ୨୧।୭ (ପି.ଟି.)**

ପାକିସ୍ତାନର ୧୮ବର୍ଷୀୟା ମହିଳା କ୍ରିକେଟର ଆୟେଶା ନସିମ୍‌ଙ୍କ ଅବସର ଘୋଷଣା ନିଷ୍ପତ୍ତିକୁ ନେଇ ଅନେକ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ମହାନ ଖେଳାଳି ୱାସିମ ଆକ୍ରମଙ୍କ ନିକଟରେ ଯେଉଁ ପ୍ରତିଭା ରହିଥିଲା, ତାହା ଆୟେଶାଙ୍କ ନିକଟରେ ରହିଛି ବୋଲି କୁହାଯାଉଥିଲା। ଇସ୍‌ଲାମ ନୀତି ଆଦର୍ଶ ପ୍ରତି ସେ ଅନୁପ୍ରାଣିତ। ଏଥିପାଇଁ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବାଲାଗି ନିଷ୍ପତ୍ତି ନେଇଛନ୍ତି। ଆୟେଶା ଥିଲେ ଜଣେ ହାର୍ଡ ହିଟିଂ ବ୍ୟାଟର। ଖେଳରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଥିଲା। ଯେଉଁ ବୟସରେ ଅଧିକାଂଶ ଖେଳାଳି କ୍ରିକେଟରେ ଆଗକୁ ବଢ଼ିବା ଲାଗି ସ୍ୱପ୍ନ ଦେଖିଥାନ୍ତି, ସେ ସମୟରେ ଆୟେଶା ଏଭଳି ନିଷ୍ପତ୍ତି ନେଇଛନ୍ତି। ଖେଳ ଜାରି ରଖିବା ପାଇଁ ପାକିସ୍ତାନ ମହିଳା ଦଳର ଅଧିନାୟିକା ନୀଦା ଦାର୍ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ତାଙ୍କ ପ୍ରବର୍ତ୍ତାଇଥିଲେ। ମାତ୍ର ତାହା ବୃଥା ପ୍ରମାଣିତ ହୋଇଥିଲା।



ଆୟେଶା ନସିମ

ଖବର ଅନୁସାରେ ଫେବୃୟାରୀ-ମାର୍ଚ୍ଚରେ ଏକ ଟ୍ରେନିଂ କ୍ୟାମ୍ପରେ ଯୋଗ ଦେବା ଲାଗି ଯେତେବେଳେ ଆୟେଶାଙ୍କ ସହ ଯୋଗାଯୋଗ କରାଯାଇଥିଲା. ତେବେବେଳେ ସେ କ୍ରିକେଟ ଖେଳିବା ଛାଡ଼ି ଦେଇଥିବା ପିସିବିକୁ କୁଆଡେ ଅବଗତ କରାଇଥିଲେ। ଏହା ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ଏବଂ ସେ ଜଣେ ନୈଷ୍ଠିକ ମୁସଲମାନ ଭାବେ ଜୀବନ ଅତିବାହିତ କରିବାକୁ ଚାହାନ୍ତି। ଆୟେଶା ପାକିସ୍ତାନ ତରଫରୁ ୪ଟି ଅନ୍ତର୍ଜାତୀୟ ଦିନିକିଆ ଏବଂ ୩୦ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି।

# ଭାରତ 'ଏ'-ପାକିସ୍ତାନ 'ଏ' ଫାଇନାଲ

**ଏମର୍ଜିଂ ଏସିଆ କପ୍**

**କଲମ୍ବୋ, ୨୧।୭ (ପି.ଟି.)**

ଭାରତ 'ଏ' ଏଠାରେ ଚାଲିଥିବା ଏମର୍ଜିଂ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଏକ ସେମିଫାଇନାଲରେ ବାଂଲାଦେଶକୁ ୫୧ ରନରେ ପରାସ୍ତ କରିଛି। ଦଳ ଫାଇନାଲରେ ପାକିସ୍ତାନ 'ଏ' ସହ ମୁକାବିଲା କରିବ। ଶୁକ୍ରବାର ସ୍ଥାନୀୟ ଆର୍. ପ୍ରେମାଦାସା ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଟସହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ 'ଏ' ୪୯.୧ ଓଭରରେ ୨୧୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ଅଧିନାୟକ ୟାଶ ଧୂଲ ୮୫ ବଲ୍‌ରେ ୬୬ ରନ କରିଥିଲେ। ୨୧୨ ରନର ବିଜୟ ଲକ୍ଷ୍ୟ ନେଇ ବାଂଲାଦେଶ 'ଏ' ୩୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୦ ରନ କରିପାରିଥିଲା। ତାଞ୍ଜିଦ ହସନ ସର୍ବାଧିକ ୫୧ ଏବଂ ମହମ୍ମଦ ନଇମ ୩୮ ରନ କରିଥିଲେ।

ବାଂଲାଦେଶ ବ୍ୟାଟିଂରେ ଅଙ୍କୁଶ ଲଗାଇବାରେ ଭାରତୀୟ ସ୍ପିନର ମାନଙ୍କ ବିଶେଷ ଭୂମିକା ରହିଥିଲା। ବାମହାତି ସ୍ପିନର ନିଶାନ୍ତ ସିନ୍ଧୁ ମାତ୍ର ୨୦ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ମାନବ ସୁଥର ୩୨ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ପୂର୍ବରୁ ପ୍ରଥମ ସେମିଫାଇନାଲରେ ପାକିସ୍ତାନ 'ଏ' ୬୦ରନରେ ଶ୍ରୀଲଙ୍କା 'ଏ'କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିସାରିଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ': ୪୯.୧ ଓଭରରେ ୨୧୧/ଅଲଆଉଟ (ୟଶ୍ ଧୂଲ-୬୬, ଅଭିଷେକ ଶର୍ମା-୩୪, ସାଇ ସୁଦର୍ଶନ-୨୧, ମାନବ ସୁଥାର-୨୧; ରକିବୁଲ ହସନ-୨/୩୬, ମେହେଦି ହସନ-୨/୩୯, ତାଞ୍ଜିମ ହସନ ସକିବ-୨/୫୮)। ବାଂଲାଦେଶ 'ଏ': ୩୪.୨ ଓଭରରେ ୧୬୦/ଅଲଆଉଟ ୯ (ତାଞ୍ଜିଦ ହସନ-୫୧, ମହମ୍ମଦ ନଇମ-୩୮, ସୌଫ ହସନ-୨୨; ନିଶାନ୍ତ ସିନ୍ଧୁ-୫/୨୦, ମାନବ ସୁଥର-୩/୩୨, ଅଭିଷେକ ଶର୍ମା-୧/୨୧)।

# ୧୨ରେ କୁସ୍ତି ମହାସଂଘ ନିର୍ବାଚନ

**ନୂଆଦିଲ୍ଲୀ, ୨୧।୭(ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ବହୁ ବିଳମ୍ବିତ ନିର୍ବାଚନ ଅଗଷ୍ଟ ୧୨ରେ ହେବ। ଶୁକ୍ରବାର ଏହା ଘୋଷଣା କରାଯାଇଛି। କିନ୍ତୁ ମହାରାଷ୍ଟ୍ର ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇପାରିବ ନାହିଁ ବୋଲି ରିଟର୍ନିଂ ଅଫିସର ଜଷ୍ଟିସ ଏମ୍.ଏମ୍. କୁମାର ସ୍ପଷ୍ଟ କରିଛନ୍ତି। ଉଭୟ ପ୍ରତିଦ୍ୱନ୍ଦ୍ୱୀ ଦଳ ଏଥିରେ ଭାଗ ନେବାକୁ ଅଯୋଗ୍ୟ। ଆଡହକ୍ ପ୍ୟାନେଲ ଜୁଲାଇ ୬ ନିର୍ବାଚନ ତାରିଖ ଧାର୍ଯ୍ୟ କରିଥିଲା। ମାତ୍ର ଅଯୋଗ୍ୟ ଘୋଷିତ ମହାରାଷ୍ଟ୍ର, ହରିୟାଣା, ତେଲଙ୍ଗାନା, ରାଜସ୍ଥାନ ଓ ହିମାଚଳ ପ୍ରଦେଶ ଆଦି ରାଜ୍ୟ ଆସୋସିଏଶନଗୁଡ଼ିକ ଏକ ଶୁଣାଣି ପାଇଁ ନିବେଦନ କରିଥିଲେ। ଯୁକ୍ତିଯୁକ୍ତ କାରଣ ନ ଥାଇ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିବା ସେମାନେ ଦର୍ଶାଇଥିଲେ। ଫଳତଃ ନିର୍ବାଚନ ଜୁଲାଇ ୧୧କୁ ଘୁଞ୍ଚାଇ ଦିଆଯାଇଥିଲା। ପ୍ୟାନେଲ ରାଜ୍ୟ ପରିଷଦଗୁଡ଼ିକର ପ୍ରତିନିଧିଙ୍କ କଥା ଶୁଣିଥିଲେ। ମାତ୍ର ଗୁଆହାଟୀ ହାଇକୋର୍ଟଙ୍କ ରହିତାଦେଶ ଯୋଗୁ ଜୁଲାଇ ୧୧ରେ ନିର୍ବାଚନ ହୋଇପାରି ନ ଥିଲା। ଆସାମ ରେସଲିଂ ଆସୋସିଏଶନ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବା ପାଇଁ ନିଜର ଅଧିକାର ସାବ୍ୟସ୍ତ କରିବାକୁ ଯାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମାତ୍ର ଗୁଆହାଟୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ କରି ସୁପ୍ରିମକୋର୍ଟ ନିର୍ବାଚନ ପାଇଁ ପଥ ପରିଷ୍କାର କରିଦେଇଥିଲେ। ବର୍ତ୍ତମାନ ୨୪ ରାଜ୍ୟ ଆସୋସିଏଶନ ସମେତ ୪୮ ସଦସ୍ୟ ବିଶିଷ୍ଟ ଇଲେକ୍ଟୋରାଲ କଲେଜ ଭୋଟିଂ ଅଧିକାର ପାଇବେ। ପଦବୀଗୁଡ଼ିକ ପାଇଁ ପ୍ରାର୍ଥିପତ୍ର ଦାଖଲ ଅଗଷ୍ଟ ୧ରେ ହେବ। ପ୍ରାର୍ଥିପତ୍ର ଯାଞ୍ଚ ପରେ ପ୍ରାର୍ଥୀ ତାଲିକା ଅଗଷ୍ଟ ୭ରେ ପ୍ରକାଶ ପାଇବ। ଯଦି ନିର୍ବାଚନ ଆବଶ୍ୟକ ପଡେ ତେବେ ତାହା ଅଗଷ୍ଟ ୧୨ରେ ହେବ। ମହିଳା କୁସ୍ତିଯୋଦ୍ଧାମାନେ ବିଦାୟୀ ଡବ୍ଲ୍ୟୁଏଫ୍‌ଆଇ ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିବା ପରେ କ୍ରୀଡ଼ା ମନ୍ତ୍ରଣାଳୟ ଅଭିଯୋଗର ତଦନ୍ତ ପାଇଁ ଏକ ନିରୀକ୍ଷଣ କମିଟି ଗଠନ କରିବା ସହ ଜାତୀୟ କୁସ୍ତି ମହାସଂଘର ସମସ୍ତ କାର୍ଯ୍ୟକଳାପକୁ ବର୍ତ୍ତମାନ ପାଇଁ ସସ୍‌ପେଣ୍ଡ କରିଥିଲେ। ଯୌନ ଶୋଷଣ ମାମଲାରେ ବ୍ରିଜ୍‌ଭୂଷଣ ଗିରଫ ହେବା ପରେ ଜାମିନରେ ଆସିଛନ୍ତି। ବ୍ରିଜ୍ ଭୂଷଣ ୧୨ ବର୍ଷ ଧରି ସଭାପତି ରହିଥିବାରୁ ସ୍ପୋର୍ଟ୍ସ କୋଡ୍ ଗାଇଡ୍ ଲାଇନ ଅନୁସାରେ ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ, ହେଲେ ତାଙ୍କ ପୁଅ କରନ ଉତ୍ତରପ୍ରଦେଶ କୁସ୍ତି ଆସୋସିଏଶନର ସଭାପତି ଅଛନ୍ତି। ସେ ନିର୍ବାଚନ ଲଢୁଛନ୍ତି କି ନା ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ସାତ୍ୱିକ-ଚିରାଗ ସେମିରେ



**ୟୋସୁ (କୋରିଆ), ୨୧।୭(ପି.ଟି.):** ଭାରତର ଷ୍ଟାର ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି କୋରିଆ ଓପନ ସୁପର ୫୦୦ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର କ୍ୱାର୍ଟରଫାଇନାଲରେ ସେମାନେ ଜାପାନର ଟାକୁରୋ ହୋକି ଓ ୟୁଗୋ କୋବାୟାଶିଙ୍କ ବିପକ୍ଷରେ ୨୧-୧୪, ୨୧-୧୭ ସିଧାସଳଖ ଗେମ୍‌ରେ ବିଜୟ ହାଲ କରିଛନ୍ତି। ମ୍ୟାଚ ଜିତିବା ଲାଗି ଭାରତୀୟ ଯୋଡ଼ିଙ୍କୁ ମାତ୍ର ୪୦ ମିନିଟ୍ ସମୟ ଲାଗିଥିଲା। ସାତ୍ୱିକ ଓ ଚିରାଗ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ଚାଇନାର ୱି କେଙ୍ଗ୍ ଲିଆଙ୍ଗ ଓ ଚାଙ୍ଗ ୱାଙ୍ଗ୍‌ଙ୍କୁ ଭେଟିବେ, ଯେଉଁମାନେ ହେଉଛନ୍ତି ୨୦୨୧ ପୁରୁଷ ଡବଲ୍ସ ବିଶ୍ୱ ଚାମ୍ପିୟନ। ଭାରତର ପି. ଭି. ସିନ୍ଧୁ, ଏଚ୍.ଏସ୍. ପ୍ରଣୟ ଓ କିଡାମ୍ବି ଶ୍ରୀକାନ୍ତଙ୍କ ସମେତ ଅନ୍ୟ ଖେଳାଳିମାନେ ଟୁର୍ନାମେଣ୍ଟରୁ ଶୀଘ୍ର ବିଦାୟ ନେଇସାରିଥିବା ବେଳେ ବର୍ତ୍ତମାନ ସାତ୍ୱିକ ଓ ଚିରାଗ କେବଳ ତିଷ୍ଠି ରହିଛନ୍ତି।

# ସ୍ପେନ୍, ସୁଇଜରଲାଣ୍ଡ ବିଜୟୀ

**ମହିଳା ଫୁଟ୍‌ବଲ ବିଶ୍ୱକପ୍**

**ଡୁନେଡିନ/ ୱେଲିଂଟନ/ ମେଲବୋର୍ନ, ୨୧।୭**

ଚଳିତ ମହିଳା ଫୁଟ୍‌ବଲ ବିଶ୍ୱକପ୍‌ରେ ଶୁକ୍ରବାର ସ୍ପେନ୍ ଓ ସୁଇଜରଲାଣ୍ଡ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଥିବା ବେଳେ କାନାଡା-ନାଇଜେରିଆ ମ୍ୟାଚ ଗୋଲଶୂନ୍ୟ ଭାବେ ଶେଷ ହୋଇଛି। ଡୁନେଡିନଠାରେ ସୁଇଜରଲାଣ୍ଡ ୨-୦ ଗୋଲ୍‌ରେ ଫିଲିପାଇନ୍ସକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେଳ ଶେଷ ପୂର୍ବରୁ ରାମୋନା ବାଚ୍‌ମାନ ଦଳ ପକ୍ଷରୁ ପ୍ରଥମ ଗୋଲ ପେନାଲ୍‌ଟି କିକ୍ ଜରିଆରେ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ସେରେନା ପୁବେଲ୍ ଅନ୍ୟ ଗୋଲ୍‌ଟିକୁ ସ୍କୋର କରିଥିଲେ। କୋମ୍ବା ସୋ'ଙ୍କ ରିବାଉଣ୍ଡ ଶଟ୍‌କୁ ସେ ଗୋଲ୍‌ରେ ପରିଣତ କରିଥିଲେ। ଗ୍ରୁପ୍ 'ଏ'ର ଏହି ମୁକାବିଲା ଡୁନେଡିନ୍‌ର ଫୋର୍‌ସିତ୍ ବାର୍ ଷ୍ଟାଡିୟମରେ ହୋଇଥିଲା। ଟୁର୍ନାମେଣ୍ଟର ଏହା ହେଉଛି ଏକମାତ୍ର ଇନ୍‌ଡୋର ଭେନ୍ୟୁ। ମ୍ୟାଚ ବେଳେ ଷ୍ଟାଡିୟମରେ ୧୩,୭୧୧ ଦର୍ଶକ ଉପସ୍ଥିତ ଥିଲେ।

ନ୍ୟୁଜିଲାଣ୍ଡର ୱେଲିଂଟନଠାରେ ସ୍ପେନ୍ ୩-୦ ଗୋଲ୍‌ରେ କୋଷ୍ଟାରିକାକୁ ପରାସ୍ତ କରି ଟୁର୍ନାମେଣ୍ଟରେ ଦମ୍ଭ ଦେଖାଇଛି। ଗ୍ରୁପ୍ 'ସି'ର ଏହି ମ୍ୟାଚରେ ତିନୋଟି ଯାକ ଗୋଲ୍ ପ୍ରଥମାର୍ଦ୍ଧରେ ସ୍କୋର ହୋଇଛି, ପୁଣି ୪ ମିନିଟ ମଧ୍ୟରେ। ତନ୍ମଧ୍ୟରେ କୋଷ୍ଟାରିକାର ଭାଲେରିଆ ଡେଲ୍ କାମ୍ପୋ (୨୧ତମ ମିନିଟ୍) ଙ୍କ ଏକ ଆତ୍ମଘାତୀ ଗୋଲ ସାମିଲ। ଅନ୍ୟ ଦୁଇଟି ଗୋଲ୍ ଆଇଟାନା ବୋନ୍‌ମାଟି (୨୩ତମ) ଓ ଇସ୍ଥର ଗୋଞ୍ଜାଲେଜ୍ (୨୭ତମ) ଦେଇଥିଲେ। ସ୍ପେନ୍ ଦଳର ବହୁ ଭଲ ଖେଳାଳି ଆଘାତପ୍ରାପ୍ତ ଥିବାରୁ ଟୁର୍ନାମେଣ୍ଟରେ ଦଳର ପ୍ରଦର୍ଶନ ଭଲ ରହିବ ନାହିଁ ବୋଲି ଅନେକ ଅନୁମାନ କରୁଥିଲେ। ମାତ୍ର ତାହା ଭୁଲ ପ୍ରମାଣିତ ହୋଇଛି। ପ୍ରଥମାର୍ଦ୍ଧ ସୁଦ୍ଧା ୮୦%ରୁ ଅଧିକ ସମୟ ଦଳ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲା। ଦଳକୁ ୧୨ଟି କର୍ଣ୍ଣର ମିଳିଥିବାବେଳେ ଗୋଲ୍‌ପୋଷ୍ଟକୁ ୧୫ ଶଟ୍ ଲଗାଇଥିଲା।

ଅଷ୍ଟ୍ରେଲିଆର ମେଲବୋର୍ନଠାରେ କାନାଡା ଓ ନାଇଜେରିଆ ମଧ୍ୟରେ ଖେଳାଯାଇଥିବା ଗ୍ରୁପ୍ 'ବି'ର ଏକ ମ୍ୟାଚ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଛି। ଏଥିରେ ନାଇଜେରିଆନ ଗୋଲ୍‌କିପର ଚିଆମାକା ନାଡୋଜିଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା। ସେ ବହୁ ଗୁରୁତ୍ୱପୂର୍ଣ୍ଣ ସେଭ୍ କରିଥିଲେ। ତନ୍ମଧ୍ୟରେ କ୍ରିଷ୍ଟିନି ସିନ୍‌କ୍ଲେୟାରଙ୍କ ଏକ ପେନାଲ୍‌ଟି ଅନ୍ୟତମ।



କଟକ ଲିଙ୍କରୋଡ୍‌ସ୍ଥିତ ଏକ ଘରୋଇ ହସ୍ପିଟାଲ ପରିସରରେ ଆଇଏସ୍ ଚେସ୍ ସେଣ୍ଟର ଓ କଟକ ରୋଟାରି କ୍ଲବର ମିଳିତ ଆନୁକୂଲ୍ୟରେ ଚେସ୍ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)



ମହିଳା ଫିଫା ବିଶ୍ୱକପରେ ଶୁକ୍ରବାର ନାଇଜେରିଆ ଓ କାନାଡ଼ା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୨୨/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Saturday, July 22/2023 Page 20 | ₹ 7.00

सत्यमेव जयते
राजस्थान सरकार



## ମହାତ୍ମା ଗାନ୍ଧୀ ନ୍ୟୂନତମ ଗ୍ୟାରେଣ୍ଟିଯୁକ୍ତ ରୋଜଗାର ଯୋଜନା

କାର୍ଯ୍ୟାନ୍ୱିତ

# ରାଜସ୍ଥାନ

ପ୍ରଥମ ଏବଂ ଏକମାତ୍ର ରାଜ୍ୟ ଭାବେ
ରାଜ୍ୟ ବିଧାନସଭାରେ
**ନ୍ୟୂନତମ ରୋଜଗାର ଗ୍ୟାରେଣ୍ଟି**
ବିଲ୍‌କୁ ଗୃହୀତ ତଥା କାର୍ଯ୍ୟାନ୍ୱିତ କରିଛି ।

ଏବେ, ମନରେଗାରେ
**୧୨୫** ଦିନର କର୍ମନିଯୁକ୍ତି

**ଇନ୍ଦିରା ଗାନ୍ଧୀ**
ସହରାଞ୍ଚଳ କର୍ମନିଯୁକ୍ତି ଗ୍ୟାରେଣ୍ଟି ଯୋଜନାରେ
୧୨୫ ଦିନର କର୍ମନିଯୁକ୍ତି

~~500-750~~ अब
1000 रु/-माह
न्यूनतम

ସାମାଜିକ ସୁରକ୍ଷା
ପେନସନ

ସାମାଜିକ ସୁରକ୍ଷା
ପେନସନରେ
**ବର୍ଷ ପିଛା ୧୫%**
ବୃଦ୍ଧି

ସୂଚନା ଏବଂ ଜନସମ୍ପର୍କ ବିଭାଗ, ରାଜସ୍ଥାନ

## ଜାଲ୍ ପ୍ରମାଣପତ୍ରରେ ନିଯୁକ୍ତି: ଶିକ୍ଷକ ଗିରଫ

ନନ୍ଦପୁର, ୨୧।୭ (ଶଙ୍କର ପୂଜାରୀ): ଜାଲ୍ ବିଏଡ୍ ପ୍ରମାଣପତ୍ର ଦେଇ ଭେଜା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଚାକିରି କରିଥିବା ନୀଳାମ୍ବର ସେଠୀଙ୍କୁ ପାଡୁଆ ପୋଲିସ ଗିରଫକରି ଶୁକ୍ରବାର କୋର୍ଟଚାଲାଣ କରିଛି। ନନ୍ଦପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଭିଯୋଗକୁ ଭିତ୍ତିକରି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି। ବିଭାଗ ପକ୍ଷରୁ ତାଙ୍କ ବିଏଡ୍ ପ୍ରମାଣପତ୍ର ଯାଞ୍ଚ ହେଉଥିବା ସୂଚନା ପାଇ ସେ ଗତ ୩।୧୧।୨୦୧୯ରୁ ନିଜ କାର୍ଯ୍ୟରେ ଅନୁପସ୍ଥିତ ଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବାରମ୍ବାର ନୋଟିସ କରିଥିଲେ ମଧ୍ୟ ସେ ଗୁରୁତ୍ୱ ନ ଦେଇ ଲୁଚିରହିଥିଲେ। ତାଙ୍କର ଦରମା ମଧ୍ୟ ବନ୍ଦ କରାଯାଇ ଓସିଏସ୍ (ସିସିଏ) ନିୟମ ୧୯୬୨ ପ୍ରକାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

# ୧୨୯ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ

## ତୃଣମୂଳସ୍ତରରେ ସେବା ପ୍ରଦାନ କ୍ଷେତ୍ରରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ନବୀନ




ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)

ଲୋକସେବା ଭବନସ୍ଥିତ କନ୍‌ଭେନସନ ସେଣ୍ଟରଠାରେ ଆୟୋଜିତ ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ୧୨୯ ଜଣ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏସ୍‌ସି, ଏସ୍‌ଟି ବିଭାଗରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିବା ବେଳେ ହିତାଧିକାରୀଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା କ୍ଷେତ୍ରରେ ଭଲଭାବେ କାର୍ଯ୍ୟ କରିବାକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧିକାରୀଙ୍କ ସଫଳତା ଲାଗି ସେମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ତୃଣମୂଳସ୍ତରରେ ସେବା ପ୍ରଦାନ କ୍ଷେତ୍ରରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ଠିକଣା ଭାବେ ପହଞ୍ଚାଇବା ଜଣେ ଅଧିକାରୀଙ୍କ କର୍ତ୍ତବ୍ୟ। ସେ ଯେତେବେଳେ ବୃତ୍ତିଗତ ଭାବେ କରିଥାନ୍ତି, ସେତେବେଳେ ସେ ଲୋକଙ୍କ ପାଖରେ ବିଭିନ୍ନ ପରିସ୍ଥିତିରେ ଯୋଡ଼ି ହୋଇଥାନ୍ତି। ବଞ୍ଚିତ ବର୍ଗଙ୍କ ପାଖରେ ପହଞ୍ଚି କାର୍ଯ୍ୟ କରିବା ସମୟରେ ଅତି ସରଳତାର ସହ ବ୍ୟବହାର ପ୍ରଦର୍ଶନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ୫-ଟି କାର୍ଯ୍ୟକ୍ରମ ସମ୍ପର୍କରେ ଭଲ ଭାବେ ଅବଗତ ହେବା ଜରୁରୀ। ଏସ୍‌ସି, ଏସ୍‌ଟି ବିଭାଗ ହେଉଛି ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଏହି ବିଭାଗ ରାଜ୍ୟର ୭୫ ପ୍ରତିଶତ ଲୋକ ଯେଉଁମାନେ ଏସ୍‌ସି, ଏସ୍‌ଟି, ପଛୁଆବର୍ଗ, ପଛୁଆ ଶ୍ରେଣୀ ଅଟନ୍ତି ସେମାନଙ୍କ ବିକାଶ ଏବଂ ମଙ୍ଗଳ ପାଇଁ କାର୍ଯ୍ୟ କରିଥାଏ। ଏମାନଙ୍କୁ ସମାଜର ଆଗଧାଡ଼ିରେ ପହଞ୍ଚାଇବା ହେଉଛି ସରକାରଙ୍କ ପ୍ରାଥମିକତା। ଏହି ବର୍ଗର ଲୋକଙ୍କ ଜୀବିକା ଉପରେ ଆଧାରିତ ଯେତେସବୁ ଯୋଜନା ସରକାର ଆଣିଛନ୍ତି ତାକୁ ବାଦ୍ ଦେଲେ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟକ୍ରମକୁ ଅଧିକ ମାତ୍ରାରେ ପ୍ରଚାର କରିବା ଜରୁରୀ। ଏହା ଆଦିବାସୀ ଲୋକଙ୍କ ପାଇଁ ସବୁଠାରୁ ବଡ କାର୍ଯ୍ୟକ୍ରମ। ଏଥିଲାଗି ସରକାର ୫୦୦ କୋଟି ଟଙ୍କାର ବଜେଟ ରଖିଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଦ୍ୱାରା ୧୨୧ ବ୍ଲକର ଦେଢ଼ କୋଟି ଆଦିବାସୀ ଲୋକ ଉପକୃତ ହେବେ। ଶିକ୍ଷା ହେଉଛି ଏହି ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ସବୁଠାରୁ ଜରୁରୀ। ଶିକ୍ଷା ଦ୍ୱାରା ହିଁ ସେମାନଙ୍କ ସାମାଜିକ ସ୍ତରରେ ଉନ୍ନତି ହୋଇପାରିବ ବୋଲି ସେ କହିଛନ୍ତି। ଏହି ଅବସରରେ ବିଭାଗର କମିଶନର ତଥା ସଚିବ ରୂପାରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ।



ନୟାଗଡ଼ ଜିଲା କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର ପରିଦର୍ଶନ କରି ୫-ଟି ସଚିବ ଭି.କେ. ପାଣ୍ଡିଆନ ଫେରୁଛନ୍ତି।

# ସ୍ୱପ୍ନ ଦେଖନ୍ତୁ, ସଫଳ କରାନ୍ତୁ

- ୨ ଦିନିଆ ଗସ୍ତ ସାରି ଫେରିଲେ ୫-ଟି ସଚିବ
- ଶ୍ରୀନୀଳମାଧବ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା
- ଅବ୍ୟବହୃତ ଗୃହକୁ ଚିହ୍ନଟ କରି ମିଶନ ଶକ୍ତିକୁ ହସ୍ତାନ୍ତର ହେବ
- ବଦଳିବ ଶ୍ରୀରଘୁନାଥ, ଦକ୍ଷିଣକାଳୀ ଓ ଲଡୁବାବାଙ୍କ ମନ୍ଦିରର ରୂପରେଖ

ନୟାଗଡ଼, (ଲୋକନାଥ ମିଶ୍ର)/ଓଡଗାଁ, (ଆଦର୍ଶ କୁମାର ପଟ୍ଟନାୟକ)/ଖଣ୍ଡପଡ଼ା, (ଅଜୟ କୁମାର ମହାରଣା)/ଶରଣକୁଳ, (ଦୀପକ କର),୨୧।୭

ଦୁଇ ଦିନିଆ ନୟାଗଡ଼ ଗସ୍ତ ଶେଷ କରି ୫-ଟି ସଚିବ ଭି.କେ. ପାଣ୍ଡିଆନ ଭୁବନେଶ୍ୱର ଶୁକ୍ରବାର ଫେରିଛନ୍ତି। ୫-ଟି ସଚିବ ପ୍ରଥମେ ନୟାଗଡ଼, ପରେ କଣ୍ଟିଲୋ, ଓଡ଼ଗାଁ, ଲାଠିପଡ଼ାକୁ ମାରାଥନ ଗସ୍ତ କରି ପରିଦର୍ଶନ, ଅନୁଧ୍ୟାନ, ସମୀକ୍ଷା, ଅଭିଯୋଗ ଶୁଣାଣି କରିଛନ୍ତି। କଣ୍ଟିଲୋ ଶ୍ରୀନୀଳମାଧବ ମନ୍ଦିର ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ମିଶନ ଶକ୍ତି ସାମାଜିକ ଆନ୍ଦୋଳନରେ ପରିଣତ ହୋଇସାରିଛି ବୋଲି କହିଥିଲେ। ସେହିଭଳି ସରକାରଙ୍କ ଅନେକ ଯୋଜନାରେ ସାଧାରଣ ଲୋକ ଉପକୃତ ହେଉଛନ୍ତି। ଯୋଜନାକୁ ନିଜର ଭାବି ସ୍ୱପ୍ନ ଦେଖି ସଫଳ କରାନ୍ତୁ ବୋଲି ୫-ଟି ସଚିବ ପାଣ୍ଡିଆନ କହିଛନ୍ତି।

ଅପରପକ୍ଷେ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଅବ୍ୟବହୃତ ଗୃହକୁ ଚିହ୍ନଟ କରି ମିଶନ ଶକ୍ତିକୁ ହସ୍ତାନ୍ତର କରାଯିବ। ସେଥିରୁ ସେମାନେ ରୋଜଗାର କରିପାରିବେ। ଓଡଗାଁର ରଘୁନାଥ ମନ୍ଦିର, ଶରଣକୁଳର ଲଡୁବାବାଙ୍କ ମନ୍ଦିରର ରୂପରେଖ ବଦଳିବ। ଖଣ୍ଡପଡ଼ା ରୋଡରେ ଥିବା ବଳାଙ୍ଗୀ ପାର୍କ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଅନୁଦାନ ଯୋଗାଇ ଦେବେ ବୋଲି ୫-ଟି ସଚିବ ପାଣ୍ଡିଆନ ପ୍ରତିଶ୍ରୁତି ଦେଇଛନ୍ତି। ପାଣ୍ଡିଆନ ପ୍ରଥମେ ବଳାଙ୍ଗୀ ପାର୍କକୁ ପରିଦର୍ଶନ କରିଥିଲେ। ନୟାଗଡ଼ ମ୍ୟୁନିସିପାଲିଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ସଚିବଙ୍କୁ ନିର୍ମାଣ ସମୟର ଏହାର ଭିଡିଓ, ଫଟୋ ଓ ମ୍ୟାପ ଦେଖାଇଥିଲେ। ପରେ ପୁରୁଣା ସହରର ଦକ୍ଷିଣକାଳୀ ମନ୍ଦିରକୁ ଆସି ଦର୍ଶନ କରିଥିଲେ। ଦକ୍ଷିଣକାଳୀ ମନ୍ଦିରର ଉନ୍ନତି ପାଇଁ ମିଶ୍ର ସଚିବଙ୍କୁ କିଛି ଡକ୍ୟୁମେଣ୍ଟ ଓ ନକ୍ସା ଦେଖାଇଥିଲେ। ଖଣ୍ଡପଡ଼ା ବ୍ଲକ କଣ୍ଟିଲୋର ଶ୍ରୀନୀଳମାଧବ ମନ୍ଦିରକୁ ଯାଇ ୧୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକୁ ଅନୁଧ୍ୟାନ ଓ ସମୀକ୍ଷା କରିଥିଲେ। ଓଡ଼ଗାଁରେ ପହଞ୍ଚି ମିଶନ ଶକ୍ତିକାଫେ ପରିଦର୍ଶନ କରି ଜଳଖିଆ ଖାଇଥିଲେ। ଓଡ଼ଗାଁର ଶ୍ରୀରଘୁନାଥ ଜୀଉ ଓ ଶରଣକୁଳ ଲଡୁବାବାଙ୍କୁ ଦର୍ଶନ କରିଥିଲେ। ରାବେରା ଛତୁ ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରିଥିଲେ। ନୟାଗଡ଼ ଷ୍ଟାଡିୟମରେ ଜନଶୁଣାଣି କରି ଅଭିଯୋଗ ଗ୍ରହଣ କରି ସରକାରଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମହିଳା ସଶକ୍ତୀକରଣ ପରି ସରକାରୀ ଯୋଜନା ଉପରେ ଉପସ୍ଥିତ ଲୋକମାନଙ୍କୁ ସଚେତନ କରିଥିଲେ। ଜିଲାର ପ୍ରତି ଘରେ ପାଣି ପହଞ୍ଚିବା ପାଇଁ ୧୫୫୦ କୋଟି ଟଙ୍କା ମଞ୍ଜୁର ହୋଇଥିବା କହିଥିଲେ। ଶେଷରେ ଲାଠିପଡା ଟାଙ୍ଗି ପଡ଼ିଆଠାରେ ଜନଶୁଣାଣିରେ ଯୋଗଦେଇ ଭୁବନେଶ୍ୱର ଫେରି ଯାଇଛନ୍ତି।

# କୂଅ ଭିତରେ ଶ୍ୱାସରୁଦ୍ଧ ହୋଇ ୨ ମୃତ

## ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଯାଇ ଫସିଲେ ମାଲିକ

ପରଜଙ୍ଗ, ୨୧।୭(ନିଗମାନନ୍ଦ ଦଳବେହେରା)

କୂଅ ସଫେଇ ଚାଲିଥିବା ବେଳେ ଅଣନିଃଶ୍ୱାସୀ ହୋଇ ଖସିପଡ଼ିଲେ ଶ୍ରମିକ। ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ମାଲିକ ମଧ୍ୟ ଫସିଗଲେ। ଶ୍ୱାସରୁଦ୍ଧ ହୋଇ ଘଟଣାସ୍ଥଳରେ ଚାଲିଗଲା ୨ ଜଣଙ୍କ ଜୀବନ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ସରକିଶୋରପାଳ ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା। ମୃତକ ହେଲେ କୂଅ ମାଲିକ ଶଶିଭୂଷଣ ସାହୁ (୫୨) ଏବଂ ଶ୍ରମିକ ଭଜମନ ବେହେରା (୪୫)।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଶଶିଭୂଷଣଙ୍କ କୂଅ ସଫେଇ କରିବା ଲାଗି ଶ୍ରମିକ ଭଜମନଙ୍କୁ ଡାକିଥିଲେ। ମଧ୍ୟାହ୍ନରେ ଭଜମନ କୂଅ ଭିତରେ ପଶି ସଫା କରୁଥିବାବେଳେ ହଠାତ୍ ଅଣନିଃଶ୍ୱାସୀ ହୋଇ ଖସିପଡ଼ିଥିଲେ। ଡାକିବା ସତ୍ତ୍ୱେ ଭଜମନଙ୍କ ନିକଟରୁ କୌଣସି ଉତ୍ତର ନ ଆସିବାରୁ ବ୍ୟସ୍ତବିବ୍ରତ ଶଶିଭୂଷଣ ତାଙ୍କୁ ଉଦ୍ଧାର କରିବାକୁ କୂଅ ଭିତରକୁ ପଶିଯାଇଥିଲେ। ହେଲେ ସେ ମଧ୍ୟ ଫସିଯାଇଥିଲେ। ଉଭୟେ ବାହାରକୁ ଆସିବାରେ ବିଳମ୍ବ ହେବାରୁ ବାହାରେ ଥିବା ଲୋକେ ବ୍ୟସ୍ତ ବିବ୍ରତ ହୋଇପଡ଼ିଥିଲେ। ଭିତରେ ଅଘଟଣ ଘଟିଥିବା ଆଶଙ୍କାରେ ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇଥିଲା। ଦୀର୍ଘ ସମୟ କସରତ ପରେ ଅଗ୍ନିଶମ କର୍ମଚାରୀ କୂଅରେ ପଶି ଦୁଇଜଣଙ୍କୁ ବାହାରକୁ ଆଣିଥିଲେ। ହେଲେ ସେତେବେଳକୁ ଉଭୟଙ୍କ ମୃତ୍ୟୁ ହୋଇସାରିଥିଲା। ଦଦରାଘାଟି ଫାଣ୍ଡି ଅଧିକାରୀ ଶକ୍ତି ପ୍ରସାଦ ସାହୁ, ଗେଙ୍ଗୁଟିଆ ରାଜସ୍ୱ ନିରୀକ୍ଷକ ବିବେକାନନ୍ଦ ସାହୁ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପଟେ କୂଅ ସଫେଇ ବେଳେ ଦୁଇ ଦୁଇଟି ଜୀବନ ଚାଲିଥିବା ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।




ଅଗ୍ନିଶମ କର୍ମଚାରୀ କୂଅରେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି।

### ଅଗ୍ନିଶମ କର୍ମଚାରୀ ୨ ଘଣ୍ଟା ନାକେଦମ୍

କୂଅରେ ଫସିଥିବା ଦୁଇଜଣଙ୍କୁ ଉଦ୍ଧାର କରିବା ଲାଗି ନାକେଦମ୍ ହୋଇଥିଲେ ଅଗ୍ନିଶମ କର୍ମଚାରୀ। କାରଣ କୂଅ ଭିତରେ ଅକ୍ସିଜେନ ସ୍ତର ବହୁତ କମ୍ ଥିଲା। ତେଣୁ ଉଦ୍ଧାର କାର୍ଯ୍ୟ ବିଳମ୍ବ ହୋଇଥିଲା। ଅକ୍ସିଜେନ୍ ସିଲିଣ୍ଡର ପିଠିରେ ବାନ୍ଧି ଅଗ୍ନିକ କୂଅ ଭିତରକୁ ଓହ୍ଲାଇଥିଲେ। ଦୀର୍ଘ ୨ ଘଣ୍ଟାର ପରିଶ୍ରମ ପରେ ଶଶିଭୂଷଣ ଏବଂ ଭଜମନଙ୍କ ମୃତଦେହ ବାହାର କରାଯାଇଥିଲା।

# ଦୈତାପତି ନିଯୋଗକୁ କାରଣ ଦର୍ଶାଅ ନୋଟିସ

ପୁରୀ, ୨୧।୭(ଅଜିତ ମହାନ୍ତି)



## ବନକଲାଗି ନୀତିରେ ବିଶୃଙ୍ଖଳା

- ୪ ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ
- ଆବଶ୍ୟକ ପଡ଼ିଲେ କୋର୍ଟକୁ ଯିବୁ: ନିଯୋଗ

ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତିରେ ବିଶୃଙ୍ଖଳା ନେଇ ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦୈତାପତି ନିଯୋଗକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଶ୍ରୀମନ୍ଦିର ଆଇନ-୨୦ ଓ ୩୦ ଧାରା ଅନୁଯାୟୀ ଏହି ନୋଟିସ ଜାରି ହୋଇଛି। ୪ ଦିନ ମଧ୍ୟରେ ଏ ସଂକ୍ରାନ୍ତ ଉତ୍ତର ରଖିବାକୁ କୁହାଯାଇଛି।

ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ପ୍ରତ୍ୟେକ ଗୁରୁବାର ବନକଲାଗି କରିବାକୁ ସମ୍ପୃକ୍ତ ସେବାୟତ ଦୈତାପତିମାନେ ଅଡ଼ି ବସିଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ ପୂର୍ବ ଭଳି ବୁଧବାର ଏହି ନୀତି କରିବା ସପକ୍ଷରେ ରହିଛି। ତେଣୁ ବିବାଦ ସୃଷ୍ଟି ହୋଇଛି। ବନକଲାଗି ସଂକ୍ରାନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୈତାପତି ନିଯୋଗର ସଭାପତି, ସମ୍ପାଦକ, ଦଇତାପତି ନିଯୋଗର ବାଡ଼ଗ୍ରାହୀ, ବରିଷ୍ଠ ଦଇତାପତି ସେବକ, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ବୁଧବାର ବନକଲାଗି କରିବା ପାଇଁ ଏହି ବୈଠକରେ ପ୍ରଶାସନ ପକ୍ଷରୁ ଦୈତାପତି ସେବକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସେମାନେ ତାହା କରି ନ ଥିଲେ। ଗୁରୁବାର ଏଥିଲାଗି ସେମାନେ ପ୍ରସ୍ତୁତ ଥିବା ବେଳେ ପ୍ରଶାସନ ସମୟ ଦେଇ ନ ଥିଲା। ଫଳରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା।

ସୂଚନାଯୋଗ୍ୟ, ୨୦୧୮ ପରିଚାଳନା କମିଟି ବୈଠକରେ ପ୍ରତି ବୁଧବାର ବନକଲାଗି କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଫଳରେ ଗତ ୬ବର୍ଷ ଧରି ପ୍ରତ୍ୟେକ ବୁଧବାର ବନକଲାଗି ନୀତି ହୋଇଆସୁଛି। ତେବେ ବର୍ତ୍ତମାନ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ପ୍ରତ୍ୟେକ ଗୁରୁବାର ବନକଲାଗି ନୀତି କରିବା ପାଇଁ ଜିଦ୍ ଧରୁଛି ନିଯୋଗ। ଫଳରେ ନୀଳାଦ୍ରିବିଜେ ପରଠାରୁ ଏଯାବତ ବନକଲାଗି ନୀତି ସମ୍ପନ୍ନ ହୋଇପାରିନାହିଁ। ଏ ନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନର ନୋଟିସ ସମ୍ପର୍କରେ ଦୈତାପତି ନିଯୋଗ ସମ୍ପାଦକ ମଦନମୋହନ ଦୈତାପତି କହିଛନ୍ତି, ବୁଧବାର ତାଙ୍କ ନିକଟରେ ସେବାୟତମାନେ ନ ଥିବାରୁ ବନକଲାଗି ନୀତି ହୋଇପାରି ନ ଥିଲା। ତେବେ ରେକର୍ଡ ଅଫ୍ ରାଇଟ୍ସ ଅନୁସାରେ ଗୁରୁବାର ବନକଲାଗି ନୀତି ହେବାର ପ୍ରାବଧାନ ରହିଛି। ଏହାପରେ ଏକାନ୍ତ ନୀତି ହେବା କଥା। ମାତ୍ର ବିନା ବନକଲାଗିରେ ଏକାନ୍ତ ନୀତି କରାଗଲା। ଏଣିକି ପ୍ରତ୍ୟେକ ଗୁରୁବାର ବନକଲାଗି କରାଯିବା ପାଇଁ ଆମେ କହିବୁ। ସେହିପରି ନିଯୋଗରେ ଆଲୋଚନା କରାଯାଇ ଚିଠିରେ ଜବାବ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଦୈତାପତି ସେବକ ସଞ୍ଜୟ ଦୈତାପତି କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଠାଯାଇଥିବା ନୋଟିସ୍‌ର ଜବାବ ଶନିବାର ଦିଆଯିବ। ଏଣିକି ପ୍ରତ୍ୟେକ ଗୁରୁବାର ପ୍ରଥମ ବନକଲାଗି କରାଯାଉ। ନଚେତ ଆଇନର ଆଶ୍ରୟ ନିଆଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରାଯାଇ ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି।

# ଡିପିସି ଅଫିସ ଜେଣ୍ଡର କୋଅର୍ଡିନେଟର ଗିରଫ

## ଏନ୍ଓସି ପାଇଁ ନେଉଥିଲେ ୩୧ ହଜାର ଟଙ୍କା

ବଲାଙ୍ଗୀର, ୨୧।୭ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) ଅଫିସ ଜେଣ୍ଡର କୋଅର୍ଡିନେଟର ପୁଷ୍ପାଞ୍ଜିନୀ ଯୋଷୀ ୩୧ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏନ୍ଓସି ସାର୍ଟିଫିକେଟ ଏବଂ ଅନ୍ୟାନ୍ୟ ଅଫିସ କାଗଜାତ ପାଇଁ ଜଣେ ପୂର୍ବତନ ପ୍ରଧାନ ଶିକ୍ଷକଙ୍କଠାରୁ ସେ ଏହି ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ଟିମ୍ ଜେଣ୍ଡର କୋଅର୍ଡିନେଟର ଯୋଷୀଙ୍କୁ କାବୁ କରିବା ସହ ତାଙ୍କଠାରୁ ଉକ୍ତ ଟଙ୍କା ଜବତ କରିଥିଲା। ପରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

ମିଳିଥିବା ସୂଚନା ଅନୁସାରେ ପାଟଣାଗଡ ବ୍ଲକ୍ ସୋଲବନ୍ଧ ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ହଷ୍ଟେଲ ଇନଚାର୍ଜ ଦାୟିତ୍ୱରେ ଥିବା ମିତ୍ରଭାନୁ ମାଝିଙ୍କ ଅନ୍ୟ ସ୍କୁଲକୁ ବଦଳି ହୋଇଛି। ତାଙ୍କୁ ଏନ୍ଓସି ସାର୍ଟିଫିକେଟ, ୟୁଟିଲାଇଜେଶନ୍ ସାର୍ଟିଫିକେଟର ଆବଶ୍ୟକତା ଥିଲା। ବାରମ୍ବାର ଡିପିସି ଅଫିସକୁ ଦୌଡୁଥିଲେ ମଧ୍ୟ ତାଙ୍କୁ ଆବଶ୍ୟକ ସାର୍ଟିଫିକେଟ ଦିଆଯାଉ ନ ଥିଲା। ବାରମ୍ବାର ଦୌଡିବା ପରେ ଏହି ସବୁ ସାର୍ଟିଫିକେଟ କରିଦେବା ପାଇଁ କୁଆଡେ ଡିପିସି ଅଫିସ ଜେଣ୍ଡର କୋଅର୍ଡିନେଟର ଯୋଷୀ ୩୧ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ପୂର୍ବତନ ପ୍ରଧାନଶିକ୍ଷକ ମାଝି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ଯୋଜନା ମୁତାବକ ୩୧ ହଜାର ଟଙ୍କା ନେଇ ମାଝି ଅଫିସରେ ପହଞ୍ଚି ଯୋଷୀଙ୍କୁ ଦେଇଥିଲେ। ଠିକ୍ ଏତିକି ବେଳେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସଟିମ୍ ତାଙ୍କୁ ଧରିଥିଲେ। ଏହାପରେ ଯୋଷୀଙ୍କ ଅଫିସ ଏବଂ ଭଡ଼ାଘରେ ତନଖି କରାଯାଇଥିଲା। ଏଥିରେ ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି ପୌଲସ୍ତି ଛତ୍ରିଆଙ୍କ ସମେତ ବଲାଙ୍ଗୀର ଏବଂ ସମ୍ବଲପୁର ଭିଜିଲାନ୍ସ ଟିମ୍ ସହଯୋଗ କରିଥିଲେ।



ପୁଷ୍ପାଞ୍ଜିନୀ ଯୋଷୀ

# ଲକ୍ଷେ ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ହରଭଙ୍ଗା ଥାନାଧିକାରୀ

ବୌଦ୍ଧ(ଅଜିତ କୁମାର ବାରିକ)/ ଫୁଲବାଣୀ(ରାକେଶ କୁମାର ରାଉତ)୨୧।୭

ବୌଦ୍ଧ ଜିଲା ହରଭଙ୍ଗା ଥାନାଧିକାରୀ ପୁଷ୍ପଲତା ରାଉତରାୟ ଶୁକ୍ରବାର ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କ ପାଖରୁ ସମସ୍ତ ଟଙ୍କା ଭିଜିଲାନ୍ସ ଜବତ କରିଛି।

ମିଳିଥିବା ସୂଚନା ମୁତାବକ, ହରଭଙ୍ଗା ତହସିଲ ଅନ୍ତର୍ଗତ ସୁରୁଣ୍ଡି ମହାନଦୀ ବାଲିଘାଟ ଟେଣ୍ଡର ନେଇଥିବା ଠିକାଦାର ଶରତ ବେହେରାଙ୍କୁ ବାଲିଚାଲାଣ ସମୟରେ ଥାନା ଅଧିକାରୀ ବହୁ ହଇରାଣ ହରକତ କରି ଆସୁଥିଲେ। ବିଭିନ୍ନ ସମୟରେ ମାମଲା କରି ଟଙ୍କା ମାଗୁଥିଲେ। ଶରତ ମଧ୍ୟ ପୂର୍ବରୁ ଟଙ୍କା ଦେଇଥିଲେ। ତେବେ ନିର୍ବିଘ୍ନରେ ବ୍ୟବସାୟ ଚଳାଇବା ପାଇଁ ଥାନା ଅଧିକାରୀ ପୁଷ୍ପଲତା ବର୍ଷକୁ ୧ଲକ୍ଷ ୮୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ଶରତ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଫଳରେ ଭିଜିଲାନ୍ସ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଯୋଜନା ମୁତାବକ ଥାନାଧିକାରୀଙ୍କୁ ତାଙ୍କ ଅଫିସରେ ଶରତ ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ରହିଥିବା ଭିଜିଲାନ୍ସ କର୍ମଚାରୀମାନେ ଚଢ଼ାଉ କରି ଉକ୍ତ ଟଙ୍କା ଜବତ କରିବା ସହ ଥାନାଧିକାରୀଙ୍କୁ ଗିରଫ କରିଥିଲେ। ଭିଜିଲାନ୍ସ ଟିମ୍ ତାଙ୍କୁ ଫୁଲବାଣୀସ୍ଥିତ କାର୍ଯ୍ୟାଳୟକୁ ନେଇ ଅଧିକ ପଚରାଉଚରା ଚଳାଇଛି। ବ୍ରହ୍ମପୁର ଭିଜିଲାନ୍ସ କେସ୍ ନଂ. ୧୧/୨୩ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଭିଜିଲାନ୍ସ ଡିଏସ୍‌ପି କ୍ରିଷ୍ଣ କୁମାରୀ ପ୍ରଧାନ, ଇନ୍ସପେକ୍ଟର ସୌମ୍ୟକାନ୍ତ ପଣ୍ଡା, ଏଏସ୍‌ଆଇ ଦୁର୍ଗା ପ୍ରସାଦ ହୋତା, କନ୍‌ଷ୍ଟେବଲ ଶାନ୍ତନୁ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଅନ୍ୟପକ୍ଷରେ ଲାଞ୍ଚ ନେବା ଘଟଣାକୁ ଥାନାଧିକାରୀ ଅସ୍ୱୀକାର କରିଛନ୍ତି। ମୁଁ କାହା ପାଖରୁ ଟଙ୍କା ନେଇନାହିଁ। ଅଫିସରେ ସିସିଟିଭି ଫୁଟେଜ ଅଛି, ମୋତେ ଜାଣିକି ଫସେଇ ଦିଆଯାଇଛି ବୋଲି ସେ କହିଛନ୍ତି।



ପୁଷ୍ପଲତା ରାଉତରାୟ

# ବାଣ ଫୁଟାଇବା ସହ ମିଠା ବାଣ୍ଟି ଖାଇଲେ ଗ୍ରାମବାସୀ

## ଖରଭୁଇଁ ଗ୍ରାମରେ ଖୁସିର ଲହରି

### ହରଭଙ୍ଗା ଥାନା ଅଧିକାରୀ ଭିଜିଲାନ୍ସ ହାତରେ ଧରାପଡ଼ିବା ଘଟଣା

ବୌଦ୍ଧ,୨୧।୭(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ଥାନା ଅଧିକାରୀ ପୁଷ୍ପଲତା ରାଉତରାୟ ଶୁକ୍ରବାର ଜଣେ ବାଲିଘାଟ ଠିକାଦାରଙ୍କ ଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସନ୍ଧ୍ୟାରେ ହରଭଙ୍ଗା ଥାନା ଅଧୀନ ଖରଭୁଇଁ ଗ୍ରାମରେ ଖୁସିର ମାହୋଲ ଦେଖାଦେଇଛି। ଗ୍ରାମବାସୀ ବାଣ ଫୁଟାଇ ମିଠାବାଣ୍ଟି ଖୁସି ମନାଇଛନ୍ତି।

ପ୍ରକାଶ ଯେ, ଖରଭୁଇଁ ଗ୍ରାମରେ ଥିବା ୪ ଗୋଟି କ୍ରଶରକୁ ନେଇ ଗ୍ରାମବାସୀ ଦୀର୍ଘ ୭ ମାସ ଧରି ଆନ୍ଦୋଳନ ଚଳାଇଥିଲେ। କିନ୍ତୁ ପୋଲିସ ପ୍ରଶାସନ କ୍ରଶରଗୁଡିକ ଚାଲିବା ପାଇଁ ଅଡି ବସିବା ସହ ଆନ୍ଦୋଳନରତ ଗ୍ରାମବାସୀଙ୍କ ନାମରେ ବହୁ ମାମଲା ରୁଜୁ କରି ହଇରାଣ କରିଥିଲା। ପୋଲିସ ଆନ୍ଦୋଳନର ନେତୃତ୍ୱ ନେଇଥିବା ଶ୍ରମକ ନେତା ଅବକାଶ ସାହୁଙ୍କ ନାମରେ ୬ ଗୋଟି ମାମଲା ରୁଜୁ କରିବା ସହ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏବେ ବି ବହୁ ନିରୀହ ଗ୍ରାମବାସୀ ମାମଲାରେ ଛନ୍ଦି ହୋଇ ପଡିଛନ୍ତି।



ଖରଭୁଇଁ ଗ୍ରାମବାସୀ ମିଠା ଖାଇ ଖୁସି ମନାଉଛନ୍ତି।





**ହାଜେଲଉଡ୍‌ଙ୍କୁ ୫ଉଇକେଟ**

ଇଂଲଣ୍ଡ ବିପକ୍ଷ ଚତୁର୍ଥ ଆଶେସ ଟେଷ୍ଟରେ ଅଷ୍ଟ୍ରେଲିଆର ଜୋଶ୍ ହାଜେଲଉଡ୍ ୫ଉଇକେଟ ସଫଳତା ହାସଲ କରିଛନ୍ତି।

୦୬

୦୫

**ବିବେକ ଓବେରୟଙ୍କୁ ୧.୫ କୋଟି ଠକେଇ**

ଫିଲ୍ମ ନିର୍ମାଣ ଓ ବିରାଟ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବଲିଉଡ୍ ଅଭିନେତା ବିବେକ ଓବେରୟଙ୍କଠାରୁ ୩ ଜଣ ଲୋକ ୧.୫୫ କୋଟି ଟଙ୍କା ନେଇ ଠକି ଦେଇଛନ୍ତି।





କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଖୁଣ୍ଟା ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନେ ଗଛ ମୂଳରେ ପାଲ ଉପରେ ବସି ପଢୁଛନ୍ତି।

# ଜ୍ଞାନବାପି ସର୍ଭେ ପାଇଁ ଏଏସ୍‌ଆଇଙ୍କୁ ଅନୁମତି

**ବାରାଣସୀ, ୨୧।୭**

ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଥିବା ଜ୍ଞାନବାପି ମସ୍‌ଜିଦ ପରିସରର ବିଜ୍ଞାନଭିତ୍ତିକ ସର୍ଭେ ପାଇଁ ସ୍ଥାନୀୟ ଅଦାଲତ ଶୁକ୍ରବାର ଅନୁମତି ପ୍ରଦାନ କରିଛନ୍ତି। ସମ୍ପୂର୍ଣ୍ଣ ମସ୍‌ଜିଦ ପରିସରର ସର୍ଭେ ପାଇଁ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ନିର୍ଦ୍ଦେଶ ଦେବା ନିମନ୍ତେ ହିନ୍ଦୁ ପକ୍ଷରୁ ବାରାଣସୀ କୋର୍ଟରେ ପିଟିଶନ ଦାଏର କରିଥିଲା। ଗତବର୍ଷ ମେ'ରେ ଜ୍ଞାନବାପି କମ୍ପ୍ଲେକ୍ସର ଭିଡିଓଗ୍ରାଫି ସର୍ଭେ କରାଯାଇଥିଲା। ମସ୍‌ଜିଦ ପରିସରରେ ଥିବା ଏକ କୂଅରୁ ମିଳିଥିବା ଢାଞ୍ଚାକୁ ହିନ୍ଦୁ ପକ୍ଷ 'ଶିବଲିଙ୍ଗ' ବୋଲି ଦାବି କରିଆସୁଛି। ତେବେ ତାହା ଏକ ଝରଣା ବୋଲି ମୁସଲମାନ ପକ୍ଷ କହିଥିଲା। 'ଶିବଲିଙ୍ଗ' ମିଳିଥିବା ଉକ୍ତ ସ୍ଥାନ (ଉଜୁଖାନା)କୁ ଏଏସ୍‌ଆଇର ବିଜ୍ଞାନଭିତ୍ତିକ ସର୍ଭେରୁ ବାଦ୍ ଦେବାକୁ ଜିଲା ଜଜ୍ ଏ.କେ. ବିଶ୍ୱେଶ୍ୱରଙ୍କ କୋର୍ଟ କହିଛନ୍ତି। ସର୍ଭେ ରିପୋର୍ଟ ଅଗଷ୍ଟ ୪ ସୁଦ୍ଧା କୋର୍ଟରେ ଉପସ୍ଥାପନ କରିବାକୁ ଏଏସ୍‌ଆଇକୁ ନିର୍ଦ୍ଦେଶ ଦିଆଯାଇଛି। ସର୍ଭେ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ କରିବାକୁ ନିର୍ଦ୍ଦେଶ ରହିଛି। ସର୍ଭେ ସମୟରେ ନମାଜ ପାଠ ଉପରେ କୌଣସି କଟକଣା ରହିବ ନାହିଁ। ସେହିପରି ମସ୍‌ଜିଦ ପରିସରରେ ☞ପୃଷ୍ଠା–୫

# ଆଇସିସି ବିଶ୍ୱକପ୍ ପ୍ରମୋରେ ଓଡ଼ିଶାର ପିଣ୍ଟୁ

**ବ୍ରହ୍ମପୁର ୨୧।୭ (ତନୁଶ୍ରୀ ନାହାକ)**

ଓଡ଼ିଶାର ଖେଳପ୍ରେମୀଙ୍କ ଲାଗି ଏକ ଭଲ ଖବର। ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ଜଣେ ଅନ୍ୟତମ ଦୃଢ ପ୍ରଶଂସକ ରୂପେ ପରିଚିତ ରାଜ୍ୟର ପିଣ୍ଟୁ ବେହେରା ଭାରତରେ ଅକ୍ଟୋବର ୫ରୁ ହେବାକୁଥିବା ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଅଫିସିଆଲ ପ୍ରମୋରେ ସ୍ଥାନ ପାଇଛନ୍ତି। ୩୪ ବର୍ଷୀୟ ପିଣ୍ଟୁ ବ୍ରହ୍ମପୁର ସହରର ଜଣେ ଜଣାଶୁଣା କଣ୍ଟ୍ରାକ୍ଟର। ସେ ତାଙ୍କ ଶରୀରରେ ହାତ, ଗୋଡ଼, ପିଠି, ପେଟ ଏବଂ ଅନ୍ୟ ଅଂଶରେ ପୂର୍ବତନ ଟିମ୍ ଇଣ୍ଡିଆ ଅଧିନାୟକ କୋହଲିଙ୍କର ଟାଟୁ କରିଛନ୍ତି। ପିଣ୍ଟୁଙ୍କ ଶରୀରରେ ଏହି ସବୁ ଟାଟୁ ଟି. ଗଣେଶ ରାଓ ନାମକ ଜଣେ ଟାଟୁ ଆର୍ଟିଷ୍ଟ କରିଛନ୍ତି। ପିଣ୍ଟୁ ତାଙ୍କର ନିୟମିତ ଗ୍ରାହକ। ୬ ମାସ ତଳେ ଶେଷ ଥର ପାଇଁ ସେ ଟାଟୁ କୁଟାଇବା ଲାଗି ତାଙ୍କ ନିକଟକୁ ଆସିଥିଲେ ବୋଲି ଗଣେଶ କହିଛନ୍ତି। ପିଣ୍ଟୁ କହିଛନ୍ତି, କୋହଲିଙ୍କୁ ଭେଟିବା ଲାଗି ତାଙ୍କର ଏକ ସ୍ୱପ୍ନ ଥିଲା। ତାଙ୍କ ସହ ଭେଟ ହେବା ପରେ ତାଙ୍କୁ ନୂଆ ନୂଆ ଅଫର ଓ ସମ୍ମାନ ମିଳୁଛି। ଆଇସିସି ଦ୍ୱାରା ରିଲିଜ କରାଯାଇଥିବା ଦିନିକିଆ ବିଶ୍ୱକପ୍ ପ୍ରମୋରେ ତାଙ୍କୁ ସ୍ଥାନ ମିଳିଥିବାରୁ ସେ ଖୁବ୍ ଆନନ୍ଦିତ। କୋହଲିଙ୍କ ଏହି ଦୃଢ ପ୍ରଶଂସକ କହିଛନ୍ତି, ପ୍ରମୋର ଶୁଟିଂ ବେଳେ ତାଙ୍କର ଦକ୍ଷିଣ ☞ପୃଷ୍ଠା–୫



ପିଣ୍ଟୁ ବେହେରା

# ଚିହ୍ନଟ ହୋଇନି ୪୧ ମୃତଦେହ

## ବାହାନଗା ଟ୍ରେନ୍ ଦୁର୍ଘଟଣା ନେଇ ରେଳମନ୍ତ୍ରୀଙ୍କ ବିବୃତି

**ନୂଆଦିଲ୍ଲୀ,୨୧।୭**

ବାଲେଶ୍ୱର ଜିଲାର ବାହାନଗା ବଜାର ଷ୍ଟେଶନ ନିକଟରେ ଗତ ଜୁନ୍ ୨ରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାର ମୃତକଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୪୧ ମୃତଦେହ ଚିହ୍ନଟ ହୋଇ ନ ଥିବା ଶୁକ୍ରବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପାର୍ଲାମେଣ୍ଟକୁ ସୂଚନା ଦେଇଛନ୍ତି। ରାଜ୍ୟ ସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ରେଳମନ୍ତ୍ରୀ କହିଥିଲେ, ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୯୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା ଓ ୧୭୬ ଜଣ ଗୁରୁତର ଆହତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ୨୫୪ ମୃତଦେହ ଚିହ୍ନଟ ହୋଇ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ୪୧ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ବାହାନଗା ଷ୍ଟେଶନର ଉତ୍ତର ସିଗ୍‌ନାଲ ଗୁମ୍‌ଟିରେ ସିଗ୍‌ନାଲ ସର୍କିଟ୍ ପରିବର୍ତ୍ତନରେ ତ୍ରୁଟି ଥିଲା। ଏଥିସହ ସିଗ୍‌ନାଲ କାମ ବେଳେ ଷ୍ଟେଶନର ଲେବଲ କ୍ରସିଂ ଗେଟ୍ ନଂ ୯୪ ପାଇଁ ଇଲେକ୍ଟ୍ରିକ୍ ଲିଫ୍ଟିଂ ବାରିୟର ବଦଳାଯାଇଥିଲା। ଏହିସବୁ ତ୍ରୁଟି ପାଇଁ ଟ୍ରେନ୍ ନଂ ୧୨୮୪୧କୁ ଭୁଲ୍ ସିଗ୍‌ନାଲ ଯାଇଥିଲା। ଷ୍ଟେଶନର ଅପ୍ ମେନ୍ ଲାଇନରେ ଟ୍ରେନ୍ ଗଡ଼ିବା ପାଇଁ ଅପ୍ ହୋମ୍ ସିଗ୍‌ନାଲ ଦିଆଯାଇଥିଲା। କିନ୍ତୁ ଅପ୍ ☞ପୃଷ୍ଠା–୫

## ସ୍ୱତନ୍ତ୍ର ଓଜେଇଇ ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର,୨୧।୭ (ଅନୁରାଧା ମହାରଣା):** ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା (ଓଜେଇଇ) ଫଳ ଶୁକ୍ରବାର ପ୍ରକାଶ ପାଇଛି। ବି.ଟେକ୍‌ରେ ୮,୬୫୫ ଛାତ୍ରୀଛାତ୍ର ଓ ଲାଟେରାଲ ଏଣ୍ଟ୍ରି ଟେକ୍ନିକାଲ ଡିପ୍ଲୋମାରେ ୪,୫୬୮ ଜଣଙ୍କୁ ର୍‍ୟାଙ୍କ କାର୍ଡ ମିଳିଛି। ସେହିପରି ବି.ଫାର୍ମାରେ ୨୪୪୨ ଛାତ୍ରୀଛାତ୍ର, ଏମ୍‌ବିଏରେ ୪୨୮୭ ଓ ଏମ୍‌ସିଏରେ ୧୭୪୩ଜଣ ର୍‍ୟାଙ୍କ ହାସଲ କରିଛନ୍ତି। ଛାତ୍ରୀଛାତ୍ର http://ojee.nic.in/odishajee.comରୁ ସେମାନଙ୍କ ର୍‍ୟାଙ୍କ କାର୍ଡ ଡାଉନ୍‌ଲୋଡ଼ କରିପାରିବେ। ଏଥିସହ ଫଳାଫଳ ସଂକ୍ରାନ୍ତ ଅଧିକ ତଥ୍ୟ ojee.nic.in ଓ odishajee.comରେ ଉପଲବ୍ଧ ହୋଇଛି। ସୂଚନା ଥାଉକି, ଓଡ଼ିଶାର ସରକାରୀ ଓ ଘରୋଇ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ବି.ଫାର୍ମା, ଏମ୍‌ସିଏ, ଏମ୍.ଏସ୍‌ସି, ଏମ୍.ଟେକ, ଏମ୍.ଫାର୍ମା ଆଦିରେ ନାମଲେଖା ପାଇଁ ଏହି ସ୍ୱତନ୍ତ୍ର ଓଜେଇଇ କରାଯାଉଛି। ଜୁନ ୨୬ରୁ ୨୯ ତାରିଖ ଯାଏ ୪୭ଟି କେନ୍ଦ୍ରରେ ସିବିଟି ମୋଡ୍‌ରେ ଚାରିଟି ସିଫ୍ଟରେ ପରୀକ୍ଷା ହୋଇଥିଲା। ୨୧ ହଜାର ୮୬୭ ଜଣ ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ଦେଇଥିଲେ।

## ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଏକାଡେମିକ କ୍ୟାଲେଣ୍ଡର

## ମାର୍ଚ୍ଚ ୫ରୁ ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର,୨୧।୭(ଅନୁରାଧା ମହାରଣା):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନୂଆ ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ଏକାଡେମିକ କ୍ୟାଲେଣ୍ଡର ପ୍ରସ୍ତୁତ କରିଛି। ଏଥିସହ ଏହାର କାର୍ଯ୍ୟକାରିତା ନେଇ ଅଧ୍ୟକ୍ଷମାନଙ୍କ ମତାମତ ମଧ୍ୟ ନିଆଯାଇଛି। କ୍ୟାଲେଣ୍ଡର ଅନୁସାରେ କାମ କରିବା ସହ ପ୍ରୋକ୍ଟରିଆଲ କ୍ଲାସ୍‌କୁ ଗୁରୁତ୍ୱ ଦିଆଯାଇଛି। ଅଗଷ୍ଟ ପହିଲାରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବାକୁ ଥିବାବେଳେ ନୂଆ ଶିକ୍ଷାବର୍ଷ ପାଇଁ ଏକାଡେମିକ କ୍ୟାଲେଣ୍ଡର ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ କାର୍ଯ୍ୟକାରୀ କରାଯିବ। ପ୍ରଥମ ବର୍ଷ ବାର୍ଷିକ ପରୀକ୍ଷା ୨୦୨୪ ଏପ୍ରିଲ ୨୫ରୁ ଆରମ୍ଭ ହୋଇ ମେ ୫ରେ ସରିବ। ଏହାପରେ ଗ୍ରୀଷ୍ମ ଛୁଟି କରାଯିବ। ପୂଜା ଛୁଟି ପୂର୍ବରୁ ଦ୍ୱିତୀୟ ବର୍ଷର ଇଣ୍ଟରନାଲ ପରୀକ୍ଷା କରାଯିବ। ଦ୍ୱିତୀୟ ବର୍ଷ ବା ବାର୍ଷିକ ପରୀକ୍ଷା ୨୦୨୪ ମାର୍ଚ୍ଚ ୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୦ ସୁଦ୍ଧା ସରିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉକ୍ତ କ୍ୟାଲେଣ୍ଡରରେ ସୂଚନା ଦିଆଯାଇଛି। ସେହିପରି ଯୁକ୍ତ୨ ଦ୍ୱିତୀୟ ବର୍ଷର ପ୍ରୋକ୍ଟରିଆଲ କ୍ଲାସର ବି ସମୀକ୍ଷା କରାଯିବ। ଏଥିରେ ପ୍ରତି ଶିକ୍ଷକଙ୍କୁ କେତେଜଣ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କ ପାଠପଢ଼ା, ଆବଶ୍ୟକତା ଓ ପ୍ରଦର୍ଶନ ସମ୍ପର୍କରେ ଶିକ୍ଷକମାନେ ତଥ୍ୟ ଦେବେ। ଏଥିପାଇଁ ଚଳିତ ବର୍ଷ ଅଗଷ୍ଟ ୨୩ରେ ପ୍ରୋକ୍ଟରିଆଲ ମିଟିଂ ବସିବ। ଏଥିସହ ନଭେମ୍ବର ୨୧ରେ ପ୍ରଥମ ବର୍ଷ ଓ ଡିସେମ୍ବର ୧୮ରେ ଦ୍ୱିତୀୟ ବର୍ଷର ଅଭିଭାବକ-ଶିକ୍ଷକ ବୈଠକ ବସିବ। ନଭେମ୍ବର ୧୮ରେ ଜିଲାସ୍ତରୀୟ ହାକାଥନର ଆୟୋଜନ ହେବ। ଡିସେମ୍ବର ୧୩ରୁ ୧୮ ଯାଏ କ୍ରୀଡ଼ା ସପ୍ତାହ ପାଳନ କରାଯିବ।





**ହାଜେଲଉଡ୍‌ଙ୍କୁ ୫ଉଇକେଟ**
ଇଂଲଣ୍ଡ ବିପକ୍ଷ ଚତୁର୍ଥ ଆଶେସ ଟେଷ୍ଟରେ ଅଷ୍ଟ୍ରେଲିଆର ଜୋଶ୍ ହାଜେଲଉଡ୍ ୫ଉଇକେଟ ସଫଳତା ହାସଲ କରିଛନ୍ତି।

୦୬

୦୫

**ବିବେକ ଓବେରୟଙ୍କୁ ୧.୫ କୋଟି ଠକେଇ**
ଫିଲ୍ମ ନିର୍ମାଣ ଓ ବିରାଟ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବଲିଉଡ୍ ଅଭିନେତା ବିବେକ ଓବେରୟଙ୍କଠାରୁ ୩ ଜଣ ଲୋକ ୧.୫୫ କୋଟି ଟଙ୍କା ନେଇ ଠକି ଦେଇଛନ୍ତି।





କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଖୁଣ୍ଟା ଅଙ୍ଗନୱାଡ଼ି କେନ୍ଦ୍ରର ଶିଶୁମାନେ ଗଛ ମୂଳରେ ପାଲ ଉପରେ ବସି ପଢୁଛନ୍ତି।

# ଜ୍ଞାନବାପି ସର୍ଭେ ପାଇଁ ଏଏସ୍ଆଇକୁ ଅନୁମତି

**ବାରାଣସୀ, ୨୧।୭**

ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ଥିବା ଜ୍ଞାନବାପି ମସ୍‌ଜିଦ ପରିସରର ବିଜ୍ଞାନଭିତ୍ତିକ ସର୍ଭେ ପାଇଁ ସ୍ଥାନୀୟ ଅଦାଲତ ଶୁକ୍ରବାର ଅନୁମତି ପ୍ରଦାନ କରିଛନ୍ତି। ସମ୍ପୂର୍ଣ୍ଣ ମସ୍‌ଜିଦ ପରିସରର ସର୍ଭେ ପାଇଁ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)କୁ ନିର୍ଦ୍ଦେଶ ଦେବା ନିମନ୍ତେ ହିନ୍ଦୁ ପକ୍ଷରୁ ବାରାଣସୀ କୋର୍ଟରେ ପିଟିଶନ ଦାଏର କରିଥିଲା। ଗତବର୍ଷ ମେ'ରେ ଜ୍ଞାନବାପି କମ୍ପ୍ଲେକ୍ସର ଭିଡିଓଗ୍ରାଫି ସର୍ଭେ କରାଯାଇଥିଲା। ମସ୍‌ଜିଦ ପରିସରରେ ଥିବା ଏକ କୂଅରୁ ମିଳିଥିବା ଢାଞ୍ଚାକୁ ହିନ୍ଦୁ ପକ୍ଷ 'ଶିବଲିଙ୍ଗ' ବୋଲି ଦାବି କରିଆସୁଛି। ତେବେ ତାହା ଏକ ଝରଣା ବୋଲି ମୁସଲମାନ ପକ୍ଷ କହିଥିଲା। 'ଶିବଲିଙ୍ଗ' ମିଳିଥିବା ଉକ୍ତ ସ୍ଥାନ (ଉଜୁଖାନା)କୁ ଏଏସ୍ଆଇର ବିଜ୍ଞାନଭିତ୍ତିକ ସର୍ଭେରୁ ବାଦ୍ ଦେବାକୁ ଜିଲା ଜଜ୍ ଏ.କେ. ବିଶ୍ୱେଶ୍ୱରଙ୍କ କୋର୍ଟ କହିଛନ୍ତି। ସର୍ଭେ ରିପୋର୍ଟ ଅଗଷ୍ଟ ୪ ସୁଦ୍ଧା କୋର୍ଟରେ ଉପସ୍ଥାପନ କରିବାକୁ ଏଏସ୍ଆଇକୁ ନିର୍ଦ୍ଦେଶ ଦିଆଯାଇଛି। ସର୍ଭେ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ କରିବାକୁ ନିର୍ଦ୍ଦେଶ ରହିଛି। ସର୍ଭେ ସମୟରେ ନମାଜ ପାଠ ଉପରେ କୌଣସି କଟକଣା ରହିବ ନାହିଁ। ସେହିପରି ମସ୍‌ଜିଦ ପରିସରରେ ☞ପୃଷ୍ଠା-୫

# ଆଇସିସି ବିଶ୍ୱକପ୍ ପ୍ରମୋରେ ଓଡ଼ିଶାର ପିଣ୍ଟୁ

**ବ୍ରହ୍ମପୁର ୨୧।୭ (ତନୁଶ୍ରୀ ନାହାକ)**

ଓଡ଼ିଶାର ଖେଳପ୍ରେମୀଙ୍କ ଲାଗି ଏକ ଭଲ ଖବର। ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ଜଣେ ଅନ୍ୟତମ ଦୃଢ଼ ପ୍ରଶଂସକ ରୂପେ ପରିଚିତ ରାଜ୍ୟର ପିଣ୍ଟୁ ବେହେରା ଭାରତରେ ଅକ୍ଟୋବର ୫ରୁ ହେବାକୁଥିବା ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଅଫିସିଆଲ ପ୍ରମୋରେ ସ୍ଥାନ ପାଇଛନ୍ତି। ୩୪ ବର୍ଷୀୟ ପିଣ୍ଟୁ ବ୍ରହ୍ମପୁର ସହରର ଜଣେ ଜଣାଶୁଣା କଣ୍ଟ୍ରାକ୍ଟର। ସେ ତାଙ୍କ ଶରୀରରେ ହାତ, ଗୋଡ଼, ପିଠି, ପେଟ ଏବଂ ଅନ୍ୟ ଅଂଶରେ ପୂର୍ବତନ ଟିମ୍ ଇଣ୍ଡିଆ ଅଧିନାୟକ କୋହଲିଙ୍କର ଟାଟୁ କରିଛନ୍ତି। ପିଣ୍ଟୁଙ୍କ ଶରୀରରେ ଏହି ସବୁ ଟାଟୁ ଟି. ଗଣେଶ ରାଓ ନାମକ ଜଣେ ଟାଟୁ ଆର୍ଟିଷ୍ଟ କରିଛନ୍ତି। ପିଣ୍ଟୁ ତାଙ୍କର ନିୟମିତ ଗ୍ରାହକ। ୬ ମାସ ତଳେ ଶେଷ ଥର ପାଇଁ ସେ ଟାଟୁ କୁଟାଇବା ଲାଗି ତାଙ୍କ ନିକଟକୁ ଆସିଥିଲେ ବୋଲି ଗଣେଶ କହିଛନ୍ତି। ପିଣ୍ଟୁ କହିଛନ୍ତି, କୋହଲିଙ୍କୁ ଭେଟିବା ଲାଗି ତାଙ୍କର ଏକ ସ୍ୱପ୍ନ ଥିଲା। ତାଙ୍କ ସହ ଭେଟ ହେବା ପରେ ତାଙ୍କୁ ନୂଆ ନୂଆ ଅଫର ଓ ସମ୍ମାନ ମିଳୁଛି। ଆଇସିସି ଦ୍ୱାରା ରିଲିଜ କରାଯାଇଥିବା ଦିନିକିଆ ବିଶ୍ୱକପ୍ ପ୍ରମୋରେ ତାଙ୍କୁ ସ୍ଥାନ ମିଳିଥିବାରୁ ସେ ଖୁବ୍ ଆନନ୍ଦିତ। କୋହଲିଙ୍କ ଏହି ଦୃଢ଼ ପ୍ରଶଂସକ କହିଛନ୍ତି, ପ୍ରମୋର ଶୁଟିଂ ବେଳେ ତାଙ୍କର ଦକ୍ଷିଣ ☞ପୃଷ୍ଠା-୫



ପିଣ୍ଟୁ ବେହେରା

# ଚିହ୍ନଟ ହୋଇନି ୪୧ ମୃତଦେହ

## ବାହାନଗା ଟ୍ରେନ୍ ଦୁର୍ଘଟଣା ନେଇ ରେଳମନ୍ତ୍ରୀଙ୍କ ବିବୃତି

**ନୂଆଦିଲ୍ଲୀ,୨୧।୭**

ବାଲେଶ୍ୱର ଜିଲାର ବାହାନଗା ବଜାର ଷ୍ଟେଶନ ନିକଟରେ ଗତ ଜୁନ୍ ୨ରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାର ମୃତକଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ ୪୧ ମୃତଦେହ ଚିହ୍ନଟ ହୋଇ ନ ଥିବା ଶୁକ୍ରବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପାର୍ଲାମେଣ୍ଟକୁ ସୂଚନା ଦେଇଛନ୍ତି। ରାଜ୍ୟ ସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ରେଳମନ୍ତ୍ରୀ କହିଥିଲେ, ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୯୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା ଓ ୧୭୬ ଜଣ ଗୁରୁତର ଆହତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ୨୫୪ ମୃତଦେହ ଚିହ୍ନଟ ହୋଇ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ୪୧ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ବାହାନଗା ଷ୍ଟେଶନର ଉତ୍ତର ସିଗ୍‌ନାଲ ଗୁମ୍‌ଟିରେ ସିଗ୍‌ନାଲ ସର୍କିଟ୍ ପରିବର୍ତ୍ତନରେ ତ୍ରୁଟି ଥିଲା। ଏଥିସହ ସିଗ୍‌ନାଲ କାମ ବେଳେ ଷ୍ଟେଶନର ଲେବଲ କ୍ରସିଂ ଗେଟ୍ ନଂ ୯୪ ପାଇଁ ଇଲେକ୍ଟ୍ରିକ୍ ଲିଫ୍ଟିଂ ବାରିୟର ବଦଳାଯାଇଥିଲା। ଏହିସବୁ ତ୍ରୁଟି ପାଇଁ ଟ୍ରେନ୍ ନଂ ୧୨୮୪୧କୁ ଭୁଲ୍ ସିଗ୍‌ନାଲ ଯାଇଥିଲା। ଷ୍ଟେଶନର ଅପ୍ ମେନ୍ ଲାଇନରେ ଟ୍ରେନ୍ ଗଡ଼ିବା ପାଇଁ ଅପ୍ ହୋମ୍ ସିଗ୍‌ନାଲ ଦିଆଯାଇଥିଲା। କିନ୍ତୁ ଅପ୍ ☞ପୃଷ୍ଠା-୫

## ସ୍ୱତନ୍ତ୍ର ଓଜେଇଇ ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର,୨୧।୭ (ଅନୁରାଧା ମହାରଣା):** ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା (ଓଜେଇଇ) ଫଳ ଶୁକ୍ରବାର ପ୍ରକାଶ ପାଇଛି। ବି.ଟେକ୍‌ରେ ୮,୬୫୫ ଛାତ୍ରୀଛାତ୍ର ଓ ଲାଟେରାଲ ଏଣ୍ଟ୍ରି ଟେକ୍ନିକାଲ ଡିପ୍ଲୋମାରେ ୪,୫୬୮ ଜଣଙ୍କୁ ର୍ୟାଙ୍କ କାର୍ଡ ମିଳିଛି। ସେହିପରି ବି.ଫାର୍ମାରେ ୨୪୪୨ ଛାତ୍ରୀଛାତ୍ର, ଏମ୍‌ବିଏରେ ୪୨୮୭ ଓ ଏମ୍‌ସିଏରେ ୧୭୪୩ଜଣ ର୍ୟାଙ୍କ ହାସଲ କରିଛନ୍ତି। ଛାତ୍ରୀଛାତ୍ର http://ojee.nic.in/odishajee.comରୁ ସେମାନଙ୍କ ର୍ୟାଙ୍କ କାର୍ଡ ଡାଉନ୍‌ଲୋଡ଼ କରିପାରିବେ। ଏଥିସହ ଫଳାଫଳ ସଂକ୍ରାନ୍ତ ଅଧିକ ତଥ୍ୟ ojee.nic.in ଓ odishajee.comରେ ଉପଲବ୍ଧ ହୋଇଛି। ସୂଚନା ଥାଉକି, ଓଡ଼ିଶାର ସରକାରୀ ଓ ଘରୋଇ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ବି.ଫାର୍ମା, ଏମ୍‌ସିଏ, ଏମ୍.ଏସ୍‌ସି, ଏମ୍.ଟେକ, ଏମ୍.ଫାର୍ମା ଆଦିରେ ନାମଲେଖା ପାଇଁ ଏହି ସ୍ୱତନ୍ତ୍ର ଓଜେଇଇ କରାଯାଉଛି। ଜୁନ ୨୬ରୁ ୨୯ ତାରିଖ ଯାଏ ୪୭ଟି କେନ୍ଦ୍ରରେ ସିବିଟି ମୋଡ୍‌ରେ ଚାରିଟି ସିଫ୍ଟରେ ପରୀକ୍ଷା ହୋଇଥିଲା। ୨୧ ହଜାର ୮୬୭ ଜଣ ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ଦେଇଥିଲେ।

## ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଏକାଡେମିକ କ୍ୟାଲେଣ୍ଡର
## ମାର୍ଚ୍ଚ ୫ରୁ ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର,୨୧।୭(ଅନୁରାଧା ମହାରଣା):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନୂଆ ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ଏକାଡେମିକ କ୍ୟାଲେଣ୍ଡର ପ୍ରସ୍ତୁତ କରିଛି। ଏଥିସହ ଏହାର କାର୍ଯ୍ୟକାରିତା ନେଇ ଅଧ୍ୟକ୍ଷମାନଙ୍କ ମତାମତ ମଧ୍ୟ ନିଆଯାଇଛି। କ୍ୟାଲେଣ୍ଡର ଅନୁସାରେ କାମ କରିବା ସହ ପ୍ରୋକ୍ଟରିଆଲ କ୍ଲାସ୍‌କୁ ଗୁରୁତ୍ୱ ଦିଆଯାଇଛି। ଅଗଷ୍ଟ ପହିଲାରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବାକୁ ଥିବାବେଳେ ନୂଆ ଶିକ୍ଷାବର୍ଷ ପାଇଁ ଏକାଡେମିକ କ୍ୟାଲେଣ୍ଡର ଉଭୟ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ କାର୍ଯ୍ୟକାରୀ କରାଯିବ। ପ୍ରଥମ ବର୍ଷ ବାର୍ଷିକ ପରୀକ୍ଷା ୨୦୨୪ ଏପ୍ରିଲ ୨୫ରୁ ଆରମ୍ଭ ହୋଇ ମେ ୫ରେ ସରିବ। ଏହାପରେ ଗ୍ରୀଷ୍ମ ଛୁଟି କରାଯିବ। ପୂଜା ଛୁଟି ପୂର୍ବରୁ ଦ୍ୱିତୀୟ ବର୍ଷର ଇଣ୍ଟରନାଲ ପରୀକ୍ଷା କରାଯିବ। ଦ୍ୱିତୀୟ ବର୍ଷ ବା ବାର୍ଷିକ ପରୀକ୍ଷା ୨୦୨୪ ମାର୍ଚ୍ଚ ୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୦ ସୁଦ୍ଧା ସରିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଉକ୍ତ କ୍ୟାଲେଣ୍ଡରରେ ସୂଚନା ଦିଆଯାଇଛି। ସେହିପରି ଯୁକ୍ତ୨ ଦ୍ୱିତୀୟ ବର୍ଷର ପ୍ରୋକ୍ଟରିଆଲ କ୍ଲାସର ବି ସମୀକ୍ଷା କରାଯିବ। ଏଥିରେ ପ୍ରତି ଶିକ୍ଷକଙ୍କୁ କେତେଜଣ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କ ପାଠପଢ଼ା, ଆବଶ୍ୟକତା ଓ ପ୍ରଦର୍ଶନ ସମ୍ପର୍କରେ ଶିକ୍ଷକମାନେ ତଥ୍ୟ ଦେବେ। ଏଥିପାଇଁ ଚଳିତ ବର୍ଷ ଅଗଷ୍ଟ ୨୩ରେ ପ୍ରୋକ୍ଟରିଆଲ ମିଟିଂ ବସିବ। ଏଥିସହ ନଭେମ୍ବର ୨୧ରେ ପ୍ରଥମ ବର୍ଷ ଓ ଡିସେମ୍ବର ୧୮ରେ ଦ୍ୱିତୀୟ ବର୍ଷର ଅଭିଭାବକ-ଶିକ୍ଷକ ବୈଠକ ବସିବ। ନଭେମ୍ବର ୧୮ରେ ଜିଲାସ୍ତରୀୟ ହାକାଥନର ଆୟୋଜନ ହେବ। ଡିସେମ୍ବର ୧୩ରୁ ୧୮ ଯାଏ କ୍ରୀଡ଼ା ସପ୍ତାହ ପାଳନ କରାଯିବ।



## ସଂକ୍ଷେପରେ

### ଦିବ୍ୟାଙ୍ଗ ଖେଳାଳିଙ୍କୁ ସହାୟତା କଲେ ଦିବ୍ୟାଙ୍ଗ

ଭୁବନେଶ୍ୱର,୨୧।୭(ଅଭିଜିତ ଦାସ): ଜଣେ ଦିବ୍ୟାଙ୍ଗ ଖେଳାଳିଙ୍କୁ ଆଉ ଜଣେ ଦିବ୍ୟାଙ୍ଗ ସହାୟତାର ହାତ ବଢ଼ାଇ ସମାଜରେ ଏକ ଭିନ୍ନ ଉଦାହରଣ ସୃଷ୍ଟି କରିଛନ୍ତି। ଲୀଲା ତାନ୍ୟା ଚୌଧୁରୀ ନିଜେ ଜଣେ ଦିବ୍ୟାଙ୍ଗ ହୋଇଥିବା ସତ୍ତ୍ୱେ ନିଜର ବଦାନ୍ୟତା ବଳରେ ଅନ୍ୟ ଜଣେ ଦିବ୍ୟାଙ୍ଗ ଖେଳାଳି ମଧୁସ୍ମିତା ସାହୁଙ୍କ ଅସୁବିଧା ଦୂର କରିଛନ୍ତି। ମଧୁସ୍ମିତାଙ୍କୁ ନିଜ ଖେଳ ସାମଗ୍ରୀ ପାଇଁ ଟଙ୍କା ଆବଶ୍ୟକ ପଡୁଥିଲା। ଏହି କଥା ଲୀଲା ତାନ୍ୟା ଜାଣିବା ପରେ ୩ ଲକ୍ଷ ୭୦ ହଜାର ଟଙ୍କାର କ୍ରୀଡ଼ା ସାମଗ୍ରୀ ମଧୁସ୍ମିତାଙ୍କୁ ଯୋଗାଇବାକୁ କଥା ହୋଇଥିଲେ। ଏ ନେଇ ଶୁକ୍ରବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଧୁସ୍ମିତାଙ୍କୁ କ୍ରୀଡ଼ା ସାମଗ୍ରୀ ହସ୍ତାନ୍ତର କରିବା ସହିତ ତାଙ୍କ ଭବିଷ୍ୟତ ଲାଗି ଶୁଭକାମନା ଜଣାଇଛନ୍ତି । ଏହି ଅବସରରେ ଜିଲାପାଳଙ୍କ ସହ ଦିବ୍ୟାଙ୍ଗ ତାନ୍ୟା ଓ ତାଙ୍କ ସାନ ଭଉଣୀ ଦୀକ୍ଷା ଉପସ୍ଥିତ ଥିଲେ।

### ମୁକ୍ତିଲାଭ କଲା ଚଳଚ୍ଚିତ୍ର 'ନିୟତି'

ଭୁବନେଶ୍ୱର,୨୧।୭ (ଅନୁରାଧା ମହାରଣା): ଏସ୍ ଥ୍ରୀ ମୁଭିଜ୍ ଓ ରିସା ଫିଲ୍ମସ୍‌ର ପ୍ରଯୋଜନାରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ନିୟତି' ଶୁକ୍ରବାର ସାରା ଓଡିଶାର ୨୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଏହାର ପ୍ରିମିୟର ଶୋ' ଭୁବନେଶ୍ୱରସ୍ଥିତ ସ୍ୱାତୀ ସିନେପ୍ଲେକ୍ସଠାରେ ଅନୁଷ୍ଠିତ ହୋଇଥିଲା। ସିନେ ନିର୍ଦ୍ଦେଶକ ଅବତାର ସିଂ, ପ୍ରଯୋଜକ ଅକ୍ଷୟ ପରିଜା, ପ୍ରଣବ ଦାସ, ସଚ୍ଚିକାନ୍ତ ଜେନା, ବିନି ପଟ୍ଟନାୟକ, ଶ୍ରୀଧର ମାର୍ଥା, ଏନ୍ ଗଙ୍ଗାଧର ରେଡ୍ଡୀ, ଗଦାଧର ପୁଟି, ସୁଶାନ୍ତ ମଣି, ଯୁବ ପ୍ରଯୋଜକ ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ, ଅଭିନେତ୍ରୀ ଅନୁ ଚୌଧୁରୀ, ଅଭିନେତା ପାର୍ଥସାରଥିଙ୍କ ସମେତ ପ୍ରଯୋଜକ ସମରେଶ ରାଉତରାୟ, ସୁଧାଂଶୁ ନାରାୟଣ ଦାଶ, ପ୍ରେମଲତା ରାଉତରାୟ, ଦିବ୍ୟା ମହାନ୍ତି, ପୁପୁଲ ଭୂୟାଁ, ଶୁଭ୍ରାଂଶୁ, ଉଦିତ, କେକେ, ବିଷାନ, ଅଭିଜିତ, ଅଙ୍କିତ ଉପସ୍ଥିତ ଥିଲେ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ଶ୍ରୀଚନ୍ଦନ। 'ନିୟତି'ରେ ସମାଜର ଘଟଣାବଳୀକୁ ନେଇ ଯୁବ ସମାଜ ଉପରେ ଗୁରୁତ୍ୱ ଦିଆଯାଇଥିବା ପ୍ରଚାର ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ କହିଛନ୍ତି।

### ଚିତ୍ତରଞ୍ଜନ ଦାସଙ୍କ ସ୍ମୃତି ରକ୍ଷା ପାଇଁ ରାଜ୍ୟସ୍ତରୀୟ ଉଦ୍ୟମ ଆବଶ୍ୟକ

ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ): ସାହିତ୍ୟିକ, ଶିକ୍ଷାବିତ୍, ଦାର୍ଶନିକ, ଗବେଷକ ତଥା ସମାଜସେବୀ ଚିତ୍ତରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଓଡ଼ିଶା ଲେଖକ ସମବାୟ ସମିତି ପକ୍ଷରୁ ଶୁକ୍ରବାର ମାସିକ ଆଲୋଚନାଚକ୍ର 'ଚିତ୍ତ ଚିନ୍ତନରେ ଓଡ଼ିଶାର ସଂସ୍କୃତି ଓ ଓଡ଼ିଆ ପରିଚିତି' ଅନୁଷ୍ଠିତ ହୋଇଯାଇଛି। ସମିତିର କାର୍ଯ୍ୟକାରୀ ସଭାପତି ପୀତବାସ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ଚିତ୍ତରଞ୍ଜନ ଦାସଙ୍କ ସ୍ମୃତି ରକ୍ଷା ପାଇଁ ତାଙ୍କ ଜନ୍ମସ୍ଥାନ ବାଗଲପୁରକୁ ରାଜ୍ୟସ୍ତରୀୟ ସ୍ମୃତିସ୍ଥଳର ମାନ୍ୟତା ଦେବା ସହ ସମସ୍ତ ଉଦ୍ୟମ ହେବା ଆବଶ୍ୟକ ବୋଲି ବକ୍ତାମାନେ ମତ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡା. ଅଶୋକ ମହାପାତ୍ର, 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ସମ୍ପାଦକ ନୀହାର ରଞ୍ଜନ ଶତପଥୀ, ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ଉପଦେଷ୍ଟା ପ୍ରଭାତ ନନ୍ଦ, ଲେଖକ ସମବାୟ ସମିତି ପକ୍ଷରୁ ଡ. ଆରତି କର, ରମାକାନ୍ତ ମିଶ୍ର, ବିରଜା ପ୍ରସାଦ ଶତପଥୀ, ଦି ୟୁନିଭର୍ସ ପକ୍ଷରୁ ବିପିନ ବିହାରୀ ବାରିକ ଯୋଗଦେଇଥିଲେ। ଲେଖକ ସମବାୟ ସମିତି ସମ୍ପାଦକ ରାଜେନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଓ ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ବେଡି ପକାଇ ନିର୍ଯାତନା, ଭିକ୍ଷା ମଗାଉଥିଲେ ମା'ବାପା

ଭୁବନେଶ୍ୱର, (ସୂର୍ଯ୍ୟକାନ୍ତ ବେହେରା)/ ବାରଙ୍ଗ, ୨୧।୭ (ଲିଙ୍ଗରାଜ ରାଉତ)

## ନନ୍ଦନକାନନ ନିକଟରୁ ନାବାଳିକା ଉଦ୍ଧାର

ହସି ଖେଳି ପାଠପଢ଼ିବାର ବୟସ। ପରିବାରର ସହଯୋଗରେ ଗଢ଼ି ହୋଇଥାଏ ସୁନ୍ଦର ଭବିଷ୍ୟତ। ହେଲେ ରାଜଧାନୀ ଭୁବନେଶ୍ୱରରେ ଏମିତି ଏକ ଘଟଣା ଘଟିଛି ଯାହା ସମସ୍ତଙ୍କୁ ଆନ୍ଦୋଳିତ କରିଛି। ଘରେ ଭିତରେ ହାତ ଗୋଡରେ ବେଡି ପକାଇ ନିର୍ଯାତନା ଦେବା ସହ ଭିକ୍ଷା ବୃତ୍ତି କରିବାକୁ ବାଧ କରୁଛନ୍ତି ମା'ବାପା। ନନ୍ଦନକାନନ ଛକରେ ଭିକ୍ଷାବୃତ୍ତି କରୁଥିବାବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ଜଣେ ୧୦ ବର୍ଷୀୟା ନାବାଳିକା ପୋଲିସ ଆଗରେ ମା'ବାପାଙ୍କ ଏଭଳି ଅମାନବୀୟ କାଣ୍ଡ ସମ୍ପର୍କରେ ଗୋଟିଗୋଟି କରି ବଖାଣିଛନ୍ତି। ତେବେ ପୋଲିସ ତାଙ୍କ ମା'ବାପାଙ୍କ ଠିକଣା ଜାଣିବାକୁ ନାବାଳିକାଙ୍କୁ ଅଧିକ ପଚରିଥିଲେ ମଧ୍ୟ ସେ ଠିକ୍ ଭାବେ କିଛି କହିପାରି ନ ଥିଲେ। କେତେବେଳେ ବାରଙ୍ଗ ଷ୍ଟେଶନରେ ତ ଆଉ କେତେବେଳେ ଶିଖରଚଣ୍ଡୀରେ ରହୁଥିବା କହିଥିଲେ। କଥାରେ ତାଳ ମେଳ ରହୁ ନ ଥିବାରୁ ପୋଲିସ ନାବାଳିକାକୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଛି। ଏନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଉକ୍ତ ନାବାଳିକାଙ୍କ ମା'ବାପାଙ୍କ ପରିଚୟ ଜଣାପଡିନାହିଁ। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସେ କହିଛନ୍ତି। ଅନ୍ୟପଟେ ଘଟଣା ସାମ୍ନାକୁ ଆସିବା ପରେ ଚାଇଲ୍ଡ ଲାଇନ୍ ଏହାକୁ ଗୁରୁତ୍ୱର ସହ ନେଇଛି। ଜୁଭେନାଇଲ ଜଷ୍ଟିସ ଆକ୍ଟରେ ନାବାଳିକାଙ୍କ ମା'ବାପାଙ୍କ ନାମରେ ମାମଲା ରୁଜୁ କରିବାକୁ ସଜବାଜ ହେଉଛି। ଏନେଇ ଚାଇଲ୍ଡ ଲାଇନ୍‌ର ଅଧ୍ୟକ୍ଷ ବେଣୁଧର ସେନାପତି କହିଛନ୍ତି, ନାବାଳିକାଙ୍କ ବୟାନ ରେକର୍ଡ ପରେ ମାମଲା ରୁଜୁ କରାଯିବ। ସେହିପରି ଭିକ୍ଷା ବୃତ୍ତିରେ ନିୟୋଜିତ କରିବା ଏକ ଜଘନ୍ୟ ଅପରାଧ। କେଉଁ ପରିସ୍ଥିତିରେ ମା'ବାପା ତାଙ୍କୁ ହାତରେ ଓ ଗୋଡରେ ବେଡି ପକାଇ ନିର୍ଯାତନା ଦେଉଥିଲେ ତାହାର କୌଣସି ଠିକ ସୂଚନା ଜଣାପଡିନାହିଁ। ତଦନ୍ତ ସରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚନାନୁସାରେ, ଶୁକ୍ରବାର ମଧ୍ୟାହ୍ନରେ ନନ୍ଦନକାନନ ନିକଟରେ ଡାହାଣ ଗୋଡ଼ ଓ ଗୋଟିଏ ହାତରେ ଚେନ୍ ବନ୍ଧା ଅବସ୍ଥାରେ ନାବାଳିକା ଜଣକ ଭିକ ମାଗୁଥିଲେ। ବ୍ୟବସାୟୀମାନେ ଏହା ଦେଖି ନନ୍ଦନକାନନ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରି ଥାନାକୁ ନେଇଥିଲା।




## ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ମହାସଂଘ ପକ୍ଷରୁ ବ୍ୟାଙ୍କ ଜାତୀୟକରଣ ଦିବସ

ଭୁବନେଶ୍ୱର,୨୧।୭ (ଅଭୟ ଦାଶ): ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ମହାସଂଘର ଓଡ଼ିଶା ଶାଖା ଦ୍ୱାରା ୫୫ତମ ବ୍ୟାଙ୍କ ଜାତୀୟକରଣ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାସଂଘର ଓଡ଼ିଶା ଶାଖା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସର୍ବପ୍ରଥମେ ଭୁବନେଶ୍ୱର ନିକଟସ୍ଥ ପାତ୍ରପଡ଼ାସ୍ଥିତ ସରକାରୀ ବିଦ୍ୟାଳୟ ପରିସରରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ବ୍ୟାଙ୍କ ମହାସଂଘର ଅରୁଣ କୁମାର ବିଶୋୟୀ, ସର୍ବଭାରତୀୟ ଉପସଭାପତି ଅମିତାଭ ଦାସ, ରାଜ୍ୟ ସମ୍ପାଦକ କମଳଜିତ ମହାପାତ୍ର, ରାଜ୍ୟ ସଭାପତି ଗୌରୀଶଙ୍କର ଚୌଧୁରୀ, ସର୍ବଭାରତୀୟ ଇ.ସି.ସଦସ୍ୟ ଏବଂ ସମସ୍ତ ବ୍ୟାଙ୍କର ସଭାପତି, ସାଧାରଣ ସମ୍ପାଦକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି ଅପରାହ୍ନରେ କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ନୀତି ବିରୋଧରେ ଏକ ଶୋଭାଯାତ୍ରା ସହ ଅଟୋରିକ୍ସାରେ ଶତାଧିକ ପୋଷ୍ଟର ଲଗାଯାଇଥିଲା।

# ଭୁବନେଶ୍ୱର କୋର୍ଟରୁ ଧରାପଡ଼ିଲେ ଆଉଜଣେ ନକଲି ଜାମିନଦାର

ଭୁବନେଶ୍ୱର,୨୧।୭(ସତ୍ୟଜିତ୍ ରାଉତ)



■ ଗିରଫ ପରେ ଜେଲ ଗଲେ
■ ରାଜ୍ୟର ସମସ୍ତ କୋର୍ଟରେ ବି ଏମିତି ଯାଞ୍ଚ ହେଉ

ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ବୁଲୁଛନ୍ତି ନକଲି ଜାମିନଦାର। ଅଭିଯୁକ୍ତଙ୍କ ଜାମିନଦାର ସାଜି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। କପିଳେଶ୍ୱର ଅଞ୍ଚଳର ବାଉରୀବନ୍ଧୁ ପତି ନାମକ ଜଣେ ନକଲି ଜାମିନଦାରଙ୍କୁ କମିଶନରେଟ ପୋଲିସ ଗିରଫ କରି ଗୁରୁବାର ଜେଲ ପଠାଇଥିଲା। ତେବେ କୋର୍ଟରେ ବାଉରିବନ୍ଧୁଙ୍କ ଭଳି ଏକାଧିକ ନକଲି ଜାମିନଦାର ରହିଥିବା ଜଣାପଡ଼ିବା ପରେ ଏହାର ତଦନ୍ତକୁ ପୋଲିସ ବ୍ୟାପକ କରିଛି। ବଡ଼ଗଡ଼ ଥାନା ପୋଲିସ ଟିମ୍ ଛଦ୍ମବେଶରେ କୋର୍ଟ ପରିସରରେ ଆଉ ଜଣେ ନକଲି ଜାମିନଦାରଙ୍କୁ ଗିରଫ କରିଛି। ସେ ହେଲେ କପିଳେଶ୍ୱର ଅଞ୍ଚଳରେ ରହୁଥିବା ବାମନ ଚରଣ ସାମନ୍ତରାୟ ଓରଫ ବାମନ ଚରଣ ଦ୍ୱିବେଦୀ। ବାମନ ଚରଣଙ୍କ ଦୁଇଟି ସାଙ୍ଗିଆ ଥିବା ପରିଚୟ ମିଳିବା ପରେ ପୋଲିସ ଦ୍ୱନ୍ଦ୍ୱରେ ପଡ଼ିଛି। ଏପରିକି ତାଙ୍କ ପାଖରୁ ୩ଟି ଆଧାର କାର୍ଡ ମଧ୍ୟ ଜବତ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ନିଜଆଡ଼ୁ ଏକ ମାମଲା (ନଂ.୩୯୫/୨୦୨୩) ରୁଜୁ କରି ଶୁକ୍ରବାର ବାମନ ଚରଣଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଗୁରୁବାର ପୋଲିସ ଟିମ୍ କୋର୍ଟ ପରିସରକୁ ଛଦ୍ମବେଶରେ ଯାଇଥିଲା। ସେଠାରେ ପୋଲିସ କର୍ମଚାରୀମାନେ ବୁଲି ଯାଞ୍ଚ କରିବା ସହ ସାମନ୍ତରାୟ ସାଙ୍ଗିଆରେ ଜାମିନଦାର ଦରକାର ବୋଲି ସେମାନେ କହିଥିଲେ। ଏହାପରେ ବାମନ ଚରଣ ନିଜେ ସାମନ୍ତରାୟ ସାଙ୍ଗିଆର ବୋଲି କହିବା ସହ ବେଲ୍ କରାଇଦେବେ ବୋଲି କହିଥିଲେ। ସେହି ସମୟରେ ପୋଲିସ ଟିମ୍ ତାଙ୍କୁ କାବୁ କରିଥିଲା। ତେବେ ଏଭଳି ଏକାଧିକ ନକଲି ଜାମିଦାର କୋର୍ଟରେ ବୁଲୁଥିବା ଚର୍ଚ୍ଚା ହେଉଛି। ଏହି ଯାଞ୍ଚପ୍ରକ୍ରିୟାକୁ ଆଗକୁ ଅଧିକ କଡ଼ାକଡ଼ି କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏଭଳି ନକଲି ଜାମିନଦାର ଓଡ଼ିଶାର ବିଭିନ୍ନ କୋର୍ଟରେ ଥିବା ଜଣେ ଆଇନଜୀବି କହିଛନ୍ତି। ତେଣୁ ପୋଲିସ ପକ୍ଷରୁ ବିଭିନ୍ନ କୋର୍ଟରେ ଯାଞ୍ଚ କରାଯିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି।

# 'ଖବରକାଗଜ ଏକ ଶିଳ୍ପ ନା ସମାଜସେବା'

ଭୁବନେଶ୍ୱର,୨୧।୭(ଅନୁରାଧା ମହାରଣା)




## ସର୍ବଭାରତୀୟ ଲଘୁ ଏବଂ ମଧ୍ୟମ ସମ୍ବାଦ ଫେଡେରେଶନର ଜାତୀୟ କନକ୍ଲେଭ୍

ସର୍ବଭାରତୀୟ ଲଘୁ ଏବଂ ମଧ୍ୟମ ସମ୍ବାଦପତ୍ର ଫେଡେରେଶନ ପକ୍ଷରୁ ଶୁକ୍ରବାର ଏକ ଜାତୀୟସ୍ତରୀୟ କନକ୍ଲେଭ୍ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କନକ୍ଲେଭରେ ୨ଟି ପର୍ଯ୍ୟାୟରେ ଅତିଥିମାନେ ଖବରକାଗଜର ବର୍ତ୍ତମାନର ସ୍ଥିତି, ଆବଶ୍ୟକତା, ବିଭିନ୍ନ ସମସ୍ୟା ଓ ଖବର ପରିବେଷଣରେ ଅନ୍ୟ ମାଧ୍ୟମ ତୁଳନାରେ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଫାଇନାନ୍ସିଆଲ ନ୍ୟୁଜର ସମ୍ପାଦକ ଅଶୋକ କୁମାର ପଣ୍ଡା, 'ଖବରକାଗଜ ଏକ ଶିଳ୍ପ ନା ସମାଜସେବା' ଭାରତ ସରକାର ସ୍ପଷ୍ଟ କରନ୍ତୁ ବୋଲି ମତ ରଖିଥିଲେ। ଶିଳ୍ପ ଭାବରେ ବିବେଚନା କରି ଜିଏସ୍‌ଟି ଲାଗୁ କରାଯାଉଥିବାବେଳେ ଅନ୍ୟାନ୍ୟ ବିଜ୍ଞାପନ ପ୍ରଦାନ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ କ୍ଷେତ୍ର ସମ୍ବାଦପତ୍ରକୁ ସମାଜସେବାର ଆଖ୍ୟା ଦେଉଛନ୍ତି। ତେଣୁ ସରକାର ଏଥିପ୍ରତି ସ୍ପଷ୍ଟ ହୁଅନ୍ତୁ ବୋଲି ସେ କହିଥିଲେ। ଫେଡେରେଶନ ଅଧ୍ୟକ୍ଷ ଗୁରିନ୍ଦର ସିଂ, ଉପସଭାପତି ବିଏମ ଶର୍ମା, ରାଜସ୍ଥାନର ରାଜ୍ୟ ସଭାପତି ଡ. ଏଲ୍. ସି. ଭର୍ତ୍ତିୟା, ସେକ୍ରେଟାରୀ ଜେନେରାଲ ଅଶୋକ କୁମାର ନବରତ୍ନ ପ୍ରମୁଖ ଯୋଗଦେଇ ଖବରକାଗଜର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସଭାପତି ସୁଧୀର କୁମାର ପଣ୍ଡା ଅତିଥି ତଥା ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଦେଶ ଗଠନରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରର ଭୂମିକା ଉପରେ ଆଲୋଚନା କରିଥିଲେ। କରୋନା କାଳରେ ପରିବହନ ସେବା ବାଧାପ୍ରାପ୍ତ ହେବା ଫଳରେ ବଡ଼ବଡ଼ ଖବରକାଗଜ ସଂସ୍ଥା ଲୋକଙ୍କ ପାଖରେ ଖବର ପହଞ୍ଚାଇବା ସମ୍ଭବ ହୋଇ ନଥିଲା। ଏ ସ୍ଥିତିରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଲୋକଙ୍କ ଖବର ପ୍ରସାରଣ କରିଥିଲା ବୋଲି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରସନ୍ନ ପାଟଶାଣୀ ଯୋଗ ଦେଇଥିଲେ। ପରେ ବିଭିନ୍ନ ରାଜ୍ୟର ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନୋରଞ୍ଜନ କରିଥିଲା।




ମଣିପୁରରେ ଜାତିଆଣ ଓ ଯୌନହିଂସାର ପ୍ରତିବାଦ କରି ମାନବାଧିକାର ଓ ରାଜନୈତିକ ଗଣସଙ୍ଗଠନ ସମୂହ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ। (ଫଟୋ-ବିକାଶ ନାୟକ)

## ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯାଉ, ରତ୍ନ ଭଣ୍ଡାର ତାଲିକା ଦିଆଯାଉ

ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ): ଶ୍ରୀମନ୍ଦିରର ଚାରିଦ୍ୱାରକୁ ଭକ୍ତଙ୍କ ପାଇଁ ଉନ୍ମୁକ୍ତ କରାଯାଉ। 'ରତ୍ନ ଭଣ୍ଡାର' ଖୋଲାଯାଇ ସ୍ଥିତିକୁ ଅନୁଧ୍ୟାନ କରାଯାଉ। ଏଥିସହ ରତ୍ନ ଭଣ୍ଡାରରେ ଥିବା ମହାପ୍ରଭୁଙ୍କ ଅମୂଲ୍ୟ ରତ୍ନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଓଡ଼ିଆ ଅସ୍ମିତା ଜାଗରଣ ଅଭିଯାନ ପକ୍ଷରୁ ଶୁକ୍ରବାର ବୁଦ୍ଧ ମନ୍ଦିରଠାରେ ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଆସନ୍ତା ୧୦ଦିନ ମଧ୍ୟରେ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କଲେ ସମଗ୍ର ରାଜ୍ୟରେ ଗଣଆନ୍ଦୋଳନ କରାଯିବ ବୋଲି ପ୍ରଫେସର ଦାଶ ବେନହୁର, ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପ୍ରଦ୍ୟୁମ୍ନ ଶତପଥୀ, ପୂର୍ବ ପ୍ରଶାସକ ପଞ୍ଚାନନ ଦାସ, ଡ. କୃଷ୍ଣଚନ୍ଦ୍ର ଆଇଚି ପ୍ରମୁଖ ଚେତାବନୀ ଦେଇଛନ୍ତି।

# ର୍‍ୟାକେଟର ତୃତୀୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୧।୭(ବ୍ୟୁରୋ)

## ନକଲି ମାଲିକ, ଜାଲ୍ ଦସ୍ତାବିଜ୍‌ରେ ଜମି ଠକେଇ ଘଟଣା

ନକଲି ମାଲିକ ଓ ଜାଲ ଦସ୍ତାବିଜ୍‌ରେ ଜମି ବିକ୍ରି କରି ଲକ୍ଷାଧିକ ଟଙ୍କା ଠକେଇ ମାମଲାରେ ସମ୍ପୃକ୍ତ ର୍‍ୟାକେଟର ତୃତୀୟ ସଦସ୍ୟ ବା ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପୁରୀରୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ପଲ୍ଲାହାଟ ଅଞ୍ଚଳର ଗୌରପ୍ରସାଦ ମହାନ୍ତି। ଅଭିଯୁକ୍ତ ଗୌରପ୍ରସାଦଙ୍କୁ ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗତ ମାର୍ଚ୍ଚ ପ୍ରଥମ ସପ୍ତାହରେ କଟକ ଜିଲା ଆଠଗଡ଼ସ୍ଥିତ ମଞ୍ଜରୀପଡ଼ାର ଆଦିତ୍ୟ ସାହୁ ଓ କଟକ ଖାନନଗର ଥାନା ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁର ଜିଲା ରାହାମା ଅଞ୍ଚଳର ସବିତା ଦାସଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ସୂଚନା ଅନୁଯାୟୀ, ଭୁବନେଶ୍ୱର ଉପକଣ୍ଠ ବାରଙ୍ଗସ୍ଥିତ ବାଛପୁର ଅଞ୍ଚଳର ୭୫ ବର୍ଷୀୟା ବୃଦ୍ଧା ରଙ୍ଗଲତା ସ୍ୱାଇଁଙ୍କର ସ୍ଥାନୀୟ ଅଞ୍ଚଳରେ ୫ଟି ପ୍ଲଟ୍ ରହିଛି। ଅଭିଯୁକ୍ତମାନେ ସବିତାଙ୍କୁ ରଙ୍ଗଲତା ବୋଲି ଦର୍ଶାଇ ଠକେଇ ଯୋଜନା କରିଥିଲେ। ରଙ୍ଗଲତାଙ୍କ ପାନ୍ କାର୍ଡ, ଆଧାର କାର୍ଡ ଓ ଜମିପଟ୍ଟା ଆଦିକୁ ନକଲ କରିଥିଲେ। ସେମାନେ ଏହି ନକଲି ଦସ୍ତାବିଜ୍ ସବୁକୁ ଅସଲି କହି ଶୈଳେଶ୍ରୀ ବିହାରର ସ୍ୱସ୍ତିରଞ୍ଜନ ପାଣିଗ୍ରାହୀଙ୍କୁ ଫସାଇଥିଲେ। ଉକ୍ତ ଜମି ବିକ୍ରି କରିବାକୁ ସ୍ୱସ୍ତିରଞ୍ଜନଙ୍କଠାରୁ ଅଭିଯୁକ୍ତମାନେ ଅଗ୍ରିମ ୨୫ଲକ୍ଷ ଟଙ୍କା ଆଣି ଠକିଥିଲେ। ଅଭିଯୋଗ ପରେ ଇଓଡବ୍ଲ୍ୟୁ ଗତ ମାର୍ଚ୍ଚ ୨ରେ ଏକ ମାମଲା (ନଂ.୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଠକେଇ ଟଙ୍କାରୁ ୧୦ ଲକ୍ଷ ଗୌରପ୍ରସାଦଙ୍କ ପାଖକୁ ଯାଇଥିବା ଇଓଡବ୍ଲ୍ୟୁ ପ୍ରମାଣ ପାଇଛି।

# ଏକାମ୍ର ଜନଜାଗରଣ ମଞ୍ଚର ଆନ୍ଦୋଳନ ଚେତାବନୀ

ପୁରୁଣା ଭୁବନେଶ୍ୱର,୨୧।୭(ସୁବାସ ଚନ୍ଦ୍ର ପ୍ରଧାନ)

## ଶିଶୁପାଳଗଡ଼ କାନ୍ଥ ଡାଡ଼ିବା ଘଟଣା

ଐତିହ୍ୟ ଶିଶୁପାଳଗଡ଼ ଅସୁରକ୍ଷିତ। ଗଡ଼ର ୪ କାନ୍ଥ ତାଡ଼ିବା, ବିଭିନ୍ନ ଅଞ୍ଚଳରେ ଜବରଦଖଲକାରୀ ଘର ନିର୍ମାଣ କରିବା, ଗଡ଼ଖାଇ ଓ ଜଳାଶୟକୁ ପୋତିବା ଯୋଗୁ ସତ୍ତା ହରାଇବାକୁ ବସିଲାଣି ଏହି ଐତିହ୍ୟ। ଏକଦା ୫୦୦ରୁ ଊର୍ଦ୍ଧ୍ୱ ଏକର ପରିମିତ ଥିବା ଅଞ୍ଚଳ ଏବେ ମାତ୍ର ୭୦ ଏକରରେ ସୀମିତ ରହିଛି। ୧୬ ଖମ୍ବ କୀର୍ତ୍ତିରାଜିରୁ କେତେକ ଭାଙ୍ଗିରୁଜି ଯାଇଥିବାବେଳେ ୪ଟି ଉଭାନ୍ ହୋଇଗଲାଣି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍ଆଇ) ଅଧୀନରେ ଥିବା ଶିଶୁପାଳଗଡ଼ରୁ ଜବରଦଖଲ ହଟାଇବା ନେଇ ଅଭିଯୋଗ ହେଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ, ପୋଲିସ ନୀରବ ରହିବାରୁ ପୁନରୁଦ୍ଧାର ହୋଇପାରୁନାହିଁ। ଏହି କ୍ରମରେ ଗତ ଫେବୃୟାରୀରେ ଗଡ଼ରୁ ଦୁର୍ବୃତ୍ତମାନେ ଡ୍ରୋଜରରେ ଗଡ଼ କାନ୍ଥ ତାଡ଼ି ମାଟି ଉଠାଇ ନେଇଥିଲେ। ଏନେଇ ଏଏସ୍ଆଇ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଧଉଳି ଥାନାରେ ଅଭିଯୋଗ କରାଯାଇଥିଲା। ତେବେ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଗତ ମାର୍ଚ୍ଚ ୧ରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଧଉଳି ପୋଲିସ କାର୍ଯ୍ୟାନୁଷ୍ଠାନ କ'ଣ ପାଇଁ ନେଉନାହିଁ ବୋଲି ଡିସିପିଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଡିସିପିଙ୍କ ନିର୍ଦ୍ଦେଶକୁ ମଧ୍ୟ ଧଉଳି ପୋଲିସ ଗୁରୁତ୍ୱ ଦେଇ ନ ଥିଲା। ପୁଣି ମଞ୍ଚ ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଏକ ମାମଲା ଦାଏର କରାଯାଇଥିଲା। ଏପରିକି ଧଉଳି ପୋଲିସ କୋର୍ଟଙ୍କ ନିକଟରେ ପକ୍ଷ ରଖି କାର୍ଯ୍ୟାନୁଷ୍ଠାନ ନେବାକୁ ସର୍ତ୍ତ ରଖିଥିଲା। ଇତିମଧ୍ୟରେ ୨ମାସ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଇନାହିଁ। ତୁରନ୍ତ ଐତିହ୍ୟ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ ଚେତାବନୀ ଦେଇଛନ୍ତି।

# ଛାତ୍ରୀଛାତ୍ରଙ୍କ ଅଭିଯୋଗ ଶୁଣିବ ଉଚ୍ଚ ଶିକ୍ଷା ବିଭାଗ

ଭୁବନେଶ୍ୱର,୨୧।୭ (ଅନୁରାଧା ମହାରଣା)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କର କୌଣସି ଅଭିଯୋଗ ରହିଥିଲେ ସେମାନେ ସିଧାସଳଖ ବିଭାଗକୁ ଅବଗତ କରିପାରିବେ। ଏ ନେଇ ବିଭାଗ ପକ୍ଷରୁ ଉପଲବ୍ଧ ଏକ ଅନଲାଇନ୍ ଫର୍ମ ପୂରଣ କରିବାକୁ ପଡ଼ିବ । https://twitter.com/DHE_Odisha/status/1682366076229677057?t=M9WFkhy-3Cw9yIQZ2Y9wSGA&s=08 ଲିଙ୍କରେ କ୍ଲିକ୍ କରି ଅଭିଯୋଗକାରୀ ନିଜର ତଥ୍ୟ ସହ ଅଭିଯୋଗ ରଖିପାରିବେ। ନିଜର ନାମ, ଶିକ୍ଷାନୁଷ୍ଠାନର ନାମ, ଶ୍ରେଣୀ, ବିଭାଗ ସହ ଅନ୍ୟାନ୍ୟ ତଥ୍ୟ ପ୍ରଦାନ ସହ ଶିକ୍ଷାନୁଷ୍ଠାନର କେଉଁ କ୍ଷେତ୍ରକୁ ନେଇ ଅଭିଯୋଗ ରହିଛି ତାହା ଜଣାଇପାରିବେ। ଏହି କ୍ରମରେ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନର ଶିକ୍ଷାଦାନ, ଗବେଷଣା ଓ ଅନ୍ୟାନ୍ୟ ସୁବିଧାସୁଯୋଗ କେତେ ମାତ୍ରା କାର୍ଯ୍ୟକାରୀ ହେଉଛି ତାହା ଉଲ୍ଲେଖ କରିପାରିବେ। ତେବେ ଶିକ୍ଷାନୁଷ୍ଠାନରେ ଉତ୍ତମ ଶିକ୍ଷାଦାନ କରୁଥିବା ୫ଜଣ ଶିକ୍ଷକଙ୍କ ନାମ ମଧ୍ୟ ପିଲାମାନେ ବିଭାଗକୁ ଜଣାଇପାରିବେ। ସେହିପରି ଶିକ୍ଷାଦାନରେ ଅବହେଳା କରୁଥିବା ୫ଜଣ ଶିକ୍ଷକଙ୍କ ନାମ ମଧ୍ୟ ପିଲାମାନେ ବିଭାଗକୁ ଜଣାଇପାରିବେ। ଶିକ୍ଷାନୁଷ୍ଠାନର କୌଣସି ଶିକ୍ଷୟିତ୍ରୀ ବା ଶିକ୍ଷକ ୭ ଘଣ୍ଟାରୁ କମ୍ ସମୟ କଲେଜରେ ଉପସ୍ଥିତ ରହୁଥିଲେ ସେ ଦିଗରେ ମଧ୍ୟ ବିଭାଗକୁ ଅବଗତ କରାଯାଇପାରିବ। ଏଥିପାଇଁ ସମ୍ପୃକ୍ତ ଶିକ୍ଷୟିତ୍ରୀ ବା ଶିକ୍ଷକଙ୍କ ନାମ ମଧ୍ୟ ଲେଖିବାକୁ ପଡ଼ିବ। ତେବେ ପାଠପଢ଼ା ହେଉ ବା ଅନ୍ୟାନ୍ୟ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୌଣସି ଅସନ୍ତୋଷ ରହିଥିଲେ ସେମାନେ ଉଲ୍ଲେଖ କରିପାରିବେ। ମଦ୍ୟପାନ ଭଳି ଘଟଣା ଶିକ୍ଷାନୁଷ୍ଠାନ ଘଟୁଥିଲେ ବିଭାଗକୁ ସୂଚିତ କରିପାରିବେ। ସେହିପରି ଲିଙ୍ଗଗତ ବିଭେଦ ସୃଷ୍ଟି ହେଉଥିଲେ, ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ମେଧାବୃତ୍ତି ସମ୍ପର୍କରେ ସବିଶେଷ ତଥ୍ୟ ମିଳୁ ନଥିଲେ, କ୍ୟାମ୍ପସରେ ଅସୁରକ୍ଷିତ ମନେ କରୁଥିଲେ କିମ୍ବା ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ରହିଥିଲେ ପିଲାମାନେ ନିର୍ଦ୍ୱନ୍ଦ୍ୱରେ ବିଭାଗକୁ ଜଣାଇପାରିବେ।

# ସୋସିଆଲ ମିଡିଆରେ 'କଇଁଛ ତରକାରି' ଭାଇରାଲ

ଭୁବନେଶ୍ୱର,୨୧।୭(ଅଭିଜିତ ଦାସ)



## ରାଜ୍ୟରେ ବନ୍ୟପ୍ରାଣୀ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଲା

ସଂରକ୍ଷିତ ବନ୍ୟପ୍ରାଣୀ 'କଇଁଛ' ରାଜ୍ୟରେ ଅସୁରକ୍ଷତି ହୋଇପଡୁଛି। ଚାଲାଣ ହେବା ସହ ଶିକାର ବଢ଼ିଚାଲିଛି। କଇଁଛକୁ ମାରି ତରକାରି କରି ଖିଆଯାଉଛି। ପୁଣି ଏହି 'କଇଁଛ ତରକାରି'ର ଭିଡିଓ କରାଯାଇ ସୋସିଆଲ ମିଡିଆରେ ଛଡ଼ାଯାଉଛି। ଭାଇରାଲ ହୋଇଥିବା ଏହି ଭିଡିଓରେ ଜୀଅନ୍ତା କଇଁଛକୁ ମାରିବା ସହ କାଟି ତରକାରି କରାଯାଉଥିବାର ଦୃଶ୍ୟ ରହିଛି। ଖୁଲମ୍‌ଖୁଲା ଭାବେ ବନ୍ୟପ୍ରାଣୀ ଆଇନକୁ ଉଲ୍ଲଂଘନ କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ପ୍ରାଣୀପ୍ରେମୀମାନେ ଚିନ୍ତାବ୍ୟକ୍ତ କରିବା ସହ ପ୍ରଶ୍ନ ଉଠାଇଛନ୍ତି।

ସୂଚନା ଅନୁଯାୟୀ, ଭଦ୍ରକ ଜିଲା ରମ୍ଭିଳା ସୁଧିଳାଦେଇପୁର ଅଞ୍ଚଳର ମନୋଜ ନାମକ ଜଣେ ବ୍ୟକ୍ତି ନିଜ ସୋସିଆଲ ମିଡିଆ ସାଇଟ୍ 'ଓଡିଶା ଭିଲେଜ୍ ଲାଇଭ୍ ଫୁଡ୍'ରେ ଗତ ୧୯ ତାରିଖରେ କଇଁଛରୁ ତରକାରି ତିଆରି ହେଉଥିବାର ଭିଡିଓ ପୋଷ୍ଟ କରିଥିବା ଜଣାପଡିଛି। ଉକ୍ତ ଭିଡିଓଟିରେ ବ୍ୟକ୍ତି ଜଣକ ଏକ ଦୁର୍ଲଭ ପ୍ରଜାତିର କଇଁଛକୁ ମାରି ରୋଷେଇ କରିବାର ପ୍ରଣାଳୀ ଦେଖାଉଛନ୍ତି। ଏହାକୁ ନେଇ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ଭାରତୀୟ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୧୯୭୨ ଧାରାରେ ଦୁର୍ଲଭ ପ୍ରଜାତିର କଇଁଛ, ହାତୀ, ବାଘ ଓ ସାପ ଭଳି ବନ୍ୟଜନ୍ତୁଗୁଡିକ ସବ୍ ସ୍କେଲ ୧ ପ୍ରଜାତିର ଅଟନ୍ତି। ନିୟମ ଅନୁଯାୟୀ ଦୁର୍ଲଭ ପ୍ରଜାତିର କୌଣସି ବନ୍ୟଜନ୍ତୁଙ୍କୁ ଶିକାର କରିବା ତ ଦୂର କଥା, ଘରେ ମଧ୍ୟ ରଖିବା ଆଇନଗତ ଅପରାଧ। ୭ ବର୍ଷ ଜେଲଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ରହିଛି। ଶୁଭେନ୍ଦୁ ଏ ସମ୍ପର୍କରେ ବନ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ଭିଡିଓ କରିଥିବା ମନୋଜ କହିଛନ୍ତି, ଏସବୁ ସମ୍ପର୍କରେ ଆମେ ଜାଣିନାହୁଁ। ଅପରପକ୍ଷେ ପୂର୍ବତନ ପିସିସିଏଫ୍ ବିଜୟ କେତନ କହିଛନ୍ତି, ସୋସିଆଲ ମିଡିଆରେ ଅନେକ ଭିଡିଓ ଭାଇରାଲ ହେଉଛି। କେତେବେଳେ ସାପ ଖେଳାଳିମାନେ ଦୁର୍ଲଭ ପ୍ରଜାତିର ସାପକୁ ନେଇ ରାସ୍ତାଘାଟରେ ଦେଖାଉଛନ୍ତି ତ ଆଉ କେତେବେଳେ ଲୋକମାନେ ମାଙ୍କଡ, ଶୁଆ ଭଳି ଜୀବଜନ୍ତୁଙ୍କୁ ନେଇ ବେଆଇନ ଭାବେ ପୋଷା ପ୍ରାଣୀ କରି ରଖୁଛନ୍ତି। ବିଭାଗକୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ।

## ସଂକ୍ଷେପରେ

### ୧୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଯୁବକ ଗିରଫ

ଭୁବନେଶ୍ୱର,୨୧।୭ (ସୂର୍ଯ୍ୟକାନ୍ତ ବେହେରା): ବ୍ରାଉନସୁଗାର ବେପାର କରୁଥିବା ବେଳେ ଚଢ଼ାଉ କରି ଜଣେ ଯୁବକଙ୍କୁ ବଡଗଡ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ସରୋଜ ସାହୁ। ତାଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ଓ ନଗଦ ୧୦, ୭୦୦ ଟଙ୍କା ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ପୁରୀ ବାଇପାସ ରାସ୍ତାରେ ଥିବା ଏକ ମ୍ୟାରେଜ ମଣ୍ଡପ ନିକଟରେ ସରୋଜ ବ୍ରାଉନସୁଗାର ବେପାର କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଫଳରେ ଅଭିଯୁକ୍ତଙ୍କୁ କାବୁ ଗିରଫ କରିବା ସହ ବ୍ରାଉନସୁଗାର ଜବତ କରିଥିଲେ।

### କାର୍ ଭିତରୁ ୨ ନାଗ ଉଦ୍ଧାର

ବ୍ରହ୍ମଗିରି,୨୧।୭(ସ୍ୱାଧିନ ଚମ୍ପତିରାୟ): ବ୍ରହ୍ମଗିରି ଥାନା ଅନ୍ତର୍ଗତ ବେଣ୍ଟପୁର ଗ୍ରାମରୁ ଶୁକ୍ରବାର ଏକ କାର୍ ଭିତରୁ ଦୁଇଟି ନାଗ ସାପକୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ରଘୁନାଥ ପ୍ରଧାନ ନିଜ କାର ନେବାକୁ ଯାଉଥିବା ସମୟରେ ଏକ ସାପ ତାଙ୍କ କାର ମଧ୍ୟରେ ପ୍ରବେଶ କରିବାର ଦେଖିଲେ। ଏନେଇ ସେ ବ୍ରହ୍ମଗିରିର ସ୍ନେକ ହେଲପ୍ ଲାଇନ ସଦସ୍ୟ ସନ୍ତୋଷ କୁମାର ସ୍ୱାଇଁ ଓ ସମ୍ପିତ ନାୟକଙ୍କୁ ଯୋଗାଯୋଗ କରିବାରେ ଏହି ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଦୁଇ ଘଣ୍ଟା ପରିଶ୍ରମ କରି କାର୍ ମଧ୍ୟରୁ ଦୁଇଟି ନାଗସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଅନ୍ୟତ୍ର ଛାଡିଛନ୍ତି।

### ଚାରାରୋପଣ କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୨୧।୭(କୈଳାସ ଚନ୍ଦ୍ର ପଟ୍ଟନାୟକ): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଧନିଶ୍ରୀ କନଷ୍ଟ୍ରକ୍ସନ ବଡ଼ଝାଡ଼ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କନଷ୍ଟ୍ରକ୍ସନ ମୁଖ୍ୟ ପରିଚାଳକ ଅଭୟ୍ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଗୋଲପୁର ଛକଠାରେ କଦମ୍ବ ଓ ଅଁଳା ଏବଂ ହାତିଆଶୁଣି ଠାରେ ଥିବା ବ୍ଲକ ଆଦର୍ଶ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। କନଷ୍ଟ୍ରକ୍ସନ କର୍ମଚାରୀମାନେ ସହଯୋଗ କରିଥିଲେ। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଚିଲିକା ରିଙ୍ଗ ବନ୍ଧରେ ପ୍ରଥମ ପର୍ଯ୍ୟାୟରେ ୧୦ହଜାର ତାଳ ମଞ୍ଜି ପକାଯିବ ବୋଲି ମୁଖ୍ୟ ପରିଚାଳକ ମହାପାତ୍ର କହିଛନ୍ତି।

### ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ପାଇଁ ସଚେତନତା

ବାରଙ୍ଗ,୨୧।୭ (ଲିଙ୍ଗରାଜ ରାଉତ): ବାରଙ୍ଗ ଝୁନଝୁନୱାଲା ବିଦ୍ୟାପୀଠରେ ଦାଢ଼ାପାଟଣା ସ୍ୱାସ୍ଥ୍ୟ ଉପକେନ୍ଦ୍ର ପକ୍ଷରୁ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ନେଇ ତମାଖୁ ବର୍ଜନର ଶପଥପାଠ କରାଯିବା ସହ ତମାଖୁ ସେବନଠାରୁ ଦୂରେଇ ରହିବା ପାଇଁ ପ୍ଲାକାର୍ଡ ଏବଂ ଶ୍ରେଣୀଗୃହରେ ସ୍ମାର୍ଟବୋର୍ଡ ମାଧ୍ୟମରେ ସଚେତନତା କରାଯାଇଥିଲା। ଏହାସହ ବିଦ୍ୟାଳୟ ପରିସରରେ ଏକ ରାଲି ମଧ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାସ୍ଥ୍ୟକର୍ମୀ, ଆଶାକର୍ମୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଅବସରପ୍ରାପ୍ତ ଶିକ୍ଷକ

## ପେନ୍‌ସନ ପାଇଁ ଦେଲେ ଦାବିପତ୍ର

ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ)

ନିଖିଳ ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ପୁରୁଣା ଅବସରକାଳୀନ ପେନ୍‌ସନ ଲାଗୁ ଦାବିରେ ନୂଆ ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ନୂତନ ଅନୁଦାନ ପାଉଥିବା ଶିକ୍ଷକ ଓ କର୍ମଚାରୀ ଉପଯୁକ୍ତ ବିଧି ବ୍ୟବସ୍ଥା ପ୍ରକାରେ ନିଯୁକ୍ତି ପାଇ ୧୦ରୁ ୨୦ବର୍ଷ ପର୍ଯ୍ୟନ୍ତ ବିନା ବେତନରେ କାର୍ଯ୍ୟ କରୁଛନ୍ତି। ୨୦୦୪ରେ ଅନୁଦାନ ନିୟମ ଅନୁଯାୟୀ ବିଦ୍ୟାଳୟଗୁଡିକ ଅନୁଦାନ ପାଇଥିଲା। ତେବେ ରାଜ୍ୟ ସରକାର ଆର୍ଥିକ ମାନ୍ଦାବାସ୍ଥା ଦ୍ୱାହି ଦେଇ ପ୍ରକୃତ ପ୍ରାପ୍ୟଠାରୁ ଶିକ୍ଷକ ମାନଙ୍କୁ ମାସିକ କମ୍ ଦରମା ଦେଇଥିଲେ। ୨୦୦୯ରେ ଆର୍ଥିକ କଟକଣା ଉଠିବା ପରେ ପୂର୍ଣ୍ଣ ବେତନ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇ କାର୍ଯ୍ୟକାରୀ କଲେ ନାହିଁ।



ନିଖିଳ ଓଡ଼ିଶା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

୨୦୧୨ରେ ଆନ୍ଦୋଳନ ଫଳରେ ୬ଷ୍ଠ ବେତନ କମିଶନଙ୍କ ଆଧାରରେ ପେ ଓ ଗ୍ରେଡ ପେ ସହିତ ମୁଣ୍ଡପିଛା ସର୍ବାଧିକ ୧୩,୫୦୦ ଟଙ୍କା ସର୍ବନିମ୍ନ ୬ହଜାର ଭିତରେ ସୀମିତ କରାଗଲା। ଏହାରି ମଧ୍ୟରେ ୨୦୧୮ ବେଳକୁ ଦରମା ବଢି ଜଣେ ଶିକ୍ଷକ ୩୬ହଜାର ଟଙ୍କା ଥିବା ବେଳେ ପିଅନଙ୍କ ୧୮ହଜାର ଟଙ୍କା ଥିବା ବେଳେ ଏଥିରୁ ପ୍ରାୟ ଶତାଧିକ ଶିକ୍ଷକ ଅବସର ଗ୍ରହଣ କରିଛନ୍ତି। ୫ଶହରୁ ଉର୍ଦ୍ଧ୍ୱ ଆର୍ଥିକ ଅନାଟନ ମଧ୍ୟରେ ମୃତ୍ୟୁବରଣ କରିଛନ୍ତି। ପୁନଃ ଥଇଥାନ ଯୋଜନାରେ ମୃତକଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏବେ ଏହି ସଂଖ୍ୟା ପ୍ରାୟ ୪ହଜାର ଟପିଲାଣି। ଅନୁଦାନ ନିୟମ ଓ ୧୯୮୧ ପେନସନ ନିୟମ ଅନୁଯାୟୀ ପେନସନ ପାଇବା ପାଇଁ ଯୋଗ୍ୟ ଥିଲେ ମଧ୍ୟ ତାହା ସେମାନଙ୍କୁ ଦିଆଯାଉନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ସରକାର ଏହାକୁ ଭ୍ରୂକ୍ଷେପ କରୁନାହାନ୍ତି। ଏପରିକି ସଂଘ ପକ୍ଷରୁ ଗତ ଦୁଇବର୍ଷ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀ, ସଚିବଙ୍କ ସହ ଆଲୋଚନା, ଧାରଣା, ପ୍ରତିବାଦ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ପିଲାଙ୍କୁ ପାଠପଢାଇ ସେମାନଙ୍କୁ ଉତ୍ତମ ନାଗରିକ ଭାବେ ଗଢିତୋଳିବା ପାଇଁ ସଂଗ୍ରାମ କରୁଥିବା ଶିକ୍ଷକ ପେନସନ ପାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଂଘର ସୁରେନ୍ଦ୍ର ନାଥ ସ୍ୱାଇଁ, ମଞ୍ଜୁରାଣୀ ରାଉତରାୟ, ଉମାକାନ୍ତ ମହାପାତ୍ର, ପ୍ରମୋଦ ମହାପାତ୍ର, ନଳିନୀକାନ୍ତ ସୁନ୍ଦରାୟ, ଶ୍ୱେତମଣୀ ଦେଇ, ସୁଧୀର କୁମାର ମହାରଣା, ଦୀନବନ୍ଧୁ ନାୟକଙ୍କ ସମେତ ଶତାଧିକ କର୍ମୀ ଏହି ଘେରାଉରେ ସାମିଲ ହୋଇଥିଲେ।

### ୫ଲକ୍ଷର ଗଞ୍ଜେଇ ଜବତ, ମହିଳା ସମେତ ୨ ଗିରଫ

ବାରଙ୍ଗ,୨୧।୭(ଲିଙ୍ଗରାଜ ରାଉତ)

ଶୁକ୍ରବାର ସକାଳେ ତ୍ରିଶୂଳିଆ ଛକରେ ଅବକାରୀ ବିଭାଗ ଓ ଫ୍ଲାଇଙ୍ଗ ସ୍କ୍ୱାଡ୍‌ର ମିଳିତ ଉଦ୍ୟମରେ ତ୍ରିଶୂଳିଆ ଛକରୁ ୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି। ଏଥିସହ ଗାଡିଚାଳକ ନେପାଳ ସିଂ ଓ କାର୍‌ରେ ବସିଥିବା ଅନ୍ୟଜଣେ ମହିଳା ଜୟମାଲାଙ୍କୁ ଗିରଫ କରାଯାଇଛି। ଏ ନେଇ ଅବକାରୀ ଥାନା ପୋଲିସ ନଂ.୨୧୬/୨୩ ଏକ ମକଦମା ରୁଜୁକରି ୨ଜଣଙ୍କୁ ଶୁକ୍ରବାର କୋର୍ଟଚାଲଣ କରାଯାଇଛି। ବିଶେଷ ସୁତ୍ରରୁ ଖବରପାଇ ଅବକାରୀ ବିଭାଗର ଏହି ଟିମ ଶୁକ୍ରବାର ସକାଳେ ତ୍ରିଶୂଳିଆ ଛକରେ ଜଗି ରହିଥିଲେ।ଏହି ସମୟରେ ବାଙ୍କୀ ପଟରୁ ଦ୍ରୁତଗତିରେ ଆସୁଥିବା ୟୁପି-୨୧-ବିଏସ-୦୭୭୯ ନମ୍ବର କାର୍‌ଟିକୁ ଏହି ଟିମ୍ ଅଟକାଇ ଥିଲେ। ଯାଞ୍ଚ ପରେ କାର୍‌ରୁ ୨ ପ୍ୟାକେଟରେ ଥିବା ଗଞ୍ଜେଇକୁ ଜବତ କରିବାସହ ଗାଡିଚାଳକ ଓ ମହିଳାଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲେ। ଏମାନେ ଉତ୍ତରପ୍ରଦେଶରୁ ଗଞ୍ଜେଇ, ଭାଙ୍ଗ ନେଇ କଟକ ଆସୁଥିବାର ଟିମ୍ ଆଗରେ ପ୍ରକାଶ କରିଥିଲେ।

# ‘ବୃକ୍ଷକୁ ଜୀବନ ଭଳି ଭଲ ପାଇବା ଆବଶ୍ୟକ’

ଜଟଣୀ,୨୧।୭(ରବିନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ତରାବୋଇ ପଞ୍ଚାୟତ ଅନ୍ତର୍ଗତ ହରିଡାମଡ଼ା ଠାରେ ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ବନ ମହୋତ୍ସବ ଏବଂ ପ୍ରକୃତି ବନ୍ଧୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ମୁଖ୍ୟ ବକ୍ତା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ବନ ମହୋତ୍ସବର ଆବଶ୍ୟକତା, ଜଙ୍ଗଲ ଏବଂ ତାର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ବୃକ୍ଷ ଏକ ଜୀବନ ସହିତ ସମାନ। ତେଣୁ ବୃକ୍ଷକୁ ଜୀବନ ଭଳି ଭଲ ପାଇବା ସହ ତାର ଯତ୍ନ କରି ବଞ୍ଚାଇ ପାରିଲେ ଆଗାମୀ ବଂଶଧରଙ୍କ ଜୀବନ ସୁସ୍ଥ ରହିବ। ସମସ୍ତେ ବୃକ୍ଷ ଲଗାଇବା ସହିତ ଯତ୍ନ ନେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଖୋର୍ଦ୍ଧା ବନଖଣ୍ଡ ଅଞ୍ଚଳରେ ଚାରାରୋପଣ ସହିତ ଜଙ୍ଗଲ ସୃଷ୍ଟି ଏବଂ ତାର ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ସମାଜସେବୀ, ପ୍ରକୃତିପ୍ରେମୀ ଏବଂ ଛାତ୍ରୀଛାତ୍ରଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ସୁଶୀଳା ଦେବୀ ପ୍ରଗତି ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବର ମାଷ୍ଟର ଟ୍ରେନର ଅଜୟ କୁମାର ବରାଡ଼ ବିଦ୍ୟାଳୟ ଏବଂ ପଡିଆ ଜମିରେ ଛାତ୍ରୀଛାତ୍ର ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ବୃକ୍ଷ ରୋପଣ ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଜିଲାର ବିଭିନ୍ନ ବିଦ୍ୟାଳୟ ଭ୍ରମଣ କରି ବୃକ୍ଷ ରୋପଣକୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବା ସହିତ ‘ପରିବେଶ ମୁଖେ ତାର ଦେବା ହସ’ ନାମକ ଏକ ପୁସ୍ତକ ରଚନା କରିଛନ୍ତି। ତାଙ୍କର ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ରେଞ୍ଜ ଅଧିକାରୀ ଜୟକୃଷ୍ଣ ପଣ୍ଡା, ଫରେଷ୍ଟର ସାଧୁଚରଣ ମହାପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

### ଚୋରି କରି ଯୁବତୀ ଗିରଫ, ଲାପଟପ ଜବତ

ଭୁବନେଶ୍ୱର,୨୧।୭ (ସୂର୍ଯ୍ୟକାନ୍ତ ବେହେରା)

ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଶୁକ୍ରବାର ଜଣେ ଯୁବତୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁରର ଶୀତଲ ଜେନା। ତାଙ୍କଠାରୁ ଗୋଟିଏ ଦାମୀ ଲାପଟପ ଜବତ ହୋଇଛି। ସୂଚନାନୁସାରେ ଅଭିଯୋଗକାରିଣୀ ଜଣକ ପାତ୍ରପଡାଠାରେ ଥିବା ଏକ ଆପାର୍ଟମେଣ୍ଟର ଫ୍ଲାଟ ନମ୍ବର-୧୦୫ରେ ରୁହନ୍ତି। ନିଜ ମାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ନିମନ୍ତେ ସେ ଚନ୍ଦ୍ରଶେଖରପୁରଠାରେ ଥିବା ସଞ୍ଜୀବନୀ ହେଲଥ ସେଣ୍ଟରରେ କାର୍ଯ୍ୟରତ ଶୀତଲଙ୍କୁ ମେ ୨୨ ତାରିଖରେ ନିଯୁକ୍ତ କରିଥିଲେ। ହେଲେ ଜୁଲାଇ ୧୩ ରେ ସେ ସୁଯୋଗ ଦେଖି ଅଭିଯୋଗକାରିଣୀଙ୍କ ପୁଅ ବ୍ୟବହାର କରୁଥିବା ଆପଲ କମ୍ପାନୀର ଏକ ଲାପଟପ, ୩ଟି ରୁପା ପାଉଁଜି, ୨ଟି ବ୍ରେସଲେଟ, ଗୋଟିଏ ମଦ ବୋତଲ, ଗୋଟିଏ ଲେଡିଜ ଘଣ୍ଟା ଏବଂ କିଛି ବସ୍ତ୍ର ଚୋରି କରି ନେଇଯାଇଥିଲେ। ଘଟଣା ପରେ ଅଭିଯୋଗକାରିଣୀ ଜଣକ ତାଙ୍କୁ ଯୋଗାଯୋଗ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏହାପରେ ସେ ଘଟଣା ସଂକ୍ରାନ୍ତରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହିତ ସଞ୍ଜୀବନୀ ହେଲଥ ସେଣ୍ଟରରେ ଚଢ଼ାଉ କରି ଯୁବତୀଙ୍କୁ ଗିରଫ କରିଥିଲା।

# ଭୋଟର ତାଲିକା ସଂଶୋଧନ ପାଇଁ ପ୍ରଶିକ୍ଷଣ କର୍ମଶାଳା


ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ବୋଲଗଡ଼,୨୧।୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପରିସରସ୍ଥ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ମଣ୍ଡଳ ଉନ୍ନୟନ ଅଧିକାରୀ ଧୋବେଇ ନାୟକଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଭୋଟର ତାଲିକା ସଂଶୋଧନ ପାଇଁ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ମୁଖ୍ୟ ବକ୍ତା ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ବିପିଏମ ସୁଜାତା ରାଉତ ପ୍ରମୁଖ ଯୋଗଦେଇଥିଲେ। ଏବିଡିଓ ଡ.ରତିକାନ୍ତ ମିଶ୍ରଙ୍କ ପରିଚାଳନାରେ ସଭାପତି ଧୋବେଇ ନାୟକ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ନିର୍ବାଚନ ପାଇଁ ସଂଶୋଧିତ ଭୋଟର ତାଲିକା ପ୍ରସ୍ତୁତ କରି ଭୋଟରଙ୍କ ମୌଳିକ ଅଧିକାର ଅକ୍ଷୁଣ୍ଣ ରଖିବାକୁ ବ୍ଲକ ଅଧ୍ୟକ୍ଷା ପ୍ରଧାନ ସୁପରଭାଇଜରମାନଙ୍କୁ ପରାମର୍ଶ ଦେଇଥିଲେ। ଠିକ୍ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ସୁପରଭାଇଜରମାନେ ଘରକୁ ଘର ବୁଲି ସଚେତନତା ସୃଷ୍ଟି ସହ ସମସ୍ତ ତଥ୍ୟ ଯାଞ୍ଚ କରି ପଞ୍ଜୀକରଣ କରିବା ପାଇଁ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ କହିଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ସିଂ, ବିଭୁ ରଞ୍ଜନ ରଥ, ଶାନ୍ତନୁ ତ୍ରିପାଠୀ, ପ୍ରଫୁଲ୍ଲ ମହାପାତ୍ର, ଚିତ୍ତରଞ୍ଜନ ସ୍ୱାଇଁ, ଅଶୋକ କୁମାର ସାହୁ, ଚିନ୍ତାମଣି ସାହୁ ପ୍ରମୁଖ ଯୋଗଦେଇ ଭୋଟର ତାଲିକା ସଂଶୋଧନ ପାଇଁ ତାଲିମ ନେଇଥିଲେ। କମ୍ପ୍ୟୁଟର ଟେକ୍ନିସିଆନ ଲିପୁ ଦୃଶ୍ୟଶ୍ରାବ୍ୟ ଯନ୍ତ୍ର ମାଧ୍ୟମରେ ବୈଷୟିକ ତାଲିମ ପ୍ରଦାନ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ ଧନ୍ୟବାଦ ଦେଇଥିଲେ।

# ‘ଶ୍ରୀମନ୍ଦିର ୪ ଦ୍ୱାର, ରତ୍ନଭଣ୍ଡାର ଖୋଲାଯାଉ’

ପୁରୀ, ୨୧।୭(ଅଜିତ ମହାନ୍ତି)

ପୁରୀବାସୀଙ୍କ ନିମନ୍ତେ ଶ୍ରୀମନ୍ଦିର ସିଂହଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାର ମଧ୍ୟରୁ କୌଣସି ଗୋଟିଏକୁ ଶୀଘ୍ର ଖୋଲିବା ଏବଂ ରତ୍ନଭଣ୍ଡାର ଖୋଲି ଅଳଙ୍କାର ଗଣତିମଣତି କରିବାକୁ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଦାବି କରିଛନ୍ତି। ଏ ନେଇ ସୁଦର୍ଶନ ଶୁକ୍ରବାର ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜାଙ୍କୁ ଚିଠି ଲେଖିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ସଂକ୍ରାନ୍ତ ଏଜେଣ୍ଡା ରଖିବାକୁ ପଟ୍ଟନାୟକ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ଥିବାରୁ ଯାଞ୍ଚ ପାଇଁ ଚିଠି ଲେଖି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ସମ୍ପର୍କରେ ଆଲୋଚନା ପାଇଁ ସୁଦର୍ଶନ ମତ ଦେଇଛନ୍ତି।

ସୁଦର୍ଶନ କହିଛନ୍ତି, ଶ୍ରୀମନ୍ଦିର ସମ୍ପର୍କିତ ଦୁଇଟି ଘଟଣାକୁ ନେଇ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜାଙ୍କୁ ଚିଠି ଲେଖିଛି। ଏଏସ୍‌ଆଇ ରତ୍ନଭଣ୍ଡାର ସ୍ଥିତି ଅନୁଧ୍ୟାନ ପାଇଁ ଚାହୁଁଥିବା ନେଇ ଗତବର୍ଷ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଚିଠି ଦେଇଥିଲା। ଏଏସ୍‌ଆଇ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ କଥା ବୁଝୁଛି। ତେଣୁ ରତ୍ନଭଣ୍ଡାର ସ୍ଥିତି କ’ଣ ରହିଛି, କେଉଁ ସ୍ଥାନ ଦୁର୍ବଳ, କେଉଁଠି ପାଣି ଗଳୁଛି ପ୍ରଭୃତି ଅନୁଧ୍ୟାନ କରିବା ପାଇଁ ଏଏସ୍‌ଆଇ ପକ୍ଷରୁ ଚିଠି କରାଯାଇଥିଲା। ତେଣୁ ପରିଚାଳନା କମିଟିରେ ଏନେଇ ଆଲୋଚନା କରାଯାଇ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲିବା ଲାଗି ସରକାରଙ୍କୁ ପ୍ରସ୍ତାବ ଦିଆଯିବା ସହ ଅନୁରୋଧ କରାଯାଉ। ସେହିପରି ବର୍ତ୍ତମାନ କୋଭିଡ୍ ସ୍ଥିତି ନାହିଁ। ମାତ୍ର ଏବେ ବି ଭକ୍ତଙ୍କୁ କେବଳ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯିବା ପାଇଁ ଅନୁମତି ରହିଛି। ଫଳରେ ଭିଡ଼ ହେବା ସହ ବିଶେଷକରି ପୁରୀବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୀବାସୀଙ୍କ ପାଇଁ ଅନ୍ତତଃପକ୍ଷେ ଗୋଟିଏ ଦ୍ୱାର ଖୋଲାଯାଉ। ଅନ୍ୟ ଦୁଇ ଦ୍ୱାର କାହିଁକି ବନ୍ଦ କରାଯାଇଛି ତାହାର ତଥ୍ୟ ଭକ୍ତଙ୍କୁ ଦିଆଯାଉ। ଛତିଶା ନିଯୋଗ ବୈଠକରେ ଗଠିତ ସବ୍‌କମିଟି ଦ୍ୱାରା ସ୍ଥିତି ଅନୁଧ୍ୟାନ କରାଯାଇ ୪ ଦ୍ୱାର ଖୋଲିବା ଲାଗି ପଦକ୍ଷେପ ନିଆଯାଉ ବୋଲି ସୁଦର୍ଶନ ମତପ୍ରକାଶ କରିଛନ୍ତି।

# ମୁକ୍ତା ଯୋଜନାରେ ନିର୍ମିତ ପାଚେରି ଭୁଶୁଡ଼ିଲା

ପିପିଲି,୨୧।୭(ଦୁର୍ଗାମାଧବ ମିଶ୍ର)

ପିପିଲି ଏନଏଏସି ୪ ନମ୍ବର ୱାର୍ଡ ଗୋଲା ପୋଖରୀର ମୁକ୍ତା ଯୋଜନାର ଗୁମର କଥା ପଦାରେ ପଡ଼ିଛି। ଗତ ମେ ୩୦ ତାରିଖରେ ନିମ୍ନମାନର କାମ ପାଇଁ ଭୁଶୁଡ଼ି ପଡ଼ିଥିଲା ନିର୍ମାଣାଧୀନ ପାଚେରି କାର୍ଯ୍ୟ। ପାଚେରି କାର୍ଯ୍ୟରେ ଅନିୟମିତତା ଓ ସରକାରୀ ଅର୍ଥକୁ ମିଳିମିଶି ଚଳୁ କରିଥିବା ନେଇ ଅଭିଯୋଗ ହୋଇଥିଲା। ପିପିଲି ଏନ୍‌ଏଏସି ୪ନମ୍ବର ୱାର୍ଡରେ ଥିବା ଗୋଲା ପୋଖରୀ ସୌନ୍ଦର୍ଯ୍ୟକରଣ କାମ ପାଇଁ ପ୍ରାୟ ୩୩ଲକ୍ଷ ଟଙ୍କାର କାର୍ଯ୍ୟ ମୁକ୍ତା ଯୋଜନାରେ କରାଯାଉ ଥିବାବେଳେ ମାତ୍ର କେଇ ଦିନ ତଳେ ଆରମ୍ଭ ହୋଇଥିବା ପାଚେରି ଭୁଶୁଡ଼ି ପଡିଥିଲା। ଯାହା ପାଇଁ ମୁକ୍ତା ଯୋଜନା ଉପରେ ପ୍ରଶ୍ନ ଉଠାଇଥିଲେ ଜନସାଧାରଣ ଓ ବୁଦ୍ଧିଜୀବୀ। ସାମାନ୍ୟ ବର୍ଷାରେ ପାଚେରିକୁ ସୁରକ୍ଷା ପାଇଁ ଦିଆଯାଇ ଥିବା ମାଟି ଧୋଇ ଯିବା ଫଳରେ ପାଚେରିର ଅନେକ ସ୍ଥାନରେ ସୃଷ୍ଟି ହୋଇଛି ଫାଟ। ଲଗାଣ ବର୍ଷା ଲାଗି ରହିଲେ ପାଚେରି ପୋଖରୀ ମଧ୍ୟରେ ଭୁଶୁଡ଼ି ପଡିବା ଆଶଙ୍କା କରି ତରବରିଆ ଭାବରେ ପାଚେରି ପାର୍ଶ୍ୱରୁ ଜେସିବି ସାହାଯ୍ୟରେ ମାଟି କଢାଯାଉଛି। ତେବେ ମାଟି କାଢ଼ିବା ପାଇଁ କାହାର ନିର୍ଦ୍ଦେଶ ରହିଛି ନା ଦାୟିତ୍ୱରେ ଥିବା ସଂସ୍ଥାର ନିର୍ଦ୍ଦେଶରେ ମାଟି କଢାଯାଉଛି ସେନେଇ ମଧ୍ୟ ପ୍ରଶ୍ନ ସୃଷ୍ଟି ହେଉଛି। ପିପିଲି ଏନଏଏସି ଯନ୍ତ୍ରୀ କିଛି ଜାଣି ନଥିବା କହିଛନ୍ତି।

# ମଣିପୁରରେ ଶାନ୍ତି ପ୍ରତିଷ୍ଠା ପାଇଁ ସାମୂହିକ ଦୀପଦାନ




ବୋଲଗଡ଼,୨୧।୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଧଳାପଥର ପଞ୍ଚାୟତ କୋଦବେରଣୀ ଗ୍ରାମରେ ସ୍ଥାନୀୟ ନିର୍ବାଚନମଣ୍ଡଳୀ ଆମ୍ ଆଦମୀ ପାର୍ଟି (ଏଏପି) ପକ୍ଷରୁ ମଣିପୁରରେ ଶାନ୍ତି ପ୍ରତିଷ୍ଠା ପାଇଁ ସାମୁହିକ ଦୀପଦାନ କରାଯାଇଛି। ଏଏପି ସଭାପତି କଳ୍ପତରୁ ପଣ୍ଡାଙ୍କ ନେତୃତ୍ୱରେ ସାମାଜିକ କର୍ମୀ ଜିତେନ୍ଦ୍ର ବଳିୟାରସିଂହ. ଶିଳ୍ପୀ ପ୍ରକାଶ ମୁଦୁଲି, ଦେବେନ୍ଦ୍ର ମୁଦୁଲିଙ୍କ ସମେତ ଏଏପି କର୍ମୀ ଓ ଅନ୍ୟମାନେ କେନ୍ଦ୍ର ସରକାରଙ୍କ ନିଷ୍କ୍ରିୟତାକୁ ସମାଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏହାର ସମାଧାନ ଓ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରାର୍ଥନା କରିଥିଲେ।

# ଖାଉଟି କଲ୍ୟାଣ କାର୍ଯ୍ୟକ୍ରମ ତଦାରଖ କଲେ ଓଏସ୍‌ଏଫ୍‌ସି ଅଧ୍ୟକ୍ଷ

ବୋଲଗଡ଼,୨୧।୭(ଦେବବ୍ରତ ହୋତା)

ରାଜ୍ୟ ଖାଦ୍ୟ ଆୟୋଗ(ଓଏସ୍‌ଏଫସି) ଅଧ୍ୟକ୍ଷ ଅବନୀକାନ୍ତ ସାହୁ ବୋଲଗଡ଼ ବ୍ଲକ ଗସ୍ତ କରି ଖାଦ୍ୟ ଓ ଖାଉଟିକଲ୍ୟାଣ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ବିଭାଗୀୟ ଅଧିକାରୀମାନଙ୍କ ସହ ଖାଉଟିମାନଙ୍କ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ। ଖାଉଟିଙ୍କ ଖାଉଟି କାର୍ଡରେ ଥିବା ମୃତ ଲୋକଙ୍କ ନାମକୁ ବାଦ ଦେଇ ନୂଆ ହିତାଧିକାରୀଙ୍କୁ ସାମିଲ କରିବାକୁ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ସାହୁ ନିର୍ଦ୍ଦେଶ ଦେଇଥିଲେ। ବୋଲଗଡ଼ ବ୍ଲକ ଖାଦ୍ୟ ଯୋଜନା ଅଧିକାରୀ ସାଗରିକା ମହାଲି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେଉଥିବା ହିତାଧିକାରୀଙ୍କ ବିବରଣୀ ପ୍ରଦାନ କରିଥିଲେ। ୧୯ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ଖାଉଟି ଡିଲର, ବ୍ଲକ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଡିଓ ଧୋବେଇ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଅବନୀକାନ୍ତ ସାହୁ, ମୁଖ୍ୟ ବକ୍ତା ଉପଜିଲାପାଳ ଦିପ୍ତୀରଞ୍ଜନ ସେଠୀ, ସମ୍ମାନିତ ଅତିଥିଭାବେ ଜିଲା ଖାଦ୍ୟଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ, ଅତିରିକ୍ତ ଜିଲା ଖାଦ୍ୟ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ସହକାରୀ ଜିଲା ଖାଦ୍ୟଯୋଗାଣ ଅଧିକାରୀ ତ୍ରିଲୋଚନ ସାହୁ ଓ ବିଭାଗୀୟ ମୁଖ୍ୟ ଚନ୍ଦନ କୁମାର ଘଡ଼ାଇ ପ୍ରମୁଖ ଯୋଗଦେଇଥିଲେ। ନୂତନ ଗରିବ ହିତାଧିକାରୀଙ୍କୁ ଖୁବଶୀଘ୍ର ନୂତନ ଖାଉଟି କାର୍ଡ ପ୍ରଦାନ ଉପରେ ଗୁରୁତ୍ୱ ଦେଇଥିଲେ। ବ୍ଲକ ଖାଦ୍ୟ ଯୋଜନା ଅଧିକାରୀ ମହାଲି ଧନ୍ୟବାଦ ଦେଇଥିଲେ।

## ପିଡିଏସ୍ ସାମଗ୍ରୀ ବଣ୍ଟନ ସ୍ଥିତି ପରଖିଲେ

ବେଗୁନିଆ,୨୧।୭(ହର ପ୍ରସନ୍ନ ପଣ୍ଡା)

ରାଜ୍ୟ ଖାଦ୍ୟ ଆୟୋଗ(ଓଏସ୍‌ଏଫସି) ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଶୁକ୍ରବାର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଗସ୍ତ କରି ବିଭିନ୍ନ ଯୋଜାନାର ସମୀକ୍ଷା କରିଛନ୍ତି। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ଲକ୍ଷ୍ମୀଧର ସାହୁଙ୍କ ସହ ଆଲୋଚନା କରିଥିଲେ। ପରେ ରାଧାକାନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ପିଡିଏସ୍ ବଣ୍ଟନ ସ୍ଥିତି ପରଖିବା ପରେ ସାମଗ୍ରୀ ଗଚ୍ଛିତ ପରିମାଣ ଏବଂ ତାଲିକା ଯାଞ୍ଚ କରିଥିଲେ। ଖାଦ୍ୟ ସୁରକ୍ଷା ଆଇନର ଉପାଦେୟତା ଏବଂ ଉପଯୁକ୍ତ ସେବା ଲୋକେ ପାଉଛନ୍ତି କି ନାହିଁ ସେ ସମ୍ପର୍କରେ ଉପସ୍ଥିତ କର୍ମଚାରୀ ଓ ଜନସାଧାରଣଙ୍କୁ ପଚାରି ବୁଝିଥିଲେ। ଏହା ପରେ ଚକାପଦା ଅଙ୍ଗନୱାଡି କେନ୍ଦ୍ର ପରିସରକୁ ଯାଇ ପିଲାମାନଙ୍କ ପାଇଁ ପ୍ରସ୍ତୁତ ହେଉଥିବା ରନ୍ଧା ଖାଦ୍ୟ ସ୍ଥିତି ପରଖିବା ପରେ ସନ୍ତୋଷ ବ୍ୟକ୍ତ କରିବା ସହିତ ବୋଲଗଡ଼ ବ୍ଲକ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ବିଭାଗୀୟ ଅଧିକାରୀ ଚନ୍ଦନ କୁମାର ଘଡ଼ାଇ, ସିଇଏ ବୀରେନ୍ଦ୍ର ମାଝି, ସୌମ୍ୟ ରଞ୍ଜନ ପ୍ରଧାନ, ମଳୟ ରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ରାଧାକାନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଏସ୍‌ଏଫସି ଅଧ୍ୟକ୍ଷ ଏବଂ ଅନ୍ୟମାନେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୧।୭।୨୦୨୩

| ୩,୫୬,୯୯୪ ଟଙ୍କା | |
|---|---|
| ସୁନା | ୫୦ ମିଲିଗ୍ରାମ୍ |
| ରୁପା | ୩୯.୩୫୦ ଗ୍ରାମ୍ |

# ମୁକ୍ତା ଯୋଜନାରେ ନିର୍ମିତ ପାଚେରି ଭୁଶୁଡ଼ିଲା

ପିପିଲି,୨୧।୭(ଦୁର୍ଗାମାଧବ ମିଶ୍ର)

ପିପିଲି ଏନଏଏସି ୪ ନମ୍ବର ୱାର୍ଡ ଗୋଳା ପୋଖରୀର ମୁକ୍ତା ଯୋଜନାର ଗୁମର କଥା ପଦାରେ ପଡ଼ିଛି। ଗତ ମେ ୩୦ ତାରିଖରେ ନିମ୍ନମାନର କାମ ପାଇଁ ଭୁଶୁଡ଼ି ପଡ଼ିଥିଲା ନିର୍ମାଣାଧୀନ ପାଚେରି କାର୍ଯ୍ୟ। ପାଚେରି କାର୍ଯ୍ୟରେ ଅନିୟମିତତା ଓ ସରକାରୀ ଅର୍ଥକୁ ମିଳିମିଶି ଚଳୁ କରିଥିବା ନେଇ ଅଭିଯୋଗ ହୋଇଥିଲା। ପିପିଲି ଏନ୍ଏଏସି ୪ନମ୍ବର ୱାର୍ଡରେ ଥିବା ଗୋଳା ପୋଖରୀ ସୌନ୍ଦର୍ଯ୍ୟକରଣ କାମ ପାଇଁ ପ୍ରାୟ ୩୩ଲକ୍ଷ ଟଙ୍କାର କାର୍ଯ୍ୟ ମୁକ୍ତା ଯୋଜନାରେ କରାଯାଉ ଥିବାବେଳେ ମାତ୍ର କେଇ ଦିନ ତଳେ ଆରମ୍ଭ ହୋଇଥିବା ପାଚେରି ଭୁଶୁଡ଼ି ପଡିଥିଲା। ଯାହା ପାଇଁ ମୁକ୍ତା ଯୋଜନା ଉପରେ ପ୍ରଶ୍ନ ଉଠାଇଥିଲେ ଜନସାଧାରଣ ଓ ବୁଦ୍ଧିଜୀବୀ। ସାମାନ୍ୟ ବର୍ଷାରେ ପାଚେରିକୁ ସୁରକ୍ଷା ପାଇଁ ଦିଆଯାଇ ଥିବା ମାଟି ଧୋଇ ଯିବା ଫଳରେ ପାଚେରିର ଅନେକ ସ୍ଥାନରେ ସୃଷ୍ଟି ହୋଇଛି ଫାଟ। ଲଗାଣ ବର୍ଷା ଲାଗି ରହିଲେ ପାଚେରି ପୋଖରୀ ମଧ୍ୟରେ ଭୁଶୁଡ଼ି ପଡିବା ଆଶଙ୍କା କରି ତରବରିଆ ଭାବରେ ପାଚେରି ପାର୍ଶ୍ୱରୁ ଜେସିବି ସାହାଯ୍ୟରେ ମାଟି କଢାଯାଉଛି। ତେବେ ମାଟି କାଢ଼ିବା ପାଇଁ କାହାର ନିର୍ଦ୍ଦେଶ ରହିଛି ନା ଦାୟିତ୍ୱରେ ଥିବା ସଂସ୍ଥାର ନିର୍ଦ୍ଦେଶରେ ମାଟି କଢାଯାଉଛି ସେନେଇ ମଧ୍ୟ ପ୍ରଶ୍ନ ସୃଷ୍ଟି ହେଉଛି। ଏ ନେଇ ପିପିଲି ଏନଏଏସି ଯନ୍ତ୍ରୀ କିଛି ଜାଣି ନଥିବା କହିଥିବା ବେଳେ ମୁକ୍ତା କନିଷ୍ଠ ଯନ୍ତ୍ରୀଙ୍କୁ ଏ ନେଇ ସୂଚନା ପ୍ରଦାନ କରିଥିବା କହିଛନ୍ତି। ଅନ୍ୟପଟେ ପିପିଲି ଏନଏଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂଜା ରାଉତ ଘଟଣା ସ୍ଥଳ ଯାଇ ଅନୁଧ୍ୟାନ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ସୂଚନା ଥାଉକି, ପିପିଲିରେ ମୁକ୍ତା ଯୋଜନା ବାଟବଣା ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସିବା ପରେ ଚଳିତ ବର୍ଷ 'ମେ' ମାସରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ପିପିଲି ଏନ.ଏ.ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖି ଜବାବ ତଲବ କରି ମୁକ୍ତା ଯୋଜନାରେ ହେଉଥିବା କାମଗୁଡିକର ଠିକ ଯାଞ୍ଚ କରିବା ସହିତ କାମର ମାନ ଠିକ ଭାବେ କରାଯାଉଛି ନାଁ ନାହିଁ ଏହା ଉପରେ ନଜର ରଖିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବିଧାୟକଙ୍କ ପତ୍ର ପାଇବା ପରେ ମଧ୍ୟ ଦାୟିତ୍ୱରେ ଥିବା ଅଧିକାରୀ କିଭଳି ତତ୍ପରତା ଦେଖାଇଛନ୍ତି ତାହା ସ୍ପଷ୍ଟ ବାରି ହୋଇପଡୁଛି।





ପୁରୀ ଦେବୀଘାଟ ନିକଟକୁ ସ୍ଥାନାନ୍ତର କରାଯାଇଥିବା ଲକ୍ଷ୍ମୀବଜାର ପରିବା ମାର୍କେଟ କର୍ଦ୍ଦମାକ୍ତ ହୋଇପଡ଼ିଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ସଂକ୍ଷେପରେ

### କାର୍‌ରୁ ଉଦ୍ଧାର ହେଲା ୨ ନାଗ

ବ୍ରହ୍ମଗିରି,୨୧।୭(ସ୍ୱାଧିନ ଚମ୍ପତିରାୟ): ବ୍ରହ୍ମଗିରି ଥାନା ଅନ୍ତର୍ଗତ ବେଣ୍ଟପୁର ଗ୍ରାମରୁ ଶୁକ୍ରବାର ଏକ କାର୍ ଭିତରୁ ଦୁଇଯି ନାଗ ସାପକୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ରଘୁନାଥ ପ୍ରଧାନ ନିଜ କାର ନେବାକୁ ଯାଉଥିବା ସମୟରେ ଏକ ସାପ ତାଙ୍କ କାର ମଧ୍ୟରେ ପ୍ରବେଶ କରିବାର ଦେଖିଲେ। ଏନେଇ ସେ ବ୍ରହ୍ମଗିରିର ସ୍ନେକ ହେଲପ୍ ଲାଇନ ସଦସ୍ୟ ସନ୍ତୋଷ କୁମାର ସ୍ୱାଇଁ ଓ ସମ୍ବିତ ନାୟକଙ୍କୁ ଯୋଗାଯୋଗ କରିବାରେ ଏହି ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଦୁଇ ଘଣ୍ଟା ପରିଶ୍ରମ କରି କାର୍ ମଧ୍ୟରୁ ଦୁଇଟି ନାଗସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଅନ୍ୟତ୍ର ଛାଡିଛନ୍ତି।

### 'ଔଷଧୀୟ ଚାରା ଲଗାଇ ଛାତ୍ରୀଛାତ୍ର ଯତ୍ନ ନିଅନ୍ତୁ'

ପୁରୀ, ୨୧।୭(ଅଜିତ ମହାନ୍ତି):ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଥିବା ଅନେକ ଔଷଧୀୟ ବୃକ୍ଷ ଗତ ଫନୀ ବାତ୍ୟାରେ ଭାଙ୍ଗିଯାଇଥିଲା। ମହାବିଦ୍ୟାଳୟ ପରିସରରେ ଥିବା ଅନେକ ଔଷଧୀୟ ବୃକ୍ଷ ମଧ୍ୟ ଲୋପ ପାଇଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଉତ୍ତର ଶାଖା ଭୁବନେଶ୍ୱରର ଭାରତ ବିକାଶ ପରିଷଦ ତରଫରୁ ଶୁକ୍ରବାର ମହାବିଦ୍ୟାଳୟର ଔଷଧୀୟ ଉଦ୍ୟାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତରଶାଖା ଭୁବନେଶ୍ୱର ଭାରତ ବିକାଶ ପରିଷଦର ସଭାପତି ନୀଳମଣି କର ଓ ପରିଷଦର ଅନ୍ୟ କର୍ମକର୍ତ୍ତା, ମହାବିଦ୍ୟାଳୟର ଅଧାପିକା ଅଧାପକ, ସ୍ନାତକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ସୁଦର୍ଶନ ବେହେରାଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଔଷଧୀୟ ଚାରା ରୋପଣ କରିବା ସହ ଛାତ୍ରୀଛାତ୍ରଙ୍କୁ ତା'ର ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ପରିସରରେ ଅଁଳା, ବାହାଡ଼ା, ହରିଡ଼ା, ଖିରିକୋଳି, ଯେଉଟ, କଇଥ, ରକ୍ତଚନ୍ଦନ, ଶ୍ୱେତ ଚନ୍ଦନ ପ୍ରଭୃତି ୧୦୦ରୁ ଉର୍ଦ୍ଧ୍ୱ ଔଷଧୀୟ ଚାରା ରୋପଣ କରାଯାଇଥିଲା। ସହକାରୀ କୃଷି ଅଧିକାରୀ ଜୟନ୍ତ କୁମାର ଜେନା ବିରଳ ଖାଇବା କୋଳି ବୃକ୍ଷ ମହାବିଦ୍ୟାଳୟକୁ ପ୍ରଦାନ କରିଥିଲେ।



ପୁରୀ: ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକଗୁଡିକୁ ଖୋଲାଯାଉଛି ।

## ଛାତ୍ରୀଛାତ୍ରଙ୍କୁ ପାଠ ପଢାଇଲେ ସରପଞ୍ଚ

ଗୋପ,୨୧।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ମହଲପଡା ପଞ୍ଚାୟତର ସରପଞ୍ଚ ଶୀର୍ଷରଞ୍ଜନ ନାୟକ ଶୁକ୍ରବାର ମହଲପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ସହ ମୋବାଇଲ ଓ ଟିଭି ପ୍ରତି ଗୁରୁତ୍ୱ ନ ଦେବା ପାଇଁ ପରାମର୍ଶ ଦେଇଛନ୍ତି। ପ୍ରକାଶ ଯେ, ମହଲପଡା ପଞ୍ଚାୟତରେ କିଛିଦିନ ଧରିଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥା ଦେଖାଦେଇଥିଲା। ଏପରି ଅଭିଯୋଗ ଆସିବା ପରେ ବ୍ଲକ ଶିକ୍ଷା ଅଧିକାରୀ ସୁନିଲ କୁମାର ବ୍ରହ୍ମା ଏହାକୁ ସୁଧାରିବା ପାଇଁ ପଦକ୍ଷେପ ଗ୍ରହଣ କରିଥିବା ବେଳେ ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ ଏହାକୁ ଅଧିକ ସକ୍ରିୟ ଓ କ୍ରିୟାଶୀଳ କରିବା ପାଇଁ ଏପରି ପ୍ରୟାସ କରିଛନ୍ତି। ଏହି ବିଦ୍ୟାଳୟରେ ଅଧ୍ୟୟନରତ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ୧୨୦ ଜଣ ଛାତ୍ରୀଛାତ୍ରଙ୍କୁ ଟିଭି ଓ ମୋବାଇଲରୁ ଦୂରେଇ ରହିବା ଲାଗି ଶପଥ ପାଠ କରାଇଛନ୍ତି।

## ଲୁଟ୍ ସୁନା ଉଦ୍ଧାର ପରେ ମାଲିକଙ୍କୁ ଫେରାଇଲା ପୋଲିସ

ଗୋପ,୨୧।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୁରୁବାର ବିଳମ୍ବିତ ରାତ୍ରରେ ଗୋପ ଥାନା ଅନ୍ତର୍ଗତ ଏରବଙ୍ଗ ଡିହସାହି ଗ୍ରାମର ରମେଶ ଚନ୍ଦ୍ର ଘରେ ଶୋଇଥିବା ବେଳେ କେହି ଦୁର୍ବୃର୍ତ୍ତ ଘରେ ପଶି ଲକ୍ଷାଧିକ ଟଙ୍କା ର ସୁନା ଅଳଙ୍କାର ଲୁଟ କରି ନେଇ ଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା( ୩୧୦/୨୩) ରୁଜୁ କରି ତଦନ୍ତ କରିବା ସହିତ ଜିଲା ସାଇଣ୍ଟିଫିକ ଟିମ ସାହାଯ୍ୟରେ ମଧ୍ୟ ତଦନ୍ତ କରାଇଛି। ପ୍ରକାଶ ଯେ ଗୁରୁବାର ରମେଶ ଘରେ ଏକା ଥିବା ବେଳେ ତାଙ୍କ ପରିବାର ସଦସ ମାନେ କୌଣସି କାର୍ଯ୍ୟରେ ବାହାରେ ଥିଲେ। ଏହି ସୁଯୋଗ ରେ କେହି ଦୁର୍ବୃର୍ତ୍ତ ଘରେ ପଶି ରମେଶ ଙ୍କୁ ବାହାରୁ ଝିଞ୍ଜିରି ଦେଇ ଅନ୍ୟ ଏକ ଘର ର ଗୋଜେରେଜ ଭାଙ୍ଗି ତା ମଧ୍ୟରେ ଥିବା ଲକ୍ଷାଧିକ ଟଙ୍କା ର ସୁନା ରୂପା ଅଳଂକାର ଲୁଟ କରିବା ପରେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଶୁକ୍ରବାର ଭୋର୍‌ରୁ ଏପରି ଘଟଣା ସଂପର୍କରେ ଘର ମାଲିକ ଅବଗତ ହେବା ପରେ ଥାନାର ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ବାଡି ପଛପାଖ ଏକ ଗୋଟିଏ ପଥର ଉପରେ ଗୋଟିଏ ସୁନା ମାଳ ଓ ଦୁଇ ଗୋଟି ସୁନା ମଙ୍ଗଳସୂତ୍ର ଥୁଆ ହୋଇଥିବାବେଳେ ଅନ୍ୟ ସୁନା ରୂପା ଅଳଙ୍କାର ମିଳି ନ ଥିଲା। ଫଳରେ ମିଳିଥିବା ସୁନାଅଳଙ୍କାର ଶୁକ୍ରବାର ସନ୍ଧ୍ୟାରେ ଘର ମାଲିକଙ୍କୁ ଫେରାଇ ଥିବା ସମୟରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ତଦନ୍ତ ଆରମ୍ଭ କରିଛି। ଏପରି ଏକ ଲୁଟ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଭାସ୍କର ମାଣିଆଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

# ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ

ପୁରୀ, ୨୧।୭(ଅଜିତ ମହାନ୍ତି):

**ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପୁନରୁଦ୍ଧାର କରାଯାଉ**

ପୁରୀ ସହରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶ୍ୱସ୍ତରୀୟ ଐତିହ୍ୟ ନଗରୀରେ ପରିଣତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ତଥାପି ପୁରୀର ଅନେକ ଐତିହ୍ୟ ସ୍ଥାନ ଅବହେଳିତ ଅବସ୍ଥାରେ ରହିଛି। ସେହି ସ୍ଥାନଗୁଡ଼ିକର ବିକାଶ ପାଇଁ ଓଡ଼ିଶା ଯୁବ ଚେତନା ସଙ୍ଗଠନ ଏବଂ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ପକ୍ଷରୁ ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ୫ଦଫା ଦାବି ସମ୍ବଳିତ ଏକ ପତ୍ର ପ୍ରେରଣ କରାଯାଇଛି। ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଉ। ନାଟକର ଅନ୍ତୁଲିଶାଳ ଭାବେ ପରିଚିତ ପୁରୀର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ବର୍ତ୍ତମାନ ଅବହେଳିତ ଅବସ୍ଥାରେ ରହିଛି। ତେଣୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚକୁ ପୁନରୁଦ୍ଧାର କରାଯାଉ। ପୁରୀ ଏକ ପର୍ଯ୍ୟଟନ ତଥା ଧାର୍ମିକ ସ୍ଥଳ ହୋଇଥିବାରୁ ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ଆସୁଛନ୍ତି। ମାତ୍ର ସହରରେ ସେମାନଙ୍କ ପାଇଁ ମୌଳିକ ସୁବିଧା ନାହିଁ। ତେଣୁ ବଡ଼ଦାଣ୍ଡ ଦୁଇପାର୍ଶ୍ୱରେ ୨୦ଟି ଇ-ଟଏଲେଟ୍ ବ୍ୟବସ୍ଥା କରାଯାଉ। ସେହିପରି ଶରଧାବାଲିର ସୁରକ୍ଷା ସହ ମୁକ୍ତାକାଶ ରଙ୍ଗମଞ୍ଚ ନିର୍ମାଣ କରାଯାଉ। ପୁରୀର ପ୍ରମୁଖ ସିଦ୍ଧ ମହାବୀର ମନ୍ଦିର, ପୋଖରୀ ଏବଂ ଆଲାମଚଣ୍ଡି ମନ୍ଦିରର ପୁନରୁଦ୍ଧାର କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ଥିବା ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର କହିଛନ୍ତି।

## କୁଷ୍ଠ ରୋଗ, ବାତଜ୍ୱର ସମ୍ପର୍କିତ ସଚେତନତା ଶିବିର

କଣାସ, ୨୧।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ସାହୁପଡା ପଞ୍ଚାୟତ ସଭାଗୃହରେ ଶୁକ୍ରବାର ପୁରୀ ଲେପ୍ରା ସୋସାଇଟି ପକ୍ଷରୁ କୁଷ୍ଠରୋଗ ଏବଂ ବାତଜ୍ୱର ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଲେପ୍ରା ସୋସାଇଟିର ମେଡିକାଲ କନ୍‌ସୁଲେଟେଡ୍ ଡା. ଗଗନବିହାରୀ ଆଚାର୍ଯ୍ୟ ଯୋଗଦେଇ କୁଷ୍ଠରୋଗ ଓ ବାତାଜ୍ୱର ନିରାକାରଣ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଲେପ୍ରା ସୋସାଇଟିର ପ୍ରୋଜେକ୍ଟ ଆସୋସେଟ୍ ମନମୋହନ ମିଶ୍ର ଓ ଅରୁଣ କୁମାର ଦାସ ଯୋଗଦେଇ ଲେପ୍ରା ସୋସାଇଟି କିପରି ରୋଗୀଙ୍କୁ ସାହାଯ୍ୟ କରିବା ସହ ବିନାମୂଲ୍ୟରେ ଚପଲ ଯୋଗାଇଦେଉଛି ଏବଂ ସାହୁପଡା ପିଏଚ୍‌ସି ଓ କଣାସ ସିଏଚ୍‌ସିରେ ରୋଗୀଙ୍କ ଚିକିତ୍ସା ପାଇଁ କ'ଣ ସବୁ ସୁବିଧା ଅଛି ସେ ସମ୍ପର୍କରେ ବୁଝାଇଥିଲେ। ଏହି ସଚେତନତା ଶିବିରରେ ସ୍ଥାନୀୟ ସରପଞ୍ଚ ଭିକାରୀଚରଣ ବଳିଆରସିଂହ ଓ ସମସ୍ତ ୱାର୍ଡସଭ୍ୟାସଭ୍ୟ ଯୋଗଦେଇଥିଲେ। ରୋଗ ସମ୍ପର୍କରେ ଅଧିକ ସଚେତନତା ଆବଶ୍ୟକତା ଥିବା ସରପଞ୍ଚ ବଳିୟାରସିଂହ କହିଥିଲେ।

## ଶୋକସନ୍ତପ୍ତ ପରିବାରକୁ ଭେଟିଲେ ଓମ୍‌ପ୍ରକାଶ



ଭାଜପା ନେତା ଓମ୍‌ପ୍ରକାଶ ମିଶ୍ର ଏବଂ ଡା. ସମ୍ବିତ ପାତ୍ର ଚୁରାଳି ଗ୍ରାମକୁ ଯାଉଛନ୍ତି ।

ସାକ୍ଷୀଗୋପାଳ,୨୧।୭(ଡି.ଏନ.ଏ)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମହାବଲ୍‌ପଡାସ୍ଥିତ ଶ୍ରୀ ଶ୍ରୀ ଗୋବିନ୍ଦଜୀଉ ଗୋଶାଳାର ପରିଚାଳକ ତଥା ଗୋ ସେବକ ମହେଶ୍ୱର ପ୍ରଧାନଙ୍କ ଗତ ସୋମବାର ଏକ ସଡ଼କ ଦୁର୍ଘଟଣାରେ ଦେହାନ୍ତ ହୋଇଥିଲା। ସ୍ୱର୍ଗତ ପ୍ରଧାନ ଜଣେ ଦକ୍ଷ ସଂଗଠକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ସଦସ୍ୟ ଓ ଜିଲା ଭାଜପାର ସମ୍ପାଦକ ଭାବେ ବହୁ ଦାୟିତ୍ୱ ନିର୍ବାହ କରି ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ବିୟୋଗରେ ବହୁ ବ୍ୟକ୍ତି ପହଞ୍ଚି ଶୋକସନ୍ତପ ପରିବାରକୁ ସମବେଦନା ଜଣାଇଥିଲେ। ଶୁକ୍ରବାର ସତ୍ୟବାଦୀ ଭାଜପା ନେତା ଓମପ୍ରକାଶ ମିଶ୍ର, ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ ପାତ୍ର ଆଳିସ ପଞ୍ଚାୟତର ଜନ୍ମମାଟି ଚୁରାଳି ଗ୍ରାମରେ ପହଞ୍ଚି ସ୍ୱର୍ଗତ ପ୍ରଧାନଙ୍କ ଶୋକ ସନ୍ତପ ପରିବାରକୁ ସମବେଦନା ଜଣାଇବା ସହ ଆତ୍ମାର ସଦଗତି କାମନା କରିଥିଲେ। ଏଥିସହ ସହ ପୂର୍ବତନ ଜିଲାପରିଷଦ ସୁରେନ୍ଦ୍ର ପ୍ରଧାନ, ସମିତିସଭ୍ୟ ଦୀପକ ଶତପଥୀ ରଞ୍ଜନ ବରାଳ ଶ୍ରୀଧର ବିଶାଳ, ଲଳିତ ପ୍ରଧାନ ସମେତ ସ୍ଥାନୀୟ ଅଞ୍ଚଳର ପ୍ରତିନିଧିମାନେ ଯୋଗଦେଇଥିଲେ।

# ଜୁଏଲେରି ଦୋକାନୀଙ୍କୁ ଧରିବାକୁ ଆସି ଆନ୍ଧ୍ର ପୋଲିସ ହଟହଟା

ନିମାପଡ଼ା,୨୧।୭(ଡି.ଏନ.ଏ)

ନିମାପଡ଼ାରୁ ଜଣେ ଜୁଏଲେରି ଦୋକାନୀଙ୍କୁ ଶୁକ୍ରବାର ଆନ୍ଧ୍ର ପ୍ରଦେଶର ଚିକାକୁଲମରୁ ଧରିବାକୁ ଆସିଥିବା ପୋଲିସକୁ ହଟହଟା ହେବାକୁ ପଡ଼ିଛି। ନିମାପଡ଼ା ସ୍ୱର୍ଣ୍ଣକାର ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ସ୍ୱର୍ଣ୍ଣକାର ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ନିମାପଡ଼ା ଥାନାରେ ଗୁରୁବାର ରାତିରେ ଆନ୍ଧ୍ର ପୋଲିସକୁ କଡ଼ା ବିରୋଧ କରିଥିଲେ। ସୂଚନାଥାଉକି, ନିମାପଡ଼ା ବଜାରର ଜଣେ ଜୁଏଲେରି ଦୋକାନ ମାଲିକ ପ୍ରଫୁଲ୍ଲ କୁମାର ସାହୁ ଚୋରା ସୁନା କିଣିଥିବା ଅଭିଯୋଗରେ ଆନ୍ଧ୍ର ପୋଲିସ ଆସି ଜବରଦସ୍ତ ତାଙ୍କୁ ଉଠାଇ ନିମାପଡ଼ା ଥାନାକୁ ଆଣିଥିଲା। ଫଳରେ ଆନ୍ଧ୍ର ପୋଲିସର ଏଭଳି ଜୁଲମକୁ ନିମାପଡ଼ା ବଜାରର ସ୍ୱର୍ଣ୍ଣକାର ସଂଘ ବିରୋଧ କରିବା ସହ ପ୍ରଫୁଲ୍ଲ ଜଣେ ସଚ୍ଚୋଟ ବ୍ୟବସାୟୀ ହୋଇଥିବା ବେଳେ କୌଣସି ଚୋରା ସୁନା କ୍ରୟ କରେ ନାହିଁ ବୋଲି ସଂଘ ସଦସ୍ୟମାନେ କହିଥିଲେ। ପରେ ପୋଲିସ ପ୍ରଫୁଲ୍ଲଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ସହ ଚୋରି ସୁନା ଜବତ କରି ନ ପାରି ଛାଡ଼ି ଦେଇଥିଲା। ସୂଚନାଯୋଗ୍ୟ, ଆନ୍ଧ୍ର ପୋଲିସ ଗିରଫ କରିଥିବା ବ୍ରହ୍ମପୁର ଅଞ୍ଚଳର ଜଣେ ଚୋରର ସୂଚନା ଆଧାରରେ ନିମାପଡ଼ା ସୁନା ଦୋକାନୀ ପ୍ରଫୁଲଙ୍କ ନିକଟକୁ ଆସିଥିଲା।

# ସୁଦର୍ଶନ ପ୍ରଧାନଙ୍କ ଏକାଦଶାହ ଅବସରରେ ସ୍ମୃତିସଭା

ପିପିଲି,୨୧।୭(ଦୁର୍ଗାମାଧବ ମିଶ୍ର)

ରାଜ୍ୟ ସମାଜବାଦୀ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନଙ୍କ ଏକାଦଶାହ ଅବସରରେ ତାଙ୍କ ନିଜ ଗାଁ ସୁନା ମୁହିଁ ଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସିପିଆଇଏମଏଲ ନେତା କିଷାନ ପଟ୍ଟନାୟକଙ୍କ ସଭାପତିତ୍ୱରେ କଂଗ୍ରେସ ଦଳ ରାଜ୍ୟ ମୁଖପାତ୍ର ନିଶିକାନ୍ତ ମିଶ୍ର, ସିପିଆଇଏମଏଲ ପୁରୀ ଜିଲା ସମ୍ପାଦକ ଅଶୋକ ପ୍ରଧାନ, ଶ୍ରୀ ଅଖଣ୍ଡ, କବି ଭିକାରୀ ଦଳ, ପ୍ରସନ୍ନ ମହାରଥୀ, ନରେନ୍ଦ୍ର ମୁଦୁଲି, ପ୍ରଦ୍ୟୁମ୍ନ ପରିଡା, ରୋହିତ ଚମ୍ପତି, ପ୍ରଭୁ ଚରଣ ପତି, ନିରଞ୍ଜନ ସାମନ୍ତ ରାୟ, ବିପିନ ବେହେରା, ସିପିଆଇଏମଏଲ ରାଜ୍ୟ ନେତା ସର୍ବେଶ୍ୱର ଭାରତୀ ପ୍ରମୁଖ ଏହି ସ୍ମୃତି ସଭାରେ ଯୋଗଦେଇ ତାଙ୍କର ଗୁଣଗାନ କରିବା ସହ ସେ ଜଣେ ପରୋପକାରୀ, ତାଙ୍କର ବ୍ୟକ୍ତିତ୍ୱ ଅନନ୍ୟ ଥିଲା ବୋଲି କହିଥିଲେ। ଏହି ଅବସରରେ ରାଜ୍ୟ, ଜିଲା ଏବଂ ପିପିଲି ଡେଲାଙ୍ଗ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ ।




ସ୍ମୃତି ସଭାରେ ଯୋଗ ଦେଇଥିବା ଅତିଥିମାନେ ।

# ୫ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ନିମାପଡ଼ା,୨୧।୭(ବିଚିତ୍ରାନନ୍ଦ ସାହୁ)

- ଚକରୋଡ଼ାରେ ଭାଜପା କର୍ମୀଙ୍କ ବିରୋଧ
- ଉନ୍ନୟନ କାର୍ଯ୍ୟରେ ବିରୋଧ କରିବା ସମୁଚିତ ନୁହଁ: ସମୀର

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ଜୋନରେ ଶୁକ୍ରବାର ବିଧାୟକଙ୍କ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ଦିନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩ କୋଟି ୪୨ଲକ୍ଷ ଟଙ୍କା ବ୍ୟୟରେ ୨ଟି ନୂତନ ପ୍ରକଳ୍ପ ଓ ପଞ୍ଚାୟତ ସମିତିର ପ୍ରାୟ ୨୦ଲକ୍ଷ ଟଙ୍କା ବ୍ୟୟରେ ୩ଟି ପ୍ରକଳ୍ପକୁ ବିଧାୟକ ସମୀର ରଞ୍ଜନ ଦାଶ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧ କୋଟି ୪ ଲକ୍ଷ ୯୩ହଜାର ଟଙ୍କା ବ୍ୟୟରେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ନୂତନ ଶ୍ରେଣୀ ଗୃହ ବିଲ୍ଡିଂ ନିର୍ମାଣ, ୨କୋଟି ୩୬ଲକ୍ଷ ୮୨ହଜାର ଟଙ୍କା ବ୍ୟୟରେ ୪କି.ମି. ବିଶିଷ୍ଟ ତୁଳସୀପୁରଠାରୁ ସାନହୁଲି ଭାୟା ଚହଟାପଡ଼ା ସଡ଼କ ନିର୍ମାଣ, ଛଣିଜଙ୍ଗ ପଞ୍ଚାୟତର ଚକରୋଡା ଗ୍ରାମ ରାସ୍ତା(୧୦ ଲକ୍ଷ ଟଙ୍କା ବ୍ୟୟରେ) ଓ ୭ଲକ୍ଷ ଟଙ୍କା ବ୍ୟୟରେ ଆଇଁସିମ୍ବଳ ଅଙ୍ଗନୱାଡ଼ି କେନ୍ଦ୍ର, ଅଢ଼େଇ ଲକ୍ଷ ଟଙ୍କା ବ୍ୟୟରେ କେଉଟଶାଳଦା ଗ୍ରାମର କ୍ଲବ ଗୃହର ବିଧାୟକ ଦାଶ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ସମ୍ମାନିତ ଅତିଥି ଭାବେ ନିଗମାନନ୍ଦ ମହିଳା କଲେଜର ପରିଚାଳନା କମିଟିର ସଭାପତି ଡ. ସନ୍ତୋଷ ମିତ୍ର, କଲେଜ ଅଧକ୍ଷା ସ୍ୱର୍ଣ୍ଣରଶ୍ମି ସାହୁ, ସରପଞ୍ଚ ମଞ୍ଜୁଶ୍ରୀ ଭୋଇ, ସ୍ୱପ୍ନ ଲେଙ୍କା, ଯୁବନେତା ମହେନ୍ଦ୍ର ମହାପାତ୍ର, ପ୍ରକାଶ ଚନ୍ଦ୍ର ସାହୁ, ଅରକ୍ଷିତ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଏହି ନୂତନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ବିଧାୟକ ଦାଶ କହିଛନ୍ତି। ଏହି ଅବସରରେ ବିଧାୟକଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

ଅପରପକ୍ଷେ ଛଣିଜଙ୍ଗ ପଞ୍ଚାୟତର ଚକରୋଡା ଗ୍ରାମରେ ଗ୍ରାମରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଆସିଥିବା ବେଳେ ବିଧାୟକ ଦାଶଙ୍କୁ ବହୁ ଭାଜପା କର୍ମୀ ଓ କେତେକ ଗ୍ରାମବାସୀ ବିରୋଧ କରି ନାରାବାଜି ଓ ହୋହଲ୍ଲା କରିଥିଲେ। ଏହି ବିରୋଧ ଯୋଗୁ ବିଧାୟକ ଦାଶ କିଛି ସମୟ ପାଇଁ ହଟହଟା ହୋଇଥିଲେ। ଏହି ହୋହଲ୍ଲାକୁ ରୋକିବା ପାଇଁ ଚାରିଛକ ଥାନା ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଅଜୟ ପରୀକ୍ଷା ଓ ସମିତିସଭ୍ୟା ଲକିବାଳା ନାୟକଙ୍କୁ ପଚାରିବାରେ ଚକରୋଡା ଗ୍ରାମରେ ରାସ୍ତାକାମ ଅଧା ଥିବା ସ୍ଥାନରୁ ଅବଶିଷ୍ଟ ରାସ୍ତା ନିର୍ମାଣ କରାଯିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରା ନଯାଇ ବିଧାୟକ ବିପରୀତ ଦିଗ କେଉଟା ଶାଳଦା ଗ୍ରାମ ପଟୁ ରାସ୍ତା ନିର୍ମାଣ ପାଇଁ ମସୁଧା କରିଥିବାରୁ ଭାଜପା କର୍ମୀମାନେ ବିରୋଧ କରିଥିଲେ। ଏ ନେଇ ବିଧାୟକ ଦାଶ କୁହନ୍ତି, ଏହି ବିରୋଧର କୌଣସି ଯଥାର୍ଥତା ନାହିଁ। ଏହି ବିରୋଧ ଅମୂଳକ, ଠିକ୍ ଜାଗାରେ ରାସ୍ତା ନିର୍ମାଣ କରାଯିବାର ବ୍ୟବସ୍ଥା ରହିଛି। ଶାନ୍ତିଶୃଙ୍ଖଳାର ସହ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟ ସମାପନ ହୋଇଛି। ବିକାଶମୂଳକ ଓ ଉନ୍ନୟନ କାର୍ଯ୍ୟରେ କେହି ବାଧା ସୃଷ୍ଟି କରିବା ଆଦୌ ସମୀଚୀନ ନୁହେଁ ବୋଲି ବିଧାୟକ ଦାଶ କହିଛନ୍ତି।




ବିଧାୟକ ସମୀର ରଞ୍ଜନ ଦାଶ ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ସଂକ୍ଷେପରେ

### ୫ଲକ୍ଷର ଗଞ୍ଜେଇ ଜବତ, ମହିଳାଙ୍କ ସମେତ ୨ ଗିରଫ

**ବାରଙ୍ଗ,୨୧ା୭(ଲିଙ୍ଗରାଜ ରାଉତ):** ଶୁକ୍ରବାର ସକାଳେ ତ୍ରିଶୂଳିଆ ଛକରେ ଅବକାରୀ ବିଭାଗ ଓ ଫ୍ଲାଇଙ୍ଗ ସ୍କ୍ୱାଡ୍ର ମିଳିତ ଉଦ୍ୟମରେ ତ୍ରିଶୂଳିଆ ଛକରୁ ୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି। ଏଥିସହ ଗାଡିଚାଳକ ନେପାଳ ସିଂ ଓ କାର୍ରେ ବସିଥିବା ଅନ୍ୟଜଣେ ମହିଳା ଜୟମାଲାଙ୍କୁ ଗିରଫ କରାଯାଇଛି। ଏ ନେଇ ଅବକାରୀ ଥାନା ପୋଲିସ ନଂ.୨୧୬/୨୩ ଏକ ମକଦମା ରୁଜୁକରି ୨ଜଣଙ୍କୁ ଶୁକ୍ରବାର କୋର୍ଟଚାଲଣ କରାଯାଇଛି। ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ବିଭାଗର ଏହି ଟିମ ଶୁକ୍ରବାର ସକାଳେ ତ୍ରିଶୂଳିଆ ଛକରେ ଜଗି ରହିଥିଲେ।ଏହି ସମୟରେ ବାଙ୍କୀ ପଟରୁ ଦ୍ରୁତଗତିରେ ଆସୁଥିବା ୟୁପି-୨୧-ବିଏସ-୦୭୭୯ ନମ୍ବର କାର୍‌ଟିକୁ ଏହି ଟିମ୍ ଅଟକାଇ ଥିଲେ। ଯାଞ୍ଚ ପରେ କାର୍‌ରୁ ୨ ପ୍ୟାକେଟରେ ଥିବା ଗଞ୍ଜେଇକୁ ଜବତ କରିବାସହ ଗାଡିଚାଳକ ଓ ମହିଳାଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲେ। ଏମାନେ ଉତ୍ତରପ୍ରଦେଶରୁ ଗଞ୍ଜେଇ, ଭାଙ୍ଗ ନେଇ କଟକ ଆସୁଥିବାର ଟିମ ଆଗରେ ପ୍ରକାଶ କରିଥିଲେ। ଜବତ ହୋଇଥିବା ୫୦କେଜି ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି।

### ଭାଜପାର ଘର ଘର ଚାଲ ଅଭିଯାନ ପଦଯାତ୍ରା

**ଖୁଣ୍ଟୁଣୀ,୨୧ା୭ (ସଚ୍ଚିଦାନନ୍ଦ ପଣ୍ଡା):** କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୯ ବର୍ଷ ଶାସନ ପୂର୍ତ୍ତି ଅବସରରେ ଶୁକ୍ରବାର ଆଠଗଡ଼ ଭାଜପା ପକ୍ଷରୁ ଘର ଘର ଚାଲ ଅଭିଯାନ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଅଭୟ ବାରିକଙ୍କ ନେତୃତ୍ୱରେ କୁଲାଇଲୋ ପଞ୍ଚାୟତରୁ ଏହି ପଦଯାତ୍ରା ବାହାରିଥିଲା। ଏଥିରେ ମଣ୍ଡଳ ସଭାପତି ତପନ ଲେଙ୍କା, ଆଇନଜୀବୀ ଜଗଦାନନ୍ଦ ତ୍ରିପାଠୀ, ପ୍ରକାଶ ସେଠୀ, ଜଗଦୀଶ ପ୍ରସାଦ କବି ଓ ମାନୁଏଲ ପାତ୍ରଙ୍କ ସମେତ ଦଳର ବହୁ କାର୍ଯ୍ୟକର୍ତ୍ତା ଲୋକମାନଙ୍କ ଘରକୁ ଯାଇ ପ୍ରଧାନମନ୍ତ୍ରୀଙ୍କର ସେବା, ସୁଶାସନ, ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ଦୁର୍ବଳ ବର୍ଗର ଲୋକଙ୍କ ସାମଗ୍ରିକ ବିକାଶ ଓ ମୌଳିକ ସୁବିଧା ସାଙ୍ଗକୁ ୩ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କୁ ଶସ୍ତା ଆବାସ ସୁବିଧା ଯୋଗାଇବା ମୋଦିଙ୍କ ପାଇଁ ସମ୍ଭବ ହୋଇଛି ବୋଲି ଅଭୟ କହିଛନ୍ତି। ଏଥିସହ ଆଠଗଡ ଅଞ୍ଚଳରେ ସରକାରୀ ଯୋଜନା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏହି ପଦଯାତ୍ରା କୁଲାଇଲୋ ଗ୍ରାମ, ପାଟଲିଙ୍ଗା, ପାଟେଣୀ ଗାଁ, ଉଦୟପୁର ଦେଇ ଗଉଡଝରି ଗ୍ରାମଠାରେ ଶେଷ ହୋଇଥିଲା।

### ଶୋଭାଯାତ୍ରାରେ ଡେଙ୍ଗୁ ସଚେତନତା

**କଟକ,୨୧ା୭(କାର୍ତ୍ତିକ ସାହୁ):** କଟକ ମହାନଗର ନିଗମ(ସିଏମ୍‌ସି) ୨୭ ନମ୍ବର ୱାର୍ଡ ଅନ୍ତର୍ଗତ ଝୋଲାସାହି ଅଞ୍ଚଳରେ ଡେଙ୍ଗୁ ସଚେତନତା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ପିଠାପୁର, ଭଗତପୁର, ନିମସାହି ଆଦି ଅଞ୍ଚଳ ପରିକ୍ରମା କରିଥିଲା। ଏଥିରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ସାନିଟାରି ଇନ୍ସପେକ୍ଟର ତ୍ରୈଲୋକ୍ୟନାଥ ସାହୁ, ସ୍ମିତା ମୂଳିଆ, ଦିଲୀପ କୁମାର ଦାସ, ଲିଙ୍ଗରାଜ ହାତୀ ପ୍ରମୁଖ ସାମିଲ ହୋଇ ଡେଙ୍ଗୁ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ।

# ‘ସମସ୍ତେ ଏକାଠି ହୋଇ କାର୍ଯ୍ୟ କର’

କଟକ,୨୧ା୭ (କାର୍ତ୍ତିକ ସାହୁ)

ଆଗାମୀ ନିର୍ବାଚନ ପାଇଁ ଏବେଠୁ ବିଜୁ ଜନତା ଦଳ ପାଗ ଭିଡ଼ିଲାଣି। ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର କର୍ମୀ ଓ ନେତାମାନଙ୍କ ମନୋବଳ ବୃଦ୍ଧି ସହ ସାଙ୍ଗଠନିକ ସୁପରିଚାଳନା ପାଇଁ ଶୁକ୍ରବାର କଟକ ସାରଳା ଭବନରେ ବିଜେଡିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ନିର୍ବାଚନ ମଣ୍ଡଳୀର ସମସ୍ତ ସଦସ୍ୟ ଏକତ୍ରିତ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ତଥା କଟକ ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ନିର୍ବାଚନ ମଣ୍ଡଳୀର ସମସ୍ତ ୱାର୍ଡ ସଭାପତି ଓ କର୍ପୋରେଟରଙ୍କୁ ଏକାଠି କରି ମେୟର କଟକ ମହାନଗର ନିଗମର କାର୍ଯ୍ୟକ୍ରମ କରିବା ପାଇଁ ମଲ୍ଲିକ କହିଛନ୍ତି। ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଛନ୍ତି।



ବିଜେଡି କାର୍ଯ୍ୟକାରିଣୀ ବୈଠକରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସହ ଦଳୀୟ ନେତୃବୃନ୍ଦ।

**ବିଜେଡି କାର୍ଯ୍ୟକାରିଣୀ ବୈଠକ**

୨୦୨୪ ନିର୍ବାଚନ ପାଇଁ ସମସ୍ତେ ପ୍ରସ୍ତୁତ ଥିବା ସୂଚାଇଛନ୍ତି ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ। ନିର୍ବାଚନ ମଣ୍ଡଳୀର ସମସ୍ତ ସଦସ୍ୟ ନୂଆ ଓ ପୁରୁଣା କର୍ମୀଙ୍କୁ ଗୁରୁତ୍ୱ ଦେଇ ନିର୍ବାଚନ ପାଇଁ ପ୍ରସ୍ତୁତ ହେବା ଏବଂ ସଂଗଠନକୁ ଆହୁରି ମଜଭୁତ କରିବା ଉପରେ ସାମନ୍ତରାୟ ଗୁରୁତ୍ୱ ଦେଇଛନ୍ତି। କଟକ ନଗର ସଭାପତି ମଧୁସୂଦନ ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱଜିତ୍ ମହାନ୍ତି, ଜିଲା ଉପସଭାପତି ରଞ୍ଜନ ବିଶ୍ୱାଳ, ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, ମହମ୍ମଦ ସକିଲ, ଧର୍ମେଶ ନାୟକ, ଏମ୍‌ଡି ଆୟୁବ୍ ଖାନ, ସମ୍ପତି ମୋଡ୍, ପୂର୍ଣ୍ଣିମା ସିଂ, ପ୍ରଫୁଲ୍ଲ ମହାପାତ୍ର, ଶଶୀ ଭୂଷଣ ଦାସ, ଜଗତଜ୍ୟୋତି ପଟ୍ଟନାୟକ, ସନ୍ତୋଷ ମହାପାତ୍ର, ସୌମ୍ୟଦୀପ ଘୋଷ, ଆସିଫ୍ ଅମିନଙ୍କ ସମେତ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜେଡିର ସମସ୍ତ ଯୁବ, ଛାତ୍ର, ମହିଳା ସଙ୍ଗଠନର ସଦସ୍ୟ, ୱାର୍ଡ ସଭାପତି, କର୍ପୋରେଟର, ନଗର କମିଟି ସଦସ୍ୟ, ଜିଲା କମିଟି ସଦସ୍ୟ, ରାଜ୍ୟ କମିଟି ସଦସ୍ୟ ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।

# ଗୋଚର ଜମିର ସୁରକ୍ଷା ପାଇଁ ଦାବିପତ୍ର

କଟକ ସଦର,୨୧ା୭(ସୁଶାନ୍ତ କୁମାର ଜେନା)

୪୨ ମୌଜା ମୁଖ୍ୟ ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଆଳରେ ନିରୀହ ବ୍ୟବସାୟୀଙ୍କ ଉପରେ ଜୁଲୁମ କରାଯାଉଛି। ଅଥଚ ରାସ୍ତା କିସମ ଜମି ନ ଥିଲେ ମଧ୍ୟ ଗୋଚର ଜମିରେ ପ୍ରଶସ୍ତୀକରଣ କାର୍ଯ୍ୟ କରାଯାଉଛି। ଉନ୍ନତୀକରଣ ଆଳରେ ଗୋଚର ଜମିରେ ବେପରୁଆ ଭାବେ ନିର୍ମାଣ ହେଉଥିବା ରାସ୍ତା, ସରକାରୀ କୋଠା କାର୍ଯ୍ୟ ବନ୍ଦ କରିବା ପାଇଁ ଶୁକ୍ରବାର ଉତ୍କଳ ବିକାଶ ପରିଷଦ ପକ୍ଷରୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଅଞ୍ଚଳର ଯେକୌଣସି କାର୍ଯ୍ୟ ଗୋଚର ଜମିରେ କରାଯାଉଛି। ଏଥିରେ ରାଜସ୍ୱ ଅଧିକାରୀଙ୍କ ଭୂମିକା ଖୁବ୍ କମ୍ ବୋଲି ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନ-୨୦୧୩ ରେ ଉଲ୍ଲେଖ ରହିଛି। ଜିଲା ଓ ତହସିଲସ୍ତରୀୟ ରାଜସ୍ୱ ଅଧିକାରୀମାନେ ଏହି ଜମିର ସଂରକ୍ଷଣ କରିବା କଥା। ମାତ୍ର ଏହି ଡେଲ୍ଟା ଅଞ୍ଚଳର ଗୋଚର ଜମିରେ ସ୍କୁଲ, ପଞ୍ଚାୟତ ଗୃହ ନିର୍ମାଣ କରାଯାଉଥିଲେ ମଧ୍ୟ ସ୍ଥାନୀୟ ରାଜସ୍ୱ କର୍ମଚାରୀମାନେ ଧାରା ୭ ଅନୁଯାୟୀ ଅବରୋଧ ମାମଲା ଦାଏର କରି କାମ ବନ୍ଦ ନ କରିବା ଦୁର୍ଭାଗ୍ୟଜନକ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଆୟୁକ୍ତଙ୍କ ଅନୁପସ୍ଥିତିରେ ତାଙ୍କ ବ୍ୟକ୍ତିଗତ ସହାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି।

# ଆହାର କେନ୍ଦ୍ର ଯାଞ୍ଚକଲେ ନିର୍ବାହୀ ଅଧିକାରୀ

ଚୌଦ୍ୱାର,୨୧ା୭(ଆଶୁତୋଷ ଦାସ)

ଚୌଦ୍ୱାର ପୌରନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଶୁକ୍ରବାର ସ୍ଥାନୀୟ ଗାନ୍ଧୀଛକଠାରେ ଥିବା ଆହାର କେନ୍ଦ୍ରରେ ପହଞ୍ଚି ଖାଦ୍ୟ ଖାଇବା ସହ ଏହାର ମାନ ଯାଞ୍ଚ କରିଛନ୍ତି। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ତଦାରଖ କରି ଲୋକମାନଙ୍କୁ କିଭଳି ସୂଚାରୁରୂପେ ସେବା ଯୋଗାଇ ଦିଆଯିବ ସେ ନେଇ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। କେନ୍ଦ୍ରରେ ଥିବା କିଛି ଅସୁବିଧା ଦୂର କରାଯିବ ବୋଲି ମହାପାତ୍ର କହିଛନ୍ତି।




ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

# ପେନ୍‌ସନ, ଅବସରକାଳୀନ ସୁବିଧା ଦାବିରେ ବିକ୍ଷୋଭ

କଟକ,୨୧ା୭ (କାର୍ତ୍ତିକ ସାହୁ)

ନୂତନ ଅନୁଦାନପ୍ରାପ୍ତ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ ପେନ୍‌ସନ୍ ସହ ଅବସରକାଳୀନ ସୁବିଧା ପାଇବା ଦାବିରେ ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ କରିଛନ୍ତି। କଟକ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ ସନ୍‌ସାଇନ୍ ପଡ଼ିଆଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସରକାର ଦାବି ନ ଶୁଣିଲେ ଆଗାମୀ ବିଧାନସଭା ଅଧିବେଶନ ସମୟରେ ଧାରଣା ଦେବା ସହ ଆମରଣ ଅନଶନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ସଭାପତି ବେଣୁଧର ସେନାପତି ଓ ସାଧାରଣ ସମ୍ପାଦକ ଦୁର୍ଗାଚରଣ ଦାସଙ୍କ ନେତୃତ୍ୱରେ ଶୋଭାଯାତ୍ରା ହୋଇଥିଲା।

## ର୍‍ୟାକେଟର ତୃତୀୟ ଅଭିଯୁକ୍ତ ଗିରଫ

**ନକଲି ମାଲିକ, ଜାଲ୍ ଦସ୍ତାବିଜ୍‌ରେ ଜମି ଠକେଇ ଘଟଣା**

ଭୁବନେଶ୍ୱର,୨୧ା୭(ବ୍ୟୁରୋ)

ନକଲି ମାଲିକ ଓ ଜାଲ ଦସ୍ତାବିଜ୍‌ରେ ଜମି ବିକ୍ରି କରି ଲକ୍ଷାଧିକ ଟଙ୍କା ଠକେଇ ମାମଲାରେ ସମ୍ପୃକ୍ତ ର୍‍ୟାକେଟର ତୃତୀୟ ସଦସ୍ୟ ବା ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ପଲ୍ଲାହାଟ ଅଞ୍ଚଳର ଗୌରପ୍ରସାଦ ମହାନ୍ତି। ଅଭିଯୁକ୍ତ ଗୌରପ୍ରସାଦଙ୍କୁ ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଗତ ମାର୍ଚ୍ଚ ପ୍ରଥମ ସପ୍ତାହରେ କଟକ ଜିଲା ଆଠଗଡ଼ସ୍ଥିତ ମଞ୍ଜରୀପଡ଼ାର ଆଦିତ୍ୟ ସାହୁ ଓ କଟକ ଖାନନଗର ଥାନା ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁର ଜିଲା ରାହାମା ଅଞ୍ଚଳର ସବିତା ଦାସଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା।

# ବିଦ୍ୟାଳୟସ୍ତରୀୟ କୁଇଜ୍ କାର୍ଯ୍ୟକ୍ରମ

କଟକ,୨୧ା୭ (କାର୍ତ୍ତିକ ସାହୁ)

କାୟାକଳ୍ପ ଅନୁଷ୍ଠାନ ପକ୍ଷରୁ କାଜିବଜାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମଲ୍ଲିକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ବେତାର ଓ ଦୂରଦର୍ଶନର କଣ୍ଠଶିଳ୍ପୀ ଅଶ୍ୱିନୀ ମହାନ୍ତି ଯୋଗଦେଇଥିଲେ। ତ୍ରିଲୋଚନ ଦାଶ କୁଇଜ୍ ପରିଚାଳନା ଓ ଶିକ୍ଷୟିତ୍ରୀ ରିତା ପ୍ରଧାନ ସ୍କୋରର ଭାବେ କାର୍ଯ୍ୟ କରିଥିଲେ। ଶ୍ରେଷ୍ଠ ପ୍ରତିଯୋଗୀ ଗାୟତ୍ରୀ, ମୋନାଲି, ଅଙ୍କିତାଙ୍କ ସମେତ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଶିକ୍ଷାବିତ୍ ଗିରୀଶ ପଟ୍ଟନାୟକଙ୍କ ସ୍ମୃତିରେ ପୁରସ୍କୃତ କରାଯାଇଥିଲା। ସଂଘମିତ୍ରା ପାଢ଼ୀ, ପ୍ରତିଭା ମିଶ୍ର, ମିତା ମହାନ୍ତି, ନିବେଦିତା ପତି, କୌତୁକ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ନମିତାରାଣୀ ବେହେରା ଧନ୍ୟବାଦ ଦେଇଥିଲେ।



କୁଇଜ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀଙ୍କ ଗହଣରେ ପୁରସ୍କୃତ ଛାତ୍ରୀମାନେ।

# ଯୁବକଙ୍କୁ ହତ୍ୟା ମାମଲା: ଅନ୍ୟ ଅଭିଯୁକ୍ତ ଗିରଫ

କଣ୍ଟାପଡା,୨୧ା୭(ସୁରନାରାୟଣ ସାହୁ)

ଉତ୍ତାଡ଼ ପଞ୍ଚାୟତ ଅଧୀନ ବ୍ରହ୍ମପୁର ଗ୍ରାମର ଯୋଗେନ୍ଦ୍ର ପ୍ରହରାଜ(୩୮) ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତଙ୍କୁ ଗୋବିନ୍ଦପୁର ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ରାଜକିଶୋର ସାମନ୍ତରା। ପୂର୍ବରୁ ଏହି ଘଟଣାରେ ରାଜକିଶୋରଙ୍କ ଭାଇ ଅଜୟ କୁମାର ସାମନ୍ତରାଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୭ ତାରିଖ ରାତିରେ ଘରେ କେହି ନ ଥିବା ସୁଯୋଗରେ ଅଜୟଙ୍କ ସ୍ତ୍ରୀଙ୍କୁ ଯୋଗେନ୍ଦ୍ର ହଇରାଣ କରୁଥିଲେ। ଏହି ସମୟରେ ଅଜୟ ଓ ରାଜକିଶୋର ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କଠାରୁ ସମସ୍ତ କଥାଶୁଣି ଯୋଗେନ୍ଦ୍ରଙ୍କୁ ଜୀବନରୁ ମାରିଦେବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ଯୋଗେନ୍ଦ୍ରଙ୍କୁ ଠେଙ୍ଗା ଓ ଭୁଜାଲିରେ ଆକ୍ରମଣ କରି ମାରିଦେବା ପରେ ନିକଟସ୍ଥ ଏକ ଘରେ ଫିଙ୍ଗିଦେଇ ବାହାରପଟୁ କବାଟ ଦେଇଥିଲେ। ୮ ତାରିଖ ଅପରାହ୍ନ ପ୍ରାୟ ୧ଟାରେ ଯୋଗେନ୍ଦ୍ରଙ୍କ ମା’ ଚନ୍ଦ୍ରମା ଉକ୍ତ ଘର ନିକଟରେ ପହଞ୍ଚିବା ପରେ ବାହାରପଟୁ କବାଟ ଦିଆଯାଇଥିବା ଦେଖିବାକୁ ପାଇଥିଲେ। କବାଟ ଖୋଲିବା ପରେ ଯୋଗେନ୍ଦ୍ରଙ୍କ ମୃତଦେହ ତଳେ ପଡିଥିବା ଦେଖିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଜୟ ଓ ରାଜକିଶୋର ମିଶି ଯୋଗେନ୍ଦ୍ରଙ୍କୁ ହତ୍ୟା କରିଥିବା ଚନ୍ଦ୍ରମା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୧୩୩/୨୩) ରୁଜୁ କରିଥିଲା। ଘଟଣା ପରେ ରାଜକିଶୋର ଫେରାର ଥିବାବେଳେ କାକଟପୁରରେ ରହୁଥିବା ପୋଲିସ ଜାଣିବାକୁ ପାଇଥିଲା। ଗୁରୁବାର ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# ଆର୍‌ଡିସି ଅଫିସ ଘେରିଲେ ଆଉଟ୍‌ସୋର୍ସିଂ କର୍ମଚାରୀ



ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଜୁଡିସିଆଲ ଏକାଡେମୀ ଛକ ନିକଟରୁ ବାହାରିଥିବା ଶୋଭାଯାତ୍ରା।

କଟକ,୨୧ା୭ (କାର୍ତ୍ତିକ ସାହୁ)

ବିଭିନ୍ନ ଦାବି ନେଇ ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଶୁକ୍ରବାର କଟକସ୍ଥିତ ଆର୍‌ଡିସିଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବିଗୁଡ଼ିକ ତୁରନ୍ତ ପୂରଣ କରା ନ ଗଲେ ଆସନ୍ତା ୩୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି ଆଉଟସୋର୍ସିଂ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।

ରାଜ୍ୟର ଆର୍ଥିକ ଦୁରବସ୍ଥା ସମୟରେ ସରକାର ଆଉଟସୋର୍ସିଂ ବ୍ୟବସ୍ଥା ଆରମ୍ଭ କରିଥିଲେ। ଗତବର୍ଷ ରାଜ୍ୟ ଆର୍ଥିକ ଭାବେ ସୁଦୃଢ଼ ଥିବା କହି ସରକାର ରାଜ୍ୟରୁ ଚୁକ୍ତିଭିତ୍ତିକ ପ୍ରଥା ଲୋପ ହେବ ବୋଲି ଘୋଷଣା କଲେ। ହେଲେ ମମତା ଯୋଜନାଠାରୁ ଆରମ୍ଭ କରି ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ସମସ୍ତ ସରକାରୀ କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇ ଆସୁଥିବା ଅସହାୟ ଆଉଟସୋର୍ସିଂ କର୍ମଚାରୀଙ୍କୁ ରାଜ୍ୟ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି ବୋଲି ବିକ୍ଷୋଭକାରୀମାନେ ଅଭିଯୋଗ ଆଣିଛନ୍ତି। ସ୍ଥାୟୀ ଚାକିରି ପ୍ରଦାନ, ଛଟେଇ କର୍ମଚାରୀଙ୍କୁ ତୁରନ୍ତ ପୁନଃ ନିଯୁକ୍ତି ଓ ଦରମାବୃଦ୍ଧି, ମହିଳା କର୍ମଚାରୀଙ୍କୁ ପ୍ରସବକାଳୀନ ଛୁଟି ପ୍ରଦାନ ଭଳି ଦାବି ତୁରନ୍ତ ପୂରଣ କରା ନ ଗଲେ ରାଜ୍ୟ, ଜିଲା, ବ୍ଲକ ଓ ପଞ୍ଚାୟତସ୍ତରରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଜୁଡିସିଆଲ ଏକାଡେମୀ ଛକ ନିକଟରୁ ଏକ ଶୋଭାଯାତ୍ରା ବାହାରିଥିଲା। ସଙ୍ଗଠନ ସଭାପତି ସଞ୍ଜୟ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ମାନସ ଦାସ, କଟକ ଜିଲା ସଂଘ ସଭାପତି ଶାରଦା ପ୍ରସନ୍ନ ଦାସଙ୍କ ନେତୃତ୍ୱରେ ୧୦ଟି ଜିଲାର ସଭାପତି ଓ ସମ୍ପାଦକଙ୍କ ସହ ବହୁସଂଖ୍ୟକ ଆଉଟ ସୋର୍ସିଂ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଥିଲେ।




କଟକ ମହାନଗର ନିଗମ ଅଧୀନ ୨୭ନଂ. ୱାର୍ଡରେ ବାହାରିଥିବା ଡେଙ୍ଗୁ ସଚେତନତା ଶୋଭାଯାତ୍ରା।




କଟକ ମିଶନରୋଡ଼ସ୍ଥିତ ଓଡ଼ିଆ ବାପ୍ତିଷ୍ଟ ଚର୍ଚ୍ଚରେ ନ୍ୟୁ ଷ୍ଟିୱାର୍ଟ ସ୍କୁଲର ପ୍ରତିଷ୍ଠା ଦିବସ ପାଳନ।

## ସଂକ୍ଷେପରେ

### ୫ଲକ୍ଷର ଗଞ୍ଜେଇ ଜବତ, ମହିଳା ସମେତ ୨ ଗିରଫ



ବାରଙ୍ଗ,୨୧।୭(ଲିଙ୍ଗରାଜ ରାଉତ)- ଶୁକ୍ରବାର ସକାଳେ ତ୍ରିଶୂଳିଆ ଛକରେ ଅବକାରୀ ବିଭାଗ ଓ ଫ୍ଲାଇଙ୍ଗ ସ୍କ୍ୱାଡ୍‌ର ମିଳିତ ଉଦ୍ୟମରେ ତ୍ରିଶୂଳିଆ ଛକରୁ ୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି। ଏଥିସହ ଗାଡିଚାଳକ ନେପାଳ ସିଂ ଓ କାର୍‌ରେ ବସିଥିବା ଅନ୍ୟଜଣେ ମହିଳା ଜୟମାଲାଙ୍କୁ ଗିରଫ କରାଯାଇଛି। ଏ ନେଇ ଅବକାରୀ ଥାନା ପୋଲିସ ନଂ.୨୧୬/୨୩ ଏକ ମକଦମା ରୁଜୁକରି ୨ଜଣଙ୍କୁ ଶୁକ୍ରବାର କୋର୍ଟଚାଲଣ କରାଯାଇଛି। ବିଶେଷ ସୂତ୍ରରୁ ଖବରପାଇ ଅବକାରୀ ବିଭାଗର ଏହି ଟିମ ଶୁକ୍ରବାର ସକାଳେ ତ୍ରିଶୂଳିଆ ଛକରେ ଜଗି ରହିଥିଲେ।ଏହି ସମୟରେ ବାଙ୍କୀ ପଟରୁ ଦ୍ରୁତଗତିରେ ଆସୁଥିବା ୟୁପି-୨୧-ବିଏସ-୦୭୭୯ ନମ୍ବର କାର୍‌ଟିକୁ ଏହି ଟିମ୍ ଅଟକାଇ ଥିଲେ। ଯାଞ୍ଚ ପରେ କାର୍‌ରୁ ୨ ପ୍ୟାକେଟରେ ଥିବା ଗଞ୍ଜେଇକୁ ଜବତ କରିବାସହ ଗାଡିଚାଳକ ଓ ମହିଳାଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲେ। ଏମାନେ ଉତ୍ତରପ୍ରଦେଶରୁ ଗଞ୍ଜେଇ, ଭାଙ୍ଗ ନେଇ କଟକ ଆସୁଥିବାର ଟିମ ଆଗରେ ପ୍ରକାଶ କରିଥିଲେ। ଜବତ ହୋଇଥିବା ୫୦କେଜି ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି।

### ୧୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଯୁବକ ଗିରଫ

ଭୁବନେଶ୍ୱର,୨୧।୭ (ସୂର୍ଯ୍ୟକାନ୍ତ ବେହେରା) ବ୍ରାଉନସୁଗାର ବେପାର କରୁଥିବା ବେଳେ ଚଢ଼ାଉ କରି ଜଣେ ଯୁବକଙ୍କୁ ବଡଗଡ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ସରୋଜ ସାହୁ। ତାଙ୍କଠାରୁ ୧୦ ଗ୍ରାମ ବ୍ରାଉନସୁଗାର ଓ ନଗଦ ୧୦, ୭୦୦ ଟଙ୍କା ଜବତ କରାଯାଇଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ ପୁରୀ ବାଇପାସ ରାସ୍ତାରେ ଥିବା ଏକ ମ୍ୟାରେଜ ମଣ୍ଡପ ନିକଟରେ ସରୋଜ ବ୍ରାଉନସୁଗାର ବେପାର କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଫଳରେ ଅଭିଯୁକ୍ତଙ୍କୁ କାବୁ ଗିରଫ କରିବା ସହ ବ୍ରାଉନସୁଗାର ଜବତ କରିଥିଲେ।

### ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ପାଇଁ ସଚେତନତା

ବାରଙ୍ଗ,୨୧।୭ (ଲିଙ୍ଗରାଜ ରାଉତ) ବାରଙ୍ଗ ଝୁନଝୁନୱାଲା ବିଦ୍ୟାପୀଠରେ ଦାଢ଼ାପାଟଣା ସ୍ୱାସ୍ଥ୍ୟ ଉପକେନ୍ଦ୍ର ପକ୍ଷରୁ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ନେଇ ତମାଖୁ ବର୍ଜନର ଶପଥପାଠ କରାଯିବା ସହ ତମାଖୁ ସେବନଠାରୁ ଦୂରେଇ ରହିବା ପାଇଁ ପ୍ଲାକାର୍ଡ ଏବଂ ଶ୍ରେଣୀଗୃହରେ ସ୍ମାର୍ଟବୋର୍ଡ ମାଧମରେ ସଚେତନତା କରାଯାଇଥିଲା। ଏହାସହ ବିଦ୍ୟାଳୟ ପରିସରରେ ଏକ ରାଲି ମଧ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାସ୍ଥ୍ୟକର୍ମୀ, ଆଶାକର୍ମୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ଚୋରି କରି ଯୁବତୀ ଗିରଫ, ଲାପଟପ ଜବତ

ଭୁବନେଶ୍ୱର,୨୧।୭ (ସୂର୍ଯ୍ୟକାନ୍ତ ବେହେରା) ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଶୁକ୍ରବାର ଜଣେ ଯୁବତୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁରର ଶୀତଲ ଜେନା। ତାଙ୍କଠାରୁ ଗୋଟିଏ ଦାମୀ ଲାପଟପ ଜବତ ହୋଇଛି। ସୂଚନାନୁସାରେ ଅଭିଯୋଗକାରିଣୀ ଜଣକ ପାତ୍ରପଡାଠାରେ ଥିବା ଏକ ଆପାର୍ଟମେଣ୍ଟର ଫ୍ଲାଟ ନମ୍ବର-୧୦୫ରେ ରୁହନ୍ତି। ନିଜ ମାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ନିମନ୍ତେ ସେ ଚନ୍ଦ୍ରଶେଖରପୁରଠାରେ ଥିବା ସଞ୍ଜୀବନୀ ହେଲଥ ସେଣ୍ଟରରେ କାର୍ଯ୍ୟରତ ଶୀତଲଙ୍କୁ ମେ ୨୨ ତାରିଖରେ ନିଯୁକ୍ତ କରିଥିଲେ। ହେଲେ ଜୁଲାଇ ୧୩ ରେ ସେ ସୁଯୋଗ ଦେଖି ଅଭିଯୋଗକାରିଣୀଙ୍କ ପୁଅ ବ୍ୟବହାର କରୁଥିବା ଆପଲ କମ୍ପାନୀର ଏକ ଲାପଟପ, ୩ଟି ରୁପା ପାଉଁଜି, ୨ଟି ବ୍ରେସଲେଟ, ଗୋଟିଏ ମଦ ବୋତଲ, ଗୋଟିଏ ଲେଡିଜ ଘଣ୍ଟା ଏବଂ କିଛି ବସ୍ତ୍ର ଚୋରି କରି ନେଇଯାଇଥିଲେ। ଘଟଣା ପରେ ଅଭିଯୋଗକାରିଣୀ ଜଣକ ତାଙ୍କୁ ଯୋଗାଯୋଗ କରିବାକୁ ପ୍ରୟାସ କରିଥିଲେ ମଧ ବିଫଳ ହୋଇଥିଲେ। ଏହାପରେ ସେ ଘଟଣା ସଂକ୍ରାନ୍ତରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହିତ ସଞ୍ଜୀବନୀ ହେଲଥ ସେଣ୍ଟରରେ ଚଢ଼ାଉ କରି ଯୁବତୀଙ୍କୁ ଗିରଫ କରିବା ସହ ଲାପଟପଟିକୁ ଜବତ କରିଥିଲେ ।

# ସ୍ମାର୍ଟ ସିଟି ର୍ୟାଙ୍କିଙ୍ଗ୍‌ରେ ୨୪ ନଂ.କୁ ଖସିଲା ଭୁବନେଶ୍ୱର

ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)

ସ୍ମାର୍ଟ ସିଟି ର୍ୟାଙ୍କିଙ୍ଗ୍‌ରେ ୨୪ ନମ୍ବର ସ୍ଥାନକୁ ଖସି ଆସିଛି ଭୁବନେଶ୍ୱର। ସେହିଭଳି ରାଉରକେଲା ୪୭ ନମ୍ବର ସ୍ଥାନରେ ରହିଛି। ର୍ୟାଙ୍କିଙ୍ଗ୍ ନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଅନୁମୋଦିତ ଜିଏମ୍ଆଇଏସ୍ (ଜିଓସ୍ପାଟିଆଲ୍ ମ୍ୟାନେଜ୍‌ମେଣ୍ଟ ଇନ୍‌ଫର୍‌ମେସନ୍ ସିଷ୍ଟମ୍) ରିପୋର୍ଟରୁ ତଥ୍ୟ ମିଳିଛି। ଦେଶରେ ୨୦୧୫ରେ ଆରମ୍ଭ ହୋଇଥିବା ସ୍ମାର୍ଟସିଟି ମିଶନରେ ୪ଟି ପର୍ଯ୍ୟାୟରେ ମୋଟ୍ ୧୦୦ଟି ସହର ସ୍ଥାନିତ ହୋଇଥିଲା। ୨୦୧୬ରେ ଏହି ତାଲିକାରେ ଭୁବନେଶ୍ୱରେ ୧ନମ୍ବର ସ୍ଥାନରେ ରହିଥିଲା। ସହରରେ ମୋ ବସ୍, ମୋ ସାଇକେଲ, ସବୁ ସ୍ଥାନରେ ୱାଇଫାଇ ସୁବିଧା, ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥା, ମଲ୍ଟି କାର ପାର୍କିଂ ସିଷ୍ଟମ, ସ୍ମାର୍ଟ ଜନପଥ ଭଳି ମୋଟ୍ ୩୫ଟି ପ୍ରକଳ୍ପ କରିବାକୁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଦାୟିତ୍ୱ ନେଇଥିଲା। ପରେ ସ୍ମାର୍ଟସିଟି ତାଲିକାରେ ଓଡ଼ିଶାରୁ ଦ୍ୱିତୀୟ ସହର ଭାବେ ରାଉରକେଲା ସ୍ଥାନିତ ହୋଇଥିଲା। ଏହି ଦୁଇ ସହରର ୯୯ଟି ପ୍ରକଳ୍ପ ପାଇଁ ୩୬୭୨.୬୩ କୋଟି ଖର୍ଚ୍ଚ କରାଯାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧା ଅଧା ଅର୍ଥରେ ତିଆରି ହୋଉଥିବା ପ୍ରକଳ୍ପ ଭିତରେ ଭୁବନେଶ୍ୱରରେ ୩୫ଟି ଓ ରାଉରକେଲାରେ ୬୪ଟି ପ୍ରକଳ୍ପ ହାତକୁ ନିଆଯାଇଛି। ୨୦୨୪ରେ ସ୍ମାର୍ଟସିଟି ପ୍ରକଳ୍ପ ଅବଧି ସରିବାକୁ ଥିବାବେଳେ ୮ବର୍ଷ ମଧ୍ୟରେ ନିର୍ଦ୍ଧାରିତ ପ୍ରକଳ୍ପ ମଧ୍ୟରୁ ମାତ୍ର ୨୮ଟି ପ୍ରକଳ୍ପ କାର୍ଯ୍ୟ କରିଛି ବିଏସ୍‌ସିଏଲ୍। ପୁଣି ମଧ୍ୟରୁ କିଛି ପୂର୍ଣ୍ଣାଙ୍ଗ ଥିବାବେଳେ ଆଉକିଛି ଅଧାରେ ରହିଛି। ଏଭଳି ଅନେକ କାରଣରୁ ଭୁବନେଶ୍ୱର ସ୍ମାର୍ଟସିଟି ର୍ୟାଙ୍କିଙ୍ଗ୍‌ରେ ତଳକୁ ଖସି ଚାଲିଥିବା କୁହାଯାଉଛି।

### ୪୭ ନଂ. ସ୍ଥାନରେ ରାଉରକେଲା

- ୨୦୨୪ରେ ସରିବ ସ୍ମାର୍ଟ ସିଟି ପ୍ରକଳ୍ପ
- ୮ବର୍ଷରେ ସମ୍ପୂର୍ଣ୍ଣ ହୋଇ ପାରିନି ୨୮ ପ୍ରକଳ୍ପ




### ମଲ୍ଟିଲେଭଲ୍ ପାର୍କିଂରୁ ମୁହଁ ଫେରାଉଛନ୍ତି ଲୋକେ

ରାଜମହଲ ଛକ ଓ ଶହୀଦନଗରଠାରେ ୨ଟି ମଲ୍ଟିଲେଭଲ୍ କାର ପାର୍କିଂ ନିର୍ମାଣ କରାଯାଇଛି। ମାତ୍ର ଏଠାରେ ଅଧିକ ପାର୍କିଂ ଫି' ନିଆଯାଉଥିବା ଅଭିଯୋଗ କରି ଅଧିକାଂଶ ଲୋକ ରାସ୍ତା କଡ଼ କିମ୍ବା ଦୋକାନ ଆଗରେ ଗାଡ଼ି ପାର୍କିଂ କରୁଛନ୍ତି। ଏହାକୁ ନଜର ଦେବା ପରିବର୍ତ୍ତେ ଘରୋଇ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଟେକିଦେଇ ବିଏସ୍‌ସିଏଲ୍ ନିଶ୍ଚିନ୍ତରେ ବସିଛି।

### ବହୁ ପ୍ରକଳ୍ପ ବିଳମ୍ବିତ, ଆଉ କେତେକ ଅଧାରେ

ବିଏମ୍‌ସିର ନୂତନ କୋଠା ନିର୍ମାଣ କାର୍ଯ୍ୟ ୨୦୧୯ରେ ଆରମ୍ଭ ହୋଇଥିଲା। ୨ବର୍ଷ ଅର୍ଥାତ୍ ୨୦୨୧ ପରିବର୍ତ୍ତେ ୨୦୨୩ରେ ଏହା ସମ୍ପୂର୍ଣ୍ଣ ହୋଇଥିଲା। ସେହିପରି କିଛି ରୁଟ୍‌ରେ ମୋ ବସ୍ ଚଳାଚଳକୁ ବାତିଲ କରାଯାଇଛି। ବିଏସ୍‌ସିଏଲ୍‌ର ଅଧିକାଂଶ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡିଥିବାବେଳେ ଆଉ କେତେକ ନଷ୍ଟ ହେବାକୁ ବସିଲାଣି। କେବଳ ସ୍ମାର୍ଟ ଜନପଥ, ମୋ' ସେବା କେନ୍ଦ୍ର ଭଳି କେତୋଟି ହାତଗଣତି ପ୍ରକଳ୍ପ ଦେଖାଇ ବିଏସ୍‌ସିଏଲ କେବଳ ବାହାବା ନେବାକୁ ବସିଛି। ତେବେ ଏ ନେଇ ବିଏସ୍‌ସିଏଲ୍ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ମାଗଣା ୱାଇଫାଇ ସେବା ବନ୍ଦ, ସ୍ମାର୍ଟ କିଓସ୍କ ଅଚଳ

ଭୁବନେଶ୍ୱର ଡଟ୍ ମି ଜରିଆରେ ଦିନକୁ ୫୦ଏମ୍‌ବି ମାଗଣା ୱାଇଫାଇ ସେବା ମିଳିବ ବୋଲି କୁହାଯାଇଥିଲା। ମାତ୍ର କିଛିଦିନ ପରେ ଏହା ବନ୍ଦ ହୋଇ ଯାଇଛି। ସେହିପରି ସହରର ପ୍ରମୁଖ ଆକର୍ଷଣ କେନ୍ଦ୍ରବିନ୍ଦୁ ହେବାକୁ ଘୋଷଣା କରାଯାଇଥିବା 'ଲେକ୍ ନ୍ୟୁଟ୍ରାଲ' ପ୍ରକଳ୍ପ ଟେଣ୍ଡରରେ ଅଟକି ରହିଛି। ଅନ୍ୟପକ୍ଷରେ ସହରବାସୀଙ୍କୁ ସ୍ମାର୍ଟ ସେବା ପ୍ରଦାନ ପାଇଁ ୫କୋଟି ଟଙ୍କା ବିନିମୟରେ ସହରର ବିଭିନ୍ନ ସ୍ଥାନରେ ସ୍ମାର୍ଟ କିଓସ୍କ ସ୍ଥାପନ କରାଯାଇଥିଲା। ଟ୍ରେଡ୍ ଲାଇସେନ୍ସ ଆବେଦନ, ଅଭିଯୋଗ ପଞ୍ଜୀକରଣ, ଜନ୍ମମୃତ୍ୟୁ ଓ ବିବାହ ପ୍ରମାଣପତ୍ର ପାଇଁ ଆବେଦନ ସହ ପାଣି, ଫୋନ ଓ ବିଦ୍ୟୁତ୍ ବିଲ୍ ପଇଠ, କମନ ପେମେଣ୍ଟ କାର୍ଡ ରିଚାର୍ଜ, ମୋ' ବସ୍ ଟିକେଟ କିଣିବା, ପ୍ରିଣ୍ଟ ଆଉଟ୍ କାଢିବା, ମୋବାଇଲ ଚାର୍ଜ ଓ ରିଚାର୍ଜ କରିବା ଭଳି ବିଭିନ୍ନ ପ୍ରକାରର ସେବା ହାତପାଆନ୍ତାରେ ଯୋଗାଇଦେବାକୁ ସ୍ମାର୍ଟ ସିଟି ସ୍ୱପ୍ନ ଦେଖାଇଥିଲା। ୫୦୦ କୋଟି ଟଙ୍କାର 'ସ୍ମାର୍ଟ ସଲ୍ୟୁଶନ ପ୍ରକଳ୍ପ' ଅଧୀନରେ ଏହା କାର୍ଯ୍ୟକ୍ଷମ ହୋଇଥିଲା। ୭୫ଟି କିଓସ୍କ (୫୦ଟି ଇନ୍‌ଡୋର୍ ଓ ୨୫ଟି ଆଉଟଡୋର୍) କାର୍ଯ୍ୟକ୍ଷମ କରିବାକୁ ଯୋଜନା ଥିଲେ ମଧ ୬୨ଟି କାର୍ଯ୍ୟକ୍ଷମ ହୋଇଥିଲା। ମାତ୍ର ଏବେ ସେଗୁଡିକ ଆଉ କାମ କରୁନାହିଁ।

### କାମ କରୁନି ଇଣ୍ଟିଗ୍ରେଟେଡ୍ ଟ୍ରାଫିକ କଣ୍ଟ୍ରୋଲ ସିଷ୍ଟମ

ଭୁବନେଶ୍ୱରରେ ଟ୍ରାଫିକ ନିୟନ୍ତ୍ରଣ କରିବାକୁ ଇଣ୍ଟିଗ୍ରେଟେଡ୍ ଟ୍ରାଫିକ କଣ୍ଟ୍ରୋଲ ସିଷ୍ଟମ(ଆଇଟିସିଏସ୍) ପ୍ରସ୍ତୁତ କରାଯାଇଥିଲା। ଏହାର ସ୍ୱତନ୍ତ୍ରତା ହେଲା, ଯଦି ଗୋଟିଏ ଟ୍ରାଫିକ ଛକରେ ସବୁଜ ସଂକେତ ମିଳୁଛି, ତେବେ ଚାଳକ ଏହାର ପରବର୍ତ୍ତୀ ଛକଗୁଡିକରେ ବି ସବୁଜ ସଂକେତରେ ଆରାମରେ ଛକ ପାର ହୋଇଯିବେ। ଏହାଦ୍ୱାରା ଯାତ୍ରା ସହ ଟ୍ରାଫିକ ନିୟନ୍ତ୍ରଣ ସହଜ ହେବ। ବହୁ ମାନସମନ୍ଥନ ପରେ ବିଏସ୍‌ସିଏଲ ଏହି ଆଇଟିସିଏସ୍ ପ୍ରସ୍ତୁତ କରିଥିଲା। ମାତ୍ର ଏଯାଏ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ସହରବାସୀ ଟ୍ରାଫିକ୍ ଛକରେ ଅଟକି ଅଟକି ଯିବା ସହ ଭିଡ଼ରେ ଫସୁଛି।

### ଖତ ଖାଉଛି ମୋ ସାଇକେଲ

ପରିବେଶ ସୁରକ୍ଷା ସହ ସାଇକେଲର ଆଦର ବଢାଇବାକୁ ବିଏସ୍‌ସିଏଲ୍ ମୋ' ସାଇକେଲ ଯୋଜନା କରିଥିଲା। ଗୋଟିଏ ସାଇକେଲକୁ ୨୫ହଜାର ଟଙ୍କା ହିସାବରେ ୨୦୦୦ ସାଇକେଲ କିଣିବାରେ ୫କୋଟି ଟଙ୍କା ଖର୍ଚ୍ଚ କରିଥିଲା। ମାତ୍ର କର୍ତ୍ତୃପକ୍ଷଙ୍କ ଅବହେଳାରୁ ତାହା କବାଡିଆକୁ ବିକ୍ରି କରିଦିଆଯାଇଥିଲା। ଘଟଣାକୁ ନେଇ ବିଭିନ୍ନ ମହଲରୁ ନିନ୍ଦା କରାଯିବା ପରେ ବିକ୍ରି ହୋଇଥିବା ସବୁ ସାଇକେଲ ସମ୍ପୃକ୍ତ ସଂସ୍ଥାଠାରୁ ଆଦାୟ କରାଗଲା। ମାତ୍ର ଏହାର ଜନାଦୃତ ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ମୋ ସାଇକେଲଗୁଡିକ ମଧ୍ୟରୁ ଅଧିକ ଅଚଳାବସ୍ଥାରେ ପଡି ରହିଛି।

# ଏମ୍ସରେ ମିଲେଟ୍ କିଓସ୍କ




ମିଲେଟ୍ କିଓସ୍କର ଉଦ୍‌ଘାଟନ ଅବସରରେ କୃଷି ବିଭାଗର ମୁଖ୍ୟ ସଚିବ ଅରବିନ୍ଦ କୁମାର ପାଢୀ, ଏମ୍‌ସର କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସ ଓ ଅନ୍ୟମାନେ।

ଭୁବନେଶ୍ୱର,୨୧।୭(ଅଭିଜିତ ଦାସ)

ଓଡ଼ିଶା ମିଲେଟ୍ ମିଶନ (ଓଏମ୍ଏମ୍) ଓ ଏମ୍‌ସ ଭୁବନେଶ୍ୱରର ମିଳିତ ଉଦ୍ୟମରେ ଏମ୍‌ସ ପରିସରରେ ଏକ ମିଲେଟ କିଓସ୍କ ଖୋଲାଯାଇଛି। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମୁଖ୍ୟ ସଚିବ ଅରବିନ୍ଦ କୁମାର ପାଢୀ ଯୋଗଦେଇ ଓଡ଼ିଶା ମିଲେଟ୍ ମିଶନ ସଫଳତାର ଆଲୋକପାତ କରିବା ସହ ବିଭିନ୍ନ ବେସରକାରୀ ସଂସ୍ଥା, ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକରେ ମିଲେଟକୁ ନେଇ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି ବୋଲି କହିଥିଲେ। ଅପରପକ୍ଷେ ଏମ୍‌ସର କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସ କହିଛନ୍ତି, ପୁରୁଣା ରୋଗରେ ଥିବା ରୋଗୀ, ଗର୍ଭବତୀ ଏବଂ ପ୍ରସୂତୀ ମହିଳାମାନଙ୍କ ଲାଗି ମିଲେଟ ବିଶେଷ ଉପଯୋଗୀ ଖାଦ୍ୟ। ମିଲେଟ ବ୍ୟବହାର ଦ୍ୱାରା ଶରୀରରେ କ୍ୟାଲସିୟମ, ମାଙ୍ଗନିଜ, ଫସଫେଟ, ଆଇରନ ଏବଂ ଅନ୍ୟ ନ୍ୟୁଟ୍ରେସନ ମିଳେ ବୋଲି କହିଛନ୍ତି।

### ଶିକ୍ଷୟିତ୍ରୀଙ୍କ ଉପରେ ଆକ୍ରମଣକୁ ଓଷ୍ଟାର ବିରୋଧ

ଭୁବନେଶ୍ୱର,୨୧।୭(ଅନୁରାଧା ମହାରଣା)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ୍‌ର ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ଶଗଡ଼ଶୂଳ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ ଘଟଣାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତୀବ୍ର ନିନ୍ଦା କରିଛି। ବିଭିନ୍ନ ସମୟରେ ଅଭିଭାବକ ଆକ୍ରୋଶମୂଳକ ଅଥବା ରାଜନୈତିକ ଉଦ୍ଦେଶ୍ୟ ରଖି ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଉପରେ ଆକ୍ରମଣ କରୁଛନ୍ତି। ବିଭିନ୍ନ ବିଦ୍ୟାଳୟରେ ପାଚେରି, ଗେଟ୍ ଓ ଜଗୁଆଳି ନଥିବାରୁ ଅସାମାଜିକ ବ୍ୟକ୍ତି ଅବାଧରେ ବିଦ୍ୟାଳୟକୁ ପ୍ରବେଶ କରୁଛନ୍ତି। ଏହା ଶିକ୍ଷା ଅଧିକାର ଆଇନ ଅଧିନିୟମ ୨୦୧୦ର ଉଲ୍ଲଂଘନ ହେଉଛି। କୌଣସି କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପରେ ଆକ୍ରମଣ କରିବା ଶିକ୍ଷକ ସମାଜକୁ ବ୍ୟଥିତ କରିଛି। ଏହାକୁ ତୀବ୍ର ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ ଦଣ୍ଡ ଦିଆଯାଇ ଶିକ୍ଷୟିତ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଓଷ୍ଟା ପକ୍ଷରୁ ଦାବି ରଖାଯାଇଛି। ସରକାର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସୁରକ୍ଷା ଦେବା ପାଇଁ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ଓ ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି କହିଛନ୍ତି।

# ୮ ପ୍ରକଳ୍ପ ପାଇଁ ୧୩ କୋଟି ଟଙ୍କା ବ୍ୟୟ ଅଟକଳ

ଭୁବନେଶ୍ୱର,୨୧।୭(ବନ୍ଦନା ସେଠୀ)

### ବିଏମ୍‌ସି କଣ୍ଟ୍ରାକ୍ଟସ୍ କମିଟି ବୈଠକ

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ କଣ୍ଟ୍ରାକ୍ଟର୍ସ ଷ୍ଟାଣ୍ଡିଂ କମିଟି ବୈଠକ ଶୁକ୍ରବାର ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟେଣ୍ଡରଗୁଡିକ ଯାଞ୍ଚ କରାଯିବା ସହ କେତେକ ନୂଆ କାମ ଲାଗି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଡିଭିଜନ-୧ ଅନ୍ତର୍ଗତ ୪ ନଂ. ୱାର୍ଡର ରୁଦ୍ରପୁର କେନାଲ ରୋଡ୍ ବ୍ରିଜ୍‌ଠାରୁ ମୁସଲିମ ସାହି, ପୁରୀ ମୁଖ୍ୟ କେନାଲ ବଢେଇ ମନ୍ଦିରଠାରୁ ଜୟଦେବ କଲେଜ, ବିଷ୍ଣୁ ବିହାର ଫେଜ୍-୨ ଏବଂ ଜାତୀୟ ରାଜପଥ-୧୬ରୁ ପୁରୀ ମେନ୍ କେନାଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଲାଗି ଆଲୋଚନା କରାଯାଇଥିଲା। ସେହିପରି ଡିଭିଜନ-୨ ଅଧିନରେ ଥିବା ୪୬ ନମ୍ବର ୱାର୍ଡ ଅନ୍ତର୍ଗତ ୭ନଂ. କଞ୍ଜରଭେନ୍ସି ଲେନ୍‌ରେ ପେଭର ବ୍ଲକ ପକାଇବା ଟେଣ୍ଡର ସମ୍ପର୍କରେ ମଧ ଆଲୋଚନା ହୋଇଥିଲା। ୪୩ ନମ୍ବର ୱାର୍ଡ ଅନ୍ତର୍ଗତ ଦୟା ୱେଷ୍ଟ କେନାଲଠାରୁ ଲକ୍ଷ୍ମୀସାଗର ଓସ୍କାର ସିଟି ଦେଇ ଗଙ୍ଗୁଆ ନାଳ ପର୍ଯ୍ୟନ୍ତ ଆର୍‌ସିସି ଡ୍ରେନ ନିର୍ମାଣ, ଡ୍ରେନ୍ ଉପରେ ସ୍ଲାବ ପକାଇବା, ୫ ନମ୍ବର ୱାର୍ଡ ଅନ୍ତର୍ଗତ ସତ୍ୟବିହାର ଅଞ୍ଚଳରେ ଥିବା ଡ୍ରେନ ଗୁଡିକର ନିର୍ମାଣ ଓ ସଂଯୋଗୀକରଣ ସହ ୪୬ ନଂ ୱାର୍ଡ ଅନ୍ତର୍ଗତ ଏଲଆଇସି-ବନଦୁର୍ଗା ମନ୍ଦିର ଛକଠାରୁ ୭ନଂ ମୁଖ୍ୟ ଡ୍ରେନର ପିଚୁ ପଡିଆ ବସ୍ତି ପର୍ଯ୍ୟନ୍ତ ଆରସିସି ଡ୍ରେନ ନିର୍ମାଣ ବିଷୟରେ ଆଲୋଚନା କରାଯାଇଥିଲା। ୪ଟି ରାସ୍ତା ପାଇଁ ପ୍ରାୟ ୬ କୋଟି ଓ ୪ଟି ଡ୍ରେନ ପାଇଁ ପ୍ରାୟ ୭ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ବିଭିନ୍ନ ଷ୍ଟାଣ୍ଡିଂ କମିଟି ଅଧକ୍ଷ, ବିରଞ୍ଚି ନାରାୟଣ ମହାସୂପକାର ଓ ଅମରେଶ ଜେନା, କଂଟ୍ରାକ୍ଟସ କମିଟି ସଭ୍ୟା କେ. ଶାନ୍ତି, ପୁଷ୍ପାଞ୍ଜଳୀ ସେଠୀ, କର୍ପୋରେଟର ନୃପେଶ କୁମାର ନାୟକ, ସିଟି ଇଂଜିନିୟର ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଲୟୋଲା ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ଉପକରଣ ପ୍ରଦାନ




ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ଉପକରଣ ପ୍ରଦାନ ଅବସରରେ ଏନ୍‌ଟିପିସି ବସୁଧା ମହିଳା ମଣ୍ଡଳର ଅଧକ୍ଷା ମହୁଆ ମଜୁମଦାର ଓ ଅନ୍ୟମାନେ।

ଭୁବନେଶ୍ୱର,୨୧।୭(ଅନୁରାଧା ମହାରଣା)

ଏନ୍‌ଟିପିସି ବସୁଧା ମହିଳା ମଣ୍ଡଳର ଅଧକ୍ଷା ମହୁଆ ମଜୁମଦାର ଲୟୋଲା ଓଡ଼ିଆ ମାଧମିକ ବିଦ୍ୟାଳୟକୁ କ୍ରୀଡ଼ା ଉପକରଣ ପ୍ରଦାନ କରିଛନ୍ତି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କର ପାଇଁ ପ୍ଲେଇଂ କିଟ୍, ହକି ଷ୍ଟିକ୍, ଫୁଟବଲ, ଭଲିବଲ୍, ବାସ୍କେଟ୍ ବଲ୍, କ୍ୟାରମ ବୋର୍ଡ ଆଦି ପ୍ରଦାନ କରାଯାଇଛି। କ୍ରୀଡ଼ା କ୍ଷେତ୍ରରେ ପିଲାଙ୍କୁ ଆଗକୁ ବଢ଼ିବାକୁ ଏନଟିପିସି ଏହି ପ୍ରୟାସ କରୁଥିବା ସେ କହିଥିଲେ। ବିଶେଷକରି ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାଙ୍କ ପାଇଁ ଏହା ସହାୟକ ହେବ ବୋଲି ସେ ଆଶା ରଖିଥିବା କହିଛନ୍ତି। କାର୍ଯ୍ୟକ୍ରମରେ ବାସୁଦେବ ମହିଳା ମଣ୍ଡଳର ଶିଖା ରସ୍ତୋଗୀ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫାଦର ଅଜିତ ବାହାଲା ଅତିଥିଙ୍କୁ ସ୍ୱାଗତ କରିବା ସହ ଏନ୍‌ଟିପିସିର ଏପରି ପ୍ରୟାସ ପାଇଁ କୃତଜ୍ଞତା ଜଣାଇଥିଲେ।

# ଭୁବନେଶ୍ୱର ବନ୍ଦ କରିବେ ବ୍ୟବସାୟୀ ସଂଘ

ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)

ମାର୍କେଟ ବିଲ୍ଡିଂରେ ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀଙ୍କ ମଧ୍ୟରେ ଲାଗିଥିବା ବିବାଦ ଥମିବାର ନାଁ ଧରୁନି କି ମାର୍କେଟ ଖୋଲିବାର ବାଟ ଫିଟୁନି। ଫଳରେ ଲଗାତର ୬ଦିନ ଧରି ମାର୍କେଟ ବିଲ୍ଡିଂରେ ବ୍ୟବସାୟ ବନ୍ଦ ହୋଇ ଯାଇଛି। ତେବେ ସ୍ଥାୟୀ ବ୍ୟବସାୟୀ ବା ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ୍‌ର ଦାବିକୁ ବିଏମ୍‌ସି ଅଣଦେଖା କରୁଥିବାରୁ ଏଥର ଚରମ ନିଷ୍ପତ୍ତି ନିଆଯାଇଛି। ଏଣିକି କେବଳ ମାର୍କେଟ ବିଲ୍ଡିଂ ନୁହେଁ, ସହରରେ ଥିବା ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନର ଏହି ଆନ୍ଦୋଳନ ସହ ସାମିଲ ହେବ ଭୁବନେଶ୍ୱରର ଅନ୍ୟ ବ୍ୟବସାୟୀ ମହାସଂଘ। ଆସନ୍ତା ଦିନେ କି ଦୁଇଦିନ ମଧ୍ୟରେ ସମ୍ପୂର୍ଣ୍ଣ ଭୁବନେଶ୍ୱର ବନ୍ଦ କରାଯିବ। ଏହି ସମୟରେ ବ୍ୟବସାୟୀମାନେ ସହରର ବିଭିନ୍ନ ଛକ ସ୍ଥାନରେ, ଟ୍ରାଫିକ୍ ଛକ ଏବଂ ଅନ୍ୟ ମୁଖ୍ୟ ରାସ୍ତାରେ ବୁଲି ବୁଲି ଜନସାଧାରଣଙ୍କ ଠାରୁ ଭିକ୍ଷା ମାଗିବେ। ପରେ ସମସ୍ତ ଭିକ୍ଷା ଟଙ୍କାକୁ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ ଜେନା କହିଛନ୍ତି। ଶୁକ୍ରବାର ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନ୍ୟ ମାର୍କେଟ ଆସୋସିଏଶନ ସହିତ ଆଲୋଚନା କରାଯାଇଛି। ଏପରିକି ଯଦି ଭୁବନେଶ୍ୱରରେ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ହେବା ପରେ ବି କୌଣସି ନିଷ୍କର୍ଷ ନ ବାହାରେ, ତେବେ ରାଜ୍ୟରେ ଥିବା ସମସ୍ତ ମାର୍କେଟ ଆସୋସିଏଶନ ସହିତ ଆଲୋଚନା କରାଯିବ। ସମସ୍ତଙ୍କ ସହଯୋଗରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସୂଚନା ଦିଆଯାଇଛି। ଅସ୍ଥାୟୀ ଦୋକାନୀଙ୍କୁ ବିଏମ୍‌ସି ପରୋକ୍ଷରେ ସମର୍ଥନ ଦେବା ସହ ସେମାନଙ୍କୁ ମାର୍କେଟରୁ ହଟାଇବା ନେଇ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ଉଠାଦୋକାନୀଙ୍କ ଉତ୍ପାତ ଓ ମନମୁଖି କାର୍ଯ୍ୟ ବଢ଼ି ଚାଲିଛି। ଅପରପକ୍ଷେ ମାର୍କେଟ ବନ୍ଦ ରହିଥିବାରୁ ବ୍ୟବସାୟୀମାନେ କ୍ଷତି ସହିବା ସହିତ ସାଧାରଣ ଲୋକେ ହଇରାଣ ହେଉଛନ୍ତି।




ଖବରଦାତା ସମ୍ମିଳନୀରେ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଉଛି।

### ମାର୍କେଟ ବିଲ୍ଡିଂ ଖୋଲିବାର ବାଟ ଫିଟୁନି

- ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ସହ ଓଡ଼ିଶା ବ୍ୟବସାୟୀ ମହାସଂଘର ଆଲୋଚନା
- ରାସ୍ତାରେ ଭିକ ମାଗି ସରକାରଙ୍କୁ ପ୍ରଦାନ କରିବେ
- ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ ନିଷ୍ପତ୍ତି

## ସଂକ୍ଷେପରେ

### ବିଲରୁ ଗଳିତ ମୃତଦେହ ଜବତ

ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ): ୧୬ ନମ୍ବର ଜାତୀୟ ରାଜପଥ ପିତାପଲ୍ଲୀ ଛକ ନିକଟ ପେଟ୍ରୋଲ ପମ୍ପ ପଛ ବିଲରୁ ଶୁକ୍ରବାର ପୋଲିସ ଏକ ଗଳିତ ମୃତଦେହ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ। ମୃତଦେହ ୩ ଦିନ ତଳର ବୋଲି ପୋଲିସ ଅନୁମାନ କରିଛି। ନିକଟରୁ ପ୍ୟାଣ୍ଟ, ଶାର୍ଟ, ଚପଲ ଏବଂ ମନପର୍ସରୁ ଏକ ସ୍କୁଲଡ୍ରେସ୍ ପରିଧାନ କରିଥିବା ଶିଶୁର ଫଟୋ ମିଳିଛି। ଫଟୋଟି ମୃତକଙ୍କ ଝିଅର ହୋଇଥିବା ପୋଲିସ ଅନୁମାନ କରିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ କେହି ତାଙ୍କୁ ହତ୍ୟା ପରେ ଏଠାରେ ଫୋପାଡ଼ି ଦେଇଥିବା ସନ୍ଦେହ କରାଯାଉଛି। ସୂଚନା ମୁତାବକ, ଅପରାହ୍ନରେ ବିଲ ଭିତରେ ଏକ ମୃତଦେହ ପଡିଥିବା ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରେ ସଦର ଏସ୍‌ଡିପିଓ ଦିଲୀପ ଦାସ ଏବଂ ଟାଉନ ଥାନାଧିକାରୀ ତାରିକ ଅହମ୍ମଦ ପହଞ୍ଚିଥିଲେ। ମୃତଦେହକୁ ଚିହ୍ନଟ ଲାଗି ବ୍ୟବଚ୍ଛେଦ ଗୃହରେ ରଖାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ବେଗୁନିଆ,୨୧।୭(ହର ପ୍ରସନ୍ନ ପଣ୍ଡା): ବାଘମାରି-କଣ୍ଟିଲୋ ସଡ଼କ ପଥ ସିମୋର ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ମାଙ୍କଡା ପଥର ବୋଝେଇ ଟ୍ରକ୍ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ପରେ ଟ୍ରକ ପଳାଇଥିବା ବେଳେ ଆହତଙ୍କ ପରିଚୟ ମିଳିପାରିନାହିଁ। ବାଘମାରି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିବା ସହ ତଦନ୍ତ ଚଳାଇଛି।

### ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତାଲା ଭାଙ୍ଗି ଚୋରି

ବେଗୁନିଆ,୨୧।୭(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ବ୍ଲକ ଅନ୍ତର୍ଗତ ହଜ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଗୁରୁବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ଇଲେକ୍ଟ୍ରୋନିକ ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଏନେଇ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଯାଜ୍ଞସେନୀ ପଣ୍ଡା ସିକୋ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏସି, ଏଲ୍‌ସିଡି, କମ୍ପ୍ୟୁଟର ହାର୍ଡଡିସ୍କ, ଏୟାର ପିୟୁରିଫାୟାର, ଷ୍ଟାବିଲାଇଜର, ଇନଭର୍ଟର ଏବଂ ବ୍ୟାଟେରି ୨ଟି ଚୋରି ହୋଇଛି। ସିକୋ ଫାଣ୍ଡି ପୋଲିସ ଏବଂ ଜଙ୍କିଆ ଥାନା ଅଧିକାରୀଙ୍କ ସହିତ ସାଇଣ୍ଟିଫିକ ଏବଂ ଡଗ୍ ସ୍କ୍ୱାଡ୍ ଟିମ ମେଡିକାଲରେ ପହଞ୍ଚି ତଦନ୍ତ କରିଥିଲେ। ଦୁର୍ବୃତ୍ତମାନେ ପ୍ରଥମେ ଇଲେକ୍ଟ୍ରି ଖୁଣ୍ଟରୁ ବିଦ୍ୟୁତ୍ ସଂଯୋଗ କାଟିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରର ତାଲା ଭାଙ୍ଗି ଘର ଭିତରକୁ ପ୍ରବେଶ କରିଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୩୩ / ୨୩)ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### ଅବକାରୀ ବିଭାଗର ଚଢ଼ାଉ, ଜଣେ ଗିରଫ

ବେଗୁନିଆ,୨୧।୭(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ଅବକାରୀ ଥାନା ପୋଲିସ ପକ୍ଷରୁ ଶୁକ୍ରବାର କଁଅରପୁର ଗ୍ରାମ ନିକଟ ବେଆଇନ ରନ୍ଧା ମଦ ଭାଟି ଉପରେ ଚଢ଼ାଉ କରାଯାଇ ୧୦୫ ଲିଟର ଦେଶୀ ମଦ ସହିତ ଗୋଟିଏ ସ୍କୁଟି (ଓଡି୦୨ସିବି - ୬୭୩୫) ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ଥିବା ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ଜଙ୍କିଆ ଥାନା ଅଧୀନ କଲରାଝର ଗ୍ରାମର ବିରାଟ କେଶରୀ ବାରିକ। ଏନେଇ ଏକ ମାମଲା (ନଂ.୬୬/୨୩) ରୁଜୁ ହୋଇଛି ବୋଲି ଅବକାରୀ ଥାନା ଅଧିକାରୀ ରାଜେନ୍ଦ୍ର ଖେସ ସୂଚନା ଦେଇଛନ୍ତି।

### ୧୧ ୟୁନିଟ୍ ରକ୍ତ ସଂଗ୍ରହ

ବେଗୁନିଆ,୨୧।୭(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ସଦର ମହକୁମା ସ୍ଥିତ ସୋସାଇଟି ଅଫ ଇନଫର୍ମେସନ ଟେକ୍ନୋଲୋଜି ଓ ରାଷ୍ଟ୍ରଶକ୍ତି ମିଶନ ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଓଡ଼ିଶା ରକ୍ତ ଭଣ୍ଡାର ଖୋର୍ଦ୍ଧା କାର୍ଯ୍ୟାଳୟ ଅଧିକାରୀ ଡା. ସୌରଭ ରାୟ, ଲାବ ଟେକ୍ନିସିଆନ ଅରୁଣ କୁମାର ସାହୁ, ଝୁନୁଲତା ସାହୁ ଓ ଝାନ୍ସୀରାଣୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡା ଶିବିର ପରିଚାଳନା କରିଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ଲଡୁ କିଶୋର ମହାପାତ୍ର, ସାମାଜିକ କର୍ମୀ ଅମଜାଦ ଖାଁ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରସ୍ତାବିତ ସ୍ମାରକୀ ଜମିରେ ରାସ୍ତା ନିର୍ମାଣକୁ ବିରୋଧ

ଖୋର୍ଦ୍ଧା,୨୧।୭ (ପ୍ରଭାତ ପାଣିଗ୍ରାହୀ)


ପ୍ରସ୍ତାବିତ ସ୍ମାରକୀ ଜମିରେ ରାସ୍ତା ନିର୍ମାଣ କାମ ଚାଲିଛି।


କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

- ଜିଲାପାଳଙ୍କୁ କଳିଙ୍ଗ ପାଇକ ସଙ୍ଗଠନର ଦାବିପତ୍ର
- ବିବାଦ ତୁଟୁନି, ବିଳମ୍ବକୁ ନେଇ ବଢୁଛି ଅସନ୍ତୋଷ

ବରୁଣେଇ ପାହାଡ଼ ପାଦଦେଶରେ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ବିଳମ୍ବକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଗୋଟିଏ ପରେ ଗୋଟିଏ ବିବାଦ ସ୍ମାରକୀ ନିର୍ମାଣରେ ବାଧକ ସାଜିଛି। ପ୍ରଥମେ ପ୍ରସ୍ତାବିତ ଜମି ଜବରଦଖଲ ସମସ୍ୟା ତୁଟିବା ପରେ ଜଙ୍ଗଲ ବିଭାଗ ଗଛ ଏବଂ ବିଦ୍ୟୁତ ବିଭାଗର ଖୁଣ୍ଟ ସମ୍ପ୍ରସାରଣ ସମସ୍ୟା ଦେଖାଦେଇଥିଲା। ଏହି ସମସ୍ୟା ସମାଧାନ ହୋଇଥିବା ବେଳେ ଏବେ ଆଉ ଏକ ବିବାଦ ପୁଣି ଦେଖିବାକୁ ମିଳିଛି। ପ୍ରସ୍ତାବିତ ସ୍ମାରକୀ ଜମିରେ ରାସ୍ତା ସମ୍ପ୍ରସାରଣ ଲାଗି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି ଜମି ରାଜ୍ୟ ସରକାର କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ହସ୍ତାନ୍ତର କରିଛନ୍ତି। ତେବେ ଏହି ଜମି ଏବେ କେନ୍ଦ୍ର ଅଧୀନରେ ରହିଥିବା ବେଳେ କିଭଳି ଏଠାରେ ରାସ୍ତା ସମ୍ପ୍ରସାରଣ ଲାଗି ଅନୁମତି ଦିଆଯାଇଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ପ୍ରଶାସନିକ ବୁଝାମଣାର ଅଭାବ କିମ୍ବା ଜାଣିଶୁଣି ସ୍ମାରକୀ ନିର୍ମାଣରେ ବାଧା ସୃଷ୍ଟି ଉଦ୍ଦେଶ୍ୟରେ ଷଡ଼ଯନ୍ତ୍ର କରାଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଶୁକ୍ରବାର ଏହି ପ୍ରରିପେକ୍ଷୀରେ କଳିଙ୍ଗ ପାଇକ ସଙ୍ଗଠନ ସଭାପତି ଭୀମସେନ ପ୍ରଧାନ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ସଦସ୍ୟ ରାମନାରାୟଣ ଦାଶ ପ୍ରମୁଖ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ପ୍ରଦାନ କରି ଏହି କାର୍ଯ୍ୟକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି।

ଏଥିରେ ଉଲ୍ଲେଖ ରହିଛି ଯେ, ରାଜ୍ୟ ସରକାର ପ୍ରସ୍ତାବିତ ଜମିର ଫ୍ରି ପ୍ରିମିୟମ ଭାବେ ଯୋଗାଇଦେବା ଲାଗି ବିଭିନ୍ନ ସଙ୍ଗଠନ ଦାବି କରିଥିଲେ। ୨୦୨୨ ଜୁଲାଇରେ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଖୋର୍ଦ୍ଧା ମୌଜାର ବରୁଣେଇ ପାହାଡ ପାଦଦେଶରେ ଏକର ୯.୬୮୫ ଡିସିମିଲ ସରକାରୀ ଜମିକୁ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ପାଇକ ସ୍ମାରକୀ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ବିନା ପ୍ରିମିୟମ, କ୍ୟାପିଟାଲ ଭ୍ୟାଲୁ ଏବଂ ଇନ୍ସିଡେଣ୍ଟାଲ ଚାର୍ଜରେ ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ସପକ୍ଷରେ ଦେବା ଲାଗି ରାଜ୍ୟ କ୍ୟାବିନେଟର ଅନୁମୋଦନକ୍ରମେ ଏଥିନିମନ୍ତେ ୩୧କୋଟି ୯୬ଲକ୍ଷ, ୬୨ହଜାର ୯୩୪ ଟଙ୍କା ରାଜସ୍ୱ ଦେୟ ଛାଡ କରିଛନ୍ତି। ଏହି ଜମି ରାଜ୍ୟ ସରକାର କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ହସ୍ତାନ୍ତର କରିଛନ୍ତି। ସଂସ୍କୃତି ମନ୍ତ୍ରଣାଳୟ ଅନୁମୋଦନକ୍ରମେ ଆଇଓସିଲ ଅଏଲ ଫାଉଣ୍ଡେଶନ ଏହାର ନିର୍ମାଣ ଦାୟିତ୍ୱ ନେଇଛି। ଏଥିଲାଗି ସମ୍ପୃକ୍ତ ସଂସ୍ଥା ପକ୍ଷରୁ କରାଯାଇଥିବା ଡିପିଆର ପ୍ଲାନକୁ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ମଧ ଦିଆସରିଛି। ଏପରିକି ଜଙ୍ଗଲ ବିଭାଗ ଗଛ ଏବଂ ବିଦ୍ୟୁତ ବିଭାଗ ଖୁଣ୍ଟ ସମ୍ପ୍ରସାରଣ ଲାଗି ଅର୍ଥ ଦିଆଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିକଟରେ ପ୍ରସ୍ତାବିତ ସ୍ମାରକୀସ୍ଥଳ ପରିଦର୍ଶନ ସମୟରେ ସ୍ପଷ୍ଟ କରିଥିଲେ। ଗୋଟିଏ ପଟେ ଜମି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ରହିଥିବା ବେଳେ କିଏ, କାହା ଇଙ୍ଗିତରେ ପ୍ରସ୍ତାବିତ ସ୍ମାରକୀ ଜମିରେ ରାସ୍ତା ସମ୍ପ୍ରସାରଣ ଲାଗି ନିର୍ଦ୍ଦେଶ ଦେଇଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଗୃହ ଓ କୋଠାବାଡି(ପୂର୍ତ୍ତ) ବିଭାଗ ରାସ୍ତା ସମ୍ପ୍ରସାରଣକୁ ଖଣ୍ଡନ କରିଥିବା ବେଳେ ଇଡକୋ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇପାରିନାହିଁ। ପ୍ରକାଶ ଯେ, ୨୦୧୯ ଡିସମ୍ବେର ୮ରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ଶିଳାନ୍ୟାସ କରିଥିଲେ। କେନ୍ଦ୍ର ୫୦ଏକର ଜମି ମାଗିଥିବା ବେଳେ ରାଜ୍ୟ ସରକାର ୧୦ଏକର ଜମି ଯୋଗାଇ ଦେବା ଲାଗି ଘୋଷଣା କରିଥିଲେ। ଏନେଇ ବିଭିନ୍ନ ପାଇକ ସଙ୍ଗଠନ, ଜିଲାରେ ଆନନ୍ଦ ଉଲ୍ଲାସ ଖେଳିଯାଇଥିଲା। ତେବେ ନିର୍ମାଣ କାର୍ଯ୍ୟରେ ବିଳମ୍ବକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଗତ ଡିସେମ୍ବରରେ ଶିଳାନ୍ୟାସ ସ୍ଥାନରେ ଭୂମି ପୂଜନ ହୋଇଥିଲା। ତେବେ ଭୂମି ପୂଜନ ପରେ ଜଙ୍ଗଲ ବିଭାଗ କଟକଣା ଯୋଗୁ ଜାନୁୟାରୀରୁ ପୁଣି କାମ ଅଟକିଗଲା। ତେବେ କେବେ ଏହାର ନିର୍ମାଣ କାର୍ଯ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ ତାହାକୁ ନେଇ ସମସ୍ତଙ୍କ ଅପେକ୍ଷା ରହିଛି। କେନ୍ଦ୍ର ଓ ରାଜ୍ୟର ଶ୍ରେୟ ରାଜନୀତି ଯୋଗୁ ସ୍ମାରକୀ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଘଟୁଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ବୁଥ୍‌ସ୍ତରରେ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ

ବୋଲଗଡ଼,୨୧।୭(ଦେବବ୍ରତ ହୋତା)

ଭାରତୀୟ ଜନତା ପାର୍ଟି ବୋଲଗଡ଼ ଶାଖା ୨୫ ନମ୍ବର ଜୋନ କାର୍ଯ୍ୟକର୍ତ୍ତାଙ୍କ ଏକ ବୈଠକ ଶୁକ୍ରବାର ସ୍ଥାନୀୟ ପନ୍ଦରଦୋଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଖଗୁରିଆ, ବୋଲଗଡ଼, ଡାବରଧୁଆ, ଫାସିଓଦା, କଲାଙ୍ଗ ଓ ଦଳେଇସାହିର ଭାଜପା କାର୍ଯ୍ୟକର୍ତ୍ତା ଓ କର୍ମୀ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ଜିଲା ଭାଜପା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଆର୍ତ୍ତବନ୍ଧୁ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଭାଜପା ଉପସଭାପତିତଥା ଏମ୍‌ପିଙ୍କ ବୋଲଗଡ଼ ବ୍ଲକ ପ୍ରତିନିଧି ରଘୁନାଥ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଡାବରଧୁଆ ପଞ୍ଚାୟତ ବରିଷ୍ଠ ନେତା ବନ୍ଧୁ କୁମାର ଭୋଳ, କଲାଙ୍ଗ ପଞ୍ଚାୟତ ସଭାପତି ବଳଭଦ୍ର ମହାପାତ୍ର, ଦଳେଇସାହି ପଞ୍ଚାୟତ ସଭାପତି ଉପେନ୍ଦ୍ର କୁମାର ସୁବୁଦ୍ଧି, ଫାସିଓଦା ପଞ୍ଚାୟତ ସଭାପତି ରାଘବ ଚନ୍ଦ୍ର ସ୍ୱାଇଁ, ଖଗୁରିଆ ପଞ୍ଚାୟତ ସଭାପତି ସୋମନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଦୃଢ ନେତୃତ୍ୱରେ ଦଳ ଆଗାମୀ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ବୋଲି କହିଥିଲେ। ଏମ୍‌ପିଙ୍କ ପ୍ରତିନିଧି ଷଡ଼ଙ୍ଗୀଙ୍କ ପ୍ରସ୍ତାବକ୍ରମେ ଦଳକୁ ସୁଦୃଢ କରିବାକୁ ବୁଥସ୍ତରରେ ସଙ୍ଗଠନକୁ ମଜଭୁତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଜିଲା ସମ୍ପାଦକ ଇଂ.କର୍ପୂର ସାହୁ ଓ ବାଙ୍କୋଇ ମଣ୍ଡଳ ସଭାପତି ସୁମନ୍ତ କୁମାର ପ୍ରଧାନ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ବିକାଶ ସମ୍ପର୍କରେ ମତ ରଖିଥିଲେ। ବୋଲଗଡ ମଣ୍ଡଳ ଭାଜପା ଯୁବ ମୋର୍ଚ୍ଚା ସଭାପତି ଶିବ ପ୍ରକାଶ ଦାସ ଧନ୍ୟବାଦ ଦେଇଥିଲେ।

# ଖୋର୍ଦ୍ଧା ଜିଲାକୁ 'ଭୂମି ସମ୍ମାନ'

ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ)

ନୂଆଦିଲ୍ଲୀସ୍ଥିତ ବିଜ୍ଞାନଭବନ ପରିସରରେ ଗତ ମଙ୍ଗଳବାର ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତର ୭୫ ଜିଲାକୁ 'ଭୂମି ସମ୍ମାନ' ପୁରସ୍କାର ପ୍ରଦାନ କରିଛନ୍ତି। ଏହି କ୍ରମରେ ଖୋର୍ଦ୍ଧା ଜିଲାକୁ ମଧ 'ଭୂମି ସମ୍ମାନ' ପ୍ଲାଟିନମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅନୁମୋଦନକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ରାଷ୍ଟ୍ରପତିଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଜମି ରେକର୍ଡଗୁଡ଼ିକର କମ୍ପ୍ୟୁଟରୀକରଣ, ଭୂ-ନକ୍ସାର ଡିଜିଟାଇଜେସନ, ଭୂ-ନକ୍ସା ସହିତ ଖତିଆନର ସଂଯୋଗୀକରଣ, ଜମି ପଞ୍ଜୀକରଣର କମ୍ପ୍ୟୁଟରୀକରଣ, ରାଜସ୍ୱ ଓ ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟ ଦ୍ୱାରା ଜମି ରେକର୍ଡ ସହିତ ପଞ୍ଜୀକରଣର ଏକକୀକରଣ, ରେଜିଷ୍ଟ୍ରେଶନ କାର୍ଯ୍ୟକ୍ରମର ସରଳୀକରଣ, ସ୍ୱଚ୍ଛତା ଅନୁପାଳନ, ଆଧୁନିକ ଅଭିଲେଖାଳୟରେ ଉଲ୍ଲେଖନୀୟ ସଫଳତା ପାଇଁ ଖୋର୍ଦ୍ଧା ଜିଲାକୁ ଏହି ସମ୍ମାନ ଦିଆଯାଇଛି। ପୁରସ୍କାର ଗ୍ରହଣ ସମୟରେ ବାଲିଅନ୍ତା ତହସିଲଦାର ବିମଳ କୁମାର ଲେଙ୍କା, ବାଲିପାଟଣା ତହସିଲଦାର ବୁଲବୁଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ରାଷ୍ଟ୍ରପତିଙ୍କ ଠାରୁ 'ଭୂମି ସମ୍ମାନ' ପୁରସ୍କାର ଗ୍ରହଣ କରୁଛନ୍ତି।

## କାର୍ଯ୍ୟାନୁଷ୍ଠାନ ହେଉନି, ଆନ୍ଦୋଳନ ଚେତାବନୀ

### ଶିଶୁପାଳଗଡ଼ କାନ୍ଥ ତାଡ଼ିବା ଘଟଣା

ପୁରୁଣା ଭୁବନେଶ୍ୱର,୨୧।୭(ସୁବାସ ଚନ୍ଦ୍ର ପ୍ରଧାନ)

ଐତିହ୍ୟ ଶିଶୁପାଳଗଡ଼ ଅସୁରକ୍ଷିତ। ଗଡ଼ର ୪ କାନ୍ଥ ତାଡ଼ିବା, ବିଭିନ୍ନ ଅଞ୍ଚଳରେ ଜବରଦଖଲକାରୀ ଘର ନିର୍ମାଣ କରିବା, ଗଡ଼ଖାଇ ଓ ଜଳାଶୟକୁ ପୋତିବା ଯୋଗୁ ସତ୍ତା ହରାଇବାକୁ ବସିଲାଣି ଏହି ଐତିହ୍ୟ। ଏକଦା ୫୦୦ରୁ ଊର୍ଦ୍ଧ୍ୱ ଏକର ପରିମିତ ଥିବା ଅଞ୍ଚଳ ଏବେ ମାତ୍ର ୭୦ ଏକରରେ ସୀମିତ ରହିଛି। ୧୬ ଖମ୍ବ କୀର୍ତ୍ତରାଜିରୁ କେତେକ ଭାଙ୍ଗିରୁଜି ଯାଇଥିବାବେଳେ ୪ଟି ଉଭାନ୍ ହୋଇଗଲାଣି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ) ଅଧୀନରେ ଥିବା ଶିଶୁପାଳଗଡ଼ରୁ ଜବରଦଖଲ ହଟାଇବା ନେଇ ଅଭିଯୋଗ ହେଉଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ, ପୋଲିସ ନୀରବ ରହିବାରୁ ପୁନରୁଦ୍ଧାର ହୋଇପାରୁନାହିଁ। ଏହି କ୍ରମରେ ଗତ ଫେବୃଆରୀରେ ଗଡ଼ରୁ ଦୁର୍ବୃତ୍ତମାନେ ଡ୍ରୋଜରରେ ଗଡ଼ କାନ୍ଥି ତାଡ଼ି ମାଟି ଉଠାଇ ନେଇଥିଲେ। ଏନେଇ ଏଏସ୍‌ଆଇ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଧଉଳି ଥାନାରେ ଅଭିଯୋଗ କରାଯାଇଥିଲା। ତେବେ ପୋଲିସ କୌଣସି ପଦକ୍ଷେପ ନ ନେବାରୁ ଗତ ମାର୍ଚ୍ଚ ୧ରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଧଉଳି ପୋଲିସ କାର୍ଯ୍ୟାନୁଷ୍ଠାନ କ'ଣ ପାଇଁ ନେଉନାହିଁ ବୋଲି ଡିସିପିଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଡିସିପିଙ୍କ ନିର୍ଦ୍ଦେଶକୁ ମଧ ଧଉଳି ପୋଲିସ ଗୁରୁତ୍ୱ ଦେଇ ନ ଥିଲା। ପୁଣି ମଞ୍ଚ ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଏକ ମାମଲା ଦାଏର କରାଯାଇଥିଲା। ଏପରିକି ଧଉଳି ପୋଲିସ କୋର୍ଟଙ୍କ ନିକଟରେ ପକ୍ଷ ରଖି କାର୍ଯ୍ୟାନୁଷ୍ଠାନ ନେବାକୁ ସର୍ତ୍ତ ରଖିଥିଲା। ଇତିମଧ୍ୟରେ ୨ମାସ ବିତିଯାଇଥିଲେ ମଧ ପୋଲିସ କୌଣସି ପଦକ୍ଷେପ ନେଇନାହିଁ। ତୁରନ୍ତ ଐତିହ୍ୟ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ ଚେତାବନୀ ଦେଇଛନ୍ତି।

## ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା




ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ)

କାଇପଦର ଶ୍ରୀଜଗନ୍ନାଥ କଲେଜ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ପକ୍ଷରୁ ମାଧପୁର ଓ ସାଆନ୍ତା ଗ୍ରାମରେ ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା ଓ ଚାରା ରୋପଣ ଅଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ଶୋଭାଯାତ୍ରାରେ ବାହାରି 'ଗଛଟିଏ ଜୀବନଟିଏ' ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଉଭୟ ଗ୍ରାମର ପ୍ରତି ପରିବାରକୁ ବିଭିନ୍ନ କିସମର ଚାରା ବଣ୍ଟନ କରିଥିଲେ। ସାଆନ୍ତା ରାମ ମନ୍ଦିର ପରିସର ଓ ମାଧପୁର ମହାଦେବ ମନ୍ଦିର ପରିସରରେ ଚାରା ରୋପଣ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ତରୁଣକାନ୍ତି ରାୟ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଅଧ୍ୟାପକ ପ୍ରତାପ ଛୋଟରାୟ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ମାନସ ଜୟସିଂହ, ସ୍ୱୟଂପ୍ରଜ୍ଞା ମାନ୍ଧାତା, ସୁଧାଂଶୁ ରଣସିଂହ, ଡ. ଜନ୍ମେଜୟ ଚୌଧୁରୀ, ମଧୁସୂଦନ ପାଇକରାୟ, ଉମାକାନ୍ତ ମହାପାତ୍ର ସାମିଲ ଥିଲେ। ପ୍ରତ୍ୟେକ ଗ୍ରାମବାସୀ ଏହି ଗଛକୁ ବଞ୍ଚାଇ ରଖିଲେ ପରିବେଶ ସୁରକ୍ଷା ସହ ସୌନ୍ଦର୍ଯ୍ୟ ବଢ଼ିବ ବୋଲି ଅଧ୍ୟାପିକା ଚମ୍ପତିରାୟ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏଥିରେ ଉଭୟ ଗ୍ରାମର ଗ୍ରାମବାସୀ ଯୋଗଦେଇଥିଲେ।

## ଟ୍ରକ୍ ଧକ୍କାରେ ଶାଳକ ମୃତ, ଭିଣୋଇ ଗୁରୁତର

ନିରାକାରପୁର,୨୧।୭(ମାନସ ଚନ୍ଦ୍ର ପଟ୍ଟନାୟକ)

୧୬ ନମ୍ବର ଜାତୀୟ ରାଜପଥର ମଳିପଡ଼ା କଲେଜ ନିକଟରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ନିରାକାରପୁର ଥାନା ଅଧୀନ ହରିପୁର ଗ୍ରାମର ଦୀପକ ପ୍ରଧାନ ଓରଫ ନାରୁ। ତେବେ ନାରୁଙ୍କ ଭିଣୋଇ ଖୋର୍ଦ୍ଧା ସଦର ଥାନା ଅଧୀନ ବେତବଣିଆ ଗ୍ରାମର ସଞ୍ଜୟ ନାୟକଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଗୁରୁବାର ରାତିରେ ନାରୁ ଓ ତାଙ୍କ ଭିଣୋଇ ସଞ୍ଜୟ ବାଇକ୍(ଓଆର-୦୨ -ବିଏ୧୫୮୧)ରେ ଭୁବନେଶ୍ୱରରୁ ହରିପୁର ଫେରୁଥିଲେ। ମଳିପଡ଼ା କଲେଜ ନିକଟରେ ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ଖବରପାଇ ଜଙ୍କିଆ ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ଚିକିତ୍ସା ଲାଗି ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ସେଠାରେ ନାରୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସଞ୍ଜୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ମୃତ ନାରୁଙ୍କ ମାମୁ ବିରେନ ମାର୍ଥା ଟ୍ରକ ଚାଳକଙ୍କ ବେପରୁଆ ଗାଡିଚଳନା ଯୋଗୁ ଭଣଜାର ମୃତ୍ୟୁ ଘଟିଲା ବୋଲି ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନାରୁଙ୍କ ମୃତ୍ୟୁ ଖବର ପାଇ ଭାଜପା ମଣ୍ଡଳ ସଭାପତି ଆଲୋକ ରଞ୍ଜନ ଛୋଟରାୟ, ବିଜେଡି ନେତ୍ରୀ ବାସନ୍ତୀ ମହାପାତ୍ର, ସାମାଜିକ କର୍ମୀ ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଆହତ ସଞ୍ଜୟଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ମଦ, ବୋଲେରୋ ଜବତ: ଜଣେ ଗିରଫ

ନିରାକାରପୁର,୨୧।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ପୋଲିସ ଶୁକ୍ରବାର ଗୋଳବାଇ ନିକଟ କାୟା ଛକରେ ଚଢ଼ାଉ କରି ବିପୁଳ ପରିମାଣର ମଦ, ବୋଲେରୋ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅଧୀନ ବେଢାତୁଣ୍ଡଳ ଗ୍ରାମର ଜଟାଧାରୀ ମଙ୍ଗରାଜ। ସୂଚନା ମୁତାବକ, ଜଟାଧାରୀ ବୋଲେରୋ (ଓଡି-୩୪-୩୨୭୯) ରେ ମଦ ବୋଝେଇ କରି ଖୋର୍ଦ୍ଧା ପଟୁ ଆସୁଥିବା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ୧୬ ନମ୍ବର ଜାତୀୟ ରାଜପଥର କାୟା ଛକରେ ଚଢ଼ାଉ କରିଥିଲା। ଚଢ଼ାଉବେଳେ ୪୨୪.୨୦୦ଲିଟର କିଙ୍ଗଫିସର କମ୍ପାନୀର କେନ୍ ଓ ବୋତଲ ଥିବା ଜଣାପଡିଥିଲା। ଗାଡିଚାଳକ ଠିକ୍ ଉତ୍ତର ଦେଇ ନ ପାରିବାରୁ ଏହା ଚୋରା ମଦ ବିକ୍ରି ଉଦ୍ଦେଶ୍ୟରେ ଯାଉଥିବା ଜାଣି ପୋଲିସ ଗାଡି ସହ ମଦକୁ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୩୧ / ୨୩)ରୁଜୁ ହୋଇଛି। ଏତେ ପରିମାଣରେ ମଦ କେଉଁଠାକୁ ଯାଉଥିଲା ଏନେଇ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ପ୍ରଜ୍ଞା ରିତମ୍ବରା କର ସୂଚନା ଦେଇଛନ୍ତି।


ଲଘୁଚାପଜନିତ ବର୍ଷା ଯୋଗୁ ଶୁକ୍ରବାର ଖୋର୍ଦ୍ଧାରୋଡ୍ ରେଳଷ୍ଟେଶନ(ଜଟଣୀ) ନୂତନ ବିଲ୍ଡିଂ ସମ୍ମୁଖ ରାସ୍ତାରେ ପାଣି ଜମି ରହିଛି।


ଜଟଣୀ ପୌରାଞ୍ଚଳ ବାଛରାପାଟଣା ୧୪ ନମ୍ବର ୱାର୍ଡ ଶ୍ରୀଜଗନ୍ନାଥ ମନ୍ଦିର ନିକଟ ରାସ୍ତା ଜଳାର୍ଣ୍ଣବ।

## ସଂକ୍ଷେପରେ

### ଜିଲା ଶିଶୁ କଲ୍ୟାଣ ଦ୍ୱାରସ୍ଥ ହେଲେ ପରିବାର ଲୋକେ

ନାବାଳିକା ଅପହରଣକୁ ସପ୍ତାହେ ପୂରିଲା

ବ୍ରହ୍ମଗିରି,୨୧।୭(ସ୍ୱାଧୀନ ଚମ୍ପତିରାୟ): ବ୍ରହ୍ମଗିରି ଥାନା ଅଞ୍ଚଳରେ ଜାଣେ ନାବାଳିକାକୁ ଗତ ୧୦ତାରିଖ ରାତିରେ ଅପହରଣ କରାଯାଇଥିବା ନେଇ ନାବାଳିକାଙ୍କ ପରିବାର ତରଫରୁ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନଂ. ୧୪୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ ମଧ ନାବାଳିକାଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଛି। ଏନେଇ ପରିବାର ଲୋକେ ନିରାଶ ହୋଇ ଜିଲା ଶିଶୁ କଲ୍ୟାଣ ଅଧିକାରୀ, ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଥାଉକି, ଉକ୍ତ ଥାନା ଅଞ୍ଚଳର ଜଣେ ଯୁବକ ଉକ୍ତ ନାବାଳିକାକୁ ଅପହରଣ କରିଥିବା ନେଇ ନାବାଳିକାଙ୍କ ପରିବାର ତରଫରୁ ଗତ ୧୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ କେବଳ ଏକ ମାମଲା ରୁଜୁ କରି ନୀରବ ବସିଛି। ଏହି ଅଭିଯୋଗକୁ ଏକ ସପ୍ତାହ ବିତିଯାଇଥିଲେ ମଧ ପୋଲିସ ଅପହରଣକାରୀ କିମ୍ବା ନାବାଳିକାର ପତ୍ତାପାଉନି।

### ତହସିଲ କାର୍ଯ୍ୟାଳୟରେ ଅଧିକାରୀ ପଦବୀ ଖାଲି

କଣାସ,୨୧।୭(ବିଭୂତି ଭୂଷଣ ତ୍ରିପାଠୀ)- ପୁରୀ ଜିଲା କଣାସ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକୀୟ ଅଧିକାରୀ ନଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତହସିଲ କାର୍ଯ୍ୟାଳୟରେ ଦୀର୍ଘଦିନ ହେଲା ଦୁଇଟି ଅତିରିକ୍ତ ତହସିଲଦାର ପଦବୀ ଓ ଗୋଟିଏ ସିନିୟର କିରାଣି ପଦବୀ ଖାଲିପଡିଛି। ଫଳରେ ଦୂରଦୂରାନ୍ତରୁ ଜରୁରୀ କାର୍ଯ୍ୟରେ ଆସୁଥିବା ଜନସାଧାରଣ ତହସିଲ କାର୍ଯ୍ୟାଳୟରେ ଅଧିକାରୀମାନଙ୍କୁ ନ ପାଇ ନିରାଶରେ ବାରମ୍ବାର ଫେରୁଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଖବର ନେବାରେ ଜଣାପଡିଛି ମାତ୍ର ଜଣେ ତହସିଲଦାର ଥିବାରୁ ସେ ଦିନେ ପୁରୀ ମିଟିଙ୍ଗକୁ ଯାଉଛନ୍ତି ତ ଦିନେ ହାଇକୋର୍ଟ କାମରେ କଟକ ଯାଉଛନ୍ତି ଏବଂ ତହସିଲଦାର ସବ୍‌ଦୋର ଅନୁପସ୍ଥିତ ରହୁଥିବାରୁ କାର୍ଯ୍ୟ ହୋଇପାରୁ ନାହିଁ। ତେଣୁ ତୁରନ୍ତ ଦୁଇଟି ଅତିରିକ୍ତ ତହସିଲଦାର ଓ ସିନିୟର କିରାନି ନିଯୁକ୍ତି କରିବାପାଇଁ ଅଞ୍ଚଳବାସୀ ଦାବିକରିଛନ୍ତି।

### ରାସ୍ତାପାର୍ଶ୍ୱରେ ବନୀକରଣ

ଡେଲାଙ୍ଗ,୨୧।୭(ରଶ୍ମିରଞ୍ଜନ ପ୍ରଧାନ)- ଡେଲାଙ୍ଗ - ପଛନାୟିକିଆ ରାସ୍ତାର ହୁମର ଛକ ସନ୍ନିକଟ ମା କେନ୍ଦେଶ୍ୱରୀ ମନ୍ଦିର ପାର୍ଶ୍ୱରେ ଶୁକ୍ରବାର ତହସିଲଦାର ସୁଶ୍ରୀ ନିବେଦିତା ପରିଡା ଅଶ୍ୱସ୍ଥ ଚାରା ରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପରିବେଶକର୍ମୀ ପ୍ରତାପ ଚନ୍ଦ୍ର ଦାସ, ପ୍ରଭାତ କ୍ଲବ ସଭାପତି ପ୍ରଦୀପ୍ତ କୁମାର ସ୍ୱାଇଁ, ସାମାଜି କର୍ମୀ କବିନ୍ଦ୍ର ଗୁରୁ ପ୍ରମୁଖ ସହଯୋଗ କରିଥିଲେ। ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ଜଙ୍ଗଲ ସୁରକ୍ଷା କରିବା ଓ ଗଛ ଲଗାଇବା ନିହାତି ଆବଶ୍ୟକ। ପ୍ରତ୍ୟେକ ଅନୁନ ଗୋଟିଏ ଲେଖାଏ ଚାରା ରୋପଣ କରିବା ପାଇଁ ତହସିଲଦାର ସୁଶ୍ରୀ ପରିଡା ଜନସାଧାରଣଙ୍କୁ ବାର୍ତ୍ତା ଦେଇଛନ୍ତି। ସେହିପରି ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ରାଧାକାନ୍ତ ବିଦ୍ୟାପୀଠ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ, ସ୍କାଉଟ ଶିକ୍ଷକ ନଟବର ସେଠୀଙ୍କ ସମେତ ବଦ୍ୟାଳୟର ଛାତ୍ରୀଛାତ୍ରମାନେ ଆମ୍ବ, ଅଁଳା, ଅର୍ଜୁନ, କଦମ୍ବ, ନିମ୍ବ ଆଦି ଚାରା ରୋପଣ କରିଥିଲେ।

# ସାମାଜିକ ବନୀକରଣ ଯୋଜନାରେ ୧ କୋଟି ଟଙ୍କା ଚଳୁ

**କଣାସ,୨୧।୭(ବିଭୂତି ଭୂଷଣ ତ୍ରିପାଠୀ)**



ଗଛ ଲାଗି ନ ଥିବା କାଙ୍କପୁର ମାଙ୍କଗାଁ– ଭଗବତୀ ରାସ୍ତା ।

କଣାସ ବ୍ଲକରେ ବନୀକରଣ, ଚାରାରୋପଣ କରିବା ପାଇଁ ୨୦୨୨-୨୩ ମସିହାରେ ସାମାଜିକ ବନୀକରଣ ଯୋଜନାରେ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଆସୁଛି। ହେଲେ ବିଭାଗୀୟ ପକ୍ଷରୁ ଅଳ୍ପ କିଛି ଚାରାରୋପଣ କରି ବାକି ଅର୍ଥ ହରିଲୁଟ କରିଥିବା ଅଭିଯୋଗ ହୋଇଛି। ଉକ୍ତ ବର୍ଷରେ ବନୀକରଣ ନାଁରେ ବିଭାଗୀୟ କର୍ତ୍ତୃପକ୍ଷ ଅଳ୍ପ କିଛି ଗଛ ଲଗାଇ ପ୍ରାୟ ୧ କୋଟି ଟଙ୍କା ଚଳୁ କରିନେଇଥିବା ଜଣାପଡିଛି। କଣାସ ଓ ଡେଲାଙ୍ଗ ବନବିଭାଗ ରେଞ୍ଜରଙ୍କ ଏକ ହିସାବ ଫର୍ଦ୍ଦରୁ ଜଣାପଡ଼ିଛି ଯେ, କୋଟକଣା ଛକଠାରୁ ଭଗବତୀ ମନ୍ଦିର ୮କି.ମି ପାଇଁ ୧୯,୧୦,୬୩୮ଟଙ୍କା, ଅଣ୍ଡାଳସିଂହ ସେତୁଠାରୁ ନରଣପୁର ୪କ.ମି. ପାଇଁ ୯,୦୫,୫୩୨ଟଙ୍କା, ବରିମଣ୍ଡଳଠାରୁ ପାଣ୍ଡିଆକେରା ୬କିମି ପାଇଁ ୧୪,୩୦,୨୯୮ଟଙ୍କା, ଅଣ୍ଡାଳସିଂହ ଠାରୁ ଖାରଡା ୯,୦୫,୫୩୨ଟଙ୍କା, ଏକରୁଖା ଠାରୁ କଲ୍ୟାଣପୁର ୮କିମି ପାଇଁ ୧୯,୧୦,୬୩୮ଟଙ୍କା, ବୀରକେଶରପୁର ଠାରୁ ଘୋରଡିଆ ୬କିମି ପାଇଁ ୧୪,୩୦,୨୯୮ଟଙ୍କା, ଅଡାଲ ଠାରୁ ମାଙ୍କଗାଁ ୬କିମି ପାଇଁ ୧୪,୩୦,୨୯୮ଟଙ୍କା ଖର୍ଚ୍ଚ ହୋଇଛି। ଏହି ଅର୍ଥ ମାହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟୟ କରାଯାଛି। କିନ୍ତୁ ଏହି ଉପରୋକ୍ତ ରାସ୍ତା କଡରେ ଗୋଟିଏ ହେଲେ ବି ଗଛ ୨୦୨୨-୨୩ ମସିହାରେ ଲଗାଯାଇ ନାହିଁ। ଯାହା କେବଳ କାଗଜପତ୍ରରେ ଦର୍ଶାଯାଇ ଅର୍ଥ ଚଳୁ କରାଯାଇଛି। ସମ୍ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ସାମାଜିକ ବନିକରଣ ଉପରେ ପ୍ରାଧାନ୍ୟ ଦେଉଥିବା ବେଳେ ବନ ବିଭାଗ କର୍ତ୍ତୃପକ୍ଷ କିପରି ଲକ୍ଷ ଲକ୍ଷ ଟଙ୍କା ଗଛ ନ ଲଗାଇ ଅର୍ଥ ଆତ୍ମସାତ କରୁଛନ୍ତି ତାହା କଣାସ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏ ସମ୍ପର୍କରେ ରେଞ୍ଜର ସାନ୍ତନୁ ଦଳାଇ କୁହନ୍ତି ଆମକୁ ନିର୍ଦ୍ଦେଶ ହୋଇଛି କୌଣସି ତଥ୍ୟ ଖବରାଦାତାଙ୍କୁ ଦିଆଯାଇପାରିବ ନାହିଁ। ସେହିପରି ଖୋର୍ଦ୍ଧା ଡିଏଏଫଓ ପୂର୍ଣ୍ଣିମା ପାଣ୍ଡିଆନ୍‌ଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଫୋନ ଉଠାଇ ନ ଥିଲେ। ତେବେ ଶୁକ୍ରବାର ସ୍ଥାନୀୟ ବନ ବିଭାଗ ପକ୍ଷରୁ କିଛି ଗଛ ଅଡାଲରୁ ମାଙ୍କଗାଁ ମଧରେ ଲଗାଯାଉଥିବା ଦେଖିବାକୁ ମିଳିଥିଲା। ତେଣୁ ଏ ସମ୍ପର୍କରେ ତଦ' କରିବାକୁ କଣାସ ଅଞ୍ଚଳର ବୁଦ୍ଧିଜିବୀମାନେ ଦାବିକରିଛନ୍ତି ।

## ୮୯ ପିଜି ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ

**ନିମାପଡ଼ା,୨୧।୭(ବିଚିତ୍ରାନନ୍ଦ ସାହୁ)**





ନିମାପଡ଼ା କଲେଜ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ ଓ ସମ୍ବର୍ଦ୍ଧନା ସମାରୋହରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପିଜି ଛାତ୍ରୀଛାତ୍ର ।

ସ୍ନାତକୋତ୍ତର (ପିଜି) ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ ଏବେଠାରୁ ଠିକ୍ ନିଷ୍ପତ୍ତି ନେଇ ଭବିଷ୍ୟତରେ ଜୀବନର ମାନ ବଢ଼ାଇବା ଆବଶ୍ୟକ। ଆଜିର ଛାତ୍ରୀଛାତ୍ର ଆଗାମୀ ଦିନର ଭବିଷ୍ୟତ ଓ ଦେଶ ଗଠନରେ ସେମାନଙ୍କ ଗୁରୁଦାୟିତ୍ୱ ରହିଛି। ପ୍ରତ୍ୟେକ ଛାତ୍ରୀଛାତ୍ର ଜଣେ ଉତ୍ତମ ନାଗରିକ ହୋଇ ଦେଶ ଓ ରାଜ୍ୟର ଯଶ ରଖିବା ଉଚିତ ବୋଲି ଆୟୋଜିତ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ନିମାପଡ଼ା କଲେଜ ପକ୍ଷରୁ ପିଜି ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ ଓ ସମ୍ବର୍ଦ୍ଧନା ସମାରୋହ ଶୁକ୍ରବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଅଧକ୍ଷା ପୁଷ୍ପିତା ରାଜଗୁରୁ, ପରୀକ୍ଷା ନିରୀକ୍ଷକ ଦେବେନ୍ଦ୍ର ନାଥ ଦାସ, ଡିନ୍ ଶିକ୍ଷାବିତ ରମାକାନ୍ତ ଦାଶ, ସଂଯୋଜକ ଡ. ପ୍ରଣବ ସ୍ୱାଇଁ, ପ୍ରଶାସନିକ ଅଧିକାରୀ ପ୍ରାଧାପକ ରବୀନ୍ଦ୍ରନାଥ ପାଢ଼ୀ, ଅଧାପକ ମାନସରଞ୍ଜନ ସ୍ୱାଇଁ, କୃଷ୍ଣଚନ୍ଦ୍ର ସାବୁତ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମାରୋହରେ ୮୯ଜଣ ଛାତ୍ରୀଛାତ୍ର ପିଜିରେ କୃତକାର୍ଯ୍ୟ ହୋଇଥିବାରୁ ସେମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଚଳିତବର୍ଷ ମୋଟ ୫ଟି ବିଭାଗରେ ୮୯ଜଣ ଛାତ୍ରୀଛାତ୍ର ପିଜି ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଭୂତତ୍ୱ ବିଭାଗର ପିଜି ଛାତ୍ର ସୌଭାଗ୍ୟ ରଞ୍ଜନ ସାହୁ ୯୮.୩ ଶତକଡ଼ା ରଖି ଟପ୍ପର ହେବା ସହ ଶ୍ରେଷ୍ଠ ସ୍ନାତକୋତ୍ତର ବିବେଚିତ ହୋଇଛନ୍ତି। ସେ ମୋଟରେ ୨୦୦୦ ନମ୍ବରରୁ ୧୯୬୬ ନଂ. ରଖିଛନ୍ତି। ସେହିପରି ଓଡ଼ିଆ ବିଭାଗରେ ଛାତ୍ରୀ ମୋନାଲିସା ନାୟକ ୮୩.୫ ପ୍ରତିଶତ, ବାଣିଜ୍ୟରେ ଛାତ୍ରୀ ଚିନ୍ମୟୀ ରାଉତ ୯୪.୮, ରସାୟନ ବିଜ୍ଞାନ ଛାତ୍ର କାହ୍ନୁଚରଣ ମହାରଣା ୮୬ ପ୍ରତିଶତ ନମ୍ବର ରଖି ବିଭାଗୀୟ ଟପ୍ପର ହୋଇଛନ୍ତି। ଅଧାପକ ମାନସ ରଞ୍ଜନ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଖୋର୍ଦ୍ଧା ଜିଲାକୁ 'ଭୂମି ସମ୍ମାନ'



ରାଷ୍ଟ୍ରପତିଙ୍କ ଠାରୁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ପୁରସ୍କାର ଗ୍ରହଣ କରୁଛନ୍ତି ।

**ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ):**

ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ପରିସରରେ ଗତ ମଙ୍ଗଳବାର ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତର ୭୫ ଜିଲାକୁ 'ଭୂମି ସମ୍ମାନ' ପରୁସ୍କାର ପ୍ରଦାନ କରିଛନ୍ତି। ଏହିକ୍ରମରେ ଖୋର୍ଦ୍ଧା ଜିଲାକୁ ମଧ 'ଭୂମି ସମ୍ମାନ' ପ୍ଲାଟିନମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅନୁମୋଦନକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ରାଷ୍ଟ୍ରପତିଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଜମି ରେକର୍ଡଗୁଡ଼ିକର କମ୍ପ୍ୟୁଟରୀକରଣ, ଭୂ-ନକ୍ସାର ଡିଜିଟାଇଜେସନ, ଭୂ-ନକ୍ସା ସହିତ ଖତିୟାନର ସଂଯୋଗୀକରଣ, ଜମି ପଞ୍ଜୀକରଣର କମ୍ପ୍ୟୁଟରୀକରଣ, ରାଜସ୍ୱ ଓ ଉପ-ନିବନ୍ଧକଙ୍କ କାର୍ଯ୍ୟାଳୟ ଦ୍ୱାରା ଜମି ରେକର୍ଡ ସହିତ ପଞ୍ଜୀକରଣର ଏକକୀକରଣ, ରେଜିଷ୍ଟ୍ରେସନ କାର୍ଯ୍ୟକ୍ରମର ସରଳୀକରଣ, ସ୍ୱଚ୍ଛତା ଅନୁପାଳନ, ଆଧୁନିକ ଅଭିଲେଖାଳୟରେ ଉଲ୍ଲେଖନୀୟ ସଫଳତା ପାଇଁ ଖୋର୍ଦ୍ଧା ଜିଲାକୁ ଏହି ସମ୍ମାନ ଦିଆଯାଇଛି। ପୁରସ୍କାର ଗ୍ରହଣ ସମୟରେ ବାଲିଅନ୍ତା ତହସିଲଦାର ବିମଳ କୁମାର ଲେଙ୍କା, ବାଲିପାଟଣା ତହସିଲଦାର ବୁଲବୁଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଇଭିଏମ୍ ଫାଷ୍ଟ ଲେଭଲ ଚେକିଂ ପାଇଁ ଗୃହ ନିର୍ମାଣର ଶୁଭ ଦିଆଗଲା



ଗୃହ ନିର୍ମାଣ ପାଇଁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଶୁଭ ଦେଉଛନ୍ତି।

**ପୁରୀ, ୨୧।୭(ଅଜିତ୍ ମହାନ୍ତି):**

ପ୍ରତ୍ୟେକ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନର ଫାଷ୍ଟ ଲେଭଲ ଚେକିଂ ଜରୁରୀ ହୋଇଥାଏ। ବିଶେଷକରି ଇଭିଏମ୍‌ଗୁଡ଼ିକ ବିଭିନ୍ନ ସ୍ଥାନରୁ ଆସି ସମ୍ପୃକ୍ତ ଜିଲାର ଇଭିଏମ୍ ଗୋଦାମରେ ପହଞ୍ଚିବା ପରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଫାଷ୍ଟ ଲେଭଲ ଯାଞ୍ଚ କରାଯାଇ ମେଶିନଗୁଡ଼ିକର ସଠିକତା ଓ ନିରପେକ୍ଷତାକୁ ଅନୁଧ୍ୟାନ କରାଯାଇଥାଏ। ଭାରତର ମୁଖ୍ୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟ କରାଯାଇ ଥାଏ। ସମ୍ପ୍ରତି ଇସିଆଇଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁରୀ ଜିଲାର ଇଭିଏମ୍ ଫାଷ୍ଟ ଲେଭଲ ଯାଞ୍ଚ ସୁବିଧା ପାଇଁ ଗୃହ ନିର୍ମାଣ କରାଯିବ। ଏଥିଲାଗି ଶୁକ୍ରବାର ପେଣ୍ଟକଟାଠାରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଶୁଭ ଦେଇଛନ୍ତି। ଏହି ଗୃହ ନିର୍ମାଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରାଯିବା ଉପରେ ସାହୁ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଶୁକଦେବ ସାହୁ ଏବଂ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ ହେଉ

**ଅସ୍ତରଙ୍ଗ,୨୧।୭: (ମମତା ଜେନା)**

**୫-ଟି ସ୍କୁଲରୁ ପ୍ଲାଷ୍ଟର ଖସି ଗୁରୁତର ହେବା ଘଟଣା**



ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ତାଳଦା ପଢ଼ିଆରୀ ନୋଡାଲ ବିଦ୍ୟାପୀଠ ଅଫିସ ଗୃହରୁ ପ୍ଲାଷ୍ଟର ଖସି ଶିକ୍ଷୟତ୍ରୀ ଓ ଜଣେ ସିଆରସିସିଙ୍କ ମୁଣ୍ଡ ଫାଟିବା ସହ କ୍ରୀଡା ଶିକ୍ଷକ ଆହତ ହେବା ଘଟଣା ସମସ୍ତଙ୍କ ମନରେ ଆଲୋଡନ ସୃଷ୍ଟି କରିଛି। ଏହି ଘଟଣାଟି ବ୍ୟାପିବାରେ ୫-ଟିରେ ବିଦ୍ୟାଳୟର ରୂପାନ୍ତରିତ କାର୍ଯ୍ୟ ନିମ୍ନମାନର ବୋଲି ସମସ୍ତେ ମତ ରଖିଛନ୍ତି। ଅନ୍ୟପଟେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରି ଗୁରୁବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକ ଫାଟକ ସମୁଖରେ ଧାରଣା ଦେଇଥିଲେ। ଜିଲାର ଉଚ୍ଚପଦସ୍ଥ ଅଧିକାରୀ ନ ଆସିବା ଯାଏ ସ୍କୁଲ ବନ୍ଦ ରହିବ ବୋଲି ସ୍ଥାନୀୟ ଲୋକେ ନିଷ୍ପତ୍ତି ନେଇଥିଲେ। ଘଟଣାରେ ଅଦ୍ୟାବଧି ଜିଲାସ୍ତରରୁ କୌଣସି ଉଚ୍ଚପଦସ୍ଥ ଅଧିକାରୀ ଆସି ତଦନ୍ତ କରିବା କିମ୍ବା ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରି ନ ଥିବାବେଳେ ଅଭିଭାବକ ମହଲରେ ଅସନ୍ତୋଷ ବଢୁଛି। ତଦନ୍ତ ନହେବା ଯାଏ ସ୍କୁଲ ବନ୍ଦ ରହିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ସରପଞ୍ଚଙ୍କ ସମର୍ଥକମାନେ ଫାଟକ ତାଲା ଖୋଲିଥିଲେ। ଫଳରେ ୨୪ଜଣ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯାଇଥିବାବେଳେ ଅନ୍ୟମାନେ ଅନୁପସ୍ଥିତ ରହିବା ପ୍ରଧାନ ଶିକ୍ଷକ ସୁଧୀର ପ୍ରଧାନ ଓ ଆହତ ସିଆରସିସି ସୂଚନା ଦେଇଛନ୍ତି। କିନ୍ତୁ ତଦନ୍ତ ନ ହୋଇ ତାଲା ଖୋଲିବାରୁ ଅନ୍ୟ ଅଭିଭାବକମାନେ ଏହାକୁ ସମର୍ଥନ କରିନାହାନ୍ତି। ବରଂ ଶନିବାରଠାରୁ ଫାଟକ ସମ୍ମୁଖରେ ପୁଣି ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି। କାରଣ ସମସ୍ତ ଶ୍ରେଣୀ ଗୃହ ଦୀର୍ଘ ବର୍ଷ ନିର୍ମାଣ ହୋଇ ନ ଥିବାରୁ ଶ୍ରେଣୀଗୃହ ସବୁ ବିପଦସଂକୁଳ ଅବସ୍ଥାରେ ଅଛି ବୋଲି ଶିକ୍ଷକମାନେ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି। ତେଣୁ ଏକ ସମ୍ବେଦନଶୀଳ ଘଟଣାରେ ଜିଲାର ଉଚ୍ଚପଦସ୍ଥ ଅଧିକାରୀ ଏଠାକୁ ଆସି ଘଟଣାର ତଦନ୍ତ କରିବା ସମେତ ନିମ୍ନମାନର କାର୍ଯ୍ୟ ପାଇଁ ସମ୍ପୃକ୍ତ କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରବୋଧ କୁମାର ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

**ପୁରୀ, ୨୧।୭(ଅଜିତ ମହାନ୍ତି)**

ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତଙ୍କ ବିୟୋଗରେ ଏକାଡେମୀର ପୁରୀ ଜିଲା ଶାଖା ପକ୍ଷରୁ ଏକ ସ୍ମୃତିସଭା ସର୍ବୋଦୟ ନଗରସ୍ଥିତ ନିର୍ବିକଳ୍ପ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଏକାଡେମୀର ଜିଲା ସଦସ୍ୟା ଡ. ପ୍ରତିଭା ମହାରଥୀ ଅଧ୍ୟକ୍ଷତା କରିଥିଲେ। ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, କବି ଡ. ଭଗବାନ ମାନସିଂହ, ପ୍ରଫେସର ଅଦ୍ୱୈତ ଚରଣ ଧଳ, ଇଂ. ମୀନକେତନ ମିଶ୍ର ପ୍ରମୁଖ ଯୋଗଦେଇ କହିଥିଲେ, ଦିବଙ୍ଗତ ରାଉତ ଏକାଧାରାରେ କବି, ଗୀତିକାର, ଗାଳ୍ପିକ, ନାଟ୍ୟକାର ଏବଂ ପ୍ରଶାସକ ଥିଲେ। ସେ ସ୍ପଷ୍ଟବାଦିତା, ନିର୍ଭୀକତା ତଥା ଦୃଢ଼ମନା ପାଇଁ ଯେତିକି ପରିଚିତ ଥିଲେ, ଜଣେ ଦରଦି, ସ୍ନେହୀ, ନିଃସ୍ୱାର୍ଥପର ମଣିଷ ଭାବେ ସେତିକି ଲୋକପ୍ରିୟ ଥିଲେ। ବୃତ୍ତିରେ ସେ ପ୍ରଶାସନିକ ଅଧିକାରୀ ହୋଇଥିଲେ ବି ସାରସ୍ୱତ ସାଧନା ତାଙ୍କର ନିଶା ଥିଲା। ତାଙ୍କର ଅନେକ ପୁସ୍ତକ ପାଠକୀୟ ସ୍ୱୀକୃତି ପାଇଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଜୟ କୁମାର ପଣ୍ଡା ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରମୋଦା ଦେବୀ, ସୁବାସିନୀ ଧଳ, ଶିବସୁନ୍ଦର ମିଶ୍ର, ପ୍ରବାସିନୀ ମିଶ୍ର, ବିପିନ ବିହାରୀ ଦଳାଇ, ସତ୍ୟନାରାୟଣ ମିଶ୍ର, ପ୍ରଭାତ ଚନ୍ଦ୍ର ରଥ, ହେମନ୍ତ ଛୋଟରାୟ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଆଲୋକ ପଟ୍ଟନାୟକ,ଚନ୍ଦ୍ରଶେଖର ମହାରଣା ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଭାକୁ ଶ୍ୟାମପ୍ରକାଶ ସେନାପତି ପରିଚାଳନା କରିଥିଲେ।



ସଭାରେ ଡ. ପ୍ରତିଭା ମହାରଥୀ ଏବଂ ଅନ୍ୟ ଅତିଥି।

# 'ଶ୍ରୀମନ୍ଦିର ୪ ଦ୍ୱାର, ରତ୍ନଭଣ୍ଡାର ଖୋଲାଯାଉ'

**ପୁରୀ, ୨୧।୭(ଅଜିତ ମହାନ୍ତି):**

ପୁରୀବାସୀଙ୍କ ନିମନ୍ତେ ଶ୍ରୀମନ୍ଦିର ସିଂହଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାର ମଧ୍ୟରୁ କୌଣସି ଗୋଟିଏକୁ ଶୀଘ୍ର ଖୋଲିବା ଏବଂ ରତ୍ନଭଣ୍ଡାର ଖୋଲି ଅଳଙ୍କାର ଗଣତିମଣତି କରିବାକୁ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଦାବି କରିଛନ୍ତି। ଏ ନେଇ ସୁଦର୍ଶନ ଶୁକ୍ରବାର ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜାଙ୍କୁ ଚିଠି ଲେଖିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ସଂକ୍ରାନ୍ତ ଏଜେଣ୍ଡା ରଖିବାକୁ ପଟ୍ଟନାୟକ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ଥିବାରୁ ଯାଞ୍ଚ ପାଇଁ ଚିଠି ଲେଖି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ସମ୍ପର୍କରେ ଆଲୋଚନା ପାଇଁ ସୁଦର୍ଶନ ମତ ଦେଇଛନ୍ତି।

ସୁଦର୍ଶନ କହିଛନ୍ତି, ଶ୍ରୀମନ୍ଦିର ସମ୍ପର୍କିତ ଦୁଇଟି ଘଟଣାକୁ ନେଇ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜାଙ୍କୁ ଚିଠି ଲେଖିଛି। ଏଏସ୍‌ଆଇ ରତ୍ନଭଣ୍ଡାର ସ୍ଥିତି ଅନୁଧ୍ୟାନ ପାଇଁ ଚାହୁଁଥିବା ନେଇ ଗତବର୍ଷ ଶ୍ରୀମନ୍ଦିର ପ୍ରଶାସନକୁ ଏକ ଚିଠି ଦେଇଥିଲା। ଏଏସ୍‌ଆଇ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ କଥା ବୁଝୁଛି। ତେଣୁ ରତ୍ନଭଣ୍ଡାର ସ୍ଥିତି କ'ଣ ରହିଛି, କେଉଁ ସ୍ଥାନ ଦୁର୍ବଳ, କେଉଁଠି ପାଣି ଗଳୁଛି ପ୍ରଭୃତି ଅନୁଧ୍ୟାନ କରିବା ପାଇଁ ଏଏସ୍‌ଆଇ ପକ୍ଷରୁ ଚିଠି କରାଯାଇଥିଲା। ତେଣୁ ପରିଚାଳନା କମିଟିରେ ଏନେଇ ଆଲୋଚନା କରାଯାଇ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲିବା ଲାଗି ସରକାରଙ୍କୁ ପ୍ରସ୍ତାବ ଦିଆଯିବା ସହ ଅନୁରୋଧ କରାଯାଉ। ସେହିପରି ବର୍ତ୍ତମାନ କୋଭିଡ୍ ସ୍ଥିତି ନାହିଁ। ମାତ୍ର ଏବେ ବି ଭକ୍ତଙ୍କୁ କେବଳ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯିବା ପାଇଁ ଅନୁମତି ରହିଛି। ଫଳରେ ଭିଡ଼ ହେବା ସହ ବିଶେଷକରି ପୁରୀବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ପୁରୀବାସୀଙ୍କ ପାଇଁ ଅନ୍ତତଃପକ୍ଷେ ଗୋଟିଏ ଦ୍ୱାର ଖୋଲାଯାଉ। ସେହିପରି ଅନ୍ୟ ଦୁଇ ଦ୍ୱାର କାହିଁକି ବନ୍ଦ କରାଯାଇଛି ତାହାର ତଥ୍ୟ ଭକ୍ତଙ୍କୁ ଦିଆଯାଉ। ଛତିଶା ନିଯୋଗ ବୈଠକରେ ଗଠିତ ସବ୍‌କମିଟି ଦ୍ୱାରା ସ୍ଥିତି ଅନୁଧ୍ୟାନ କରାଯାଇ ତୁରନ୍ତ ୪ ଦ୍ୱାର ଖୋଲିବା ଲାଗି ପଦକ୍ଷେପ ନିଆଯାଉ ବୋଲି ସୁଦର୍ଶନ ମତ ପ୍ରକାଶ କରିଛନ୍ତି।

## ପୁରୀ ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ପୁରୀ, ୨୧।୭(ଅଜିତ ମହାନ୍ତି):**



ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ପାଇଁ ପୁରୀ ଜିଲା ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, କୋଭିଡ୍ ପରଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ଭକ୍ତଙ୍କୁ ଶ୍ରୀମନ୍ଦିର ପରିସରକୁ ଛଡ଼ାଯାଉଛି। ଅନ୍ୟ ତିନିଦ୍ୱାର ଦେଇ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଜାରି ହୋଇଛି। ଫଳରେ ଭକ୍ତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ପୁରୀବାସୀଙ୍କ ପାଇଁ ଚାରିଦ୍ୱାର ଖୋଲାଯାଉ। ଏ ନେଇ ଓକିଲ ସଂଘର ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ କହିଛନ୍ତି, ପ୍ରଥମେ ପୁରୀବାସୀଙ୍କ ଲାଗି ଚାରିଦ୍ୱାର ଖୋଲାଯାଉ। ପରେ ଅନ୍ୟ ଭକ୍ତଙ୍କ ପାଇଁ ବ୍ୟବସ୍ଥା କରାଯାଉ ବୋଲି ଜିଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଛି। ଏନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ସମସ୍ତଙ୍କ ସହ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ।

## ସଂକ୍ଷେପରେ

### ଭଣଜା ଆକ୍ରମଣରେ ମାମୁ ଗୁରୁତର

ସାଲେପୁର,୨୧।୭(ଅରବିନ୍ଦ ଭୂୟାଁ): ଜମିଜମା ବିବାଦକୁ କେନ୍ଦ୍ରକରି ମାମୁଙ୍କୁ ଭଣଜା ମରଣାନ୍ତକ ଆକ୍ରମଣ କରିଛି। ଏପରିକି ବିଚ୍ ବଜାରରେ ମାରଣାସ୍ତ୍ର ସାହାଯ୍ୟରେ ଗୋଡ଼ାଇ ଗୁରୁତର କରିଛି। ଏଭଳି ଘଟଣା ଘଟିଛି ସାଲେପୁର ଥାନା ଅନ୍ତର୍ଗତ ଜଇରାମପୁର ଗ୍ରାମରେ। ଏହି ଗ୍ରାମର କେଶବ ଚନ୍ଦ୍ର ଦାସ ଓ ଭଣଜା କୁଞ୍ଜମୋହନ ଦତ୍ତଙ୍କ ମଧ୍ୟରେ ଜମିଜମାକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା। ଶୁକ୍ରବାର ସକାଳୁ ମାମୁ କେଶବ ମୋଟର ସାଇକେଲ୍‌ରେ ଯାଉଥିବାବେଳେ ଭଣଜା କୁଞ୍ଜମୋହନ ଓ ତାଙ୍କ ପୁଅ କିଶୋର କୁମାର ଗାଡ଼ିକୁ ଅଟକାଇଥିଲେ। ସେମାନେ କେଶବଙ୍କ ଗାଡ଼ିକୁ ଠେଲି ଦେଇ ଆକ୍ରମଣ କରିଥିଲେ। ଭୟଭୀତ ହୋଇ କେଶବ ଦୌଡିବାକୁ ଆରମ୍ଭ କରିଥିଲେ। ଏହି ସମୟରେ କୁଞ୍ଜମୋହନ ଓ କିଶୋର ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ଗୁରୁତର କରିଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି କେଶବଙ୍କୁ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ନଂ. ୨୩୪/୨୩ ରୁଜୁ କରିଛି। ଏହି ଆକ୍ରମଣ ଘଟଣା ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେବାରେ ଲାଗିଛି। ଅପରପକ୍ଷେ କେଶବଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

### ବ୍ୟବସାୟୀଙ୍କ ପରଲୋକ

ମାହାଙ୍ଗା,୨୧।୭(ଯଯାତି ସିଂହ): ମାହାଙ୍ଗା ବ୍ଲକ ପଣସପୁର ଗ୍ରାମ ତଥା ବାଲିଚନ୍ଦ୍ରପୁର ବଜାରର ପୁରୁଖା ବ୍ୟବସାୟୀ ଅନନ୍ତ କୁମାର ସାହୁ (୮୦)ଙ୍କ ପରଲୋକ ଘଟିଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ସଫଳ ବ୍ୟବସାୟୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ମୃତଦେହ ଦାହ କରାଯାଉଥିବାବେଳେ ବଡ଼ପୁଅ ସୁମନ୍ତ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଖବରପାଇ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ଯତିନ୍ଦ୍ର ମୋହନ ସାହୁ ,ପବିତ୍ରମୋହନ ସାହୁ ,ବାଉରୀ ବନ୍ଧୁ ନାୟକ, ଗଣେଶ୍ୱର ଦାସ, ତ୍ରୈଲୋକ୍ୟ ସେଣ୍ଡ, ବାବାଜି ସାହୁ ଓ ପ୍ରମୋଦ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ବିଲରୁ ଗଳିତ ମୃତଦେହ ଜବତ

ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ): ୧୬ ନମ୍ବର ଜାତୀୟ ରାଜପଥ ପିତାପଲ୍ଲୀ ଛକ ନିକଟ ପେଟ୍ରୋଲ ପମ୍ପ ପଛ ବିଲରୁ ଶୁକ୍ରବାର ପୋଲିସ ଏକ ଗଳିତ ମୃତଦେହ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରିନାହିଁ। ମୃତଦେହ ୩ ଦିନ ତଳର ବୋଲି ପୋଲିସ ଅନୁମାନ କରିଛି। ନିକଟରୁ ପ୍ୟାଣ୍ଟ, ଶାର୍ଟ, ଚପଲ ଏବଂ ମନପର୍ସରୁ ଏକ ସ୍କୁଲଡ୍ରେସ୍ ପରିଧାନ କରିଥିବା ଶିଶୁର ଫଟୋ ମିଳିଛି। ଫଟୋଟି ମୃତକଙ୍କ ଝିଅର ହୋଇଥିବା ପୋଲିସ ଅନୁମାନ କରିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କଲେ କେହି ତାଙ୍କୁ ହତ୍ୟା ପରେ ଏଠାରେ ଫୋପାଡ଼ି ଦେଇଥିବା ସନ୍ଦେହ କରାଯାଉଛି। ସୂଚନା ମୁତାବକ, ଅପରାହ୍ନରେ ବିଲ ଭିତରେ ଏକ ମୃତଦେହ ପଡିଥିବା ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରେ ସଦର ଏସ୍‌ଡିପିଓ ଦିଲୀପ ଦାସ ଏବଂ ଟାଉନ ଥାନାଧିକାରୀ ତାରିକ ଅହମ୍ମଦ ପହଞ୍ଚିଥିଲେ। ମୃତଦେହକୁ ଚିହ୍ନଟ ଲାଗି ବ୍ୟବଚ୍ଛେଦ ଗୃହରେ ରଖାଯାଇଛି।

# ସୋସିଆଲ ମିଡିଆରେ 'କଇଁଛ ତରକାରି' ଭାଇରାଲ

## ରାଜ୍ୟରେ ବନ୍ୟପ୍ରାଣୀ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଲା

ଭୁବନେଶ୍ୱର,୨୧।୭(ଅଭିଜିତ ଦାସ)

ସଂରକ୍ଷିତ ବନ୍ୟପ୍ରାଣୀ 'କଇଁଛ' ରାଜ୍ୟରେ ଅସୁରକ୍ଷତି ହୋଇପଡୁଛି। ଚାଲାଣ ହେବା ସହ ଶିକାର ବଢ଼ିଚାଲିଛି। କଇଁଛକୁ ମାରି ତରକାରି କରି ଖିଆଯାଉଛି। ପୁଣି ଏହି 'କଇଁଛ ତରକାରି'ର ଭିଡିଓ କରାଯାଇ ସୋସିଆଲ ମିଡିଆରେ ଛଡ଼ାଯାଉଛି। ଭାଇରାଲ ହୋଇଥିବା ଏହି ଭିଡିଓରେ ଜୀଅନ୍ତା କଇଁଛକୁ ମାରିବା ସହ କାଟି ତରକାରି କରାଯାଉଥିବାର ଦୃଶ୍ୟ ରହିଛି। ଖୁଲମ୍‌ଖୁଲା ଭାବେ ବନ୍ୟପ୍ରାଣୀ ଆଇନକୁ ଉଲ୍ଲଂଘନ କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ପ୍ରାଣୀପ୍ରେମୀମାନେ ଚିନ୍ତାବ୍ୟକ୍ତ କରିବା ସହ ପ୍ରଶ୍ନ ଉଠାଇଛନ୍ତି। ସୂଚନା ଅନୁଯାୟୀ, ଭଦ୍ରକ ଜିଲା ରମ୍ଭିଲା ସୁଧିଲାଦେଇପୁର ଅଞ୍ଚଳର ମନୋଜ ନାମକ ଜଣେ ବ୍ୟକ୍ତି ନିଜ ସୋସିଆଲ ମିଡିଆ ସାଇଟ୍ 'ଓଡିଶା ଭିଲେଜ୍ ଲାଇଭ୍ ଫୁଡ୍'ରେ ଗତ ୧୯ ତାରିଖରେ କଇଁଛରୁ ତରକାରି ତିଆରି ହେଉଥିବାର ଭିଡିଓ ପୋଷ୍ଟ କରିଥିବା ଜଣାପଡିଛି। ଉକ୍ତ ଭିଡିଓଟିରେ ବ୍ୟକ୍ତି ଜଣକ ଏକ ଦୁର୍ଲଭ ପ୍ରଜାତିର କଇଁଛକୁ ମାରି ରୋଷେଇ କରିବାର ପ୍ରଣାଳୀ ଦେଖାଉଛନ୍ତି। ଏହାକୁ ନେଇ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ଭାରତୀୟ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୧୯୭୨ ଧାରାରେ ଦୁର୍ଲଭ ପ୍ରଜାତିର କଇଁଛ, ହାତୀ, ବାଘ ଓ ସାପ ଭଳି ବନ୍ୟଜନ୍ତୁଗୁଡିକ ସବ୍ ସ୍କେଲ ୧ ପ୍ରଜାତିର ଅଟନ୍ତି। ନିୟମ ଅନୁଯାୟୀ ଦୁର୍ଲଭ ପ୍ରଜାତିର କୌଣସି ବନ୍ୟଜନ୍ତୁଙ୍କୁ ଶିକାର କରିବା ତ ଦୂର କଥା, ଘରେ ମଧ୍ୟ ରଖିବା ଆଇନଗତ ଅପରାଧ। ୭ ବର୍ଷ ଜେଲଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ରହିଛି। ଶୁଭେନ୍ଦୁ ଏ ସମ୍ପର୍କରେ ବନ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ଭିଡିଓ କରିଥିବା ମନୋଜ କହିଛନ୍ତି, ଏସବୁ ସମ୍ପର୍କରେ ଆମେ ଜାଣିନାହୁଁ। ଅପରପକ୍ଷେ ପୂର୍ବତନ ପିସିସିଏଫ୍ ବିଜୟ କେତନ କହିଛନ୍ତି, ସୋସିଆଲ ମିଡିଆରେ ଅନେକ ଭିଡିଓ ଭାଇରାଲ ହେଉଛି। କେତେବେଳେ ସାପ ଖେଳାଳିମାନେ ଦୁର୍ଲଭ ପ୍ରଜାତିର ସାପକୁ ନେଇ ରାସ୍ତାଘାଟରେ ଦେଖାଉଛନ୍ତି ତ ଆଉ କେତେବେଳେ ଲୋକମାନେ ମାଙ୍କଡ, ଶୁଆ ଭଳି ଜୀବଜନ୍ତୁଙ୍କୁ ନେଇ ବେଆଇନ ଭାବେ ପୋଷା ପ୍ରାଣୀ କରି ରଖୁଛନ୍ତି। ବିଭାଗକୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ।



ଭାଇରାଲ ହୋଇଥିବା ଭିଡ଼ିଓ।


ସଂସଦ ଭବନରେ ବିଭିନ୍ନ ମୂର୍ତ୍ତି ସ୍ଥାପନ କରିଥିବା ପଥର ଶିଳ୍ପୀଗୁରୁ ହୃଷୀକେଶ ମହାରଣାଙ୍କୁ ମନ୍ତ୍ରୀ ହରଦୀପ ସିଂହ ପୁରୀ ସମ୍ବର୍ଦ୍ଧିତ କରୁଛନ୍ତି।

## ପଥର ଶିଳ୍ପୀ ଗୁରୁ ହୃଷୀକେଶ ମହାରଣାଙ୍କୁ ସମ୍ବର୍ଦ୍ଧନା

ମାହାଙ୍ଗା,୨୧।୭(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଲଳିତଗିରି ଗ୍ରାମର ପଥର ଶିଳ୍ପୀଗୁରୁ ହୃଷୀକେଶ ମହାରଣା ପଥରରେ ବିଭିନ୍ନ ପ୍ରକାର ମୂର୍ତ୍ତି କରି ସାରା ଓଡିଶାରେ ସୁନାମ ଅର୍ଜନ କରିଛନ୍ତି। ସେ ନୂତନଭାବେ ନିର୍ମାଣ ହୋଇଥିବା ସଂସଦ ଭବନରେ ପଥରରେ ନିର୍ମିତ ବିଭିନ୍ନ ପ୍ରକାର ମୂର୍ତ୍ତି ସ୍ଥାପନ କରିଥିଲେ। ଏନେଇ ସଂସଦର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ହରଦୀପ ସିଂହ ପୁରୀ ତାଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏ ନେଇ ଲଳିତଗିରି ସମେତ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି।

# ଗୋବରୀ ନଦୀ ଉନ୍ନତୀକରଣ କାର୍ଯ୍ୟ ପାଇଁ ଟେଣ୍ଡର

ମାହାଙ୍ଗା,୨୧।୭(ଯଯାତି ସିଂହ)

ଗୋବରୀ ନଦୀର ଉନ୍ନତୀକରଣ କରାଯିବ। ଏନେଇ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ଡ୍ରେନେଜ କଟକ ବିଭାଗ ପକ୍ଷରୁ ଗୋବରୀ ନଦୀ ଉନ୍ନତୀକରଣ ପାଇଁ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର କରାଯାଇଛି। ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସାଧାରଣରେ ଆନନ୍ଦର ଲହରି ଖେଳିଯାଇଛି। ମାହାଙ୍ଗା ବ୍ଲକର ବହୁ ଚାଷୀ କୃଷି କାର୍ଯ୍ୟ ସମୟରେ ଜଳସେଚନ ପାଇଁ ଗୋବରୀ ନଦୀ ଉପରେ ନିର୍ଭର କରିଥାନ୍ତି। ବର୍ଷା ଦିନେ ବନ୍ୟାଜଳ ଆସିଲେ ଆଖପାଖ ପଞ୍ଚାୟତର ଚାଷ ଜମିରେ ପାଣି ଜମି ଫସଲ ନଷ୍ଟ ହେଉଥିଲା। ବନ୍ୟା ଜଳ ପ୍ରଭାବରେ ମାଟି କାନ୍ଥ ଘର ଭାଙ୍ଗି ଧନ ଜୀବନ ନଷ୍ଟ ହୋଇଥାଏ। ଏଥିସହ ଗୋବରୀ ନଦୀ ପାର୍ଶ୍ୱରେ ମାଟି ଅତଡ଼ା ଖସି ଜନଜୀବନ ପ୍ରତି ବିପଦ ସୃଷ୍ଟି କରେ। ଯାତାୟାତ ବାଧାପ୍ରାପ୍ତ ହୋଇଥାଏ। ଏନେଇ ଗୋବରୀ ନଦୀକୁ ମାହାଙ୍ଗାର ଦୁଃଖ ବୋଲି କୁହାଯାଇଥାଏ। ଏସବୁ ସମସ୍ୟାର ସମାଧାନ ନିମନ୍ତେ ମାହାଙ୍ଗା ଅଞ୍ଚଳର ବୁଦ୍ଧିଜୀବୀ,କୃଷକ,ବରିଷ୍ଠ ମୁରବି ଓ ମାହାଙ୍ଗାର ସାଧାରଣ ଲୋକେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ ଅବଗତ କରାଇଥିଲେ। ବିଧାୟକ ଜେନା ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏବେ ନଦୀର ଉନ୍ନତୀକରଣ କାର୍ଯ୍ୟ ହେଉଥିବାରୁ ସ୍ଥାନୀୟ ଲୋକେ ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗୋବରୀ ନଦୀର ଉନ୍ନତୀକରଣ ଏବଂ ଡ୍ରେନେଜ ହେବା ଦ୍ୱାରା ଜଳ ନିଷ୍କାସନରେ ସୁଧାର ଆସିବା ସହ ନଦୀବନ୍ଧ ସୁଦୃଢ଼ୀକରଣ ହେବ ବୋଲି ବିଧାୟକ ଜେନା କହିଛନ୍ତି।

# ଫନୀ ବାତ୍ୟାକୁ ୪ବର୍ଷ ବିତିଲା: ସୁଧୁରୁନି ଅବସ୍ଥା



ବାଙ୍କୀ,୨୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

## ଅସହାୟଙ୍କୁ ଭେଟିଲେ ରାଜ୍ୟ ଯୁବକଂଗ୍ରେସ ସଭାପତି

୨୦୧୯ ହୋଇଥିବା ଫନୀ ବାତ୍ୟାକୁ ଇତିମଧ୍ୟରେ ୪ବର୍ଷ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କ ଅବସ୍ଥାରେ ସୁଧାର ଆସୁନାହିଁ। ବାଙ୍କୀ ବ୍ଲକ ରତାଗଡ଼ ପଞ୍ଚାୟତର ୧୧ନମ୍ବର ୱାର୍ଡସଭ୍ୟ ପିତବାସ ମହାରଣାଙ୍କ ଘର ଫନୀ ବାତ୍ୟାରେ ଭାଙ୍ଗି ଯାଇଥିଲା। ସେ ସମୟରୁ ତାଙ୍କର ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ ସାମିଲ୍ କରାଯାଇଛି। ଇତିମଧ୍ୟରେ ଏହି ଯୋଜନାରେ ଲୋକଙ୍କୁ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପିତବାସଙ୍କୁ କାର୍ଯ୍ୟାଦେଶ ମିଳିପାରି ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୱେବ୍ ପୋର୍ଟାଲରେ ତାଙ୍କ ଘର ନିର୍ମାଣ ପାଇଁ ଗତ ଜାନୁୟାରୀ ୪ ତାରିଖରେ ମଞ୍ଜୁରୀ କରାଯାଇଛି। କିନ୍ତୁ ପଞ୍ଚାୟତ ନିର୍ବାହୀ ଅଧିକାରୀ, ବାଙ୍କୀ ବ୍ଲକ ପ୍ରଶାସନର ଅବହେଳା ଯୋଗୁ ଏପର୍ଯ୍ୟନ୍ତ କାର୍ଯ୍ୟାଦେଶ ଦିଆଯାଇନାହିଁ। ଏନେଇ ସେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ଖବରପାଇ ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କା ତାଙ୍କ ପରିବାରକୁ ଭେଟି କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଲେଙ୍କା ବାଙ୍କୀ ବିଡିଓ ଓ ଉପଜିଲାପାଳଙ୍କୁ ଅବଗତ କରାଇଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ କାର୍ଯ୍ୟାଦେଶ ମଞ୍ଜୁର କରିବାକୁ ଲେଙ୍କା ଦାବି କରିଛନ୍ତି।

# ସ୍ମାର୍ଟସିଟି ରାଙ୍କିଙ୍ଗ୍‌ରେ ୨୪ ନଂ.କୁ ଖସିଲା ଭୁବନେଶ୍ୱର

ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)




ସ୍ମାର୍ଟସିଟି ରାଙ୍କିଙ୍ଗ୍‌ରେ ୨୪ ନମ୍ବର ସ୍ଥାନକୁ ଖସି ଆସିଛି ଭୁବନେଶ୍ୱର। ସେହିଭଳି ରାଉରକେଲା ୪୭ ନମ୍ବର ସ୍ଥାନରେ ରହିଛି। ରାଙ୍କିଙ୍ଗ୍ ନେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଅନୁମୋଦିତ ଜିଏମ୍‌ଆଇଏସ୍ (ଜିଓସ୍ପାଟିଆଲ୍ ମ୍ୟାନେଜ୍‌ମେଣ୍ଟ ଇନ୍‌ଫର୍ମେସନ୍ ସିଷ୍ଟମ୍) ରିପୋର୍ଟରୁ ତଥ୍ୟ ମିଳିଛି। ଦେଶରେ ୨୦୧୫ରେ ଆରମ୍ଭ ହୋଇଥିବା ସ୍ମାର୍ଟସିଟି ମିଶନରେ ୪ଟି ପର୍ଯ୍ୟାୟରେ ମୋଟ୍ ୧୦୦ଟି ସହର ସ୍ଥାନିତ ହୋଇଥିଲା। ୨୦୧୬ରେ ଏହି ତାଲିକାରେ ଭୁବନେଶ୍ୱରେ ୧ନମ୍ବର ସ୍ଥାନରେ ରହିଥିଲା। ସହରରେ ମୋ ବସ, ମୋ ସାଇକେଲ, ସବୁ ସ୍ଥାନରେ ୱାଇଫାଇ ସୁବିଧା, ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥା, ମଲ୍ଟି କାର ପାର୍କିଂ ସିଷ୍ଟମ, ସ୍ମାର୍ଟ ଜନପଥ ଭଳି ମୋଟ୍ ୩୫ଟି ପ୍ରକଳ୍ପ କରିବାକୁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଦାୟିତ୍ୱ ନେଇଥିଲା। ପରେ ସ୍ମାର୍ଟସିଟି ତାଲିକାରେ ଓଡ଼ିଶାରୁ ଦ୍ୱିତୀୟ ସହର ଭାବେ ରାଉରକେଲା ସ୍ଥାନିତ ହୋଇଥିଲା। ଏହି ଦୁଇ ସହରର ୯୯ଟି ପ୍ରକଳ୍ପ ପାଇଁ ୩୬୭୨.୬୩ କୋଟି ଖର୍ଚ୍ଚ କରାଯାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧା ଅଧା ଅର୍ଥରେ ତିଆରି ହେଉଥିବା ପ୍ରକଳ୍ପ ଭିତରେ ଭୁବନେଶ୍ୱରରେ ୩୫ଟି ଓ ରାଉରକେଲାରେ ୬୪ଟି ପ୍ରକଳ୍ପ ହାତକୁ ନିଆଯାଇଛି। ୨୦୨୪ରେ ସ୍ମାର୍ଟସିଟି ପ୍ରକଳ୍ପ ଅବଧି ସରିବାକୁ ଥିବାବେଳେ ୮ବର୍ଷ ମଧ୍ୟରେ ନିର୍ଦ୍ଧାରିତ ପ୍ରକଳ୍ପ ମଧ୍ୟରୁ ମାତ୍ର ୨୮ଟି ପ୍ରକଳ୍ପ କାର୍ଯ୍ୟ କରିଛି ବିଏସ୍‌ସିଏଲ୍। ପୁଣି ମଧ୍ୟରୁ କିଛି ପୂର୍ଣ୍ଣାଙ୍ଗ ଥିବାବେଳେ ଆଉକିଛି ଅଧାରେ ରହିଛି। ଏଭଳି ଅନେକ କାରଣରୁ ଭୁବନେଶ୍ୱର ସ୍ମାର୍ଟସିଟି ର୍ୟାଙ୍କିଙ୍ଗ୍‌ରେ ତଳକୁ ଖସି ଚାଲିଥିବା କୁହାଯାଉଛି।

**୪୭ ନଂ. ସ୍ଥାନରେ ରାଉରକେଲା**

- ୨୦୨୪ରେ ସରିବ ସ୍ମାର୍ଟସିଟି ପ୍ରକଳ୍ପ
- ୮ବର୍ଷରେ ସମ୍ପୂର୍ଣ୍ଣ ହୋଇ ପାରିନି ୨୮ ପ୍ରକଳ୍ପ

## ଚୋରି କରି ଯୁବତୀ ଗିରଫ, ଲାପଟପ ଜବତ

ଭୁବନେଶ୍ୱର,୨୧।୭ (ସୂର୍ଯ୍ୟକାନ୍ତ ବେହେରା)

ଚୋରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଶୁକ୍ରବାର ଜଣେ ଯୁବତୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁରର ଶୀତଲ ଜେନା। ତାଙ୍କଠାରୁ ଗୋଟିଏ ଦାମୀ ଲାପଟପ ଜବତ ହୋଇଛି। ସୂଚନାନୁସାରେ ଅଭିଯୋଗକାରିଣୀ ଜଣକ ପାତ୍ରପଡାଠାରେ ଥିବା ଏକ ଆପାର୍ଟମେଣ୍ଟର ଫ୍ଲାଟ ନମ୍ବର–୧୦୫ରେ ରୁହନ୍ତି। ନିଜ ମାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ନିମନ୍ତେ ସେ ଚନ୍ଦ୍ରଶେଖରପୁରଠାରେ ଥିବା ସଞ୍ଜୀବନୀ ହେଲଥ ସେଣ୍ଟରରେ କାର୍ଯ୍ୟରତ ଶୀତଲଙ୍କୁ ମେ ୨୨ ତାରିଖରେ ନିଯୁକ୍ତ କରିଥିଲେ। ହେଲେ ଜୁଲାଇ ୧୩ ରେ ସେ ସୁଯୋଗ ଦେଖି ଅଭିଯୋଗକାରିଣୀଙ୍କ ପୁଅ ବ୍ୟବହାର କରୁଥିବା ଆପଲ କମ୍ପାନୀର ଏକ ଲାପଟପ, ୩ଟି ରୁପା ପାଉଁଜି, ୨ଟି ବ୍ରେସଲେଟ, ଗୋଟିଏ ମଦ ବୋତଲ, ଗୋଟିଏ ଲେଡିଜ ଘଣ୍ଟା ଏବଂ କିଛି ବସ୍ତ୍ର ଚୋରି କରି ନେଇଯାଇଥିଲେ। ଘଟଣା ପରେ ଅଭିଯୋଗକାରିଣୀ ଜଣକ ତାଙ୍କୁ ଯୋଗାଯୋଗ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏହାପରେ ସେ ଘଟଣା ସଂକ୍ରାନ୍ତରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହିତ ସଞ୍ଜୀବନୀ ହେଲଥ ସେଣ୍ଟରରେ ଚଢ଼ାଉ କରି ଯୁବତୀଙ୍କୁ ଗିରଫ କରିବା ସହ ଲାପଟପଟିକୁ ଜବତ କରିଥିଲେ।

# ନୂତନ ଉପଜିଲାପାଳଙ୍କ ଯୋଗଦାନ



ଆଠଗଡ଼,୨୧।୭(ସତ୍ୟ ପ୍ରସାଦ ରଥ)

ଆଠଗଡ଼ର ନୂତନ ଉପଜିଲାପାଳ ଭାବେ ପ୍ରଶାନ୍ତ କୁମାର ତରାଇ ଯୋଗଦେଇଛନ୍ତି। ସେ ଏହାପୂର୍ବରୁ ଓଡ଼ିଶା ସରକାରଙ୍କ କ୍ରୀଡା ଏବଂ ଯୁବ ସେବା ବିଭାଗରେ ଓଏସଡି ଭାବେ କାର୍ଯ୍ୟ କରୁଥିଲେ। ତରାଇ ପୂର୍ବରୁ ଆଠଗଡ ଉପଖଣ୍ଡ ଅଧୀନ ନରସିଂହପୁର ତହସିଲଦାର ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ପୂର୍ବ ଅଭିଜ୍ଞତାକୁ ଭିତ୍ତି କରି ଆଠଗଡ଼ ଉପଖଣ୍ଡରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି ତରାଇ ପ୍ରକାଶ କରିଛନ୍ତି। ବିଶେଷ କରି ଆଠଗଡ଼ ଉପଖଣ୍ଡର ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି। ଏହି ଅବସରରେ ଡେପୁଟି କଲେକ୍ଟର ଦୀପ୍ତିମୟୀ ବେହେରା, ତହସିଲଦାର ଆଠଗଡ଼ ପ୍ରିୟବ୍ରତ ଦାସ, ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ ,ସିଡିପିଓ ଆଠଗଡ଼ ନିବେଦିତା ରାୟ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ହେମନ୍ତ କୁମାର ଜେନା, ସହକାରୀ ଯୋଗାଣ ଅଧିକାରୀ ଜଗମୋହନ ଦାସ ପ୍ରମୁଖ ଉପସ୍ଥିତ ରହି ନୂତନ ଉପଜିଲାପାଳଙ୍କୁ ସ୍ୱାଗତ ଜଣାଇଥିଲେ।

# ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ପାଇଁ ସଚେତନତା

ବାରଙ୍ଗ,୨୧।୭ (ଲିଙ୍ଗରାଜ ରାଉତ)

ବାରଙ୍ଗ ଝୁନ୍‌ଝୁନ୍‌ୱାଲା ବିଦ୍ୟାପୀଠରେ ଦାଢ଼ାପାଟଣା ସ୍ୱାସ୍ଥ୍ୟ ଉପକେନ୍ଦ୍ର ପକ୍ଷରୁ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ନେଇ ତମାଖୁ ବର୍ଜନର ଶପଥପାଠ କରାଯିବା ସହ ତମାଖୁ ସେବନଠାରୁ ଦୂରେଇ ରହିବା ପାଇଁ ପ୍ଲାକାର୍ଡ ଏବଂ ଶ୍ରେଣୀଗୃହରେ ସ୍ମାର୍ଟବୋର୍ଡ ମାଧ୍ୟମରେ ସଚେତନତା କରାଯାଇଥିଲା। ଏହାସହ ବିଦ୍ୟାଳୟ ପରିସରରେ ଏକ ରାଲି ମଧ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ସାର ବ୍ୟବହାର ସମ୍ପର୍କିତ କର୍ମଶାଳା

ବାଙ୍କୀ,୨୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାଗୃହରେ ନାନୋ ୟୁରିଆ ତରଳ ଓ ଇଫ୍‌କୋ ସାରର ଚାଷ ସମ୍ପର୍କରେ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମଶାଳାକୁ ଶୁଭାରମ୍ଭ କରିଥିଲେ। ବାଙ୍କୀ ସମବାୟ ସର୍କଲର ୪୮ ସେବା ସମବାୟ ସମିତିର ସମ୍ପାଦକମାନେ ଏହି କର୍ମଶାଳାରେ ଯୋଗଦେଇଥିଲେ। ବାଙ୍କୀ ବ୍ଲକ ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ଦାଶ ମୁଖ୍ୟବକ୍ତା, ବିକ୍ରମ କେଶରୀ ପାତ୍ର ଓ ଅକ୍ଷୟ କୁମାର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାନୋ ୟୁରିଆ ତରଳ ଓ ଇଫ୍‌କୋ ସାର ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ କୃଷି ଅଧିକାରୀ ପ୍ରଜ୍ଞା ପରମିତା, ପପନି ପ୍ରିୟଦର୍ଶିନୀ ଓ ବାଙ୍କୀ ବ୍ଲକ କୃଷି ଅଧିକାରୀ ଯୋଗଦେଇ ସାର ବ୍ୟବହାର ସମ୍ପର୍କରେ ଅବଗତ କରାଇବା ସହ ଚାଷୀମାନଙ୍କୁ ସଚେତନ କରାଇଥିଲେ। ମାର୍କଫେଡ୍ ଏରିଆ ମ୍ୟାନେଜର ଭାଗିରଥି ବିଶ୍ୱାଳ ଓ ଫିଲ୍ଡ ଅଫିସର ବରୁଣ କୁମାର ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଭୁବନେଶ୍ୱର କୋର୍ଟରୁ ଧରାପଡ଼ିଲେ ଆଉଜଣେ ନକଲି ଜାମିନଦାର

ଭୁବନେଶ୍ୱର,୨୧।୭(ସତ୍ୟଜିତ୍ ରାଉତ)

**■ ଗିରଫ ପରେ ଜେଲ ଗଲେ**
**■ ରାଜ୍ୟର ସମସ୍ତ କୋର୍ଟରେ ବି ଏମିତି ଯାଞ୍ଚ ହେଉ**

ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ବୁଲୁଛନ୍ତି ନକଲି ଜାମିନଦାର। ଅଭିଯୁକ୍ତଙ୍କ ଜାମିନଦାର ସାଜି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। କପିଳେଶ୍ୱର ଅଞ୍ଚଳର ବାଉରୀବନ୍ଧୁ ପତି ନାମକ ଜଣେ ନକଲି ଜାମିନଦାରଙ୍କୁ କମିଶନରେଟ ପୋଲିସ ଗିରଫ କରି ଗୁରୁବାର ଜେଲ ପଠାଇଥିଲା। ତେବେ କୋର୍ଟରେ ବାଉରିବନ୍ଧୁଙ୍କ ଭଳି ଏକାଧିକ ନକଲି ଜାମିନଦାର ରହିଥିବା ଜଣାପଡ଼ିବା ପରେ ଏହାର ତଦନ୍ତକୁ ପୋଲିସ ବ୍ୟାପକ କରିଛି। ବଡ଼ଗଡ଼ ଥାନା ପୋଲିସ ଟିମ୍ ଛଦ୍ମବେଶରେ କୋର୍ଟ ପରିସରରେ ଆଉ ଜଣେ ନକଲି ଜାମିନଦାରଙ୍କୁ ଗିରଫ କରିଛି। ସେ ହେଲେ କପିଳେଶ୍ୱର ଅଞ୍ଚଳରେ ରହୁଥିବା ବାମନ ଚରଣ ସାମନ୍ତରାୟ ଓରଫ ବାମନ ଚରଣ ଦ୍ୱିବେଦୀ। ବାମନ ଚରଣଙ୍କ ଦୁଇଟି ସାଙ୍ଗିଆ ଥିବା ପରିଚୟ ମିଳିବା ପରେ ପୋଲିସ ଦ୍ୱନ୍ଦ୍ୱରେ ପଡ଼ିଛି। ଏପରିକି ତାଙ୍କ ପାଖରୁ ୩ଟି ଆଧାର କାର୍ଡ ମଧ୍ୟ ଜବତ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ନିଜଆଡୁ ଏକ ମାମଲା (ନଂ.୩୧୯୫/୨୦୨୩) ରୁଜୁ କରି ଶୁକ୍ରବାର ବାମନ ଚରଣଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ସୂଚନା ଅନୁଯାୟୀ, ଗୁରୁବାର ପୋଲିସ ଟିମ୍ କୋର୍ଟ ପରିସରକୁ ଛଦ୍ମବେଶରେ ଯାଇଥିଲା। ସେଠାରେ ପୋଲିସ କର୍ମଚାରୀମାନେ ବୁଲି ଯାଞ୍ଚ କରିବା ସହ ସାମନ୍ତରାୟ ସାଙ୍ଗିଆରେ ଜାମିନଦାର ଦରକାର ବୋଲି ସେମାନେ କହିଥିଲେ। ଏହାପରେ ବାମନ ଚରଣ ନିଜେ ସାମନ୍ତରାୟ ସାଙ୍ଗିଆର ବୋଲି କହିବା ସହ ବେଲ୍ କରାଇଦେବେ ବୋଲି କହିଥିଲେ। ସେହି ସମୟରେ ପୋଲିସ ଟିମ୍ ତାଙ୍କୁ କାବୁ କରିଥିଲା। ତେବେ ଏଭଳି ଏକାଧିକ ନକଲି ଜାମିଦାର କୋର୍ଟରେ ବୁଲୁଥିବା ଚର୍ଚ୍ଚା ହେଉଛି। ଏହି ଯାଞ୍ଚପ୍ରକ୍ରିୟାକୁ ଆଗକୁ ଅଧିକ କଡ଼ାକଡ଼ି କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏଭଳି ନକଲି ଜାମିନଦାର ଓଡ଼ିଶାର ବିଭିନ୍ନ କୋର୍ଟରେ ଥିବା ଜଣେ ଆଇନଜୀବି କହିଛନ୍ତି। ତେଣୁ ପୋଲିସ ପକ୍ଷରୁ ବିଭିନ୍ନ କୋର୍ଟରେ ଯାଞ୍ଚ କରାଯିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି।

# ୪ ଦ୍ୱାର ଖୋଲିବା ନିଷ୍ପତ୍ତି ହୋଇପାରିଲାନି

**ପୁରୀ,୨୧।୭(ଅଜିତ୍ ମହାନ୍ତି)**


ବୈଠକରେ ଜିଲାପାଳ ସମର୍ଥ ବର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଏସ୍‌ପି କନୱର ବିଶାଲ ସିଂ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

**ଛତିଶା ନିଯୋଗ ବୈଠକ**
- ସ୍ଥିତି ଅନୁଧ୍ୟାନ ପାଇଁ ସବ୍‌କମିଟି ଗଠିତ
- ଶୃଙ୍ଖଳିତ ଦର୍ଶନ ନେଇ ଆଲୋଚନା

ଚଳିତ ବର୍ଷ ମହାପ୍ରଭୁଙ୍କ ଘୋଷଯାତ୍ରା ପରେ ଶ୍ରୀମନ୍ଦିର ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଶୁକ୍ରବାର ଛତିଶା ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ତେବେ ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲାଯିବା ନେଇ କୌଣସି ନିଷ୍ପତ୍ତି ହୋଇପାରିନାହିଁ। ସିଂହଦ୍ୱାର ବ୍ୟତୀତ ଅନ୍ୟ କେଉଁ ଦ୍ୱାର ଖୋଲାଯିବ ସେ ନେଇ ବୈଠକରେ କୌଣସି ନିଷ୍କର୍ଷ ବାହାରିପାରିନାହିଁ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନେଇ ବିସ୍ତୃତ ଭାବେ ଆଲୋଚନା କରାଯିବା ସହ ଅନେକ ମତାମତ ଦିଆଯାଇଥିଲା। ସମସ୍ତଙ୍କ ମତକୁ ନେଇ ଏକ ସବ୍‌କମିଟି ଗଠନ କରାଯାଇଛି। ତେବେ ଖୁବ୍‌ଶୀଘ୍ର ପୁରୀବାସୀଙ୍କ ପାଇଁ ପଶ୍ଚିମ କିମ୍ବା ଦକ୍ଷିଣ ଦ୍ୱାର ଖୋଲିବାର ସମ୍ଭାବନା ରହିଥିବା ସୂଚନା ମିଳିଛି। ସେହିପରି ଓବିସିସି ପକ୍ଷରୁ ହେଉଥିବା ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବାକୁ ପରାମର୍ଶ ଦିଆଯାଇଛି। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବା ନେଇ ସେବାୟତମାନଙ୍କ ପକ୍ଷରୁ ଭିନ୍ନ ଭିନ୍ନ ପ୍ରସ୍ତାବ ଆସିଥିବାରୁ ସବ୍‌କମିଟି ବୈଠକରେ ସମସ୍ତ ଦିଗକୁ ନେଇ ତର୍ଜମା କରାଯିବା ପରେ ଯାହା କିଛି ସ୍ପଷ୍ଟ ହେବ। ଶ୍ରୀମନ୍ଦିରରେ ଆସନ୍ତା ବୁଧବାର ବନକଲାଗି କରାଯିବ।

ବୈଠକ ସମ୍ପର୍କରେ ସୂଚନା ଦେଇ ବରିଷ୍ଠ ସେବକ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ଆଲୋଚନା ହୋଇଥିଲା। ସମସ୍ତ ନିଯୋଗ ପକ୍ଷରୁ ଚାରିଦ୍ୱାର ଖୋଲାଯିବା ପାଇଁ ଦାବି କରାଯାଇଥିଲା। ଫଳରେ ସନ୍ଧ୍ୟା ପରେ ଉତ୍ତରଦ୍ୱାର ବନ୍ଦ ହେବା ପରେ ଅନ୍ୟ ତିନିଦ୍ୱାର ଦେଇ ଭକ୍ତମାନେ ଯାଇ ମହାପ୍ରଭୁଙ୍କୁ ପହୁଡ଼ ପର୍ଯ୍ୟନ୍ତ ଦର୍ଶନ କରିପାରିବେ ବୋଲି ମତ ଦିଆଯାଇଥିଲା। ଏହାପରେ ଉପଜିଲାପାଳଙ୍କୁ ନେଇ ୫ଜଣିଆ କମିଟି ଗଠନ କରାଯାଇଛି। ଉକ୍ତ କମିଟି ଚାରି ଦ୍ୱାର ଖୋଲିବା ନେଇ ନିଷ୍ପତ୍ତି ନେବ। ଖୁବ୍‌ଶୀଘ୍ର ଭକ୍ତମାନେ ଖୁସି ଖବର ପାଇବେ। ପରିକ୍ରମା ମାର୍ଗ କାର୍ଯ୍ୟ ଜାରି ରହିଥିବାରୁ ବର୍ତ୍ତମାନ ଚାରି ଦ୍ୱାର ଖୋଲିଲେ ସମସ୍ୟା ଦେଖାଦେବ। ତେଣୁ ପରିକ୍ରମା ମାର୍ଗ କାର୍ଯ୍ୟ ଶୀଘ୍ର ସାରି ଅଗଷ୍ଟ ଶେଷ ସୁଦ୍ଧା ଚାରି ଦ୍ୱାର ଖୋଲିବା ପାଇଁ ପ୍ରସ୍ତାବ ଦିଆଯାଇଛି। ସେହିପରି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ପରିକ୍ରମା ମାର୍ଗ କାର୍ଯ୍ୟ ଚାଲିଥିବାରୁ କେଉଁପଟେ ଭକ୍ତ ଯାଇପାରିବେ ସେ ନେଇ ଗଠିତ ସବ୍‌କମିଟି ଅନୁଧ୍ୟାନ ତଥା ତର୍ଜମା କରି ରିପୋର୍ଟ ଦେବ। ପରେ ତା' ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ସାହୁ କହିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ରଞ୍ଜନ କୁମାର ଦାସ କହିଛନ୍ତି, ଭକ୍ତଙ୍କ ସୁନିଶ୍ଚିତ ତଥା ଶୃଙ୍ଖଳିତ ଦର୍ଶନ ଉପରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ନିଯୋଗର ସଦସ୍ୟମାନେ ଉପସ୍ଥିତ ରହି ସେମାନଙ୍କ ମତାମତ ଦେଇଥିଲେ। ସମସ୍ତଙ୍କ ମତକୁ ନେଇ ଏକ ସବ୍‌କମିଟି ଗଠନ କରାଯାଇଛି। ଏଥିରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ବରିଷ୍ଠ ସେବାୟତ, ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଅଧିକାରୀ ସଦସ୍ୟ ରହିଛନ୍ତି। ଉକ୍ତ ସବ୍‌କମିଟି ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବ। ତେବେ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ହୋଇନାହିଁ। କମିଟି ସମସ୍ତ ମତାମତକୁ ବିଚାର କରି ଅନୁଧ୍ୟାନ କରିବା ପରେ ରିପୋର୍ଟ ଭିତ୍ତିରେ ପରବର୍ତ୍ତୀ ନିଷ୍ପତ୍ତି ନେବ। ସେହିପରି ମହାପ୍ରଭୁଙ୍କ ବନକଲାଗି ଠିକ୍ ସମୟରେ ଆସନ୍ତା ବୁଧବାର ସମ୍ପନ୍ନ ହେବ ବୋଲି ଦାସ କହିଛନ୍ତି। ବୈଠକରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ, ସମସ୍ତ ନିଯୋଗର ସେବାୟତ ପ୍ରତିନିଧି, ପରିଚାଳନା କମିଟି ସଦସ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମା' ରମାଦେବୀଙ୍କ ୩୮ତମ ଶ୍ରାଦ୍ଧୋତ୍ସବ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଓଡ଼ିଶା କଷ୍ଟମ ବ୍ରୋକର୍ସ ଆସୋସିଏଶନର ପ୍ରଥମ ପ୍ରତିଷ୍ଠା ଦିବସ, ବିବେକାନନ୍ଦ ଅଡିଟୋରିୟମ, ଗଣ୍ଡମୁଣ୍ଡା, ପୂର୍ବାହ୍ନ ୧୦ଟା ୩୦।
- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ମା' ରମାଦେବୀଙ୍କ ପୁଣ୍ୟତିଥି, ନ୍ୟୁ ଅଡିଟୋରିୟମ ହଲ୍, ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ଦଳିତ ମହାସଭା ପକ୍ଷରୁ ଗଣଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ନୃତ୍ୟାଳୟ ଓ ନୃତ୍ୟାଙ୍କିତା ପକ୍ଷରୁ ଚତୁର୍ଥ ସମର୍ପଣ ସମାରୋହ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ଓଡ଼ିଶା ଡିଭା ଓ ଓଡ଼ିଶା ଫ୍ୟାଶନ ୱିକ ମିଳିତ ଆନୁକୂଲ୍ୟରେ ଫାଓ୍ୱେଲ, ଦି ଲ୍ୟାଣ୍ଡମାର୍କ ହଲ୍, ଟଙ୍କପାଣି ସାଇ ମନ୍ଦିର ନିକଟ, ଅପରାହ୍ନ ୫ଟା।

କଟକ
- ମାଆ ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟ ପକ୍ଷରୁ ରମାଦେବୀଙ୍କ ୩୮ତମ ଶ୍ରାଦ୍ଧବାର୍ଷିକୀ ପାଳନ, ଗାନ୍ଧୀ ଭବନ ସନ୍ଧ୍ୟା ୬ଘଟିକା।

# ବନ୍ଦ ରହିଲା ଅଧିକାଂଶ ଘରୋଇ ବିଦ୍ୟାଳୟ



ଲୋୟର ପିଏମ୍‌ଜିରେ ଅଲ୍ ଓଡ଼ିଶା ପ୍ରାଇଭେଟ ସ୍କୁଲ ଆସୋସିଏଶନ ପକ୍ଷରୁ ବିକ୍ଷୋଭ।

**ଭୁବନେଶ୍ୱର,୨୧।୭ (ଅନୁରାଧା ମହାରଣା)**

**୪ ଦଫା ଦାବିରେ ଅପୋସାର ଆନ୍ଦୋଳନ ଆରମ୍ଭ**

ସ୍ଥାୟୀ ମାନ୍ୟତା ପ୍ରମାଣପତ୍ର (ସିଓଆର୍), ୨୫ ପ୍ରତିଶତ ମାଗଣା ଶିକ୍ଷା ବକେୟା ପ୍ରଦାନ, ମାଗଣା ପାଠ୍ୟପୁସ୍ତକ ପ୍ରଦାନ, କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଆଂଶିକ ସରକାରୀ ସହାୟତା ପ୍ରଦାନ ଆଦି ୪ ଦଫା ଦାବିରେ ଅଲ୍ ଓଡ଼ିଶା ପ୍ରାଇଭେଟ ସ୍କୁଲ ଆସୋସିଏଶନ (ଅପୋସା) ଆନ୍ଦୋଳନକୁ ଓହ୍ଲାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାଜ୍ୟର ଅଧିକାଂଶ ଘରୋଇ ବିଦ୍ୟାଳୟ ବନ୍ଦ ରହିବା ସହ ଲୋୟର ପିଏମ୍‌ଜିରେ ମହାସମାବେଶ କରାଯାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ ହୋଇଛି।

ରାଜ୍ୟର ସମସ୍ତ ଘରୋଇ ବିଦ୍ୟାଳୟକୁ ଶୁକ୍ରବାର ବନ୍ଦ କରିବା ନିମନ୍ତେ ଅପୋସା ପକ୍ଷରୁ ଡାକରା ଦିଆଯାଇଥିଲା। ତେବେ ଏହା ୯୦ ପ୍ରତିଶତ ସଫଳ ହୋଇଥିବା ସଂଘ କହିଛି। ଯଦି ସରକାର ତୁରନ୍ତ ସଂଘର ଦାବି ଉପରେ ବିଚାର ନ କରନ୍ତି, ତା'ହେଲେ ରାଜ୍ୟସାରା ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଯେଉଁ ନିୟମରେ ରାଜ୍ୟର ହଜାର ହଜାର ବିଦ୍ୟାଳୟ ସିଓଆର୍ ପାଇଲେ, ସେହି ନିୟମ ରାତାରାତି ବଦଳିଗଲା କିପରି ବୋଲି ସଂଘ ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ପ୍ରଶ୍ନ କରିଛନ୍ତି। କାହା ନିର୍ଦ୍ଦେଶରେ ଏହା ଚାଲିଛି, ଏହାର ତଦନ୍ତ ହେଉ ବୋଲି ସଂଘ ଦାବି କରିଛି। ସମ୍ପାଦକ ଅବନ୍ତୀ କୁମାର ସୂତାର କହିଛନ୍ତି, ନିୟମ ସମସ୍ତଙ୍କ ପାଇଁ ସମାନ କରାଯାଉ। ସ୍ଥାୟୀ ଭିତ୍ତିଭୂମି ଥିବା ବିଦ୍ୟାଳୟକୁ ସ୍ଥାୟୀ ସିଓଆର୍ ଓ ଭଡ଼ାଘରେ ଚାଲୁଥିବା ବିଦ୍ୟାଳୟକୁ ୧୦ ବର୍ଷିଆ ସିଓଆର୍ ପ୍ରଦାନ କରାଯାଉ। ଅପୋସାର ସଭାପତି ଅଜିତ୍ କୁମାର ଦାଶ ୨୫ ପ୍ରତିଶତ ମାଗଣା ଶିକ୍ଷାର ବକେୟା ଠିକ୍ ସମୟରେ ପୈଠ କରିବା ପାଇଁ ଯୁକ୍ତି ବାଢ଼ିଛନ୍ତି।

# ପୋଲିସ ହେପାଜତରୁ ଖସି ମହାନଦୀକୁ ଡେଇଁପଡ଼ିଲେ ଯୁବକ

**କଟକ,୨୧।୭ (କାର୍ତ୍ତିକ ସାହୁ)**

ଚୋରି ଅଭିଯୋଗରେ ଧରାହୋଇ ଆସିଥିବା ଜଣେ ଯୁବକ କ୍ୟାଣ୍ଟନମେଣ୍ଟ ପୋଲିସ ହେପାଜତରୁ ଶୁକ୍ରବାର ଖସିଯାଇ ମହାନଦୀକୁ ଡେଇଁ ପଡିଛନ୍ତି। ସେ ହେଲେ ବିଡ଼ାନାସୀ ଟ୍ରାଞ୍ଜିଟ ହାଉସ ଅଞ୍ଚଳର ଶଙ୍କର୍ଷଣ ବେହେରା ଓରଫ ବବୁଲ। ସୂଚନା ଅନୁସାରେ, ଶଙ୍କର୍ଷଣ ଗ୍ୟାସ୍‌ଟାଙ୍କି ଓ ମୋବାଇଲ ଚୋରି କରିଥିବା ନେଇ ରଜନୀକାନ୍ତ ଦାସ ନାମକ ବ୍ୟକ୍ତି କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଗୁରୁବାର ସନ୍ଧ୍ୟାରେ ଶଙ୍କର୍ଷଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ହେଲେ ଶୁକ୍ରବାର ଭୋର୍ ସମୟରେ ସେ ଶୌଚ ହେବା ବାହାନାରେ ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କୁ ଚକ୍‌ମା ଦେଇ ଖସି ପଳାଇଥିଲେ। ପରେ ନିକଟସ୍ଥ ମହାନଦୀକୁ ଡେଇଁଥିବାର ଭିଡିଓ ଭାଇରାଲ ହୋଇଛି। ଖବରପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ମହାନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ଶଙ୍କର୍ଷଣଙ୍କ ପତ୍ତା ମିଳି ନ ଥିବା କ୍ୟାଣ୍ଟନମେଣ୍ଟ ଥାନାଧିକାରୀ ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି।

# ମୋ କଲେଜ ଅଭିଯାନ, ମେଣ୍ଟ୍ରୋଜ ମଧ୍ୟରେ ଏମ୍‌ଓୟୁ

**ଭୁବନେଶ୍ୱର,୨୧।୭ (ଅନୁରାଧା ମହାରଣା):** ମୋ କଲେଜ ଅଭିଯାନ ଏବଂ ମେଣ୍ଟ୍ରୋଜ ମଧ୍ୟରେ ଶୁକ୍ରବାର ଏକ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି କ୍ରମରେ ମେଣ୍ଟ୍ରୋଜ ମୋ କଲେଜ ଅଧୀନରେ ବିଭିନ୍ନ କଲେଜରେ ଏକ ଭର୍ଚୁଆଲ କ୍ୟାରିୟର ଏକ୍ସିଲେନ୍ସ ସେଲ କାର୍ଯ୍ୟକାରୀ କରିବ। ଏହା ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ସହ ଯୋଗଯୋଗ ଓ ଶିଳ୍ପ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସନାୟକ ଏବଂ ମେଣ୍ଟ୍ରୋଜର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମହାନ୍ତି ଉପସ୍ଥିତ ରହି ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

# ନିଯୁକ୍ତି ପ୍ରକ୍ରିୟାକୁ ବେଆଇନ ଘୋଷଣା କଲେ ହାଇକୋର୍ଟ

**କଟକ,୨୧।୭ (କାର୍ତ୍ତିକ ସାହୁ)**

**ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତି ବିଜ୍ଞପ୍ତି ମାମଲା**

ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତି ନିମନ୍ତେ ପ୍ରକାଶିତ ବିଜ୍ଞପ୍ତି ପ୍ରକ୍ରିୟାକୁ ହାଇକୋର୍ଟ ବେଆଇନ ଘୋଷଣା କରିଛନ୍ତି। ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ଏ ବାବଦରେ ନିଷ୍ପତ୍ତି ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟ ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବା ପରିଚାଳନା ନିର୍ଦ୍ଦେଶକଙ୍କ ନିଯୁକ୍ତି ଓଡ଼ିଶା ସମବାୟ ଆଇନ ଦ୍ୱାରା ସ୍ଥିରୀକୃତ ହୋଇଛି। ଏହି ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ପରିଷଦକୁ ଦାୟିତ୍ୱ ଅର୍ପଣ କରାଯାଇଛି। ମାତ୍ର ରାଜ୍ୟ ସରକାର ଏଭଳି ବ୍ୟବସ୍ଥାକୁ ଅଣଦେଖା କରି ସମବାୟ ପରିଚାଳନା ନିର୍ଦ୍ଦେଶକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି କେନ୍ଦ୍ରାପଡା ପ୍ରିଣ୍ଟିଂ ଏବଂ ପବ୍ଲିଶିଂ କୋ-ଅପରେଟିଭ ସୋସାଇଟିର ସଭ୍ୟ ଅନାମ ଚରଣ ମହଲା ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ଏହି ବିଜ୍ଞପ୍ତିକୁ ରଦ୍ଦ କରିବା ଲାଗି ଆବେଦନକାରୀ ପ୍ରାର୍ଥନା କରିଥିଲେ। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ପ୍ରାରମ୍ଭିକ ଶୁଣାଣି କରି ବିଜ୍ଞପ୍ତି ଉପରେ ଅନ୍ତରୀଣ ରହିତାଦେଶ ଦେଇଥିଲେ। ଏଥିସହ ଏ ବାବଦରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାର ଜବାବ ଦାଖଲ କରି ହାଇକୋର୍ଟଙ୍କୁ ଅବଗତ କରାଇଥିଲେ ଯେ, ବ୍ୟାପକ ବିଜ୍ଞପ୍ତି ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଇ ସର୍ଚ୍ଚକମିଟି ମାଧ୍ୟମରେ ପ୍ରାର୍ଥୀ ଚୟନ କରାଯିବାକୁ ବ୍ୟବସ୍ଥା ହୋଇଛି। ଏଥିରେ କୌଣସି ବେଆଇନ କାର୍ଯ୍ୟ କରାଯାଇ ନାହିଁ ଓ ଏହି ବ୍ୟବସ୍ଥା ଚଳିଆସୁଥିବା ସରକାର ସତ୍ୟପାଠରେ ଦର୍ଶାଇଥିଲେ। ହାଇକୋର୍ଟ ମାମଲାର ବିଚାରକରି ସରକାରଙ୍କ ସମବାୟ ବିଭାଗ ଦ୍ୱାରା ଚାଲି ଆସୁଥିବା ନିଯୁକ୍ତି ପ୍ରକ୍ରିୟା ଓ ଏବେକାର ବିଜ୍ଞପ୍ତିକୁ ବେଆଇନ ଘୋଷଣା କରିବା ସହ ଏ ବିବାଦ କେବଳ ରାଜ୍ୟ ସମବାୟ ବ୍ୟାଙ୍କ ପରିଷଦର ପରିସୀମାଭୁକ୍ତ ବୋଲି କହିଛନ୍ତି। ତେଣୁ ଆଗାମୀ ଦୁଇମାସ ମଧ୍ୟରେ ଏହି କାର୍ଯ୍ୟ ସାରିବା ପାଇଁ ହାଇକୋର୍ଟ ପରିଷଦକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ କ୍ଷୀରୋଦ ରାଉତ ମାମଲା ପରିଚାଳନା କରୁଥିଲେ। ଆଜରା ଜମାଲ, ଜୟନ୍ତୀ ନାୟକ, ସୁରେନ୍ଦ୍ର କୁମାର ରାଉତ, ସୁରୋଜ କୁମାର ଭୂୟାଁ, ସବିତା କୁମାର ବରାଳ, ସୁଶାନ୍ତ କୁମାର ଜେନା ପ୍ରମୁଖ ମାମଲା ପରିଚାଳନାରେ ସହଯୋଗ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଂଶୁମାନ୍


@ ଶିଶିର


@ ଶିରିସ୍


@ ସତ୍ୟବ୍ରତ


@ ଅଶ୍ୱିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# 'ବିଜୁବାବୁ ଦି ଲିଜେଣ୍ଡ' ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)**

ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଆତ୍ମଜୀବନୀକୁ ନେଇ ପଦାର୍ଥ ବିଜ୍ଞାନୀ ଡ. ସୁଶାନ୍ତ ଦାସଙ୍କ ଦ୍ୱାରା ଲିଖିତ ପୁସ୍ତକ 'ବିଜୁ ବାବୁ ଦି ଲିଜେଣ୍ଡ' ଶୁକ୍ରବାର ରେଡକ୍ରସ ଭବନଠାରେ ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ତଥା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ପ୍ରସନ୍ନ କୁମାର ପାଟଶାଣୀ, ବିଶିଷ୍ଟ ଅତିଥି ଭାବେ ଜୟଦେବ ବିଧାୟକ ଅରବିନ୍ଦ ଢାଲି, ମୁଖ୍ୟବକ୍ତା ଭାବେ ଜଙ୍ଗଲ ଓ ପରିବେଶ ବିଭାଗର ବରିଷ୍ଠ ଅର୍ଥ ପରାମର୍ଶଦାତା ମନୋରଞ୍ଜନ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ କାଳିଚରଣ ସିଂ ଯୋଗଦେଇ ବିଜୁବାବୁଙ୍କ ନିର୍ଭିକତା, ଉଦ୍ୟୋଗୀ ପଣିଆ, ଦୁଃସାହସିକତା ଓ ସ୍ୱାବଲମ୍ବିତା ଉପରେ ଆଲୋକପାତ କରିଥିଲେ। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୀବନଶୈଳୀ, ଓଡିଶାର ବିକାଶ ପାଇଁ ନେଇଥିବା ପଦକ୍ଷେପ, ଓଡିଆ ପ୍ରୀତି ଓ ଜାତୀୟ, ଅନ୍ତର୍ଜାତୀୟସ୍ତରରେ ରହିଥିବା ବିଭିନ୍ନ କୀର୍ତ୍ତି ସମ୍ବନ୍ଧରେ ପୁସ୍ତକରେ ଅତି ନିଖୁଣ ଭାବରେ ବର୍ଣ୍ଣନା କରାଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଭଗବାନ ଦାଶଙ୍କୁ 'କଳିଙ୍ଗ ରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଜୁବାବୁଙ୍କ ଉପରେ ଆଧାରିତ ଚିତ୍ରାଙ୍କନ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତପନ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



୧୫ଦଫା ଦାବି ନେଇ ନାଲ୍‌କୋ ପ୍ରୋଗ୍ରେସିଭ୍ ଏମ୍ପ୍ଲଇଜ୍ ୟୁନିୟନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ନାଲ୍‌କୋ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ–ମନୋରଞ୍ଜନ ମିଶ୍ର)



ସିଟିଏସ୍‌ଆର୍‌ଇ ସିଭିଲ୍ ଜେଇ ପରୀକ୍ଷାକୁ ଦୁର୍ନୀତିମୁକ୍ତ କରିବା ଦାବିରେ ଶୁକ୍ରବାର ଓଡ଼ିଶା ଅନ୍‌ଏମ୍ପ୍ଲଏଡ୍ ଡିପ୍ଲୋମା ଇଞ୍ଜିନିୟର୍ସ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# ଭୁବନେଶ୍ୱର କଳିଙ୍ଗରୁ ଭାରତର ଅଭିଯାନ

ଭୁବନେଶ୍ୱର, ୨୧।୭

(ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ଶୁକ୍ରବାର ୨୦୨୩-୨୪ ସିଜନ ପାଇଁ ହକି ପ୍ରୋ ଲିଗ୍ କ୍ୟାଲେଣ୍ଡର ପ୍ରକାଶ ପାଇଛି। ତଦନୁସାରେ ଭାରତର ଉଭୟ ମହିଳା ଓ ପୁରୁଷ ହକି ଦଳ ୨୦୨୪ ଫେବୃୟାରୀରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ଅଭିଯାନ ଆରମ୍ଭ କରିବ। ଭୁବନେଶ୍ୱର ସମେତ ଉଭୟ ଦଳ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ରହିଛି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ଅଭ୍ୟାସ ପାଇଁ ପ୍ରୋ-ଲିଗ୍ ମ୍ୟାଚ ବଡ଼ ପ୍ଲାଟଫର୍ମ ସଦୃଶ ହେବ।


ମହିଳା ଅଧିନାୟିକା ସବିତା ପୁନିଆ


ଅଧିନାୟକ ହରମନପ୍ରୀତ ସିଂ

### ମହିଳା ଦଳ ଚାଇନାକୁ ପ୍ରଥମେ ଭେଟିବ

ଏଫ୍‌ଆଇଏଚ୍ ନେସନ୍ସ ଲିଗ୍ ଚାମ୍ପିୟନ ହୋଇଥିବାରୁ ୨୦୨୩-୨୪ ସିଜନ ପାଇଁ ଯୋଗ୍ୟତା ପାଇଥିବା ଭାରତୀୟ ମହିଳା ହକି ଦଳ ଫେବୃୟାରୀ ୩ରେ ଏହାର ପ୍ରଥମ ମ୍ୟାଚରେ ଚାଇନାକୁ ଭେଟିବ। ଏହାପରେ ଦଳ ୪ରେ ନେଦରଲାଣ୍ଡ୍ସ, ୭ରେ ଅଷ୍ଟ୍ରେଲିଆ ଓ ୯ରେ ଆମେରିକାକୁ ଭେଟିବ। ଫେବୃୟାରୀ ୧୨ରୁ ଦଳ ରାଉରକେଲା ଯାଇ ମ୍ୟାଚ ଖେଳିବ। ବିର୍ସା ମୁଣ୍ଡାରେ ଦଳ ୧୨ରେ ଚାଇନା, ୧୪ରେ ନେଦରଲାଣ୍ଡ୍ସ, ୧୭ରେ ଅଷ୍ଟ୍ରେଲିଆ ଓ ୧୮ରେ ଆମେରିକା ସହିତ ଖେଳିବ। ଭୁବନେଶ୍ୱର ଓ ରାଉରକେଲାରେ ଘରୋଇ ପରିବେଶରେ ମ୍ୟାଚ ଖେଳିବା ପରେ ଭାରତୀୟ ମହିଳା ଦଳ ବିଦେଶରେ ବେଲଜିୟମର ଆଣ୍ଟୱେର୍ପ ଓ ଗ୍ରେଟ୍‌ବ୍ରିଟେନର ଲିଭାଲି ଯାଇ ଆର୍ଜେଣ୍ଟିନା, ବେଲଜିୟମ, ଜର୍ମାନୀ ଓ ଗ୍ରେଟ ବ୍ରିଟେନ ଆଦି ଦଳ ସହ ମୁକାବିଲା କରିବ।

### ପୁରୁଷ ଦଳର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ସ୍ପେନ୍

ସ୍ପେନ୍ ବିପକ୍ଷରୁ ଭାରତୀୟ ପୁରୁଷ ଦଳର ଅଭିଯାନ ଆରମ୍ଭ ହେବ।

## ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ୨୦୨୩-୨୫

କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ ୨୦୨୪ ଫେବୃୟାରୀ ୧୦ରେ ଅନୁଷ୍ଠିତ ହେବ। ଏହାପରେ ୧୧ ତାରିଖରେ ନେଦରଲାଣ୍ଡ୍ସ, ୧୫ରେ ଅଷ୍ଟ୍ରେଲିଆ ଓ ୧୬ରେ ଆୟର୍ଲାଣ୍ଡକୁ ଭେଟିବ। ୧୯ ତାରିଖରୁ ଦଳ ରାଉରକେଲାରେ ସେହି ସ୍ପେନ ବିପକ୍ଷରୁ ଖେଳିବା ଆରମ୍ଭ କରିବ। ଏହାପରେ ୨୧ରେ ନେଦରଲାଣ୍ଡ୍ସ, ୨୪ରେ ଅଷ୍ଟ୍ରେଲିଆ ଏବଂ ୨୫ରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳିବ। ଘରୋଇ ପରିବେଶରେ ମ୍ୟାଚ ପରେ ଦଳ ବିଦେଶ ଯାଇ ବେଲଜିୟମର ଆଣ୍ଟୱେର୍ପଠାରେ ଆର୍ଜେଣ୍ଟିନା ଓ ବେଲ୍‌ଜିୟମ ଏବଂ ଗ୍ରେଟ୍ ବ୍ରିଟେନର ଲିଭାଲିଠାରେ ଜର୍ମାନୀ ଓ ବ୍ରିଟେନ ସହ ମୁକାବିଲା କରିବ। ପୂର୍ବ ସିଜନରେ ଭାରତୀୟ ପୁରୁଷ ଦଳ ଓଭରଅଲ୍ ୪ର୍ଥ ସ୍ଥାନରେ ରହି ଲିଗ୍ ଶେଷ କରିଥିଲା। ତେଣୁ ଏଥର ପୋଡିୟମ ଫିନିଶ୍ କରିବା ଉପରେ ଦଳର ନଜର ରହିବ।

### ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି

''୨୦୨୨ ନେସନ୍ସ କପ୍‌ରେ ଆମେ କେତେକ ବଡ଼ ଦଳ ବିପକ୍ଷରେ ଲଢ଼େଇ କରି ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ ଯୋଗ୍ୟତା ପାଇଛୁ। ଆଗାମୀ ଲିଗ୍‌ରେ ବିଶ୍ୱର ଶୀର୍ଷ ର୍‍ୟାଙ୍କ୍‌ପ୍ରାପ୍ତ ଦଳଗୁଡ଼ିକ ବିପକ୍ଷରେ ଖେଳିବାକୁ ଆମେ ପ୍ରସ୍ତୁତ। ଏହି ମ୍ୟାଚଗୁଡ଼ିକ ପ୍ରକୃତରେ ଆମ ଦଳର ସ୍ଥିତି ସମ୍ପର୍କରେ ଅବଗତ କରାଇଦେବ। ଆମେ ଏହାର ସଦୁପଯୋଗ କରି ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହୋଇପାରିବୁ'' ବୋଲି ମହିଳା ଦଳର ଅଧିନାୟିକା ସବିତା ପୁନିଆ ପ୍ରକାଶ କରିଛନ୍ତି। ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତ ସିଂ ମଧ୍ୟ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ ଥିବା ସମ୍ପର୍କରେ ସୂଚନା ଦେଇଛନ୍ତି। ''ଲିଗ୍ ପ୍ରାରମ୍ଭରେ ଆମେ ଘରୋଇ ପରିବେଶରେ ସ୍ପେନ୍, ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ପରି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବାକୁ ପ୍ରସ୍ତୁତ ହେଉଛୁ। ଗତ ସିଜନରେ ଆମେ ଭଲ ଖେଳିଥିଲୁ। ମାତ୍ର ଆଗାମୀ ସିଜନରେ ଆହୁରି ଉନ୍ନତ ପ୍ରଦର୍ଶନ ଦେବାକୁ ଲକ୍ଷ୍ୟ ରଖିଛୁ। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଆମେ ଅପରାଜେୟ ରହିଛୁ। ଏଥର ମଧ୍ୟ ତାହା ବଜାୟ ରହୁ ବୋଲି ଚାହିଁବୁ। ଭୁବନେଶ୍ୱର ହେଉ କି ଆଣ୍ଟୱେର୍ପ କିମ୍ବା ଲି ଭାଲି ଆମେ ସ୍ଥିର ପ୍ରଦର୍ଶନ ଦେବା ଉପରେ ଗୁରୁତ୍ୱ ଦେବୁ। ୨୦୨୪ ଅଲିମ୍ପିକ୍ସ ପୂର୍ବରୁ ଆମର ସ୍ଥିତି ସମ୍ପର୍କରେ ମଧ୍ୟ ଏଥିରୁ ଜାଣିହେବ'' ବୋଲି ହରମନପ୍ରୀତ କହିଛନ୍ତି।

FIH PRO LEAGUE

### ମହିଳା ଦଳର କାର୍ଯ୍ୟସୂଚୀ

**ଭୁବନେଶ୍ୱର**
ଫେବୃୟାରୀ ୩: ବନାମ ଚାଇନା
ଫେବୃୟାରୀ ୪: ବନାମ ନେଦରଲାଣ୍ଡ୍ସ
ଫେବୃୟାରୀ ୭: ବନାମ ଅଷ୍ଟ୍ରେଲିଆ
ଫେବୃୟାରୀ ୯: ବନାମ ଆମେରିକା

**ରାଉରକେଲା**
ଫେବୃୟାରୀ ୧୨: ବନାମ ଚାଇନା
ଫେବୃୟାରୀ ୧୪: ବନାମ ନେଦରଲାଣ୍ଡ୍ସ
ଫେବୃୟାରୀ ୧୭: ବନାମ ଅଷ୍ଟ୍ରେଲିଆ
ଫେବୃୟାରୀ ୧୮: ବନାମ ଆମେରିକା

### ପୁରୁଷ ଦଳର କାର୍ଯ୍ୟସୂଚୀ

**ଭୁବନେଶ୍ୱର**
ଫେବୃୟାରୀ ୧୦: ବନାମ ସ୍ପେନ୍
ଫେବୃୟାରୀ ୧୧: ବନାମ ନେଦରଲାଣ୍ଡ୍ସ
ଫେବୃୟାରୀ ୧୫: ବନାମ ଅଷ୍ଟ୍ରେଲିଆ
ଫେବୃୟାରୀ ୧୬: ବନାମ ଆୟର୍ଲାଣ୍ଡ

**ରାଉରକେଲା**
ଫେବୃୟାରୀ ୧୯: ବନାମ ସ୍ପେନ୍
ଫେବୃୟାରୀ ୨୧: ବନାମ ନେଦରଲାଣ୍ଡ୍ସ
ଫେବୃୟାରୀ ୨୪: ବନାମ ଅଷ୍ଟ୍ରେଲିଆ
ଫେବୃୟାରୀ ୨୫: ବନାମ ଆୟର୍ଲାଣ୍ଡ

# ଆଶେସ ଟେଷ୍ଟ: ଦୃଢ଼ ସ୍ଥିତିରେ ଇଂଲଣ୍ଡ

ମାଞ୍ଚେଷ୍ଟର, ୨୧।୭

ଅଷ୍ଟ୍ରେଲିଆ ବିପକ୍ଷ ୪ର୍ଥ ଆଶେସ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ବୃହତ୍ ସ୍କୋର କରିବା ସହ ନିଜର ସ୍ଥିତିକୁ ଦୃଢ଼ କରିଛି। ତୃତୀୟ ଦିବସର ହିରୋ ଜନି ବେୟାରଷ୍ଟୋଙ୍କ ଅପରାଜିତ ୯୯ ରନ ସହାୟତାରେ ଘରୋଇ ଦଳ ପ୍ରଥମ ଇନିଂସରେ ୫୯୨ ସ୍କୋର କରିଛି। ଫଳରେ ଦଳ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ସ୍କୋରଠାରୁ ୨୭୫ ରନରେ ଅଗ୍ରଣୀଲାଭ କରିଛି। ତୃତୀୟ ଦିବସ ଶେଷ ବେଳକୁ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୧୧୩ ରନ ମଧ୍ୟରେ ୪ ଉଇକେଟ ହରାଇଛି। ଫଳରେ ୬ ଉଇକେଟ ବାକିଥାଇ ଦଳ ଇନିଂସ ପରାଜୟ ଏଡ଼ାଇବା ପାଇଁ ଆହୁରି ୧୬୨ ରନ ଆବଶ୍ୟକ କରୁଛି। ମାର୍କ ଉଡ୍ ୩ଟି ଉଇକେଟ ନେଇ ଅଷ୍ଟ୍ରେଲିଆର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି।


ଶଟ୍ ଖେଳିବା ଅବସରରେ ଜନି ବେୟାରଷ୍ଟୋ।

### ବେୟାରଷ୍ଟୋ ୯୯*

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୩୮୪/୪ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ଦୁଇ ଅପରାଜିତ ବ୍ୟାଟର ହ୍ୟାରି ବ୍ରୁକ୍ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ଦୃଢ଼ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରି ଦଳକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ୫ମ ଉଇକେଟରେ ୮୬ ରନ ଯୋଗ ହେବା ପରେ ଷ୍ଟୋକ୍ସଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ ଅଧିନାୟକ ପ୍ୟାଟ୍ କମିନ୍ସ। ଷ୍ଟୋକ୍ସ ୫୧ ରନ କରିଥିବାବେଳେ ବୋଲ୍ଡ ହୋଇଯାଇଥିଲେ। ବ୍ରୁକ୍ ୬୧ ରନକରି ଜୋଶ୍ ହାଜେଲଉଡ୍‌ଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଶେଷ ଭାଗରେ ଚମତ୍କାର ବ୍ୟାଟିଂ କରିଥିଲେ ଜନିବେୟାରଷ୍ଟୋ। ସେ ଦ୍ରୁତ ହାରରେ ରନ ସଂଗ୍ରହ କରି ୯୯ ରନରେ ଅପରାଜିତ ଥିବାବେଳେ ଇଂଲଣ୍ଡ ଅଲ୍‌ଆଉଟ ହୋଇଯାଇଥିଲା। ମାତ୍ର ୮୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ବେୟାରଷ୍ଟୋ ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୪ ଛକା ମାରିଥିଲେ। ଇଂଲଣ୍ଡର ଲୋୟର ଅର୍ଡର ବ୍ୟାଟରମାନେ ଦୁଇଅଙ୍କ ସ୍ପର୍ଶ କରିବାରେ ବିଫଳ ହୋଇଥିବାବେଳେ ବେୟାରଷ୍ଟୋ ପ୍ରତିପକ୍ଷ ବୋଲରଙ୍କୁ ସଫଳ ମୁକାବିଲା କରିବାରେ ସକ୍ଷମ ହୋଇଥିଲେ। ୧୧ ନମ୍ବର ବ୍ୟାଟର ଜେମ୍ସ ଆଣ୍ଡରସନ ମାତ୍ର ୫ ରନ କରିଥିଲେ ହେଁ ବେୟାରଷ୍ଟୋଙ୍କ ଧୂଆଁଧାର ଇନିଂସ ଯୋଗୁ ଇଂଲଣ୍ଡ ଅନ୍ତିମ ଉଇକେଟ ଯୋଡ଼ିରେ ୬୬ ରନ ସଂଗ୍ରହ କରି ନେଇଥିଲା। ଇଂଲଣ୍ଡ ଇନିଂସର ୧୦୭ତମ ଓଭରରେ ବୋଲିଂ କରିଥିବା ପ୍ୟାଟ୍ କମିନ୍ସଙ୍କୁ ୨ଟି ଚୌକା ମାରି ୯୮ ରନରେ ପହଞ୍ଚିଥିଲେ ବେୟାରଷ୍ଟୋ। ୧୦୮ତମ ଓଭର ବୋଲିଂ କରିଥିବା କାମେରନ ଗ୍ରୀନଙ୍କ ପ୍ରଥମ ବଲ୍‌ରୁ ବାଇଭାବେ ୧ ରନ ନେଇଥିଲେ ଆଣ୍ଡରସନ। ଦ୍ୱିତୀୟ ବଲ୍‌ରୁ ବେୟାରଷ୍ଟୋ ରନ ନେଇପାରି ନ ଥିବାବେଳେ ତୃତୀୟ ବଲ୍‌କୁ ଲଙ୍ଗ୍‌ଅଫ୍ ଅଞ୍ଚଳକୁ ମାରି ସେ ୨ ରନ ନେଇ ଶତକ ପୂରଣ କରିବାକୁ ଚେଷ୍ଟା କରିଥିଲେ। ତାଙ୍କ କଲ୍‌କୁ ଗ୍ରହଣ କରି ଆଣ୍ଡରସନ ପ୍ରଥମ ରନ ପୂରଣ କରିବା ପରେ ଦ୍ୱିତୀୟ ରନ ନେବାକୁ କ୍ରିଜ୍‌ର ଅଧାରେ ପହଞ୍ଚି ଯାଇଥିଲେ। ମାତ୍ର ଫିଲ୍ଡରଙ୍କ ଫୁର୍ତ୍ତି ଦେଖି ବେୟାରଷ୍ଟୋ ଅଧାରୁ ଫେରାଇ ଦେଇଥିଲେ। ଥ୍ରୋ ବିପରୀତ ଏଣ୍ଡକୁ ହୋଇଥିବାରୁ ବେୟାରଷ୍ଟୋ ସମ୍ଭବତଃ ଦ୍ୱିତୀୟ ରନ ପୂରଣ କରିପାରିଥାନ୍ତେ। ମାତ୍ର ଭାଗ୍ୟ ସାଥ୍ ଦେଇ ନ ଥିଲା। ୪ର୍ଥ ବଲ୍‌ରେ ଆଣ୍ଡରସନଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ଇଂଲଣ୍ଡ ଇନିଂସର ପରିସମାପ୍ତି ଘଟାଇଥିଲେ ଗ୍ରୀନ୍। ଫଳରେ କିଂକର୍ତ୍ତବ୍ୟବିମୂଢ଼ଭାବେ ବେୟାରଷ୍ଟୋ ୯୯ ରନରେ ଅପରାଜିତ ରହି ପ୍ୟାଭିଲିୟନ ଫେରିଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଜୋଶ୍ ହାଜେଲଉଡ୍ ୫ ଉଇକେଟ ସଫଳତା ପାଇଥିବାବେଳେ ମିଚେଲ ଷ୍ଟାର୍କ ଓ କାମେରନ ଗ୍ରୀନ୍ ୨ଟି ଲେଖାଏ ଏବଂ ପ୍ୟାଟ୍ କମିନ୍ସ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୧୭। ଇଂଲଣ୍ଡ ପ୍ରଥମ ଇନିଂସ: ୫୯୨ (ଜ୍ୟାକ୍ କ୍ରଲି-୧୮୯, ଜନି ବେୟାରଷ୍ଟୋ-୯୯*, ଜୋ ରୁଟ୍-୮୪, ହ୍ୟାରି ବ୍ରୁକ୍-୬୧, ମୋଇନ ଅଲୀ-୫୪, ବେନ୍ ଷ୍ଟୋକ୍ସ-୫୧, ଜୋଶ୍ ହାଜେଲଉଡ୍-୫/୧୨୬, ମିଚେଲ ଷ୍ଟାର୍କ-୨/୧୩୭, କାମେରନ ଗ୍ରୀନ୍-୨/୬୪, ପ୍ୟାଟ୍ କମିନ୍ସ-୧/୧୨୯)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୧୩/୪।


ସମ୍ବର୍ଦ୍ଧିତ ଅଂଶୁମାନ ବାବୁ ଓ ମନ୍ମୟ ପଟ୍ଟନାୟକଙ୍କ ସହ କର୍ମକର୍ତ୍ତାମାନେ।

## ଭାରତୀୟ ସଫ୍ଟ ଟେନିସ ଦଳରେ ଓଡ଼ିଶାରୁ ୨

**ଭୁବନେଶ୍ୱର, ୨୧।୭ (ତପନ ସ୍ୱାଇଁ):** ଚଳିତ ମାସ ୨୬ରୁ ୩୦ ପର୍ଯ୍ୟନ୍ତ ଥାଇଲାଣ୍ଡର ପଟାୟାଠାରେ ଆଇଏସ୍‌ଟିଏଫ୍ ୱାର୍ଲ୍ଡ ଟୁର୍ ଅନ୍ତର୍ଜାତୀୟ ସଫ୍ଟ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ୨ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଂଶୁମାନ ବାବୁ ଓ ମନ୍ମୟ ପଟ୍ଟନାୟକ। ଉକ୍ତ ୨ ଖେଳାଳିଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ମହମ୍ମଦ ଆଜାମ ଓ ସତୀଶ କୁମାର ବିଶ୍ୱକର୍ମା ପ୍ରମୁଖ ଉପସ୍ଥିତ ଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ